# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ନଭେମ୍ବର ୧୨/୨୦୧୮ (୧୬ ପୃଷ୍ଠା) Sambalpur, Monday, November 12/ 2018 ★★

୧୪ଶ ଭାଗ ୩୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



DSPL-245



MAKE IN ODISHA Conclave
BHUBANESWAR, 11-15 NOVEMBER, 2018

"Come, Join the Juggernaut"

## Welcome to the Make in Odisha Conclave 2018
### State's Flagship Global Investors' Meet

Inauguration by

**Shri Naveen Patnaik**

**Chief Minister**

**in presence of Industry Captains and Entrepreneurs**

**today at 10:00 AM**

**Venue: Mahanadi Hall, Janata Maidan, Bhubaneswar**

## Conclave Sessions

| | | | |
|---|---|---|---|
| Academic Meet | Business Leadership Summit | Healthcare | Start Up Talks |
| Aerospace & Defence Manufacturing | Chemicals and Petrochemicals | Japan Seminar | Tech Talk |
| Agri-business | CSR | Logistics & Infrastructure | Textiles and Apparel |
| Agri-Marketing | Downstream Industries in Metal Sector | Media & Entertainment | Tourism |
| Bhubaneswar and Rourkela Smart Cities | Electronics & IT | MSME Development | Women Entrepreneurship |
| Biotechnology | Food Processing | Skill Development | 36 - hour Hackathon |

## Special Attractions:

**Cultural Evening**
Nov 12, 06:30 PM:
Never seen before fusion of Japanese and Odia art forms

**Bibhu in Conversation**
Nov 13, 06:30 PM: World-renowned fashion designer Bibhu Mohapatra in conversation with Subroto Bagchi on 'Creative Economy' followed by a celebration of Odisha's exquisite handlooms

Partner Country
Japan

Industry Partner
FICCI

For more information please visit:
https://mio.investodisha.gov.in/

Or download the 'Make in Odisha 2018' from Google Play App Store

Scan QR Code for Information

14005/13/0050/1819

ଧରିତ୍ରୀ
DHARITRI
ସୋମବାର, ୧୨ ନଭେମ୍ବର, ୨୦୧୮



ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କୌଣସି ପ୍ରକାର ବିପଦ ସୃଷ୍ଟି ହେଲେ ଜାତୀୟ ସ୍ୱାର୍ଥ ରକ୍ଷା ଲାଗି ଶତ୍ରୁପକ୍ଷର କଡ଼ା ମୁକାବିଲା କରିବାକୁ ଭାରତୀୟ ବାୟୁସେନା ସଦା ତତ୍ପର ରହିଛି।

**-ମାର୍ଶାଲ ବି.ଏସ୍. ଧନୋଆ, ବାୟୁସେନା ମୁଖ୍ୟ**



## ସଂକ୍ଷେପରେ

### ସ୍ନାଇପର ଆକ୍ରମଣରେ ଯବାନ ଶହୀଦ

**ଜମ୍ମୁ,୧୧।୧୧(ପି.ଟି.):** ଜମ୍ମୁ-କଶ୍ମୀରର ରାଜୌରି ଜିଲା ନୌଶେରା ସେକ୍ଟର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍ଓସି)ରେ ରବିବାର ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଛି। କଲାଲା ଅଞ୍ଚଳରେ ପାକିସ୍ତାନୀ ସୈନ୍ୟଙ୍କ ସ୍ନାଇପର ଆକ୍ରମଣରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଶନିବାର ଏହି ଜିଲାର ସୁନ୍ଦରବନୀ ସେକ୍ଟରରେ ସ୍ନାଇପର ଆକ୍ରମଣରେ ରାଇଫଲମ୍ୟାନ୍ ବରୁଣ କଟ୍ଟାଲ ଶହୀଦ ହୋଇଥିଲେ।

### ଆତଙ୍କବାଦୀ ନିହତ

**ଶ୍ରୀନଗର,୧୧।୧୧(ପି.ଟି.):** ଜମ୍ମୁ-କଶ୍ମୀରର କୁପୱାଡା ଜିଲାରେ ସୁରକ୍ଷା ବଳର ଏନ୍କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ହନ୍ଦୱାଡ଼ା ସହରସ୍ଥିତ ପୋଲିସ ୟୁନିଟ୍କୁ ରବିବାର ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ଯବାନଙ୍କ ଗୁଳିମାଡ଼ରେ ଜଣେ ଆତଙ୍କବାଦୀ ଟଳିପଡ଼ିଛନ୍ତି। ସୁରକ୍ଷା ବଳର ଅପରେଶନ ଜାରି ରହିଛି।

### ଯୌତୁକ ଲାଗି ମହିଳାଙ୍କୁ ପିଟି ମାରିଦେଲେ

**କଲିକତା,୧୧।୧୧(ପି.ଟି.):** ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାରେ ରବିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଯୌତୁକ ପାଇଁ ତନୟା ମଣ୍ଡଳ ନାମ୍ନୀ ଜଣେ ବିବାହିତା ମହିଳାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ତନୟା ବାଗଦାହ ନିବାସୀ ସୁଜୋୟ ମଣ୍ଡଳଙ୍କୁ ୬ ବର୍ଷ ତଳେ ବିବାହ କରିଥିଲେ। ସେମାନଙ୍କର ଏକ ୬ ବର୍ଷର ପୁଅ ଅଛନ୍ତି। ତନୟାଙ୍କ ଶ୍ୱଶୁର ଘର ଲୋକେ ଟଙ୍କା ଦାବିକରି ଆସୁଥିଲେ। ତାଙ୍କ ବାପା ଏଥିରେ ବିଫଳ ହେବାରୁ ତାଙ୍କୁ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତାଙ୍କ ସ୍ୱାମୀ ଓ ପରିବାରର ଅନ୍ୟମାନେ ଫେରାର ଅଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଏଲ୍ଓସି ସେପଟେ ୧୬୦ ଆତଙ୍କବାଦୀ

**ଜମ୍ମୁ,୧୧।୧୧(ପି.ଟି.)**

ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍ଓସି) ସେପଟେ ୧୬୦ ଜଣ ଆତଙ୍କବାଦୀ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି। ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ଲଞ୍ଚପ୍ୟାଡ୍ଗୁଡ଼ିକରେ ଥିବା ଆତଙ୍କବାଦୀମାନେ ଅନୁପ୍ରବେଶ କରି କଶ୍ମୀରରେ ସୁରକ୍ଷା ବଳକୁ ଟାର୍ଗେଟ କରିବାକୁ ପ୍ରସ୍ତୁତ ହେଉଥିବା ରବିବାର ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ଏହା ଜଣାପଡ଼ିବା ପରେ ଯବାନମାନେ ତତ୍ପର ହୋଇଉଠିଛନ୍ତି। ନଗରୋଟାସ୍ଥିତ ହ୍ୱାଇଟ୍ ନାଇଟ୍ କର୍ପସର ଜେନେରାଲ ଅଫିସର କମାଣ୍ଡିଂ ଦାୟିତ୍ୱରେ ଥିବା ଲ୍ୟୁଟ୍ନାଣ୍ଟ ଜେନେରାଲ ପରମଜିତ୍ ସିଂ ୨୦୧୬ ସର୍ଜିକାଲ ଷ୍ଟ୍ରାଇକ୍ ଯୋଜନାରେ ଭାଗନେଇଥିଲେ। ସେ ରବିବାର ଏକ ସାକ୍ଷାତ୍କାରରେ କହିଛନ୍ତି, ପିଓକେର ବିଭିନ୍ନ ସ୍ଥାନରେ ଏବେ ୧୪୦ରୁ ୧୬୦ ଆତଙ୍କବାଦୀ ଅନୁପ୍ରବେଶ ପାଇଁ ସୁଯୋଗକୁ ଅପେକ୍ଷା କରିଛନ୍ତି। ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳିବର୍ଷା ଓ ମୋର୍ଟାର ମାଡ଼ କରୁଥିବାବେଳେ ସେମାନଙ୍କୁ ଅନୁପ୍ରବେଶ ପାଇଁ ସୁବିଧା ହୋଇଥାଏ। ଆତଙ୍କବାଦୀଙ୍କ ଅନୁପ୍ରବେଶ ରୋକିବା ପାଇଁ ସୀମାରେ ଭାରତୀୟ ଯବାନ ପ୍ରସ୍ତୁତ ହୋଇ ରହିଛନ୍ତି। ପାକିସ୍ତାନରେ ଆତଙ୍କବାଦର ସୁଦୃଢ଼ ଭିତ୍ତିଭୂମି ରହିଛି। ଏହାର ଉଦ୍ଦେଶ୍ୟରେ କିଛି ପରିବର୍ତ୍ତନ ଆସିନାହିଁ। ପାକିସ୍ତାନୀ ସେନା ଓ ସେଠାକାର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ଆତଙ୍କବାଦୀଙ୍କ ଅନୁପ୍ରବେଶ ପଥ ସୁଗମ କରୁଛନ୍ତି। ଇସ୍ଲାମାବାଦର ନୀତି ଓ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲେ ହିଁ ସୀମାପାର ଆତଙ୍କବାଦ ବନ୍ଦହେବ ବୋଲି ଯୁଦ୍ଧଭୂମିରେ ଦୀର୍ଘ ଅଭିଜ୍ଞତା ସମ୍ପନ୍ନ ଏହି ଅଧିକାରୀ ସ୍ପଷ୍ଟ କରିଛନ୍ତି।





ପାକିସ୍ତାନର ନୀତି ଓ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଲେ ହିଁ ସୀମାପାର ଆତଙ୍କବାଦ ବନ୍ଦହେବ।

**-ଲ୍ୟୁଟ୍ନାଣ୍ଟ ଜେନେରାଲ ପରମଜିତ୍ ସିଂ, ହ୍ୱାଇଟ୍ ନାଇଟ୍ କର୍ପସର ଜେନେରାଲ ଅଫିସର କମାଣ୍ଡିଂ**

■ ଛତିଶଗଡ଼ର ୧୮ ଆସନରେ ମତଦାନ ଆଜି

# ସୁରକ୍ଷା ଦାୟିତ୍ୱରେ ଲକ୍ଷେ ଯବାନ

**ରାୟପୁର/ନୂଆଦିଲ୍ଲୀ,୧୧।୧୧**

ମାଓବାଦୀଙ୍କ ବାରମ୍ବାର ଆକ୍ରମଣ, ଧମକ ଓ ଭୋଟ ବର୍ଜନ ଆହ୍ୱାନ। ଏହାକୁ ଭ୍ରୂକ୍ଷେପ ନ କରି ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସବୁ ପ୍ରସ୍ତୁତି ଶେଷ କରିଛନ୍ତି। ସୋମବାର ମାଓବାଦୀ ପ୍ରଭାବିତ ୮ ଜିଲାର ୧୮ ଆସନରେ ଭୋଟଗ୍ରହଣ କରାଯିବ। ଏହାକୁ ଦୃଷ୍ଟିରେ ରଖି ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ସୁରୁଖୁରୁ ଭାବେ ନିର୍ବାଚନ କାର୍ଯ୍ୟ ପରିଚାଳାନା ପାଇଁ ସୁରକ୍ଷା ଦାୟିତ୍ୱରେ ପ୍ରାୟ ୧ ଲକ୍ଷ ଯବାନଙ୍କୁ ମୁତୟନ କରାଯାଇଛି।

୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାର ୧୮ ନିର୍ବାଚନମଣ୍ଡଳୀରେ ସୋମବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ନିର୍ବାଚନ ରାଜନନ୍ଦଗାଁଓ, ଡୋଙ୍ଗରଗାଁଓ, ଖୁଜି, ବସ୍ତର, ଜଗଦଲପୁର ଓ ଚିତ୍ରକୂଟରେ ସକାଳ ୮ଟାରୁ ସନ୍ଧ୍ୟା ୫ଟା ଯାଏ ମତଦାନ ହେବ। ଏହି ଆସନଗୁଡ଼ିକ ମାଓବାଦୀଙ୍କ ସର୍ବାଧିକ ପ୍ରଭାବ ରହିଥିବା ବସ୍ତର, କଙ୍କେର, ସୁକ୍ମା, ବିଜାପୁର, ଦାନ୍ତେୱାଡ଼ା, ନାରାୟଣପୁର, କୋଣ୍ଡାଗାଁଓ ଓ ରାଜନନ୍ଦଗାଁଓ ଜିଲା ଅଧୀନରେ ରହିଛି। ମାଓବାଦୀଙ୍କ ଆକ୍ରମଣକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୧ ଲକ୍ଷ ଯବାନଙ୍କୁ ମୁତୟନ କରାଯାଇଛି। ପ୍ରାୟ ୬୫୦ କମ୍ପାନୀ ସିଆର୍ପିଏଫ୍, ବିଏସ୍ଏଫ୍, ଆଇଟିବିପି ଯବାନଙ୍କୁ ଏଥିରେ ନିୟୋଜିତ କରାଯାଇଛି। ସେହିପରି ଅନ୍ୟ ରାଜ୍ୟଗୁଡ଼ିକରୁ ପ୍ରାୟ ୬୫,୦୦୦ ପୋଲିସ କର୍ମୀଙ୍କୁ ଛତିଶଗଡ଼କୁ କେନ୍ଦ୍ର ସରକାର ପଠାଇଛନ୍ତି। ପୋଲିଂ



କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ସବୁ ପ୍ରସ୍ତୁତି ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୩୧,୭୯,୫୨୦ ଭୋଟର ୧୯୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିସକାଶେ ୪,୩୩୬ ପୋଲିଂ ଷ୍ଟେଶନର ବ୍ୟବସ୍ଥା କରାଯାଇଛି। ମୋହଲା-ମାନପୁର, ଅନ୍ତଗଡ଼, ଭାନୁପ୍ରତାପପୁର, କଙ୍କେର, କେଶଖାଲ, କୋଣ୍ଡାଗାଁଓ, ନାରାୟଣପୁର, ଦାନ୍ତେୱାଡ଼ା, ବିଜାପୁର ଓ କୋନ୍ତା ଆସନରେ ସକାଳ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯିବ। ସେହିପରି ଅନ୍ୟ ୮ଟି ନିର୍ବାଚନମଣ୍ଡଳୀ ଖୈରଗଡ଼, ଦେଓଗଞ୍ଜ, ପାର୍ଟିଗୁଡ଼ିକୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯାଉଛି। ସମ୍ବେଦନଶୀଳ ଅଞ୍ଚଳର ୨୦୦ ବୁଥ୍କୁ ଇଭିଏମ୍ ଏବଂ ନିର୍ବାଚନ କାର୍ଯ୍ୟରେ ବ୍ୟବହୃତ ଅନ୍ୟ ସାମଗ୍ରୀ ନେବା ପାଇଁ ବାୟୁସେନା ହେଲିକପ୍ଟର ବ୍ୟବହାର କରାଯାଇଛି। ପ୍ରଥମ ପର୍ଯ୍ୟାୟ ପରେ ଅବଶିଷ୍ଟ ୭୨ ଆସନରେ ନଭେମ୍ବର ୨୦ରେ ମତଦାନ ହେବ। ଦୁଇ ପର୍ଯ୍ୟାୟର ଭୋଟ ଗଣତି ଡିସେମ୍ବର ୧୧ରେ କରାଯିବ। ପ୍ରକାଶ ଯେ, ଗତ ନିର୍ବାଚନରେ ଭାଜପାକୁ ୪୯, କଂଗ୍ରେସକୁ ୩୯ ଏବଂ ବିଏସ୍ପି ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ଗୋଟିଏ ଲେଖାଏ ଆସନରେ ସଫଳତା ମିଳିଥିଲା।

# ଜେଲ ଗଲେ ଜନାର୍ଦ୍ଦନ ରେଡ୍ଡୀ

**ବେଙ୍ଗାଲୁରୁ,୧୧।୧୧(ପି.ଟି.)**

ଭାଜପା ନେତା ତଥା ଖଣି ବ୍ୟବସାୟୀ ଗଲି ଜନାର୍ଦ୍ଦନ ରେଡ୍ଡୀ ରବିବାର ଗିରଫ ହୋଇଛନ୍ତି। ଏମ୍ବିଡେଣ୍ଟ ଗ୍ରୁପ୍ ଲାଞ୍ଚ ମାମଲାରେ ବେଙ୍ଗାଲୁରୁ ପୋଲିସର ସେଣ୍ଟ୍ରାଲ କ୍ରାଇମବ୍ରାଞ୍ଚ (ସିସିବି) ଜନାର୍ଦ୍ଦନ ଓ ତାଙ୍କ ସହଯୋଗୀ ଅଲି ଖାନ୍ଙ୍କୁ ଗିରଫ କରିଛି। କର୍ନାଟକର ପୂର୍ବତନ ମନ୍ତ୍ରୀ ଜନାର୍ଦ୍ଦନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନଙ୍କୁ ୧୮ କୋଟି ଟଙ୍କା ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଖୋଳତାଡ଼ ଚାଲିଥିବାବେଳେ ସେ କିଛିଦିନ ହେଲା ଫେରାର ଥିଲେ। ଜନାର୍ଦ୍ଦନଙ୍କୁ ଶନିବାର ବେଙ୍ଗାଲୁରୁସ୍ଥିତ କ୍ରାଇମବ୍ରାଞ୍ଚ ଅଫିସ୍ରେ ପୋଲିସ ଅଧିକାରୀମାନେ ଜେରା କରିଥିଲେ। ତଥ୍ୟ ଓ ପ୍ରମାଣ ଆଧାରରେ ଜନାର୍ଦ୍ଦନଙ୍କୁ ଗିରଫ କରାଯାଇଛି ବୋଲି ସିସିବି ଅତିରିକ୍ତ ପୋଲିସ କମିଶନର ଆଲୋକ କୁମାର ସୂଚନା ଦେଇଛନ୍ତି। ଜନାର୍ଦ୍ଦନଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ନଭେମ୍ବର ୨୪ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି।



## ଫୁର୍ସତ

# ସର୍ବବୃହତ୍ ସୁପର କମ୍ପ୍ୟୁଟର

**ଲଣ୍ଡନ:** ମଣିଷ ମସ୍ତିଷ୍କ ଭଳି କାର୍ଯ୍ୟ କରିବାର କ୍ଷମତା ରଖିଥିବା ବିଶ୍ୱର ସର୍ବବୃହତ୍ ସୁପର କମ୍ପ୍ୟୁଟର ପ୍ରଥମ ଥର ପାଇଁ ଖୋଲାଯାଇଛି। ଏହାକୁ ସ୍ପାଇକିଙ୍ଗ୍ ନ୍ୟୁରାଲ୍ ନେଟ୍ୱର୍କ ଆର୍କିଟେକ୍ଚର ବା ସଂକ୍ଷେପରେ ସ୍ପିନ୍ନାକର ମେଶିନ୍ କୁହାଯାଉଛି। ଏହା ପ୍ରତି ସେକେଣ୍ଡରେ ୨୦୦ନିୟୁତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଦକ୍ଷତା ରଖିଛି। ପ୍ରତିଟି ଚିପ୍ସରେ ୧୦୦ ନିୟୁତ ଟ୍ରାଞ୍ଜିଷ୍ଟର ରହିଛି। ଏହାକୁ ନିର୍ମାଣ କରିବାରେ ୧୦ବର୍ଷରୁ ଅଧିକ ସମୟ ଲାଗିଛି ଏବଂ ଏଥିପାଇଁ ୧୫ ନିୟୁତ ପାଉଣ୍ଡ ଷ୍ଟର୍ଲିଂ ଅର୍ଥ ବ୍ୟୟ ହୋଇଛି।

ବ୍ରିଟେନ୍ର ମାଞ୍ଚେଷ୍ଟର ୟୁନିଭର୍ସିଟିରେ ଏହାର ଡିଜାଇନ୍ ପ୍ରସ୍ତୁତ କରାଯିବା ସହିତ ନିର୍ମାଣ ମଧ୍ୟ କରାଯାଇଛି। ସ୍ପିନ୍ନାକର୍ର ସ୍ୱତନ୍ତ୍ରତା ହେଉଛି ଏହା ପାରମ୍ପରିକ କମ୍ପ୍ୟୁଟର ଭଳି ଷ୍ଟାଣ୍ଡାର୍ଡ ନେଟ୍ୱର୍କ ମାଧ୍ୟମରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ବୃହତ୍ ପରିମାଣ ସୂଚନା ଆଦାନ ପ୍ରଦାନ କରେନାହିଁ ବରଂ ଏହା ହଜାର ହଜାର ସ୍ଥାନକୁ ଏକକାଳୀନ ଶହଶହ କୋଟିର ସୂଚନା ପ୍ରଦାନ କରିଥାଏ। ଅନ୍ୟ ପାରମ୍ପରିକ କମ୍ପ୍ୟୁଟର ତୁଳନାରେ ଏହି ସୁପର କମ୍ପ୍ୟୁଟର ମସ୍ତିଷ୍କ ଅପେକ୍ଷା ଉନ୍ନତମାନର କାର୍ଯ୍ୟ କରିବ ବୋଲି ଏଥିପାଇଁ ପ୍ରଥମରୁ ଧାରଣା ଦେଇଥିବା ବୈଜ୍ଞାନିକ ଷ୍ଟିଭ୍ ଫର୍ବର ପ୍ରକାଶ କରିଛନ୍ତି।



# ପାରିବାରିକ ହିଂସାର ଶିକାର ଏକତୃତୀୟାଂଶ ମହିଳା

**ନୂଆଦିଲ୍ଲୀ:** ଭାରତର ପାଖାପାଖି ଏକ ତୃତୀୟାଂଶ ବିବାହିତା ମହିଳା ପାରିବାରିକ ହିଂସାର ଶିକାର ହେଉଛନ୍ତି। ଦେଶରେ ଲିଙ୍ଗଭିତ୍ତିକ ହିଂସା ଗୁରୁତର ଘଟଣାଗୁଡିକ ମଧ୍ୟରୁ ଅନ୍ୟତମ ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ଭଦୋଦରାସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ 'ସହଜ' ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନରେ ନ୍ୟାଶନାଲ ଫ୍ୟାମିଲି ହେଲ୍ଥ ସର୍ଭେ (ଏନ୍ଏଚଏଫ୍ଏସ୍) ରିପୋର୍ଟରୁ ସଂଗୃହୀତ ତଥ୍ୟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ୧୫ରୁ ୪୯ବର୍ଷ ବୟସ ମଧ୍ୟରେ ୨୭% ମହିଳା ପାରିବାରିକ ହିଂସା ଯୋଗୁ ଆକ୍ରମଣର ଶିକାର ହୋଇଥାଆନ୍ତି। ଗୋଟିଏ ଦିଗରେ ଭାରତ ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି ପ୍ରଦର୍ଶନ କରୁଥିବା ବେଳେ ଅନ୍ୟ ଦିଗରେ ଲୋକମାନେ ଜାତି, ଶ୍ରେଣୀ ଏବଂ ଲିଙ୍ଗଭିତ୍ତିରେ ଭେଦଭାବର ସମ୍ମୁଖୀନ ହେଉଛନ୍ତି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। 'ଫିସ୍କାଲ ଅଣ୍ଡରପିନିଙ୍ଗ୍ସ ଅଫ୍ ଜେଣ୍ଡର ଇକ୍ୱିଟି ହେଲ୍ଥ, ନ୍ୟୁଟ୍ରିସନ୍ ଆଣ୍ଡ୍ ୱେଲ୍ଫେୟାର ପ୍ରୋଗ୍ରାମ୍ସ ଫର ୱମେନ' ଶୀର୍ଷକ ରିପୋର୍ଟରେ ଏହି ବିଷୟ ପ୍ରକାଶ ପାଇଛି। ପାଖାପାଖି ଏକ ତୃତୀୟାଂଶ ମହିଳା ସେମାନଙ୍କ ସ୍ୱାମୀଙ୍କଠାରୁ ମାଡ ଖାଉଥିବା ସ୍ୱୀକାର କରିଛନ୍ତି। ଏଥିରେ ପୁଣି କୁହାଯାଇଛି, ଭାରତରେ ପୁରୁଷ ପ୍ରାଧାନ୍ୟ ମାନସିକତା ଲୋକଙ୍କ ମନରେ ଗଭୀର ଭାବରେ ଜଡିତ ଥିବାରୁ ବାଳିକା ଏବଂ ମହିଳାଙ୍କ ପ୍ରତି ପାତରଅନ୍ତର ଆଚରଣ ବୃଦ୍ଧି ପାଇବାରେ ଲାଗିଛି। ମହିଳାଙ୍କୁ ପ୍ରଜନନର ଏକ ମାଧ୍ୟମ ବୋଲି ବିବେଚନା କରାଯାଉଥିବା ଏଥିରେ କୁହାଯାଇଛି। ଭାରତରେ ପୁଅଙ୍କ ତୁଳନାରେ ଝିଅଙ୍କୁ ଶିକ୍ଷାଦାନ, ପୁଷ୍ଟିକର ଖାଦ୍ୟ ପ୍ରଦାନ ଓ ଚିକିତ୍ସା କ୍ଷେତ୍ରରେ ପାତରଅନ୍ତର କରାଯାଉଥିବା ଉକ୍ତ ରିପୋର୍ଟରେ କୁହାଯାଇଛି।



## ଇତିହାସର ଆଇନାରେ

### ନଭେମ୍ବର ୧୨ର ପ୍ରମୁଖ ଘଟଣା

୧୯୮୦ ନଭେମ୍ବର ୧୨ରେ ଭଏଜର ୧ ଶନି ଗ୍ରହର ନିକଟବର୍ତ୍ତୀ ହୋଇ ପ୍ରଥମକରି ବଳୟ ଗ୍ରହର ଫଟୋ ଉତ୍ତୋଳନ କରିଥିଲା। ସୌରମଣ୍ଡଳର ଆକର୍ଷଣକୁ ଏଡାଇ ଏହା ଶନି ଅଭିମୁଖେ ଯାତ୍ରା କରିବାରେ ୫ଟି ସ୍ପେସ୍କ୍ରାଫ୍ଟ ମଧ୍ୟରେ ତୃତୀୟ ସ୍ଥାନ ହାସଲ କରିପାରିଥିଲା। ୨୦୧୨ ଅଗଷ୍ଟ ୨୫ରେ ଭଏଜର ୧ ହେଲିଓପୋଜ୍ ଅତିକ୍ରମ କରି ଇଣ୍ଟରଷ୍ଟେଲାର ମାଧ୍ୟମରେ ପ୍ରବେଶ କରିବାରେ ଏହା ପ୍ରଥମ ହୋଇଥିଲା।

୨୦୦୧ ନଭେମ୍ବର ୧୨ରେ ଆମେରିକୀୟ ଏୟାରଲାଇନ୍ସ ଫ୍ଲାଇଟ୍ ୫୮୭ ସାଣ୍ଟୋ ଡୋମିଙ୍ଗୋସ୍ଥିତ ଲାସ୍ ଆମେରିକା ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୫୧ ଯାତ୍ରୀଙ୍କ ସମେତ ୯ ବିମାନ କର୍ମଚାରୀ ନିହତ ହୋଇଥିଲେ। ଏତଦ୍ ଭିନ୍ନ ଭୂପୃଷ୍ଠରେ ଥିବା ୫ ସାଧାରଣ ଲୋକ ମଧ୍ୟ ମୃତ୍ୟୁବରଣ କରିଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୮ | ୧୭.୧ |
| ଚାନ୍ଦବାଲି | ୨୯.୭ | ୧୯.୬ |
| କଟକ | ୨୯.୮ | ୧୯.୫ |
| ପାରାଦ୍ୱୀପ | ୩୦.୧ | ୨୧.୬ |
| ଭୁବନେଶ୍ୱର | ୩୦.୮ | ୨୦.୬ |
| ଗୋପାଳପୁର | ୩୨.୦ | ୨୦.୫ |
| ପୁରୀ | ୩୦.୪ | ୨୨.୬ |
| ଅନୁଗୋଳ | ୩୦.୭ | ୧୫.୦ |
| ବାରିପଦା | ୨୮.୪ | ୧୬.୬ |
| ଝାରସୁଗୁଡ଼ା | ୩୧.୪ | ୧୪.୪ |
| କେନ୍ଦୁଝର | ୨୭.୬ | ୧୪.୪ |
| ସମ୍ବଲପୁର | ୩୧.୬ | ୧୫.୮ |
| ସୁନ୍ଦରଗଡ଼ | ୨୯.୦ | ୧୪.୦ |
| ହୀରାକୁଦ | ୩୧.୩ | ୧୬.୩ |
| ତାଳଚେର | ୩୩.୪ | ୧୮.୦ |
| ଭବାନୀପାଟଣା | ୩୦.୦ | ୧୪.୦ |
| ବଲାଙ୍ଗୀର | ୩୧.୫ | ୧୬.୫ |
| କୋରାପୁଟ | ୨୮.୪ | ୧୩.୪ |
| ଫୁଲବାଣୀ | ୨୮.୬ | ୧୦.୦ |
| ଟିଟିଲାଗଡ଼ | --- | ୧୪.୫ |
| ମାଲକାନଗିରି | ୩୧.୦ | --- |
| ସୋନପୁର | ୩୨.୨ | ୧୭.୬ |
| ଦାରିଙ୍ଗିବାଡ଼ି | ୨୮.୫ | ୧୨.୭ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍ସିୟସ୍

# ବିଦେଶକୁ ଚୋରାଚାଲାଣ ହେଉଛି ଭାରତର ପ୍ରାଚୀନ କଳାକୃତି

**ସିଙ୍ଗାପୁର:** ପ୍ରତିବର୍ଷ ଭାରତର ମନ୍ଦିରଗୁଡିକରୁ ପ୍ରାଚୀନ କଳାକୃତି ଓ ମୂଲ୍ୟବାନ ଧାତୁନିର୍ମିତ ମୂର୍ତ୍ତି ଚୋରା ଚାଲାଣ ହେଉଛି। ସେଗୁଡିକୁ ଜାହାଜରେ ଚାଲାଣ କରାଯାଇ ଅନ୍ତର୍ଜାତୀୟ ବଜାରରେ ବହୁ ମୂଲ୍ୟରେ ବିକ୍ରି କରାଯାଉଥିବା ସିଙ୍ଗାପୁରସ୍ଥିତ ଜଣେ ମୂଳ ଭାରତୀୟ ଶିପିଂ ଏକ୍ଜିକ୍ୟୁଟିଭ୍ ଏସ୍. ବିଜୟ କୁମାର ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ, ପ୍ରତି ୧୦ବର୍ଷରେ ବିଦେଶକୁ ଚୋରା ଚାଲାଣ ହେଉଛି ପାଖାପାଖି ୧୦,୦୦୦ ବିରଳ କଳାକୃତି। ସେ ୧୫ବର୍ଷ ହେଲା ବିଭିନ୍ନ ଦେବଦେବୀଙ୍କ ବିରଳ ପ୍ରତିମୂର୍ତ୍ତି ଚୋରା ଚାଲାଣ ବିଷୟରେ ଅବଗତ ହୋଇଛନ୍ତି। ଏଗୁଡିକର ଓଜନ ପାଖାପାଖି ୧୫ରୁ ୧୬ଟନ୍ ମଧ୍ୟରେ ହେବ। ବିଜୟ କୁମାର ଶନିବାର ସିଙ୍ଗାପୁରଠାରେ 'ଦି ଆଇଡଲ୍ ଥିଫ୍' ନାମରେ ଏକ ପୁସ୍ତକ ଉନ୍ମୋଚନ କରିଥିବା ବେଳେ ସେ ସମ୍ପର୍କିତ ବିଷୟବସ୍ତୁ ଏଥିରେ ସ୍ଥାନ ପାଇଛି। ଭାରତରୁ ବିଭିନ୍ନ ବିରଳ କଳାକୃତି ଜାହାଜ ମାଧ୍ୟମରେ ବିଦେଶକୁ ଚାଲାଣ ହେଉଛି। ତେବେ ଏଗୁଡିକୁ ପିତ୍ତଳ ସାମଗ୍ରୀ ବା ଉଦ୍ୟାନ ସରଞ୍ଜାମ ବୋଲି ଘୋଷଣା କରାଯାଉଛି। ଦୀର୍ଘ ଦିନରୁ ଏହି ବ୍ୟବସ୍ଥା ଗଡିଆସୁଛି। ଭାରତ ସରକାର ଏଥିପ୍ରତି ଯତ୍ନବାନ୍ ହେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଭାରତରୁ ଏଭଳି ବିରଳ କଳାକୃତି ଚୋରାରେ ଆଣିବା ପାଇଁ ବିଦେଶର କେତେକ ଅକ୍ସନ ହାଉସ୍ ସେମାନଙ୍କ ତୁଙ୍ଗ କାର୍ଯ୍ୟନିର୍ବାହୀଙ୍କୁ ଭାରତ ପଠାଉଛନ୍ତି।



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ନଭେମ୍ବର ୧୨/୨୦୧୮ | Sambalpur, Monday, November 12/ 2018 | ପୃଷ୍ଠା-୧




**ନିଜ ରଚିତ ପୁସ୍ତକ ଉନ୍ମୋଚନ କଲେ ମନୀଷା**

ଅଭିନେତ୍ରୀ ମନୀଷା କୋଇରାଲା ତାଙ୍କ ରଚିତ ପୁସ୍ତକ 'ହିଲ୍ଡ'କୁ ଉନ୍ମୋଚନ କରିଛନ୍ତି।

୦୯

୧୨

**ଧାୱନ ଧମାକାରେ ଭାରତ ବିଜୟୀ**

ଶିଖର ଧାୱନଙ୍କ ବିସ୍ଫୋରକ ଇନିଂସ ବଳରେ ଭାରତ ତୃତୀୟ ଟି୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ହରାଇ ସିରିଜକୁ କ୍ଲିନ୍ ସୁଇପ୍ କରିଛି।






Arindam Roy
Actor

PLEDGE 'PLASTIC-FREE' ODISHA



#PlasticFreeOdisha

ଧରିତ୍ରୀ DHARITRI TEAM


# ଆସୁଛି ଗଜ

## ୧୪ରୁ ଉପକୂଳ ଓଡ଼ିଶାରେ ସ୍ୱଳ୍ପବର୍ଷା

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)**

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ଗଜ ଘଣ୍ଟାକୁ ୧୨ କି.ମି. ବେଗରେ ଉପକୂଳ ଆଡ଼କୁ ମାଡ଼ିଆସୁଛି। ଏହା ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମରେ ପରିଣତ ହେବ। ଅର୍ଥାତ ୧୪ ତାରିଖ ବେଳକୁ ଉତ୍ତର ତାମିଲନାଡୁର କୁଡ଼ଲୋରେ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟ ମଧ୍ୟରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) କହିଛି। ତେବେ ଓଡ଼ିଶା ଉପରେ ଗଜର ପ୍ରଭାବ କିଛି ପଡ଼ିବ ନାହିଁ। ୧୪ ତାରିଖରେ ଉପକୂଳବର୍ତ୍ତୀ ଓଡ଼ିଶାର ବାଲେଶ୍ୱର, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ ଏବଂ ଗଞ୍ଜାମ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କହୁଛି।

ରବିବାର ସନ୍ଧ୍ୟା ସୁଦ୍ଧା ଗଜ ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟର ଦକ୍ଷିଣ ପୂର୍ବରେ ସମୁଦ୍ର କୂଳଠାରୁ ୯୦୦ କି.ମି. ଦୂରରେ ଥିବାବେଳେ ତାମିଲନାଡୁର ଚେନ୍ନାଇଠାରୁ ଉତ୍ତର-ପୂର୍ବକୁ ୮୬୦ କି.ମି. ସମୁଦ୍ର ଭିତରେ ରହିଛି। ଏହି ସମୟରେ ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ର ମଧ୍ୟରୁ ଉପକୂଳକୁ ଫେରି ଆସିବାକୁ କୁହାଯାଇଛି। ସେହିପରି ଦକ୍ଷିଣ ସମୁଦ୍ର ମଧ୍ୟକୁ ମାଛ ଧରି ନ ଯିବାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଇ ଦେଇଛି। ୧୪ରେ ଗଜ ସ୍ଥଳ ଭାଗ ଛୁଇଁବା ବେଳକୁ ୮୦ରୁ ୯୦ କି.ମି ବେଗରେ ପବନ ବହିବ ବୋଲି ଆଇଏମ୍‌ଡି କହିଛି। ଏହି ବାତ୍ୟାର ନାମ ଗଜ ରଖାଯାଇଛି। ଗଜ ଅର୍ଥ ଓଡ଼ିଆ ଭାଷାରେ ହାତୀ। ଏହାର ନାମକରଣ ଶ୍ରୀଲଙ୍କା କରିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏସିଆ ମହାଦେଶରେ ଥିବା ଦେଶଗୁଡିକ ସାମୁଦ୍ରିକ ଝଡର ନାମକରଣ କରିବା ପାଇଁ କିଛି ନାମ ଦେଇଥାନ୍ତି। ସାମୁଦ୍ରିକ ଝଡ଼ ଅର୍ଥାତ ବାତ୍ୟା ସୃଷ୍ଟି ହେଲେ କ୍ରମ ଅନୁସାରେ ଥିବା ନାମଗୁଡିକୁ ଦିଆଯାଇଥାଏ।




ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮'କୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି। (ଫଟୋ: ବିକାଶ ନାୟକ)

## 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮' ଉଦ୍‌ଘାଟିତ

# ଶିଳ୍ପ ସମ୍ଭାବନା ଆବିଷ୍କାର ପାଇଁ ଆହ୍ୱାନ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

୨୦୧୬ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଫ୍ଲାଗଶିପ ଇନଭେଷ୍ଟମେଣ୍ଟ ସମିଟ୍ 'ମେକ୍ ଇନ୍ ଓଡିଶା' ଅନେକ ପଥ ଅତିକ୍ରମ କରିଛି। ଏଭଳି କାର୍ଯ୍ୟକ୍ରମ ରାଜ୍ୟର ଶିଳ୍ପ ବିକାଶ ତଥା ବାଣିଜ୍ୟ ସମ୍ଭାବନାକୁ ପ୍ରଦର୍ଶନ କରିବାରେ ସହାୟକ ହୋଇଛି। ଓଡିଶା ଏହାର କଳା, ସଂସ୍କୃତି ଏବଂ କାରିଗରୀ ଜ୍ଞାନ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। କୁଶଳୀ ଶ୍ରମ ଶକ୍ତି ଦ୍ୱାରା ଓଡିଶା ଦେଶର ଅଭିବୃଦ୍ଧିରେ ନିଜର ଯୋଗଦାନ ଦେଇ ପାରୁଛି। ରାଜଧାନୀ ଭୁବନେଶ୍ୱରଠାରେ ରବିବାର ଆୟୋଜିତ 'ମେକ୍ ଇନ ଓଡିଶା କନ୍‌କ୍ଲେଭ-୨୦୧୮'କୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ପ୍ରକାଶ କରିବା ସହ ରାଜ୍ୟରେ ଶିଳ୍ପ ସମ୍ଭାବନା ଆବିଷ୍କାର ପାଇଁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର କୁଶଳୀ ଶ୍ରମଶକ୍ତି ରାଜ୍ୟ ତଥା ରାଜ୍ୟ ବାହାରେ ନିଜର ପରାକାଷ୍ଠାର ପ୍ରଦର୍ଶନ ଜାରି ରଖିଛନ୍ତି। ଏମାନେ 'ଆଇ ଆମ୍ ଓଡିଶା କ୍ୟାମ୍ପେନ'ର ଜଣେ ଜଣେ ଅଗ୍ରଦୂତ। ରାଜ୍ୟକୁ ଶିଳ୍ପର ଏକ ପ୍ରାଣକେନ୍ଦ୍ର ଭାବେ ଗଢି ତୋଳିବା ଲାଗି ସେମାନେ ନିଜର ଯୋଗଦାନ ଦେଉଛନ୍ତି। ଏଭଳି ଏକ ପ୍ରମୁଖ କାର୍ଯ୍ୟକ୍ରମକୁ ଯୁବପୀଢିଙ୍କୁ ଉତ୍ସର୍ଗୀକୃତ କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଅର୍ଥନୀତିରେ ନିଜର ଯୋଗଦାନ ରଖିଥିବାରୁ ମୁଖ୍ୟମନ୍ତ୍ରୀ ଶିଳ୍ପଗୁଡିକୁ ଏହି ଅବସରରେ ଧନ୍ୟବାଦ ଦେଇଛନ୍ତି। ସେହିଭଳି ଶିଳ୍ପଗୁଡିକର ଅଭିବୃଦ୍ଧି ନେଇ ସେ ଆଶାବାଦୀ ଥିବା ମଧ୍ୟ କହିଛନ୍ତି। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶିଳ୍ପ ପ୍ରତିନିଧିଙ୍କୁ ସେ ସ୍ୱାଗତ କରିଛନ୍ତି। ଏକ ନୂଆ ଓଡିଶା ଗଠନରେ ସହଭାଗୀ ହେବାକୁ ମୁଖ୍ୟମନ୍ତ୍ରୀ ଉଦ୍ୟୋଗୀଙ୍କୁ ଆହ୍ୱାନ

- ପୂର୍ବ ଭାରତର ଅନ୍ୟତମ ବୃହତ୍ କନ୍‌କ୍ଲେଭ
- ପ୍ରଦାନ କରାଯିବ ଓଡ଼ିଶା ସିଏସଆର ପୁରସ୍କାର
- ଯୋଗ ଦେବେ ବିଶିଷ୍ଟ ଶିଳ୍ପ ପ୍ରତିନିଧି,ବିଶେଷଜ୍ଞ

ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଦେଶ ବିଦେଶର ପ୍ରାୟ ୮୦୦ ଶିଳ୍ପପତି, ପ୍ରତିନିଧି, ଯୁବ ଉଦ୍ୟୋଗୀଙ୍କ ☞ପୃଷ୍ଠା-୨

## ୩୦ ଫୁଟ ତଳକୁ ଖସିଲା ସ୍କୁଲ ବସ୍

# ୩ ମୃତ, ୧୯ ଗୁରୁତର

**ନବରଙ୍ଗପୁର/ଝରିଗାଁ, ୧୧।୧୧(ବି.ପ୍ର/ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ରବିବାର ଉମରକୋଟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଏକ ବସ ୩୦ ଫୁଟ ତଳକୁ ଖସି ପଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ନବରଙ୍ଗପୁର ଜିଲା ସଦର ମହକୁମାସ୍ଥିତ ନୂଆବନ୍ଧସାହିର ପ୍ରାକ୍ତନ ଶିକ୍ଷକ ତଥା ଶିଶୁ କଲ୍ୟାଣ କମିଟିର ସଭ୍ୟ ଲଳିତମୋହନ ପଟ୍ଟନାୟକ(୭୧), ଉମରକୋଟ ଡିଏନକେ ଶାନ୍ତିନଗରର ଶିକ୍ଷୟିତ୍ରୀ ରୀନା ନାୟକ(୪୨) ଏବଂ ତାଙ୍କ ମାମୁ ପୁଅ ଭାଇ ତଥା ଶିକ୍ଷକ ନିରଞ୍ଜନ ନାୟକ(୩୮)। ଗୁରୁତରମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଗୁରୁତର ୧୯ ଜଣଙ୍କ ମଧ୍ୟରେ ଅଛନ୍ତି ୮ ଛାତ୍ରୀଛାତ୍ର।

ଚନ୍ଦାହାଣ୍ଡି ଠାରେ ଆୟୋଜିତ ଏକ ପାଠଚକ୍ରରେ ଭାଗନେବା ସକାଶେ ଉମରକୋଟ ଏବଂ ରାଇଘର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକ, ଅଭିଭାବକ ସମେତ ପ୍ରାୟ ୩୫ ଜଣ ସ୍କୁଲ ବସ(ନଂ.ଓଡି୨୪-୦୨୭୩) ରେ ଚନ୍ଦାହାଣ୍ଡି ଯାଉଥିଲେ।

- ଚନ୍ଦାହାଣ୍ଡି ଘାଟି ପାଲଟିଛି ମରଣଯନ୍ତା
- ୪ ବର୍ଷ ତଳେ ଟ୍ରକ ଓଲଟି ଯାଇଥିଲା ୧୨ ଜୀବନ
- ଗୁରୁତରଙ୍କ ମଧ୍ୟରେ ଅଛନ୍ତି ୮ ଛାତ୍ରୀଛାତ୍ର



ଚନ୍ଦାହାଣ୍ଡି ଘାଟିରେ ବସଟି ଭାରସାମ୍ୟ ହରାଇ ପ୍ରାୟ ୩୦ଫୁଟ ତଳକୁ ଖସି ପଡିଥିଲା। ଘଟଣାସ୍ଥଳରେ ଲଳିତମୋହନ, ରୀନା ଓ ନିରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୧୯ ଜଣ ଗୁରୁତର ହେବା ସହ ୪ ସାମାନ୍ୟ ଆହତ ହୋଇଥିଲେ। ଘଟଣା ସ୍ଥଳରେ ଝରିଗାଁ, ଚନ୍ଦାହାଣ୍ଡି ଅଗ୍ନିଶମ କର୍ମଚାରୀ, ଝରିଗାଁ ପୋଲିସ, ଯୁବ ଗୋଷ୍ଠୀ ପ୍ରମୁଖ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ୧୭ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅନ୍ୟ ୨ ଜଣ ରାଇଘର ଯାଇ ସେଠାରୁ ☞ପୃଷ୍ଠା-୨

# ଜେଲ୍‌ରେ ବିଚାରାଧୀନ କଏଦୀଙ୍କୁ ହତ୍ୟା

**ବାଲେଶ୍ୱର ଅଫିସ, ୧୧।୧୧**

- ବାଲେଶ୍ୱର ଜେଲରେ ହିଂସା
- ମୃତଦେହ ଜେଲ ସମ୍ମୁଖରେ ରଖି ଧାରଣା

ବାଲେଶ୍ୱର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଜଣେ କଏଦୀଙ୍କ ଆକ୍ରମଣରେ ରାମଚନ୍ଦ୍ର ସେନାପତି ନାମକ ଜଣେ ବିଚାରାଧୀନ କଏଦୀଙ୍କ ରବିବାର ମୃତ୍ୟୁ ଘଟିଛି। ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି। ଗୁରୁତର ଅବସ୍ଥାରେ ରାମଚନ୍ଦ୍ରଙ୍କୁ ଜେଲ କର୍ତ୍ତୃପକ୍ଷ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କିଛି ସମୟ ମଧ୍ୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି। ଜେଲ ଅନ୍ତେବାସୀଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାମଚନ୍ଦ୍ରଙ୍କ ମୃତ୍ୟୁ ଖବର ପାଇବା ପରେ ପରିବାରବର୍ଗ ଓ ଗ୍ରାମବାସୀ ପହଞ୍ଚି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଗ୍ରାମବାସୀ ମୃତଦେହକୁ ଜେଲ୍ ଆଗରେ ରଖି କ୍ଷତିପୂରଣ ଦାବିରେ ଧାରଣା ଦେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିଛି। ମୃତକଙ୍କ ପୁଅ ଏନେଇ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ୯ ତାରିଖରେ ଟାଉନ ଥାନା ☞ପୃଷ୍ଠା-୨



ଜେଲ ଆଗରେ ଉତ୍ତ୍ୟକ୍ତ ଲୋକଙ୍କ ଧାରଣା।

## ଛତିଶଗଡ଼ରେ ଭୋଟ ପୂର୍ବରୁ ବିଏସ୍‌ଏଫ୍‌କୁ ଆକ୍ରମଣ

# ଯବାନ ଶହୀଦ, ୨ ମାଓବାଦୀ ନିହତ

**ରାୟପୁର,୧୧।୧୧**

ଛତିଶଗଡ଼ ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ମାଓବାଦୀମାନେ ପୁଣିଥରେ ରକ୍ତମୁଖା ହୋଇଉଠିଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସୁରକ୍ଷା ଦାୟିତ୍ୱରେ ଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ପାଟ୍ରୋଲିଂ ପାର୍ଟିକୁ ଲାଲ ବାହିନୀ ଟାର୍ଗେଟ କରିଛନ୍ତି। ମାଓବାଦୀଙ୍କ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) ବିସ୍ଫୋରଣରେ ରବିବାର କଙ୍କେର ଜିଲାରେ ଜଣେ ଯବାନ ଶହୀଦ ହୋଇଛନ୍ତି। ୧୬ ଦିନ ମଧ୍ୟରେ ସୁରକ୍ଷା ବଳ ଉପରେ ଏହା ହେଉଛି ☞ପୃଷ୍ଠା-୨

**୧୬ ଦିନରେ ଚତୁର୍ଥ ଟାର୍ଗେଟ**

- କଙ୍କେର ଜିଲାରେ ୬ ଆଇଇଡି ବିସ୍ଫୋରଣ
- ବିଏସ୍‌ଏଫ୍ ସବ୍‌ଇନ୍ସପେକ୍ଟର ଶହୀଦ
- ବିଜାପୁର ଏନ୍‌କାଉଣ୍ଟରରେ ଟଳିଲେ ୨ ମାଓବାଦୀ

# ଠିକାଦାରଙ୍କ ଉପରକୁ ଗୁଳିଚାଳନା

**ସୁନ୍ଦରଗଡ଼/ବିଶ୍ରା, ୧୧।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ବିଶ୍ରା ଥାନା ଅନ୍ତର୍ଗତ ସାରୁବାହାଲ ପୋଖରୀ ନିକଟରେ ରବିବାର ସନ୍ଧ୍ୟାରେ ଜଣେ ଠିକାଦାରଙ୍କ ଉପରକୁ ଗୁଳିଚାଳନା ହୋଇଛି। ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ବ୍ଲକ ଠିକାଦାର ଭରତ ମାହାତୋ (୨୫)ଙ୍କ ଉପରକୁ ୪ରାଉଣ୍ଡ ଗୁଳି ଚଳାଇ ଫେରାର୍ ହୋଇଯାଇଛନ୍ତି। ଗୁରୁତର ଅବସ୍ଥାରେ ରାଉରକେଲାସ୍ଥିତ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ଠିକାଦାରଙ୍କ ଘର ବିଶ୍ରା ବ୍ଲକର ତେତିରକେଲା ଗ୍ରାମରେ। ☞ପୃଷ୍ଠା-୨

## ବିଜୁ ମହିଳା ଜନତା ଦଳର ସାଙ୍ଗଠନିକ ପୁନର୍ଗଠନ

# ମିନତି ବେହେରା ନୂତନ ସଭାନେତ୍ରୀ

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ମହିଳା ସଙ୍ଗଠନରେ ବ୍ୟାପକ ପରିବର୍ତ୍ତନ ହୋଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଧାୟକ ଦେବୀ ପ୍ରସାଦ ମିଶ୍ର ରବିବାର ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ପଞ୍ଚାୟତ ନିର୍ବାଚନ ବିପର୍ଯ୍ୟୟ ପରେ ବିଜେଡି ନିଜର ସମସ୍ତ ଛାମୁଆ ସଙ୍ଗଠନର କାର୍ଯ୍ୟକାରିଣୀ ସହ ବ୍ୟାପକ ଅଦଳବଦଳ କରିଥିଲା। କିଛିମାସ ପୂର୍ବେ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ମହିଳା ସଙ୍ଗଠନର ସଭାନେତ୍ରୀ ଥିବା ପ୍ରମିଳା ମଲ୍ଲିକଙ୍କୁ ଦଳର ଉପସଭାପତି ଭାବେ ନିଯୁକ୍ତି ମିଳିଛି। ତାଙ୍କ ସ୍ଥାନରେ ମିନତି ବେହେରାଙ୍କୁ ବିଜୁ ମହିଳା ଜନତା ଦଳର ନୂତନ ସଭାନେତ୍ରୀ କରାଯାଇଛି। ପ୍ରମିଳା ଦଳୀୟ ଉପସଭାପତି ପଦରେ ରହିବା ସହ ମହିଳା ସଙ୍ଗଠନର ଉପଦେଷ୍ଟା ଭାବେ କାର୍ଯ୍ୟ କରିବା ପାଇଁ ବିଜେଡି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରମିଳାଙ୍କ ବ୍ୟତୀତ ଜ୍ୟୋତି ପାଣିଗ୍ରାହୀ ଓ କସ୍ତୁରୀ ମହାପାତ୍ରଙ୍କୁ ସହ ଉପଦେଷ୍ଟା ଭାବେ ନିଯୁକ୍ତି ମିଳିଛି। ନୂତନ ଭାବେ ୪ ଜଣଙ୍କୁ ବିଜେଡି ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି। ସେମାନେ ହେଉଛନ୍ତି ଶ୍ରୀମୟୀ ଶ୍ୱେତା ସିଗ୍ମା ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର, ସୁଲୋଚନା ଦାସ ଏବଂ ଗୀତାଞ୍ଜଳି ବସ୍ତିଆ। ଲୋପାମୁଦ୍ରା ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଭାବେ କାର୍ଯ୍ୟରତ ଥିଲେ। ସେ ନିଜ ପଦରୁ ଇସ୍ତଫା ଦେବା ପରେ ତାଙ୍କୁ ଦଳୀୟ ସଙ୍ଗଠନରେ ସ୍ଥାନ ମିଳିଛି। ଅନୁରୂପ ଭାବେ ଡକ୍ଟର ମିନତି ବେହେରା ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ପଦରୁ ଇସ୍ତଫା ଦେବା ପରେ ତାଙ୍କୁ ମହିଳା ସଭାନେତ୍ରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସୁଲତା ଦେଓ ଏବଂ ଏଲିନା ଦାସଙ୍କୁ ମହିଳା ସଙ୍ଗଠନର ସାଧାରଣ ସମ୍ପାଦିକା ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବ ଘୋଷିତ ରାଜ୍ୟ ଓ ଜିଲା କମିଟିଗୁଡିକ ବଳବତ୍ତର ରହିବ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ। ପ୍ରକାଶ ଯେ, ଲୋପାମୁଦ୍ରା ଏବଂ ମିନତି ଯଥାକ୍ରମେ ମହିଳା କମିଶନ ଅଧ୍ୟକ୍ଷା, ଭିନ୍ନକ୍ଷମ ଆୟୁକ୍ତ ପଦରୁ ଇସ୍ତଫା ଦେବା ପରେ ଦଳୀୟ ପଦରେ ନିଯୁକ୍ତି ପାଇଛନ୍ତି।



- ପ୍ରମିଳାଙ୍କୁ ମିଳିଲା ଦଳୀୟ ଉପସଭାପତି ପଦ
- ଜ୍ୟୋତି, କସ୍ତୁରୀ ମହିଳା ସଙ୍ଗଠନର ସହ ଉପଦେଷ୍ଟା
- ନିଯୁକ୍ତ ହେଲେ ୪ କାର୍ଯ୍ୟକାରୀ ସଭାନେତ୍ରୀ

**ଆଜିର ସମ୍ପାଦକୀୟ**

ଅନ୍ୟଥାରେ

**ଆଜିର ମନ୍ତବ୍ୟ**

" ଭାରତ ପୋଲିଓ ଦୂରୀକରଣ ଭଳି ବାୟୁ ପ୍ରଦୂଷଣକୁ ମଧ୍ୟ ରୋକିପାରିବା।

-ଏରିକ୍ ସୋଲ୍‌ହେଇମ୍, ଜାତିସଂଘ ପରିବେଶ ମୁଖ୍ୟ

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ଘରୋଇ ବଜାରର ପ୍ଲାଷ୍ଟିକ୍ ରପ୍ତାନି ୩୧.୬% ବୃଦ୍ଧି ଘଟି ୪.୫୯ ବିଲିୟନ ଡଲାର ଛୁଇଁଛି। ଏହା ଗତ ବର୍ଷ ୩.୪୮ ବିଲିୟନ ଡଲାର ରହିଥିଲା।

-ପ୍ଲାଷ୍ଟିକ ରପ୍ତାନି ପ୍ରୋତ୍ସାହନ ପରିଷଦ


NECC NATIONAL EGG CO-ORDINATION COMMITTEE   11.11.2018   Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 64 | 111 | 121 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers




ବଲିଉଡ୍ ଫିଲ୍ମ 'କେଦାରନାଥ'କୁ ନେଇ ଏବେ ଉଠିଛି ବିବାଦ। ଏହା ଲଭ୍-ଜିହାଦକୁ ପ୍ରୋତ୍ସାହିତ କରୁଛି ବୋଲି କହିଛନ୍ତି ଜଣେ ବରିଷ୍ଠ ଭାଜପା ନେତା। ଯାହା ହିନ୍ଦୁଙ୍କ ଧାର୍ମିକ ଭାବନାକୁ ଆଘାତ ଦେଉଛି ବୋଲି ସେ କହିଛନ୍ତି। ତେଣୁ ଏହା ଉପରେ ନିଷେଧାଜ୍ଞା ଜାରି କରାଯାଉ ବୋଲି ସେ ମତ ଦେଇଛନ୍ତି। ଏହା ପୂର୍ବରୁ ଉତ୍ତରାଖଣ୍ଡର ଜଣେ ତୀର୍ଥ ପୁରୋହିତ ମଧ୍ୟ ସମାନ ଅଭିଯୋଗ ଆଣିଥିଲେ। ତେବେ ଏ ସମ୍ପର୍କରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ(ସିବିଏଫ୍‌ସି)ର ମୁଖ୍ୟଙ୍କୁ ଚିଠି ଲେଖାଯାଇଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଦେବଶ୍ରୀ
ପରିବାରବର୍ଗ



ଆଦ୍ୟାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୋଟଗଡ଼ ଅଞ୍ଚଳରେ ମାଓବାଦୀ ପୋଷ୍ଟର

**କୋଟଗଡ଼,୧୧।୧୧(ଡି.ଏନ୍.ଏ.)**
କନ୍ଧମାଳ ଜିଲା କୋଟଗଡ ଥାନା ଅଞ୍ଚଳରେ ରବିବାର ମାଓବାଦୀପୋଷ୍ଟରଲାଗିଥିବାଦେଖାଯାଇଛି।କୋଟଗଡ଼ରୁ ମୁନିଗୁଡ଼ା ରାଜ୍ୟ ରାଜପଥର ବଣ୍ଡାପିପିଲି, ଦୁର୍ଗାପାଙ୍ଗା ନିକଟ ରାସ୍ତା କଡ଼ ଗଛରେ ଏସବୁ ପୋଷ୍ଟର ମରାଯାଇଛି। ବିପ୍ଳବୀ ଅଭିନନ୍ଦନ ସହିତ ଓଡିଶା ରାଜ୍ୟ କମିଟି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ଲେଖାଥିବା ଉକ୍ତ ପୋଷ୍ଟରରେ ବ୍ରାହ୍ମଣୀୟ ହିନ୍ଦୁବାଦୀ ଫାସୀବାଦ ବିରୋଧରେ ଏକଜୁଟ୍ ହୋଇ ସଂଗ୍ରାମ କରିବାକୁ ଉଲ୍ଲେଖ କରାଯାଇଛି। ଏଥିସହ ଗେରୁଆ ଧାର୍ମିକ ଆତଙ୍କବାଦୀ ସଂଘ ପରିବାରର ତାଣ୍ଡବଲୀଳା ବିରୋଧରେ ଡିସେମ୍ବର ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରତିରୋଧ ସପ୍ତାହ ପାଳନ କରିବାକୁ ମଧ୍ୟ ଆହ୍ୱାନ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ମୂଳା ନକ୍ଷତ୍ରସ୍ଥ ଚନ୍ଦ୍ର ପାପଗ୍ରହ ଯୁକ୍ତ କାରଣରୁ ମନର ସରସତା ଉଭେଇ ଯାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ । ତଥାପି ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ। ବନ୍ଧୁବାନ୍ଧବ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

**ବୃଷ**



ଧନାଧିପଙ୍କ ଶୁଭତ୍ୱ ଆପଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ କରାଇବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ, ଅନୁଷ୍ଠାନ,ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ।

**ମିଥୁନ**



ସପ୍ତମ କେନ୍ଦ୍ରସ୍ଥ ପାପଗ୍ରହ ହେତୁ କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କଳା, ସାହିତ୍ୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ହେବନାହିଁ।

**କର୍କଟ**



ଆପଣଙ୍କ ଭାଗ୍ୟାଧିପତି ମନ୍ଦଗ୍ରହ ମଧ୍ୟବର୍ତ୍ତୀ ହେତୁ ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**



ଧନଭାଗ୍ୟାଧିପ ବୁଧ କେନ୍ଦ୍ରସ୍ଥ ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ । ରଚନାତ୍ମକ କାମ, ପରିବହନ, ନିର୍ମାଣ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।

**କନ୍ୟା**



ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ,ଏଥିରେ ଆଦୌ ସନ୍ଦେହ ନାହିଁ । ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ।

**ତୁଳା**



ଚତୁର୍ଥସ୍ଥ କେତୁ ଓ ତୃତୀୟ ଶନି ଏକାଦିକ୍ରମେ କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ। ଅବଶ୍ୟ ଚିତ୍ରା ନକ୍ଷତ୍ର ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା**



ଆଜି ସକାଳୁ ସକାଳୁ ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି ।

**ଧନୁ**



ମଙ୍ଗଳ ଧର୍ମଭାବକୁ ଅବଲୋକନ କରି ଆଧାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମକର**



ପାପଯୁକ୍ତ ଚନ୍ଦ୍ର ଓ ରାଶିରେ କବନ୍ଧଗ୍ରହ ପ୍ରଭାବରୁ ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟ ପ୍ରିୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।

**କୁମ୍ଭ**



ରାହୁ ଷଷ୍ଠଭାବରେ ଅବସ୍ଥାନ କରି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ମୀନ**



ଆଜିର ଚନ୍ଦ୍ର କର୍ମ ସ୍ଥାନରେ ଥିବାରୁ କର୍ଯ୍ୟସିଦ୍ଧି ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।

ଆଜି କାର୍ତ୍ତିକ ଶୁକ୍ଳ ୫ମୀ ସୋମବାର, ନଭେମ୍ବର ୧୨ ତାରିଖ, ରାଷ୍ଟ୍ରୀୟ ପ୍ରସାରଣ ଦିବସ, ରାଶି ନକ୍ଷତ୍ର-ପୂର୍ବାଷାଢା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୨ମି. ମଧ୍ୟେ ଘ୧।୨ମି. ଗତେ, ଘ୨।୫୭ମି. ମଧ୍ୟେ, ଘ୪।୨୮ମି. ଗତେ, ଘ୫।୫୮ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୪୫ମି. ଗତେ ଘ୧୦।୨୨ମି. ମଧ୍ୟେ, ଘ୧୧।୫୨ମି. ଗତେ, ଘ୧।୧୨ମି. ମଧ୍ୟେ, ଘ୨।୩୭ମି. ଗତେ ଘ୪।୧୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୩୧ମି. ଗତେ, ଘ୧୨।୫୪ମି. ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### ଶିଳ୍ପ ସମ୍ଭାବନା...

ଉପସ୍ଥିତି ଦେଖିବାକୁ ମିଳିଛି। ସେହିଭଳି ଚଳିତ ବର୍ଷ ଭଲ ନିବେଶ ପ୍ରସ୍ତାବ ଆସିବା ନେଇ ସରକାର ଆଶାବାଦୀ ଅଛନ୍ତି। ଏଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୁକେଶ ଅମ୍ବାନୀ, ଟାଟା ସନ୍ସର ଚେୟାରମ୍ୟାନ ନଟରାଜନ ଚନ୍ଦ୍ରଶେଖରନ, ବିର୍ଲା ଗ୍ରୁପ୍‌ର କୁମାର ମଙ୍ଗଳମ୍ ବିର୍ଲା, ଆଦିତ୍ୟ ବିର୍ଲା ଗ୍ରୁପ, ବେଦାନ୍ତ ମୁଖ୍ୟ ଅନିଲ ଅଗ୍ରୱାଲଙ୍କ ସମେତ ଦକ୍ଷିଣ କୋରିଆ, ଜାପାନ, ଫ୍ରାନ୍ସ, ସାଉଦି ଆରବ ଏବଂ ୟୁଏଇ ଆଦି ୬ଟି ଦେଶର ପ୍ରତିନିଧିମାନେ ଯୋଗ ଦେବେ। ମହିନ୍ଦ୍ରା ଗ୍ରୁପ ଚେୟାରମ୍ୟାନ ଆନନ୍ଦ ମହିନ୍ଦ୍ରା, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡର ନବୀନ ଜିନ୍ଦଲ ଏବଂ ଆଦାନୀ ଗ୍ରୁପ ମୁଖ୍ୟ ଗୌତମ ଆଦାନୀ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡା କେତେକ ଦେଶର ରାଷ୍ଟ୍ରଦୂତ ମଧ୍ୟ ଯୋଗଦେବେ। ଓଡିଶାର ବିଶିଷ୍ଟ ଉଦ୍ୟୋଗୀ ଅମରେନ୍ଦ୍ର ସାହୁ, ନେଷ୍ଟ ଆୱ୍ରେର ସିଇଓ ରାହୁଲ ଦାସ ପ୍ୟାନେଲ ଆଲୋଚନାରେ ଭାଗନେବେ।

ନଭେମ୍ବର ୧୨ ତାରିଖ ସକାଳ ୧୦ଟା ୩୦ ମିନିଟରେ କନ୍‌କ୍ଲେଭ ଆରମ୍ଭ ହେବ। ଏଥିରେ ଦେଶ ଓ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିବେ। ମୁକେଶ ଅମ୍ବାନୀ ଓ ଆଦିତ୍ୟ ବିର୍ଲା ଉଦ୍‌ଘାଟନୀ ଦିବସର ପ୍ରଥମ ଭାଗ କାର୍ଯ୍ୟକ୍ରମରେ ଅଭିଭାଷଣ ଦେବେ। ପୂର୍ବ ଭାରତରେ ଏହା ଏକ ପ୍ରମୁଖ କାର୍ଯ୍ୟକ୍ରମ ଭାବେ ପରିଗଣିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁଞ୍ଜିନିବେଶ ଓ ରାଜ୍ୟର ଶିଳ୍ପାୟନ ସମ୍ପର୍କରେ ବିଭିନ୍ନ ଆଲୋଚନା ହେବ। ରାଜ୍ୟ ସରକାରଙ୍କ ୧୫ଟି ବିଭାଗ ଏହି ଅବସରରେ ବିଭିନ୍ନ କ୍ଷେତ୍ର ଉପରେ ଅଧିବେଶନ ଆୟୋଜନ କରୁଛନ୍ତି। ଉକ୍ତ କନ୍‌କ୍ଲେଭ ବ୍ୟବସାୟୀଙ୍କୁ ସେମାନଙ୍କ ନେଟ୍‌ୱର୍କ ବୃଦ୍ଧି ଓ ଅଂଶୀଦାର ମାନଙ୍କ ପାଇଁ ବିଶେଷ ସୁଯୋଗ ସୃଷ୍ଟି କରିବ ବୋଲି ଶିଳ୍ପ ବିଶେଷଜ୍ଞମାନେ ମତ ରଖିଛନ୍ତି। ଗତ କନ୍‌କ୍ଲେଭରେ ୨ ଲକ୍ଷ କୋଟି ଟଙ୍କାର ବିଭିନ୍ନ କ୍ଷେତ୍ରର ୧୨୪ଟି ପ୍ରସ୍ତାବ ଆସିଥିଲା। ସେଥିରୁ ୬୫ ପ୍ରତିଶତ ପ୍ରସ୍ତାବ କାର୍ଯ୍ୟକାରୀ ହେବା ପାଇଁ ବିଭିନ୍ନ ସ୍ତରରେ ରହିଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷିତ କରିବା ପାଇଁ ରାଜ୍ୟର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ଦର୍ଶକମାନଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟରେ କୋଷ୍ଟାଲ ଫନ ରନ, ହେରିଟେଜ ୱାକ, ଗଲ୍ଫ ଟୁର୍ନାମେଣ୍ଟ ଏବଂ ଆଦିବାସୀ ସଂଗ୍ରହାଳୟ ଓ କଳାଭୂମି(ଓଡିଶା ହସ୍ତତନ୍ତ ସଂଗ୍ରହାଳୟ) ପରିଦର୍ଶନ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମେକ୍ ଇନ ଓଡିଶା କନ୍‌କ୍ଲେଭରେ ଜାପାନ କଣ୍ଟ୍ରି ପାର୍ଟନର ରହିଥିବା ବେଳେ ଫିକି ମଧ୍ୟ ମିଳିତ ହୋଇ କାର୍ଯ୍ୟ କରୁଛି। ନଭେମ୍ବର ୧୨ ତାରିଖରେ ଜାପାନ କମ୍ପାନୀଗୁଡିକ ପାଇଁ ଏକ ସ୍ୱତନ୍ତ୍ର ସେମିନାର ଆୟୋଜନ କରାଯାଇଛି। ଜାପାନ କମ୍ପାନୀଗୁଡିକ ଏହି କର୍ମଶାଳାରେ ଓଡିଶାର ମାନୁଫାକ୍ଚରିଂ କ୍ଷେତ୍ରରେ ରହିଥିବା ନିବେଶ ସୁଯୋଗ ସମ୍ପର୍କରେ ପ୍ରଦର୍ଶନ କରିବେ। ରାଜ୍ୟରେ ପ୍ରଥମ ଥର ପାଇଁ ସ୍ମାର୍ଟ ଓଡିଶା ହାକାଥନ ଆୟୋଜନ କରାଯିବ। ଓଡିଶା ଥିମ୍ ପାଭେଲିୟନ ଦେଓମାଳି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଛି। ଭାରତରେ ପ୍ରଥମ ଥର ପାଇଁ ଏହି ଗମ୍ବୁଜ ନିର୍ମାଣ କରାଯାଇଛି। ଏଥିରେ ବିଭିନ୍ନ କ୍ଷେତ୍ର ଓ ରାଜ୍ୟର ପର୍ଯ୍ୟଟନ ସମ୍ପର୍କରେ ପ୍ରଦର୍ଶିତ ହୋଇଛି। କାର୍ଯ୍ୟକ୍ରମ ଅବସରରେ ସଂସ୍କୃତି ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା, ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ, ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସମେତ ଯୋଗାଣମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଗଣଶିକ୍ଷାମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ହସ୍ତତନ୍ତ ମନ୍ତ୍ରୀ ସ୍ନେହାଙ୍ଗିନି ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

### ୩ ମୃତ...

ଅନ୍ୟତ୍ର ଚିକିତ୍ସା ପାଇଁ ଯାଇଥିବା ଜଣାପଡିଛି। ତେବେ ଦେବେନ୍ଦ୍ର ନାୟକ, ଗୋପାଳ ଦାସ, ଆଦ୍ୟାଶା ପାଣିଗ୍ରାହୀ ଓ ରଇନୁ ଭତ୍ରାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ଡାକ୍ତରଖାନା ନେବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। ଖବର ପାଇ ଉମରକୋଟ ବିଧାୟକ ସୁବାସ ଗଣ୍ଡ, ଉପଜିଲାପାଳ କରୁଣାକର ରାଇକା, ଜିଲା ପରିଷଦ ଉପାଧକ୍ଷା ନିବେଦିତା ମହାନ୍ତି, ଏସଡିପିଓ ହେମନ୍ତ କୁମାର ପାଢୀ, ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧରୁଆ, ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ଚନ୍ଦାହାଣ୍ଡି ଭାରପ୍ରାପ୍ତ ବିଡିଓ ପ୍ରଫୁଲ୍ଲ କହଁର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ । ଝରିଗାଁ ବ୍ଲକ ତରଫରୁ ମୃତକଙ୍କ ପରିବାର ଲୋକଙ୍କୁ ରେଡକ୍ରସ ତରଫରୁ ୧୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ସୂଚନାଯୋଗ୍ୟ ଯେ, ୪ ବର୍ଷ ତଳେ ଡାବୁଗାଁ ଅଞ୍ଚଳର ଏକ ଆଦିବାସୀ ନାଟ ଦଳ ଟ୍ରକରେ ଚନ୍ଦାହାଣ୍ଡି ଯାଉଥିବା ସମୟରେ ଏହି ଘାଟିରେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିଲା।

### ଯବାନ ଶହୀଦ...

ମାଓବାଦୀଙ୍କ ଚତୁର୍ଥ ଆକ୍ରମଣ। ଅନ୍ୟପକ୍ଷରେ ବିଜାପୁର ଜିଲାର ଏକ ଜଙ୍ଗଲରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଯବାନଙ୍କ ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ ହୋଇଛନ୍ତି। ଛତିଶଗଡ଼ର ମାଓବାଦୀ ପ୍ରଭାବିତ ୮ ଜିଲା ଅଧୀନ ୧୮ ନିର୍ବାଚନମଣ୍ଡଳୀରେ ସୋମବାର ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ଏଥିସକାଶେ ସୁରକ୍ଷା ବଳ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମାଓବାଦୀମାନେ ବସ୍ତର ଅଞ୍ଚଳରେ ଭୋଟ ବର୍ଜନ ପାଇଁ ଆହ୍ୱାନ ଦେଇଥିବା ସତ୍ତ୍ୱେ ନିର୍ବାଚନ କରାଯାଉଥିବାରୁ ସେମାନେ ସୁରକ୍ଷା ବଳକୁ ବାରମ୍ବାର ଟାର୍ଗେଟ କରିଆସୁଛନ୍ତି। ଏହି କ୍ରମରେ ବିଏସ୍‌ଏଫ୍ ଯବାନମାନେ ରବିବାର ପାଟ୍ରୋଲିଂ କରୁଥିବାବେଳେ ମାଓବାଦୀମାନେ ସେମାନଙ୍କୁ ପୁଣି ଟାର୍ଗେଟ କରିଥିଲେ। ରାଜଧାନୀ ରାୟପୁରରୁ ୨୦୦ କି.ମି. ଦୂର କଙ୍କାକଲ ଓ ଗୋମ୍ ଗ୍ରାମ ମଝିରେ ସୁରକ୍ଷା ବଳର ଗାଡ଼ି ଉପରେ ସେମାନେ ଅତର୍କିତ ଆକ୍ରମଣ କରିଥିଲେ। କୋୟାଲି ବେଡ଼ା ଗ୍ରାମରେ ଲଗାତର ୬ଟି ଆଇଇଡି ବିସ୍ଫୋରଣ ଘଟାଇ ମାଓବାଦୀମାନେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳାଇଥିଲେ। ବିସ୍ଫୋରଣରେ ବିଏସ୍‌ଏଫ୍ ସବ୍‌ଇନ୍ସପେକ୍ଟର ମହେନ୍ଦ୍ର ସିଂ ଗୁରୁତର ହୋଇଥିଲେ। ରାଜସ୍ଥାନ ବାସିନ୍ଦା ମହେନ୍ଦ୍ରଙ୍କୁ ରାୟପୁରସ୍ଥିତ ଏକ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ସେ ଆଖିବୁଜି ଦେଇଥିବା ରାୟପୁର ରେଞ୍ଜ ପୋଲିସ ଆଇଜି ଦୀପାଂଶୁ କବ୍ରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେପଟେ ବିଗତ କିଛିଦିନ ମଧ୍ୟରେ ମାଓବାଦୀଙ୍କ ଆକ୍ରମଣରେ ୧୩ ଜଣଙ୍କ ମୃତ୍ୟୁ ଘଟିସାରିଥିବାରୁ ସୁରକ୍ଷା ବଳ କୋମ୍ବିଂ ଅପରେଶନକୁ ଜୋରଦାର କରିଛି। ବିଜାପୁର ଜିଲାର ବେଦ୍ରେ ଅଞ୍ଚଳର ଏକ ଜଙ୍ଗଲରେ ଲାଲ ବାହିନୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ଏସ୍‌ଟିଏଫ୍ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀ ନିରୋଧୀ ଅଭିଯାନ ଚଳାଇଥିଲେ। ୟୁନିଫର୍ମରେ ଥିବା ମାଓବାଦୀମାନେ ସେମାନଙ୍କ ଉପରକୁ ଆଖିବୁଜା ଗୁଳିବର୍ଷା କରିଥିଲେ। ଏସ୍‌ଟିଏଫ୍ ଯବାନମାନେ ଏହାର ମୁହଁତୋଡ଼ ଜବାବ ଦେଇଥିଲେ। ଯବାନଙ୍କ ଗୁଳିମାଡ଼ରେ ୨ ମାଓବାଦୀ ଟଳିପଡ଼ିଛନ୍ତି। ଅନ୍ୟ ମାଓବାଦୀମାନେ ସ୍ଥାନ ଛାଡ଼ି ଅନ୍ୟତ୍ର ପଳାୟନ କରିଛନ୍ତି। ମାଓବାଦୀଙ୍କ ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

### ଠିକାଦାରଙ୍କ...

ମିଳିଥିବା ସୂଚନା ଅନୁସାରେ ବରସୁଆଁଠାରେ ରବିବାର ଅପରାହ୍ନରେ ଫୁଟବଲ ମ୍ୟାଚ୍ ଚାଲିଥିଲା। ସେଠାରୁ ଖେଳସାରି ଭରତ ତାଙ୍କର ଜଣେ ସାଥୀଙ୍କ ସହ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସାରୁବାହାଲ ପୋଖରୀ ନିକଟରେ ପଛପାଖରୁ ଅନ୍ୟ ଏକ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ହେଲମେଟ୍ ପିନ୍ଧି ରିଭଲଭରରୁ ଭରତଙ୍କ ଉପରକୁ ଆଖିବୁଜା ୪ ରାଉଣ୍ଡ ଗୁଳିଚାଳନା କରିଥିଲେ। ଏହି ସମୟରେ ଭରତ ବାଇକ୍‌ରୁ ଡେଇଁ ପଳାଇ ଥିବାବେଳେ ବାଇକ ଚଳାଉଥିବା ତାଙ୍କ ସାଥୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଭରତଙ୍କ ଅଣ୍ଟାରେ ଗୋଟିଏ ଗୁଳି ବାଜିଥିବାବେଳେ ଅନ୍ୟ ଏକ ଗୁଳି ତାଙ୍କ ହାତରେ ବାଜି ଛିଟିକି ପଡିଥିଲା। ହେଲେ କେଉଁ କାରଣରୁ ତାଙ୍କ ଉପରକୁ ଗୁଳିମାଡ ହୋଇଛି ତାହାର ଠିକ୍ କାରଣ ଜଣାପଡିନାହିଁ। ଘଟଣାସ୍ଥଳରେ ବିଶ୍ରା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଧରିବା ସକାଶେ ତନାଘନା ଚଳାଇଛି।

### ଜେଲ୍‌ରେ ବିଚାରାଧୀନ...

ଅଧିକାରୀ ଏକ ମଦ କାରବାର ମାମଲାରେ ବାଲେଶ୍ୱର ସଦର ବ୍ଲକ ବଇଁଚା ପଞ୍ଚାୟତ ଘୋଡ଼ାପଦା ଗ୍ରାମର ରାମଚନ୍ଦ୍ର ସେନାପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାଲେଶ୍ୱର ଜେଲକୁ ପଠାଯାଇଥିଲା। ରବିବାର ପୂର୍ବାହ୍ନ ସାଢେ ୧୦ଟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଜେଲ୍ ପରିସରରେ ଥିବା ଚିକିତ୍ସା କେନ୍ଦ୍ରରେ ତାଙ୍କୁ ଚିକିତ୍ସା କରାଯାଇଥିଲା। ତେବେ ପୂର୍ବରୁ ଆଜୀବନ ଜେଲଦଣ୍ଡ ଭୋଗୁଥିବା ଖଇରା ଅଞ୍ଚଳର କଏଦୀ ଶରତ ଚନ୍ଦ୍ର ଗିରି କୌଣସି କାରଣରୁ ଉତ୍‌କ୍ଷିପ୍ତ ହୋଇ ରାମଚନ୍ଦ୍ରଙ୍କୁ ପଥରରେ ଆକ୍ରମଣ କରିଥିଲେ। ଜେଲର ଶୁଭ୍ରକାନ୍ତ ମିଶ୍ର ସେଠାରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତରଖାନାରେ ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ଖବର ଗଣମାଧ୍ୟମରେ ପ୍ରସାରିତ ହେବାରୁ ତାଙ୍କ ପୁଅ ସନ୍ତୋଷ ଓ ପରିବାର ଲୋକେ ଜାଣି ମୁଖ୍ୟଚିକିତ୍ସାଳୟରେ ପହଞ୍ଚିଥିଲେ। ରାମଚନ୍ଦ୍ରଙ୍କୁ ଆକ୍ରମଣ କରିଥିବା କଏଦୀଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ପୋଲିସ ଓ ଜେଲ୍ ପକ୍ଷରୁ ସଫେଇ ଦିଆଯାଇଛି। ଅନ୍ୟପକ୍ଷେ ରାମଚନ୍ଦ୍ରଙ୍କ ପୁଅ ସନ୍ତୋଷଙ୍କ ବୟାନ ଘଟଣାକୁ ଭିନ୍ନମୋଡ ଦେଇଛି। ସେ କହିଛନ୍ତି ଯେ, ତାଙ୍କ ବାପା ଏକ ଘରୋଇ ଇଞ୍ଜିନିୟରିଂ କଲେଜର ବସ୍ ହେଲପର ଭାବେ କାର୍ଯ୍ୟ କରୁଥିଲେ। ଗତ ୯ ତାରିଖ ସକାଳୁ ସେ କାମରେ ଘରୁ ବାହାରି ଆସି ଆଉ ଫେରି ନ ଥିଲେ। ତାଙ୍କ ସମ୍ପର୍କରେ ଘର ଲୋକେ କୌଣସି ସୂଚନା ନ ପାଇ ଖୋଜାଖୋଜି ଜାରି ରଖିଥିଲେ। ରବିବାର ଟିଭି ନ୍ୟୁଜ୍‌ରୁ ଜେଲ୍‌ରେ ଜଣେ କଏଦୀଙ୍କ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି। ଜେଲ ପରିସରରେ ସୁରକ୍ଷାକର୍ମୀଙ୍କ ଅବହେଳା କାରଣରୁ ତାଙ୍କ ବାପାଙ୍କର ମୃତ୍ୟୁ ଘଟିଥିବା ନେଇ ସେ ସହଦେବଖୁଣ୍ଟା ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ପରିବାର ଓ ଗ୍ରାମବାସୀ ମିଳିତ ଭାବେ ଶବକୁ ନେଇ ଜେଲ ସମ୍ମୁଖରେ ରଖି ଧାରଣାରେ ବସି ରହିଛନ୍ତି। ଯେ ପର୍ଯ୍ୟନ୍ତ ମୃତ୍ୟୁର ପ୍ରକୃତ କାରଣ କୁହା ନ ଯାଇଛି ଓ ପରିବାରକୁ କ୍ଷତିପୂରଣ ଦିଆ ନ ଯାଇଛି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବା ଘଟଣାସ୍ଥଳକୁ ପୋଲିସ ଜଗି ରହିଛି।

## ନକଲି ଜର୍ଦ୍ଦା ଓ ଗୁଟ୍‌ଖା ଜବତ: ବ୍ୟବସାୟୀ ଗିରଫ

**ବାରିପଦା ଅଫିସ,୧୧।୧୧-** ମୟୂରଭଞ୍ଜ ଜିଲାର ବାରିପଦା ସହରରେ ଦୀର୍ଘ ଦିନ ଧରି ଚାଲିଥିବା ବେଆଇନ ନକଲି ଜର୍ଦ୍ଦା ଓ ଗୁଟ୍‌ଖା କାରବାର ପଦାକୁ ଆସିଛି। ବାରିପଦା ଟାଉନ ଅର୍ନ୍ତଗତ ୨୮ନମ୍ବର ୱାର୍ଡ କରତବସା ଅଞ୍ଚଳର ବ୍ୟବସାୟୀ ଅଶୋକ ଘୋଷ ନିଜ ଘରେ ବିପୁଳ ପରିମାଣର ଜର୍ଦ୍ଦା ଓ ଗୁଟ୍‌ଖା ରଖି ବ୍ୟବସାୟ କରୁଥିବା ଅଭିଯୋଗରେ ପୋଲିସ ତାଙ୍କୁ ରବିବାର ଗିରିଫ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ଏହି ସୂଚନା ଦେଇ କହିଛି ଯେ, ଅଶୋକ ଦୀର୍ଘ ଦିନ ଧରି ବେଆଇନ ଭାବେ ଏହି ନକଲି ଜର୍ଦ୍ଦା ଏବଂ ଗୁଟଖା ବ୍ୟବସାୟ କରି ଆସୁଥିଲେ।

ଚାଷ ଉଜୁଡ଼ିଯିବା ଦେଖି ମ୍ରିୟମାଣ

## ଆତ୍ମହତ୍ୟା କଲେ ମହିଳା ଚାଷୀ

ବଡ଼ଗାଁ, ୧୧।୧୧ (ଡି.ଏନ.ଏ)
ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଚଳିତବର୍ଷ ଖରିଫ ଧାନ ଚାଷ ୭୦ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଛି। ଚାଷ ଉଜୁଡିଯିବାରୁ ଋଣ କରିଥିବା କ୍ଷୁଦ୍ର ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଚାଷ କ୍ଷତିଗ୍ରସ୍ତ ହେବା ଦେଖି ଓ ଋଣ ଶୁଝିବାକୁ ନେଇ ମ୍ରିୟମାଣ ହୋଇପଡିଥିବା ଏହି ବ୍ଲକର ସାହାଜବାହାଲ ଗ୍ରାମର ଜଣେ ଦଳିତ ମହିଳା ଚାଷୀ ମୁଗ ଦୁତିଆ (୫୪) ଆତ୍ମହତ୍ୟା କରିଥିବା ରବିବାର ବଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ମୁଗଙ୍କ ପୁଅ ସଞ୍ଜୀବ ଏହି ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମୁଗଙ୍କ ସ୍ୱାମୀ ରତ୍ନାକର ଦୁତିଆ ଗ୍ରାମରକ୍ଷୀ କାର୍ଯ୍ୟ କରନ୍ତି। ଗତ ମାସ ୨୬ ତାରିଖରେ ମୁଗ ସ୍ୱାମୀଙ୍କ ସହ ବିଲକୁ ଯାଇଥିଲେ। ଧାନ ଫସଲ ନଷ୍ଟ ହୋଇଥିବା ଦେଖି ଦୁଃଖରେ ଘରକୁ ଫେରି ସ୍ୱାମୀଙ୍କ ସହିତ ଋଣ କିପରି ପରିଶୋଧ କରିବେ ଆଲୋଚନା କରିଥିଲେ। ତାଙ୍କ ନାମରେ ଋଣ ଉଠାଣ କରାଯାଇଥିବାରୁ ଋଣ କିପରି ଶୁଝିବେ କହି ସ୍ୱାମୀଙ୍କୁ ଟଙ୍କା ଯୋଗାଡ କରିବାକୁ କହିଥିଲେ। ରତ୍ନାକର ଅସାମର୍ଥ୍ୟ ପ୍ରକାଶ କରି ଦେଖିବା ଯେପରି ହେଉ ଯୋଗାଡ କରିବା କହିଥିଲେ। ୨୮ ତାରିଖ ସକାଳେ ପୁଣି ଋଣ ଟଙ୍କା ଶୁଝିବା ପାଇଁ ସ୍ୱାମୀଙ୍କୁ କହିଥିଲେ। ସେ ଅସମର୍ଥ ବୋଲି କହିବାରୁ ମୁଗ ବିଷାକ୍ତ ଫଳ ବାଟି ଖାଇଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସୁନ୍ଦରଗଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ରାତି ସାଢ଼େ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ୨୯ରେ ମୁଗଙ୍କ ମୃତଦେହ ଘରେ ପହଞ୍ଚିବାବେଳକୁ ସଞ୍ଜୀବଙ୍କ ସ୍ତ୍ରୀଙ୍କ ଗର୍ଭଯନ୍ତ୍ରଣା ହେବାରୁ ସଙ୍ଗେସଙ୍ଗେ ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ୫ ତାରିଖ ତାଙ୍କୁ ଡିସଚାର୍ଜ କରାଯାଇଥିଲା। ୮ ଓ ୯ ତାରିଖ ମା'ଙ୍କ ଦଶାହ କାର୍ଯ୍ୟ ଶେଷ କଲା ପରେ ସଞ୍ଜୀବ ଥାନାରେ ରବିବାର ଲିଖିତ ଜଣାଇଛନ୍ତି। ଏ ସମ୍ପର୍କରେ ସଞ୍ଜୀବଙ୍କୁ ପଚାରିବାରେ ମାଆଙ୍କ ମୃତ୍ୟୁ ଦିନଠାରୁ ସନ୍ତାନ ପ୍ରସବ ଓ ଶୁଦ୍ଧିକ୍ରିୟା ଯୋଗୁ ଏ ବିଷୟରେ ଥାନାରେ ଜଣାଇବା ବିଳମ୍ବ ହେଲା ବୋଲି କହିଛନ୍ତି। ସଞ୍ଜୀବ ଦୁତିଆ ଥାନାରେ ଦେଇଥିବା ପତ୍ରରେ ତାଙ୍କ ମାଆ ସାହାଜବାହାଲ ଲ୍ୟାମ୍ପ୍ସରୁ ମା ମେଟାକାନୀ ଗ୍ରୁପ ମାଧ୍ୟମରେ ୧୦ ହଜାର ଟଙ୍କା ଚାଷ ପାଇଁ ଋଣ କରିଥିଲେ ବୋଲି ଉଲ୍ଲେଖ କରିଛନ୍ତି। ସଞ୍ଜୀବଙ୍କ ସ୍ତ୍ରୀ ତୁଳସୀ ଚାଷ କାର୍ଯ୍ୟ ପାଇଁ ଦୁଇଟି ଅର୍ଥ ଲଗାଣକାରୀ ସଂସ୍ଥାରୁ ୫୦ ହଜାର ଟଙ୍କା ଉଠାଣ କରିଥିବା ଦର୍ଶାଇଛନ୍ତି। ଚାଷରୁ ହେଉଥିବା ଧାନ ତାଙ୍କ ଜୀବନଜୀବିକାର ମୁଖ୍ୟ ଆୟ ହୋଇଥିଲା ବେଳେ ସଞ୍ଜୀବ ଦିନ ମଜୁରିଆ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରୁଛନ୍ତି। ଏହିଘଟଣା ସମ୍ପର୍କରେ ଭୋଇପାଲି କୃଷକ ବଜାର କମିଟି ସଭାପତି ରବୀନ୍ଦ୍ର ପଟେଲ ଆତ୍ମହତ୍ୟା କରିଥିବା ଦଳିତ ମହିଳା ଚାଷୀଙ୍କ ଋଣ ଛାଡ ସହ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।



ମୁଗ ଦୁତିଆ (ଫାଇଲ ଫଟୋ)


## classified




**SALE**

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

Bhubaneswar KIIT University Jagannath Temple ପାଖରେ road, electricity ବାଉଣ୍ଡାରି ଥାଇ ଘରବାରି plot loanରେ କିଣନ୍ତୁ। 7381338088. D-64368

Gharabari boundary plot infront Krupajal Engineering College Bhubaneswar. 9090899281, 8908805482. D-65053

Residential plot with revenue road and electricity near Patia Station. Immediate registration and possession. 9437827966. D-9346

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

Book your dream house (duplex) at good location in Bhubaneswar. 200' roadside with affordable price. (special Diwali offer). Contact: 8338866678, 9337138784. D-65165

**Residential plots at Sundargram (Dadhichi) Trinath Bazar, Balianta, Ranga bazar, Baragada, (Puri bypass) and Samantarapur. 9040537669.** D-64363

Five acre compaq land suitable for any kind of project near Khandapada just 100 km. from Bhubaneswar in a noise and pollution free atmosphere. 7978965052. D-64638




Construct your building in finished house contact: 9937064680. D-27282




Madam Monalisa massage club- 50% discount full body massage by hiprofile smart lady therapist. 9708545108. D-9361




Open FMCG shop due to own place excess income. 8480465439. D-9354




Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

**ଜନ୍ମଦିନ ଶୁଭେଚ୍ଛା**



**ଆଦ୍ୟାଶା ସାମଲ**
**ଜଗନ୍ନାଥ ନଗର, ଭୁବନେଶ୍ୱର**
ତୋ ଜୀବନର ଚଲାପଥ ସବୁବେଳେ କୁସୁମିତ ହୋଇରହିଥାଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା। **ଶୁଭେଚ୍ଛା ସହ:** ଅଜା, ଆଈ, ବଡମାମା, ପାପାଜୀ, ମାମା, ମାମୁଁ ଓ ମୁସୁ, ସୋନା, ଚିନି। ଧ-୯୩୮୦


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶ୍ୟାମସୁନ୍ଦର ଭଞ୍ଜଦେଓ**
ଆବିର୍ଭାବ: ୭।୦୮।୧୯୪୦
ତିରୋଧାନ: ୭।୧୧।୨୦୧୩
(କାର୍ତ୍ତିକ ଶୁକ୍ଳପକ୍ଷ ପଞ୍ଚମୀ)
ତୁମେ ଚାଲିଗଲ ଅଫେରା ରାଇଜେ କେବେ କେହି ଫେରିନାହିଁ ତଥାପି ମନକୁ ବୁଝାଇ ରହିଛୁ ଫେରିବା ବାଟକୁ ଚାହିଁ, ତୁମ ଶୂନ୍ୟସ୍ଥାନ ଅପୂରଣ ହେଲା ଭାବିଲେ ଶ୍ୱାସରୁଦ୍ଧ ହୋଇଯାଉଛି। ଯେଉଁଠାରେ ଥାଅ ଖୁସିରେ ରୁହ, ଆମ ମଥାପରେ ତୁମ ହାତ ରହିଥାଉ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ ତୁମ ଆତ୍ମା ଶାନ୍ତି ପାଇଁ । ଶୋକସନ୍ତପ୍ତ: ଜିନା, ବୁନା, ଫୁନୁ, ତିନା। ଧ-୯୩୫୬

**ଶ୍ରାଦ୍ଧ ଉପଲକ୍ଷେ**



**ସ୍ୱର୍ଗତ କୁମାରେଶ ସାମଲ**
କାର୍ତ୍ତିକ ଶୁକ୍ଳ ପଞ୍ଚମୀ
ପୂର୍ବତନ ସଚିବ ଓଡିଶା ବିଧାନସଭା
୧୩୨ ବାପୁଜୀ ନଗର, ଭୁବନେଶ୍ୱର
୧୦ବର୍ଷ ଚାଲିଗଲା, ପ୍ରତି ମୁହୂର୍ତ୍ତରେ ତୁମରି ସତ୍ତା ଅନୁଭବ କରିଅଛୁ। ତୁମ ଭଲପାଇବା, ଆଦର୍ଶ, ତ୍ୟାଗ, ପରଉପକାର ସର୍ବଦା ଆମକୁ ପ୍ରେରଣା ଦେଉଥାଉ ଏହାହିଁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
ଛାଡି ଯାଇଥିବା ତୁମ ଛୋଟ ପରିବାରବର୍ଗ।
ଧ-୯୩୮୬

**ଷୋଡଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସ୍ୱର୍ଣ୍ଣପ୍ରଭା ମିଶ୍ର**
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ)
ଅରୁଣୋଦୟ ନଗର, କଟକ
ତିରୋଧାନ: କାର୍ତ୍ତିକ ଶୁକ୍ଳ ପଞ୍ଚମୀ
ତୁମେ ସ୍ୱର୍ଣ୍ଣପ୍ରଭା ତୁମେ ସ୍ୱୟଂସିଦ୍ଧା
ତୁମେ ହିଁ ଗୋ ପୁଣ୍ୟ ତୋୟା।
ଜୀବନ ଆମର କୁସୁମିତ କର
ଢାଳ ଗୋ ଆଶିଷ ଧାରା।
ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୯୩୯୧

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ନଭେମ୍ବର ୧୨/୨୦୧୮





ଉତ୍ତରାଖଣ୍ଡର ପିଥୋରଗଡ଼ ଜିଲାରେ ରବିବାର ଏକ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ଥିଲା ୫.୦। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। କ୍ଷୟକ୍ଷତି ସମ୍ପର୍କରେ ମଧ୍ୟ ସେମିତି କିଛି ସୂଚନା ମିଳିନାହିଁ। ଉତ୍ତରାଖଣ୍ଡରେ ଯେ କୌଣସି ସମୟରେ ବଡ ଧରଣର ଭୂକମ୍ପର ସମ୍ଭାବନା ରହିଛି ବୋଲି ପୂର୍ବରୁ କେନ୍ଦ୍ରୀୟ ଭୂବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ହାତୀ ସୁରକ୍ଷା ପାଇଁ ନିଯୁକ୍ତ ହେବେ ଅଫିସର

ଭୁବନେଶ୍ୱର,୧୧।୧୧(ବ୍ୟୁରୋ): ରାଜ୍ୟରେ ପ୍ରଶାସନିକ ଅବହେଳା କାରଣରୁ ହାତୀ ମୃତ୍ୟୁ ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଢେଙ୍କାନାଳ ଜିଲାରେ ବିଦ୍ୟୁତ୍ ତାର ଲାଗି ୭ଟି ହାତୀଙ୍କ ମୃତ୍ୟୁ ହୋଇଥିଲା। ତେଣୁ ହାତୀଙ୍କ ସୁରକ୍ଷା ପାଇଂ ରାଜ୍ୟ ପ୍ରଶାସନ ସ୍ୱତନ୍ତ୍ର ଅଫିସରଙ୍କୁ ନିଯୁକ୍ତ ଦେବାକୁ ନିଷ୍ପତ୍ତି ନେଇଛି। ଏଣିକି ପ୍ରତି ଜିଲାରେ ଏସ୍‌ଡିଓ ପାହ୍ୟାର ଜଣେ ଅଫିସର ଜିଲାସ୍ତରରେ ନିଯୁକ୍ତି ପାଇବେ ବୋଲି ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ସୂଚନା ଦେଇଛନ୍ତି। ସୁଶାନ୍ତ କହିଛନ୍ତି ଯେ, ନିଯୁକ୍ତ ଅଫିସରମାନେ ବିଭିନ୍ନ ଜିଲାରେ ହାତୀଙ୍କ ଯିବା ଆସିବା ଉପରେ ନଜର ରଖିବେ। ହାତୀପଲ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗଲାବେଳେ ଯେପରି କୌଣସି ପ୍ରଶାସନିକ ତ୍ରୁଟିଜନିତ ଦୁର୍ଘଟଣା ନ ଘଟେ, ସେଥିପ୍ରତି ଚେଷ୍ଟା କରିବେ। ଉକ୍ତ ଅଫିସର ଶକ୍ତି ଏବଂ ଜଙ୍ଗଲ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବେ ବୋଲି ମନ୍ତ୍ରୀ କହିଛନ୍ତି। ଦୁର୍ଘଟଣାଜନିତ ହାତୀ ମୃତ୍ୟୁକୁ ସମ୍ପୂର୍ଣ୍ଣ ହ୍ରାସ କରିବା ପାଇଁ ସମସ୍ତ ଚେଷ୍ଟା କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। କେରଳରେ ଫସି ରହିଥିବା ଓଡ଼ିଆ ଲୋକଙ୍କ ଉଦ୍ଧାର ପାଇଁ ଶ୍ରମ ବିଭାଗ ତତ୍ପରତା ପ୍ରକାଶ କରିଛି। ସେମାନଙ୍କ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ଅଧିକାରୀ ତୁରନ୍ତ କେରଳ ଗସ୍ତ କରିବେ ବୋଲି ଶ୍ରମ ମନ୍ତ୍ରୀ ସିଂ କହିଛନ୍ତି।

### କୋଣାର୍କ ମନ୍ଦିରରୁ ମୂର୍ତ୍ତି ହଟାଇ ପଥର ଖଞ୍ଜାଯିବା ପ୍ରସଙ୍ଗ

# କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିରରେ ଥିବା ବହୁ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ହଟାଇ ଦିଆଯାଇଛି। ସେହି କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ହଟାଯାଇ ସେହି ସ୍ଥାନରେ ସାଦା ପଥର ଲଗାଯାଇଛି। ଏ ନେଇ ଗଣମାଧ୍ୟମରେ ପ୍ରକାଶ ପାଇଛି। ଦେଶ ଏବଂ ଦେଶ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କର କୋଣାର୍କ ମୁଖ୍ୟ ଆକର୍ଷଣ। ତେଣୁ ଏହି ଘଟଣାର ତଦନ୍ତ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କୋଣାର୍କ ସୂର୍ଯ୍ୟମନ୍ଦିର ଓଡିଶା ମନ୍ଦିର ସ୍ଥାପତ୍ୟର ଚରମ ଉତ୍କର୍ଷ। ଏହା ଓଡିଶାବାସୀଙ୍କ ଗର୍ବ। ଓଡିଆ ଲୋକମାନଙ୍କ ଭାବାବେଗ ସହ ଜଡିତ। ଏହି ମନ୍ଦିର ୧୩ଶହ ଶତାବ୍ଦୀରେ ୧୨ଶହ ବଢେଇଙ୍କ ସହଯୋଗରେ ରାଜା ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିଲେ। ବର୍ତ୍ତମାନ ଏହି ମନ୍ଦିରର କେବଳ ଜଗମୋହନ ରହିଛି, ତାହା ମଧ୍ୟ ଧୀରେ ଧୀରେ କ୍ଷୟ ହେବାରେ ଲାଗିଛି। ବିଶ୍ୱ ଦରବାରରେ କଳା କାରୁକାର୍ଯ୍ୟ ପାଇଁ ସ୍ୱତନ୍ତ୍ର ପ୍ରତିଷ୍ଠା ଲାଭ କରିଥିବା କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ବରବାଦ କରିଦେବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ ହୋଇଛି। ଏହି ମନ୍ଦିର ମୁଖଶାଳାର ପ୍ରାୟ ୪୦ପ୍ରତିଶତ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ପରିବର୍ତ୍ତନ କରାଯାଇ ତା'ସ୍ଥାନରେ ସାଦା ପଥର ଖଣ୍ଡ ଲଗାଇ ଦିଆଯାଇଛି। ଏହି ଖବର ଆମ ସମସ୍ତଙ୍କ ପାଇଁ ଚିନ୍ତା ଏବଂ ଦୁଃଖର ବିଷୟ ପାଲଟିଛି। ମୁଁ ଅନୁଭବ କରୁଛି ମନ୍ଦିର ଉପରେ ଏଏସ୍‌ଆଇ ଅଧିକାରୀମାନେ ଯେତିକି ଧ୍ୟାନ ଦେବା କଥା ତାହା ଦେଉ ନାହାନ୍ତି। ଏହି ଅଧିକାରୀମାନେ ମନ୍ଦିର ଉପରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଉପରୋକ୍ତ ଘଟଣାର ଠିକ୍ ତଦନ୍ତ କରାଯିବା ସହ ଏଏସ୍‌ଆଇ ଅଧିକାରୀମାନେ ଏ ବାବଦରେ ବିହିତ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

କିଛିଦିନ ହେବ ଅଣଓଡିଆ ଏଏସ୍‌ଆଇ ଅଧିକାରୀଙ୍କ ହାତରେ କୋଣାର୍କ ମନ୍ଦିରର ଭାଗ୍ୟ ଟେକି ଦିଆଯାଇଛି। ଏହାପରେ କୋଣାର୍କ ମନ୍ଦିରର କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତିଗୁଡିକ ଏପଟ ସେପଟ କରାଯାଇଥିବା ଲକ୍ଷ୍ୟ କରାଯାଇଛି। ମରାମତି ନାଁରେ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ହଟାଯାଉଛି ବୋଲି ଆଲୋଚନା ହେଉଛି।

### ୩୦ ମୃତ ବିଦେଶୀ ପକ୍ଷୀ ଜବତ : ୨ ଶିକାରୀ ଗିରଫ

ଟାଙ୍ଗୀ (ଖୋର୍ଦ୍ଧା), ୧୧।୧୧ (ଡି.ଏନ.ଏ.)

ଟାଙ୍ଗୀ ବନାଞ୍ଚଳ ବନ୍ୟପ୍ରାଣୀ ବିଭାଗ ତରଫରୁ ରବିବାର ଚଢାଉ କରାଯାଇ ୩୦ ମୃତ ବିଦେଶୀ ପକ୍ଷୀ ଜବତ ସହ ୨ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସ୍ଥାନୀୟ ଉଜଳା ଗୋପୀନାଥପୁରର ବାବୁଲି ପ୍ରଧାନ ଓ ଗୋପୀନାଥ ପରିଡ଼ା। ବାଲିପାଟପୁର ଓ ଅଭିମାନପୁର ରିଙ୍ଗ୍‌ବନ୍ଧରେ ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୨ ମୋଟରସାଇକେଲ ଜବତ କରାଯାଇଥିବା ବନ୍ୟପ୍ରାଣୀ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି। ଚଳିତ ବର୍ଷର ଏହା ପ୍ରଥମ ଘଟଣା ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ମୃତପକ୍ଷୀଙ୍କ ମଧ୍ୟରେ ନରଦ୍‌ନ ପିଟଲ, କମନ୍ କୁଡ୍, ଲାର୍ଜ ୱଇସିଲ୍, ଟିଲ୍, ଉରସିଆନ୍ ଓ ଉଜେନ ଆଦି ରହିଛି। ଚଢ଼ାଉରେ ବନ୍ୟପ୍ରାଣୀ ଅଧିକାରୀଙ୍କ ସମେତ ବନପାଳ ପ୍ରଣୟ କୁମାର ଜୟସିଂହ, ଶିବ ପ୍ରସାଦ ପଲାଇ, ରାଧାକାନ୍ତ ହୋତା ଓ ଅର୍ଜୁନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

### ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆଜି

# ମାଲକାନଗିରି ସୀମା ସିଲ୍, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ମାଲକାନଗିରି,୧୧।୧୧ (ଡି.ଏନ୍.ଏ.)

ମାଲକାନଗିରି ସୀମାନ୍ତବର୍ତ୍ତୀ ଛତିଶଗଡ଼ରେ ସୋମବାର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ହେବ। ଏହି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସମ୍ପୂର୍ଣ୍ଣ ମାଓବାଦୀପ୍ରବଣ ବସ୍ତରରେ ହେଉଛି। ସୁକୁମା, ଦାନ୍ତେୱାଡା, ନାରାୟଣପୁର, ବିଜାପୁର, ବସ୍ତର, କୋଣ୍ଡାଗାଁ, କାଙ୍କେର, ରାଜନନ୍ଦଗାଁ ପ୍ରଭୃତି ଜିଲାରେ ସୋମବାର ଭୋଟ ଗ୍ରହଣ ହେବ। ଏନେଇ ଛତିଶଗଡ ଓ ମାଲକାନଗିରି ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ମାଲକାନଗିରି ଜିଲା ଏସ୍‌ପି ଓ ଜିଲାପାଳଙ୍କୁ ସଜାଗ ରହିବା ସହ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏହି ନିର୍ଦ୍ଦେଶ ପରେ ଜିଲା ସୀମାନ୍ତକୁ ସିଲ୍ କରାଯାଇଛି। ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି,) ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରି ଫୋର୍ସ (ଡିଭିଏଫ୍) ପକ୍ଷରୁ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ମାଓବାଦୀ ହିଂସାକୁ ପ୍ରତିହତ କରିବା ପାଇଁ ଛତିଶଗଡ ସୀମା ସୁକୁମାକୁ ଲାଗିଥିବା କାଲିମେଳା, ପଡିଆ, ମୋଟୁ ଅଞ୍ଚଳରେ ଯବାନଙ୍କୁ ମୁତୟନ କରାଯାଇଥିବା ମାଲକାନଗିରି ଏସ୍‌ପି ଜଗମୋହନ ମୀନା କହିଛନ୍ତି। ଗୋଇନ୍ଦା ତଥ୍ୟ ଆଦାନପ୍ରଦାନ ଜାରି ରହିଛି। ରବିବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପୋଲିଂ ପାର୍ଟି ବୁଥ୍‌ରେ ପହଞ୍ଚି ଯାଇଛନ୍ତି। ସିଆରପିଏଫ୍, ବିଏସ୍‌ଏଫ୍, ସିସିଏଫ୍, କୋବ୍ରା ବାହିନୀ ଭଳି ୨୫ ହଜାରରୁ ଊର୍ଦ୍ଧ୍ୱ ଯବାନଙ୍କୁ ନିୟୋଜିତ କରାଯାଇଛି। ହିଂସାମୁକ୍ତ ଓ ଅବାଧ ନିର୍ବାଚନ କରିବା ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ଏସ୍‌ପି କହିଛନ୍ତି।

### ବଲାଙ୍ଗୀର ଲୋକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# କଳା, ସଂସ୍କୃତି ମାଧ୍ୟମରେ ବିକାଶ ହୋଇପାରିବ

ବଲାଙ୍ଗୀର ଅଫିସ, ୧୧।୧୧

ବଲାଙ୍ଗୀର ଲୋକଉତ୍ସବର ଦିତୀୟ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଦଳ ଦର୍ଶକଙ୍କ ମନ ମୋହିଥିଲେ। ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, ଉପଜିଲାପାଳ ଭୈରବ ସିଂ ପଟେଲ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଅତିଥି କଳାକାରଭାବେ ବର୍ଷିୟାନ କଳାକାର କୁଞ୍ଜବିହାରୀ ମେହେର ମଞ୍ଚାସୀନ ଥିଲେ। ସଭାକୁ ଗୋପାଳ ପ୍ରଧାନ ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ବରିଷ୍ଠ ମଞ୍ଚ ଓ ସିନେ କଳାକାର ସତ୍ୟନାରାୟଣ ବେହେରା ବକ୍ତବ୍ୟ ରଖି କୋଶଳ କଳାମଣ୍ଡଳର କଳା ପ୍ରାଚୁର୍ଯ୍ୟକୁ ସ୍ମରଣ କରିଥିଲେ। ଏହି ଅବସରରେ ବେଲପଡା ବ୍ଲକ୍ ସଲଣ୍ଡି ଗାଁର ବରିଷ୍ଠ କଳାକାର ସାଗର ପୁଞ୍ଜିଙ୍କୁ ଅତିଥିମାନେ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟଅତିଥି ବିଧାୟକ ସିଂଦେଓ ତାଙ୍କ ବକ୍ତବ୍ୟରେ କୋଶଳ କଳାମଞ୍ଚ କଳା ଓ ସଂସ୍କୃତିର ମଞ୍ଚ। ଏଠି କଳା ଓ ସଂସ୍କୃତିର ବିକାଶ ଦିଗରେ ଆଲୋଚନା ହେବା କଥା ବୋଲି କହିଥିଲେ। କଳା ଓ ସଂସ୍କୃତିର ବିକାଶ ହେଲେ ଗୋଟିଏ ଅଞ୍ଚଳ ବିକଶିତ ହୋଇଥାଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ସମବାୟ ବ୍ୟାଙ୍କ ସଭାପତି ମେହେର ତାଙ୍କ ବକ୍ତବ୍ୟରେ ଭୀମପାହାଡର ଐତିହ୍ୟ ସମ୍ପର୍କରେ ଉଲ୍ଲେଖ କରି କୋଶଳ କଳାମଣ୍ଡଳରୁ ପ୍ରକାଶିତ ହେଉଥିବା ଚତୁରଙ୍ଗ ସାହିତ୍ୟ ପତ୍ରିକାର ପୁନଃ ପ୍ରକାଶ କରାଯିବାକୁ କହିଥିଲେ। ପଶ୍ଚିମ ଓଡିଶାର ୧୦ଟି ଜିଲାର ୧ କୋଟି ୭୫ ଲକ୍ଷ କହୁଥିବା କୋଶଲୀ-ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ଭାଷା ମାନ୍ୟତା ଦିଆଯିବାକୁ ସେ ଦାବି କରିଥିଲେ। ଅନ୍ୟତମ ଅତିଥି ଜିଲା ପରିଷଦ ଅଧକ୍ଷା ମହାନନ୍ଦ କଳା ଓ ସଂସ୍କୃତିକୁ ବଞ୍ଚାଇବା ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଉପଜିଲାପାଳ ପଟେଲ ଲୋକଉତ୍ସବ ଓ ପଲ୍ଲୀଶ୍ରୀ ମେଳା ଜରିଆରେ ହେଉଥିବା ବିଭିନ୍ନ ସକରାତ୍ମକ କାମ ଉପରେ କହିଥିଲେ। ଶେଷରେ ଗୋପାଳ ପ୍ରଧାନ ଧନ୍ୟବାଦ ଦେଇଥିଲେ। ମୁଖ୍ୟଅତିଥି ଆସିବାରେ ବିଳମ୍ବ କରିଥିବାରୁ ଦ୍ୱିତୀୟ ଦିନର ସଭାଟି ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା। ଫଳରେ ସଭା ପୂର୍ବରୁ ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ କଳାହାଣ୍ଡି ଜିଲାର ନୃତ୍ୟଦଳ, ଗଞ୍ଜାମ ଓ ରାୟଗଡାର ନୃତ୍ୟଦଳ, ଆସାମର ବିହୁ, ପଞ୍ଜାବର ଭାଙ୍ଗଡ଼ା ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା।



ବରିଷ୍ଠ କଳାକାର ସାଗର ପୁଞ୍ଜିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ଭାଜପାର ଜନ ପରାମର୍ଶ ପଦଯାତ୍ରା ଆରମ୍ଭ

### ୧୯ବର୍ଷ ହେଲା ରାଜ୍ୟରେ ପିସି କାରବାର ଚାଲିଛି: ଭାଜପା

ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)

ଭାଜପାର ୧୨୦ ପ୍ଲସ୍ ମିଶନ ଲକ୍ଷ୍ୟ ଆଗେଇ ଚାଲିଛି। ଦୀର୍ଘ ୧୯ବର୍ଷ ଧରି ରାଜ୍ୟରେ ପିସି ସରକାର ଚାଲିଛି। ସବୁ ସ୍ତରରେ ବିନା ପିସିରେ କୌଣସି କାର୍ଯ୍ୟ ହେଉନାହିଁ। ଏପରି କି ଯୋଜନା ପାଇବା ପାଇଁ ଯୋଗ୍ୟ ହିତାଧିକାରୀକୁ ପିସି ଦେବାକୁ ପଡୁଛି। ସାଧାରଣ ଲୋକ ଶୋଷଣର ଶିକାର ହେଉଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟରେ ଅନେକ ସମ୍ଭାବନା ଥିବା ସତ୍ତ୍ୱେ ବିକାଶ ହେଉନାହିଁ। ଆଗାମୀ ଦିନରେ କିଭଳି ରାଜ୍ୟରେ ବିକାଶ ହେବାସହ ସୁଶାସନ ଫେରିବ ସେଥିପାଇଁ ସାଧାରଣ ଜନତାଙ୍କଠାରୁ ପରାମର୍ଶ ଲୋଡାଯିବ ବୋଲି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି।

ଭାଜପା ଜନ ପରାମର୍ଶ ପଦଯାତ୍ରା ରବିବାରଠାରୁ ଆରମ୍ଭ ହୋଇଛି। ରାଜ୍ୟର ୩୬, ୬୦୬ ବୁଥ୍, ୫୧ ହଜାର ଗାଁ ଏବଂ ୧୦୦୨ମଣ୍ଡଳରେ ଏହି ପଦଯାତ୍ରା ଚାଲିବ। ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାକୁ ବସନ୍ତ ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଏହି ଜନ ପରାମର୍ଶ ପଦଯାତ୍ରା ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବା ସହ ବିଜେଡି ସରକାରର ଅପାରଗତା ସମ୍ପର୍କରେ ଅବଗତ କରାଯିବ ବୋଲି ବସନ୍ତ କହିଛନ୍ତି। ପୂର୍ବରୁ ଭାଜପା ଆୟୁଷ୍ମାନ ଭାରତକୁ ରାଜ୍ୟରେ ଲାଗୁ କରିବା ପାଇଁ ଜନଜାଗରଣ ଯାତ୍ରା, ବୁଥ କମିଟି ଗଠନ, ସଭ୍ୟ ସଂଗ୍ରହ ପାଇଁ ଯାତ୍ରା, ବ୍ଲକ ଘେରାଓ, ଆରଆଇ ଅଫିସ ଘେରାଓ, ପଞ୍ଚାୟତ ଅଫିସ ତାଲା ପକାଇବା, ମହିଳା ସୁରକ୍ଷା ଯାତ୍ରା, ଯୁବ ମୋର୍ଚ୍ଚା ପକ୍ଷରୁ ନିୟୋଜନ ଅଫିସରେ ତାଲା ପକାଇବା ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଲୋକମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଭାଜପା ଆନ୍ଦୋଳନ କରି ଆସୁଛି ବୋଲି ବସନ୍ତ କହିଛନ୍ତି। ଏହି ପଦଯାତ୍ରାରେ ଦଳର ବହୁ ନେତା ସାମିଲ ହୋଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।




ଭାଜପାର ଜନ ପରାମର୍ଶ ପଦଯାତ୍ରା

### ପୋଲିସ-ଆଇନଜୀବୀ ବିବାଦ

# ତିନି ଘଣ୍ଟାର ବୈଠକ, ବାହାରିପାରିଲାନି ନିଷ୍କର୍ଷ

## ଆଜି ବାର ଆସୋସିଏଶନ୍ ବୈଠକରେ ହେବ ନିଷ୍ପତ୍ତି

କଟକ ଅଫିସ,୧୧।୧୧

ହାଇକୋର୍ଟରେ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିବା ଘଟଣାକୁ ନେଇ ପ୍ରାୟ ଅଢ଼େଇ ମାସ ହେଲା ଜାରି ରହିଛି ବିବାଦ। ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ତାହାର ସମାଧାନ ପାଇଁ ରବିବାର ଏକ ଉଚ୍ଚସ୍ତରୀୟ ବୈଠକ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରସ୍ଥ ଆଇପିଏସ୍ ମେସ୍ ହଲ୍‌ରେ ବସିଥିଲା। ରବିବାର ଅପରାହ୍ନ ୫ଟାରେ ବୈଠକ ଆରମ୍ଭ ହୋଇଥିବାବେଳେ ରାତି ୮ଟା ପର୍ଯ୍ୟନ୍ତ ଘଟଣା ସମ୍ପର୍କରେ ତର୍ଜମା କରାଯାଇଥିଲା। ଉଭୟ ପକ୍ଷ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ହେଲେ ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନ ନାହିଁ। ସୋମବାର ହାଇକୋର୍ଟ ବାର କାଉନ୍‌ସିଲ ବୈଠକରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ସୂଚନା ଦେଇଛନ୍ତି।

ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହାଇକୋର୍ଟ ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସାମିଲ ଥିଲେ। ସେହିପରି ଓଡ଼ିଶା ପୋଲିସ ପକ୍ଷରୁ ପୋଲିସ କମିଶନର ସତ୍ୟଜିତ ମହାନ୍ତି, କଟକ ଡିସିପି ଅଖିଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ ଆଇନଜୀବୀ-ପୋଲିସ ବିବାଦର ସବୁ ପୃଷ୍ଠଭୂମି ଉପରେ ଆଲୋଚନା କରାଯାଇଥିଲା। ପୋଲିସ ଘଟଣାରେ କେଉଁ କେଉଁ ଦିଗ ଉପରେ ତଦନ୍ତ କରିଛି ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ଡିଜିପି ଶର୍ମା କହିଥିଲେ। ତେବେ ଘଟଣାରେ ନିଲମ୍ବିତ ହୋଇଥିବା ପୋଲିସ କର୍ମଚାରୀମାନଙ୍କ ଉପରୁ ଇତିମଧ୍ୟରେ ନିଲମ୍ବନ ଆଦେଶ ଉଠିସାରିଛି। ତେଣୁ ଆଇନଜୀବୀମାନେ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ଡିଜିପି କହିଛନ୍ତି, ପୋଲିସ ଆଇନ ଅନୁଯାୟୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଇସାରିଛି। ତେଣୁ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ନଜରରେ ରଖି ଆଇନଜୀବୀ ସଂଘ ଆନ୍ଦୋଳନର ପରବର୍ତ୍ତୀ ରୂପରେଖ ଉପରେ ଉଚିତ ନିଷ୍ପତ୍ତି ନେଉ।

ହାଇକୋର୍ଟ ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ କହିଛନ୍ତି, ବୈଠକରେ ସକାରାତ୍ମକ ଆଲୋଚନା ହୋଇଛି। ହେଲେ ଏହା ପରେ ଆମେ ଆନ୍ଦୋଳନରୁ ଓହରିବୁ କି ନାହିଁ ତାହା ସୋମବାର ବାର ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଆଲୋଚନା ପରେ କହିହେବ।

ସିପାହୀ, ହାବିଲଦାର ଓ କନଷ୍ଟେବଳ ମହାସଂଘର ସଭାପତି ସନ୍ତୋଷ ଶତପଥୀ କହିଛନ୍ତି, ଆମ ମଧ୍ୟରେ ଲାଗି ରହିଥିବା ବିବାଦର ଆପୋସ ସମାଧାନ ହୋଇଯାଇଛି। ଯାହା ଆମ ମଧ୍ୟରେ ତିକ୍ତତା ଥିଲା ତାହା ଉପରେ ଆଲୋଚନା ହୋଇଥିଲା। ସୋମବାର ଆଇନଜୀବୀମାନେ ଆନ୍ଦୋଳନ ବନ୍ଦ କରିବେ ବୋଲି ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।

ଡିସିପି ଅଖିଳେଶ୍ୱର କହିଛନ୍ତି, ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ସେମାନେ କେତେକ ଦାବି ରଖିଥିବା ବେଳେ ଉଭୟ ପୋଲିସ ଏବଂ ଆଇନଜୀବୀମାନେ କିଛି ସମୟ ନେଇଛନ୍ତି। ଆଇନଜୀବୀମାନେ ଆନ୍ଦୋଳନ ସ୍ଥଗିତ କରିବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ଅନ୍ୟପକ୍ଷରେ ହାଇକୋର୍ଟରେ ଘଟଣାକୁ ନେଇ ରୁଜୁ ହୋଇଥିବା ମାମଲା ଶୁଣାଣି ସୋମବାର କରାଯିବ। ଏହାପରେ ବାର ଆସୋସିଏଶନ୍ ବୈଠକ ବସିବ। ତଣୁ ଆଇନଜୀବୀମାନଙ୍କ ଦୀର୍ଘଦିନର କାର୍ଯ୍ୟବନ୍ଦ ଆନ୍ଦୋଳନର ଭବିଷ୍ୟତ କ'ଣ ହେବ ତାହା ସୋମବାର ସ୍ପଷ୍ଟ ହେବ।



ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପରିସରସ୍ଥ ଆଇପିଏସ୍ ମେସ୍ ହଲ୍‌ରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପୋଲିସ ଓ ଆଇନଜୀବୀ।




## ପ୍ରେସ୍ ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

No.DADLS-168: ଆସନ୍ତା ନଭେମ୍ବର ୧୬ ତାରିଖ ଦିନ ଜାତୀୟ ପ୍ରେସ୍ ଦିବସ – ୨୦୧୮ ପାଳନ ଅବସରରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଗଣଯୋଗାଯୋଗ (Mass Communication) ପ୍ରତିଷ୍ଠାନଗୁଡିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିମ୍ନୋକ୍ତମତେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ।

| | | |
|---|---|---|
| **ବକ୍ତୃତା ପ୍ରତିଯୋଗିତା** | - | **ତା୧୩।୧୧।୨୦୧୮ରିଖ** |
| **ସମୟ** | - | **ସକାଳ ୧୧ଘଟିକା** |
| **ସ୍ଥାନ** | - | **ସମ୍ମିଳନୀ କକ୍ଷ, ସୂଚନା ଓ ଲୋକସମ୍ପର୍କ ବିଭାଗ ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର** |
| **ବିଷୟବସ୍ତୁ** | - | **ଗଣମାଧ୍ୟମ ସମ୍ପର୍କିତ** |

**ବିଶେଷ ସୂଚନା:-**

- ଉକ୍ତ ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅନ୍ୟୁନ ଏକ ଘଣ୍ଟା ପୂର୍ବରୁ ଆସି ପଞ୍ଜୀକରଣ କରାଇବେ।
- ପ୍ରତିଯୋଗୀମାନେ ଶିକ୍ଷାନୁଷ୍ଠାନ ପରିଚୟପତ୍ର / ଅଧକ୍ଷ ବା ଅଧକ୍ଷାଙ୍କଠାରୁ ଅନୁମତିପତ୍ର ଆଣିବା ଆବଶ୍ୟକ।
- ବକ୍ତୃତା ପ୍ରତିଯୋଗିତାର ଶୀର୍ଷକ ବା ବିଷୟବସ୍ତୁ ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ଘୋଷଣା କରାଯିବ।
- କୃତୀ ପ୍ରତିଯୋଗୀମାନଙ୍କୁ ତା୧୬।୧୧।୨୦୧୮ରିଖ ଦିନ ଗୀତ ଗୋବିନ୍ଦ ସଦନରେ ଦିବା ୧୧ ଘଟିକା ସମୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରେସ୍-ଦିବସ ପାଳନ ଉତ୍ସବରେ ପୁରସ୍କୃତ କରାଯିବ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0375/1819

# ଅଯଥାରେ

ବିମୁଦ୍ରୀକରଣକୁ ନଭେମ୍ବର ୮ରେ ଦୁଇ ବର୍ଷ ପୂରିଛି। ୨୦୧୬ ନଭେମ୍ବର ୮, ମଙ୍ଗଳବାର ଭାରତରେ ୫୦୦ ଓ ୧୦୦୦ ଟଙ୍କିଆ ଦୁଇଟି ବଡ଼ ନୋଟ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହଠାତ୍ ଘୋଷଣା କରି ଅଚଳ କରିଦେଇଥିଲେ। ସେତେବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ କଳାଧନ ରୋକିବା, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ ଏବଂ ଜାଲ ନୋଟ୍ ଧରିବାରେ ବିମୁଦ୍ରୀକରଣ ସହାୟକ ହେବ। ହେଲେ ଦୁଇବର୍ଷ ପରେ ଏହାର କୌଣସି ଲକ୍ଷ୍ୟ ସାଧିତ ହୋଇପାରି ନାହିଁ। ବରଂ ଜନସାଧାରଣ ଏଥିଯୋଗୁ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ନୂଆ ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ ଦ୍ୱାରା ଅର୍ଥନୀତିରେ ଅଭିବୃଦ୍ଧି ଘଟିବ ବୋଲି ଆଶ୍ୱାସନା ଦିଆଯାଇଥିଲା। ଧନୀଙ୍କ ପାଖରେ ଥିବା କଳାଧନ ହଟିଗଲେ କେବଳ ଧଳା ଟଙ୍କା ଅର୍ଥନୀତିକୁ ସମୃଦ୍ଧ କରିବ ବୋଲି ସରକାରଙ୍କୁ ସମର୍ଥନ କରୁଥିବା ଅର୍ଥନୀତିଜ୍ଞମାନେ ମତ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିକୁ ଦେଖି ସେମାନେ ଏବେ ମୁହଁ ଲୁଚାଇଲେଣି।

ବିମୁଦ୍ରୀକରଣ ଘୋଷଣା ପରେ ୨୦୧୬ ନଭେମ୍ବର ୧୪ରେ 'କଳା ଓ ଧଳା' ଶୀର୍ଷକରେ ଆମେ ଏହି ସ୍ତମ୍ଭରେ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲୁ। କହିଥିଲୁ ଯେ, ଟଙ୍କା ଥରେ ଅଚଳ ହେବା ପରେ ବ୍ୟାଙ୍କଗୁଡ଼ିକ ତାହାକୁ କାହିଁକି ଗ୍ରହଣ କରୁଛନ୍ତି ବୁଝିବା ଅସମ୍ଭବ। ସେତେବେଳେ ଆମର ଏହି ଯୁକ୍ତିକୁ ଅନେକ ବିରୋଧ କରିଥିଲେ। ହେଲେ ଦୁଇବର୍ଷ ପରେ ଆଜି ସେହି ଲୋକମାନେ ବାସ୍ତବତାକୁ ବୁଝି ନୀରବ ରହୁଥିବା ଦେଖିବା ପରେ ଆମ ଆକଳନ ଠିକ୍ ଥିଲା ବୋଲି କହିପାରିବୁ। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସ୍ୱୀକାର କରିଛି ଯେ, ବ୍ୟାଙ୍କଗୁଡ଼ିକୁ ଫେରିଆସିଥିବା ଅଚଳ ନୋଟ୍ ପରିମାଣ ହେଉଛି ୯୯.୩ ପ୍ରତିଶତ। ଅର୍ଥାତ୍ ଫେରିପାରି ନ ଥିବା ୦.୭ ପ୍ରତିଶତ ଟଙ୍କା ମଧ୍ୟରେ ଲୋକେ ଅର୍ଥ ଫେରାଇବାରେ ଅସମର୍ଥ ହୋଇଛନ୍ତି କିମ୍ବା ସେମାନଙ୍କଠାରେ ଚିରା ନୋଟ୍ ରହିଥାଇପାରେ ବୋଲି କୁହାଯାଇପାରିବ। ଏବେ ଆଉ ଏକ ସମସ୍ୟା ସରକାରଙ୍କ ଆଗରେ ଉଭା ହୋଇଛି। ନେପାଳ ସମେତ ଅନ୍ୟ କେତେକ ରାଷ୍ଟ୍ରରେ ପଡ଼ିରହିଥିବା ଅଚଳ ଟଙ୍କାକୁ ସଚଳ କରାଯାଇପାରୁ ନାହିଁ କି ଭାରତ ସରକାର ଏ ସଂକ୍ରାନ୍ତ ନିଷ୍ପତ୍ତି ନେବାରେ ବିଫଳ ହୋଇଛନ୍ତି। ଯଦି ସେହିସବୁ ରାଷ୍ଟ୍ରରୁ ଟଙ୍କା ଫେରାଇ ଅଣାଯିବ, ତାହା ହେଲେ ଆର୍‌ବିଆଇକୁ ଫେରିପାରି ନ ଥିବା ୦.୭ ପ୍ରତିଶତ ଟଙ୍କାଠାରୁ ଏହା ଅଧିକ ହେବା ସ୍ୱାଭାବିକ ଏବଂ ସମଗ୍ର ଅଚଳ ଟଙ୍କା ପରିମାଣ ୧୦୦ ପ୍ରତିଶତରୁ ଊର୍ଦ୍ଧ୍ୱକୁ ଚାଲିଯିବ। ସେଭଳି ସ୍ଥଳେ ସରକାରଙ୍କ ପକ୍ଷରୁ ଦେଶବାସୀଙ୍କୁ କେଉଁଭଳି ବାର୍ତ୍ତା ଦିଆଯାଇ ବୁଝାଇବାକୁ ଚେଷ୍ଟା କରାଯିବ, ତାହାକୁ ସମସ୍ତେ ଅନାଇ ବସିଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ୍ ନଭେମ୍ବର ୧୦ରେ ୟୁନିଭର୍ସିଟି ଅଫ୍ କାଲିଫର୍ନିଆରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ, ବିମୁଦ୍ରୀକରଣ ଓ ଜିଏସ୍‌ଟି ପୂର୍ବରୁ ଭାରତ ଦ୍ରୁତଗତିରେ ଅଭିବୃଦ୍ଧି କରୁଥିଲା। ଏବେ ଦେଶର ଆବଶ୍ୟକତାକୁ ପୂରଣ କରିବା ଲାଗି ୭ ପ୍ରତିଶତ ଅଭିବୃଦ୍ଧି ଆଦୌ ଯଥେଷ୍ଟ ନୁହେଁ। ଯେଉଁଭଳି ଭାବେ ଲୋକେ ଶ୍ରମ ବଜାରକୁ ଆସୁଛନ୍ତି ଓ ସେମାନଙ୍କ ପାଇଁ ନିଯୁକ୍ତିର ଆବଶ୍ୟକତା ରହିଛି, ସେହି ଅନୁଯାୟୀ ଅଭିବୃଦ୍ଧି ହେଉନାହିଁ ବୋଲି ରାଜନ୍ କହିଛନ୍ତି। ଯେତେବେଳେ ବିଶ୍ୱ ଅର୍ଥନୀତି ଊର୍ଦ୍ଧ୍ୱମୁଖୀ ହେଉଥିଲା, ସେତେବେଳେ ମୋଦି ସରକାର ଦୁଇଟି ଅନାବଶ୍ୟକ ନିଷ୍ପତ୍ତି ନେଇଯିବାରୁ ଦେଶର ଅଭିବୃଦ୍ଧି ନିମ୍ନଗାମୀ ହେଲା ବୋଲି ରାଜନ୍ କହିଛନ୍ତି। ମୂଳରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉକ୍ତ ନିଷ୍ପତ୍ତିକୁ ପ୍ରାୟତଃ ବହୁ ଅର୍ଥନୀତିଜ୍ଞ ସମାଲୋଚନା କରିଆସୁଥିଲେ। ଏବେ ଆଇଏମ୍‌ଏଫ୍‌ର ଅର୍ଥନୈତିକ ପରାମର୍ଶଦାତା ବିମୁଦ୍ରୀକରଣକୁ ନକାରାତ୍ମକ ଭାବେ ସମାଲୋଚନା କରିଛନ୍ତି।

୨୦୧୭ ଜୁଲାଇ ପହିଲାରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ସରକାରୀ ସ୍ତରରେ ବାରମ୍ବାର କୁହାଗଲା ଯେ ଦେଶରେ ପରୋକ୍ଷ ଟିକସ ହାର ବୃଦ୍ଧି ପାଇବ। ଏହି 'ଏକ ଦେଶ, ଏକ ଟିକସ' ମାଧ୍ୟମରେ ପ୍ରତିମାସରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ରାଜସ୍ୱ ଆଦାୟ ହେବ ବୋଲି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ବାସ୍ତବ କ୍ଷେତ୍ରରେ କେବଳ ଦୁଇ ଥର ଏହି ଲକ୍ଷ୍ୟ ପୂରଣ ହୋଇପାରିଛି। ଅନ୍ୟ ସମୟରେ ଏହି ଟାର୍ଗେଟ୍ ଛୁଇଁ ନ ଥିବା ବେଳେ ଏବେ ପରିସ୍ଥିତି ନକାରାତ୍ମକ ଧରିଲାଣି। ଜିଏସ୍‌ଟି ପ୍ରଚଳନ ଗୋଟିଏ ବର୍ଷରୁ ଅଧିକ ସମୟ ବିତିଯାଇଥିବା ସତ୍ତ୍ୱେ ଏହା 'ଏକ ଟିକସ' ହୋଇପାରିନାହିଁ। ଏବେ ମଧ୍ୟ ସେହି ବ୍ୟବସ୍ଥାରେ ଅନେକ ଅସଜଡ଼ା ଦିଗ ରହିଛି। ଜିଏସ୍‌ଟି ପ୍ରଚଳନ ହେବା ପରେ ରାଜ୍ୟଗୁଡ଼ିକର ଆୟ ବଢ଼ିବ ବୋଲି ଯେଉଁ ଧାରଣା ସୃଷ୍ଟି କରାଯାଇଥିଲା, ତାହାର ବାସ୍ତବ ଚିତ୍ର ବର୍ତ୍ତମାନ ସର୍ବସମ୍ମୁଖକୁ ଆସିବା ଆରମ୍ଭ କଲା ବୋଲି କୁହାଯାଇପାରିବ। ଏଥିସହିତ ଉଲ୍ଲେଖ କରାଯାଇପାରେ ଯେ, ତାମିଲନାଡୁର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ଜୟଲଲିଥା ଏକମାତ୍ର ନିର୍ବାଚିତ ନେତା, ଯିଏ ଜିଏସ୍‌ଟିକୁ ନିଜ ରାଜ୍ୟର ସ୍ୱାର୍ଥରେ, ସମ୍ପୂର୍ଣ୍ଣ ବିରୋଧ କରି ଆସିଥିଲେ। ଅନ୍ୟପଟେ ଦେଶର ସବୁ ମୁଖ୍ୟମନ୍ତ୍ରୀ ଭୁଲ ନିଷ୍ପତ୍ତିକୁ ଅକୁଣ୍ଠ ସମର୍ଥନ ଜଣାଇଥିଲେ। ଏବକାର ପରିବର୍ତ୍ତିତ ପରିସ୍ଥିତିରେ ସେହି ନେତାମାନଙ୍କ ଦୂରଦୃଷ୍ଟିହୀନତା ସ୍ପଷ୍ଟ ବାରି ହୋଇଯାଉଛି ଏବଂ ଅଧିକାଂଶ ରାଜ୍ୟ ସରକାରଙ୍କ ତରଫରୁ ଜିଏସ୍‌ଟି ସମ୍ପର୍କରେ ଅସନ୍ତୋଷ ପ୍ରକାଶ କରାଗଲାଣି।

## ଚିରନ୍ତନୀ

ରୂପର ମୋହେ ମୁଗ୍ଧ କବି
ଅବାକ୍ ହୋଇ ରହିଲା ଚାହିଁ
ମୁରୁଛି ନାହିଁ ପାରେ
ପଥର ସେହି ଧାରେ।

(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | | | | | | | | B | | | 8 | |
| | | | | 9 | | | D | | 6 | | 0 | | A | |
| | | | | | E | | 7 | | | 5 | D | | | 6 |
| | | 2 | | | | 8 | 6 | | C | | 1 | 4 | | |
| E | | | | 8 | | | A | | | 9 | | | | B |
| C | | 7 | | | | | | 8 | | E | 5 | | | 9 |
| | | | E | | A | 3 | | | | | | | 0 | |
| | | | 7 | | | | B | E | | 4 | 9 | A | | |
| | | 4 | | | B | | 2 | | 0 | | 8 | 5 | | 1 |
| 6 | | A | 5 | 1 | | | | | 7 | | | | 3 | 2 |
| 9 | | | B | 3 | | D | 4 | 1 | | | E | | | |
| 5 | 2 | 6 | | | | 0 | | | | | | 9 | | |
| | 7 | | | | D | | | | 1 | | | 3 | 2 | |
| | | | | | | B | 3 | | | | A | | | 0 |
| | | | A | 7 | 5 | | C | 2 | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 0 | D | 1 | A | 5 | 3 | 2 | 9 | 8 | C | E | 4 | B | 7 |
| 4 | C | 5 | 7 | B | 3 | 6 | 0 | E | D | 9 | 2 | 8 | 1 | A |
| 1 | 2 | 7 | 9 | D | 8 | C | 5 | 4 | 3 | A | B | 0 | E | 6 |
| E | B | 9 | C | 2 | 6 | 8 | 1 | A | 7 | 0 | 4 | 3 | 5 | D |
| 8 | 3 | A | 4 | E | 0 | D | 7 | B | 5 | 6 | 1 | 2 | 9 | C |
| 7 | 4 | 0 | D | 5 | C | 1 | 9 | 2 | E | 8 | 6 | A | 3 | B |
| 2 | D | 3 | E | 7 | B | 5 | 6 | 8 | 9 | 4 | A | 1 | C | 0 |
| C | 1 | B | A | 8 | 4 | E | 3 | 0 | 2 | D | 7 | 9 | 6 | 5 |
| 5 | 8 | E | 6 | 9 | 1 | B | A | 7 | C | 3 | 0 | D | 4 | 2 |
| A | 9 | 6 | 3 | 0 | 2 | 4 | C | D | 1 | B | 5 | 7 | 8 | E |
| 0 | E | 8 | 2 | 4 | 9 | A | B | C | 6 | 7 | 3 | 5 | D | 1 |
| B | A | 1 | 5 | 6 | E | 9 | 8 | 3 | 0 | 2 | D | C | 7 | 4 |
| D | 6 | 4 | 8 | 3 | 7 | 2 | E | 5 | A | 1 | C | B | 0 | 9 |
| 3 | 7 | C | B | 1 | A | 0 | D | 6 | 4 | 5 | 9 | E | 2 | 8 |
| 9 | 5 | 2 | 0 | C | D | 7 | 4 | 1 | B | E | 8 | 6 | A | 3 |

ଗତକାଲିର ଉତ୍ତର

# ଅନ୍ନଦାତାର ଦୁଃଖ



ପ୍ରକାଶ ତ୍ରିପାଠୀ

ଅକ୍ଟୋବର ୩୧, ୨୦୧୮ ରାତ୍ର ୯ ଘଟିକା। ସୋନି ଚ୍ୟାନେଲରେ ପ୍ରସାରିତ ସର୍ବାଧିକ ଲୋକପ୍ରିୟ ଗେମ୍ ଶୋ 'କୌନ ବନେଗା କରୋଡପତି'ର ହଟ୍‌ସିଟ୍‌ରେ ବସିଥାନ୍ତି ମହାରାଷ୍ଟ୍ରର ଜଣେ ସାଧାରଣ କୃଷକ ଅନନ୍ତ କୁମାର ଖାଙ୍କେ। ସେଦିନ ଏହି ଗେମ୍ ଶୋ'ର ସଞ୍ଚାଳକ ଅମିତାଭ ବଚ୍ଚନ ଓ ହଟ୍‌ସିଟ୍ ଆସୀନ ଅନନ୍ତ କୁମାରଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ତଥା କିଛି ବାର୍ତ୍ତାଳାପ ଯେଉଁମାନେ ଟିଭିରେ ଦେଖିଥିବେ, ନିଶ୍ଚିତ ସେମାନଙ୍କ ଆଖିରେ ଲୁହ ଜମାଟ ବାନ୍ଧିଥିବ। ଅନନ୍ତ କୁମାର ସେଦିନ ନିଜର ଦୟନୀୟ ସ୍ଥିତି ବଖାଣିବା ଆଳରେ ଭାରତବର୍ଷର କୋଟି କୋଟି ସାଧାରଣ କୃଷକଙ୍କ ବାସ୍ତବ ଅବସ୍ଥାକୁ ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାରେ କେତେକାଂଶରେ ନିଶ୍ଚିତ ସଫଳ ହୋଇଛନ୍ତି। ଯେଉଁଦିନ ଗୁଜରାଟର ସର୍ଦ୍ଦାର ସରୋବର ଡ୍ୟାମ୍ ନିକଟରେ ୨୯୮୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୮୨ ମିଟର ଉଚ୍ଚତାବିଶିଷ୍ଟ ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ ୟୁନିଟି'କୁ ଉନ୍ମୋଚନ କରି ପ୍ରଧାନମନ୍ତ୍ରୀ ଏହାକୁ ଭାରତର କୋଟି କୋଟି ଜନସାଧାରଣଙ୍କ ଆବେଗ ସହ ଜଡ଼ିତ ଓ ଏହା ଦେଶର ଇଞ୍ଜିନିୟରମାନଙ୍କର ଜ୍ଞାନକୌଶଳ ଏବଂ ଦକ୍ଷତାର ପ୍ରତୀକ ବୋଲି ପ୍ରକାଶ କରିଥିଲେ, ସେହିଦିନ ଅନନ୍ତ କୁମାର କୌନ ବନେଗା କରୋଡପତିର ହଟ୍‌ସିଟ୍‌ରେ ବସି ନିଜର କରୁଣ କାହାଣୀ ମାଧ୍ୟମରେ ଭାରତର ଚାଷୀଭାଇମାନଙ୍କ ଦୟନୀୟ ସ୍ଥିତି ବୟାନ କରି ଭାରତକୁ ସ୍ତବ୍ଧ କରୁଥିଲେ। ଗୋଟିଏ ପଟେ ବିକାଶ ଓ ସମୃଦ୍ଧିର ବାର୍ତ୍ତା ପ୍ରଚାର ହେଉଥିଲା ବେଳେ ଅନ୍ୟପଟେ ଦୁଃଖ ଓ ଦୁର୍ଦ୍ଦଶାର ଛବି ଦେଖିବାକୁ ମିଳୁଥିଲା। ଗୋଟିଏ ପଟେ ବିଜ୍ଞାନ ଓ କାରିଗରି ମାଧ୍ୟମରେ ଉତ୍କର୍ଷର ପରିଚୟ ମିଳୁଥିଲା ବେଳେ ଅନ୍ୟପଟେ ଦାରିଦ୍ର୍ୟ ଓ ଭୋକର ମର୍ମସ୍ପର୍ଶୀ ଚିତ୍ର ଦେଖାଯାଉଥିଲା। ଏହା ହିଁ ତ ଆଧୁନିକ ଭାରତର ବୈଚିତ୍ର୍ୟମୟ ସ୍ଥିତି।

କୌନ ବନେଗା କରୋଡପତିର ହଟ୍‌ସିଟ୍‌ରେ ବସି ଅମିତାଭଙ୍କ ଦ୍ୱାରା ପଚରା ଯାଉଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବାରେ ଝାଳନାଳ ହୋଇଯାଉଥିବା ଅନନ୍ତକୁମାରଙ୍କ ଚେହେରାରୁ ସ୍ପଷ୍ଟ ବୁଝି ହେଉଥିଲା ତାଙ୍କ ପାଇଁ ଏହି ପୁରସ୍କାର ରାଶି କେତେ ଅପରିହାର୍ଯ୍ୟ। ତାଙ୍କ ସହ ଆସି ଗ୍ୟାଲେରିରେ ବସିଥିବା ତାଙ୍କ ପତ୍ନୀ କାଞ୍ଚନଙ୍କୁ ସେଦିନ ଯେଉଁମାନେ ଟିଭିରେ ଦେଖିଥିବେ, ସେମାନେ ନିଶ୍ଚିତ ଅନୁମାନ କରିପାରିଥିବେ ଅନନ୍ତକୁମାରଙ୍କ ଦୟନୀୟ ଆର୍ଥିକ ସ୍ଥିତି। ହାତରେ କେଇପଟ ସାଧାରଣ ଚୁଡି ଓ ବେକରେ ଏକ କଳାସୂତାର ମାଳି ହିଁ ଥିଲା ତାଙ୍କ ଦେହରେ ଗହଣା। ପିନ୍ଧିଥିଲେ ଏକ ସାଧାରଣ ସୂତାଲୁଗା। ଅମିତାଭ ବଚ୍ଚନ ଏକ ପ୍ରଶ୍ନ ଛଳରେ ଏହାର କାରଣ ପଚାରନ୍ତେ ଅନନ୍ତକୁମାର ସ୍ୱାଭାବିକ ଭାବରେ ଯେଉଁ ଉତ୍ତର ଦେଇଥିଲେ, ସେଦିନ କେବଳ ଗ୍ୟାଲେରିରେ ବସିଥିବା ଦର୍ଶକ ନୁହନ୍ତି, ଏହାକୁ ଟିଭି ମାଧ୍ୟମରେ ଦେଖୁଥିବା କୋଟି କୋଟି ଭାରତୀୟଙ୍କ ଆଖିପତା ନିଶ୍ଚିତ ଓଦା ହୋଇଯାଇଥିବ। ମହାରାଷ୍ଟ୍ରର ଯେଉଁ ଅଞ୍ଚଳରେ ଅନନ୍ତ କୁମାର ରୁହନ୍ତି, ସେଠାକାର ସାମାଜିକ ପ୍ରଥା ଅନୁଯାୟୀ ଝିଅଟିଏ ବିବାହ ବେଳେ ଯେଉଁସବୁ ଗହଣା ପିନ୍ଧି ଶାଶୁଘରକୁ ଯାଇଥାଏ, ବାପଘରକୁ ବୁଲି ଆସିଲାବେଳେ ସେହିସବୁ ଗହଣା ପିନ୍ଧିବା ବାଧ୍ୟତାମୂଳକ। କାଞ୍ଚନ ଦେବୀଙ୍କ ସବୁ ଗହଣା ଗତ ଦୁଇବର୍ଷ ତଳେ ମହାଜନଙ୍କ ପାଖରେ ବନ୍ଧା ରଖି ଅନନ୍ତକୁମାର ସେହି ଟଙ୍କା କୃଷିକାର୍ଯ୍ୟରେ ଲଗାଇଛନ୍ତି। ଗତ ତିନିବର୍ଷ ହେବ କମ୍ ବର୍ଷା ଯୋଗୁ ଆଶାନୁରୂପ ଫସଲ ଅମଳ ହୋଇପାରୁନାହିଁ କି ଗହଣା ମୁକୁଳାଇ ହେଉନାହିଁ। ଗହଣା ନ ଥିବାରୁ କାଞ୍ଚନ ଦେବୀ ଗତ ତିନିବର୍ଷ ହେବ ବାପଘରକୁ ଯାଇପାରିନାହାନ୍ତି।

କୃଷକମାନଙ୍କୁ ଦେଶର ସବୁଠାରୁ ବଡ ଜୁଆଡି ଭାବେ ସେଦିନ ବର୍ଣ୍ଣନା କରିଥିଲେ ଅନନ୍ତକୁମାର, ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। ପ୍ରକୃତି ଉପରେ ଭରସା କରି କୃଷକମାନେ ଏକ ଅନିଶ୍ଚିତତା ଭିତରେ ସେମାନଙ୍କ ଜମିରେ ବିହନ ବୁଣିଥାନ୍ତି। ଯଦି ଠିକ୍ ସମୟରେ ଠିକ୍ ପରିମାଣର ବର୍ଷା ହୁଏ ଓ ପାଣିପାଗ ଅନୁକୂଳ ରୁହେ, ତେବେ ଫସଲ ଅମଳ ଠିକ୍ ରୁହେ, ନଚେତ୍ ସବୁ କ୍ଷତିରେ ଚାଲିଯାଏ। ଅନେକ ସମୟରେ ବର୍ଷା ଧୋକା ଦେଉଥିବାରୁ ଅନନ୍ତକୁମାର ଏକ ବୋରୱେଲ ମାଧ୍ୟମରେ ନିଜ ଜମିରେ ଜଳସେଚନର ବନ୍ଦୋବସ୍ତ କରିଛନ୍ତି। ମାତ୍ର ଦୁଃଖର କଥା, ଦିନକୁ ମାତ୍ର ୪ରୁ ୫ ଘଣ୍ଟା ବିଦ୍ୟୁତ୍ ରହୁଥିବାରୁ ଏହା ବିଶେଷ ସହାୟକ ହୋଇପାରୁନାହିଁ। ଅନନ୍ତ କୁମାର ତାଙ୍କର ୪ ଏକର ଜମିରେ ଚାଷ କରି ବର୍ଷକୁ ୫୦ରୁ ୬୦ ହଜାର ଟଙ୍କା ରୋଜଗାର କରନ୍ତି, ଯେଉଁଥିରେ କି ତାଙ୍କର ୨୫ରୁ ୩୦ ହଜାର ଟଙ୍କା ଉତ୍ପାଦନ ଖର୍ଚ୍ଚରେ ବିନିଯୋଗ ହୋଇଥାଏ। ମାସକୁ ମାତ୍ର ଦୁଇହଜାରରୁ ଅଢେଇହଜାର ଟଙ୍କାରେ ସେ ପରିବାର କିପରି ଚଳାନ୍ତି ବୋଲି ଅମିତାଭଙ୍କ ପ୍ରଶ୍ନରେ ଅନନ୍ତ କୁମାର କୁହନ୍ତି ଯେ, ଦିନରେ ପେଟପୂରା ଥରୁଟିଏ ମାତ୍ର ଖାଇପାରନ୍ତି। ଝିଅ ଓ ପୁଅକୁ ସେ ନା ଭଲରେ ଖାଇବାକୁ ଦେଇପାରନ୍ତି ନା ଭଲ ପାଠ ପଢାଇପାରନ୍ତି। ତାଙ୍କ ଅଞ୍ଚଳରେ ସମସ୍ତେ ଅତିବେଶି ହେଲେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢିପାରନ୍ତି। ନିଜେ ଅନନ୍ତ କୁମାର ତ୍ରୟୋଦଶ ଶ୍ରେଣୀ ପର୍ଯ୍ୟନ୍ତ ବହୁ କଷ୍ଟରେ ପଢିଥିବା ସ୍ୱୀକାର କରିଥିଲେ। ବର୍ଷକୁ ୪ ମାସ ସେମାନଙ୍କୁ ପିଇବା ପାଣି ମିଳି ନ ଥାଏ। ସେଥିପାଇଁ ଦୈନିକ ସେମାନଙ୍କୁ ଦୁଇରୁ ଚାରି କିମି ଯାଇ ଲିଟର ପିଛା ଏକଟଙ୍କା ଦରରେ ପିଇବା ପାଣି କିଣିବାକୁ ପଡିଥାଏ। ସବୁଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ କଥା କହିଥିଲେ ଖାଇବା ପ୍ଲେଟରେ ଖାଦ୍ୟ ନଷ୍ଟ ଉପରେ ଅନନ୍ତକୁମାର। ନିଜେ ଖାଦ୍ୟଶସ୍ୟ ଉତ୍ପାଦନ କରୁଥିବାରୁ ବିଭିନ୍ନ ସମୟରେ ଖାଦ୍ୟ ନଷ୍ଟ ଦେଖିଲେ ତାଙ୍କୁ ବହୁତ କଷ୍ଟହୁଏ ବୋଲି ପ୍ରକାଶ କରିବା ପରେ ଅମିତାଭ ବଚ୍ଚନ ଦେଶବାସୀଙ୍କୁ ଅନୁନୟ କରିଥିଲେ ଯେ, ନିଜେ କୃଷକଟିଏ ଦୁଇଓଳି ପେଟପୂରା ଖାଇବାକୁ ପାଉ ନ ଥିବା ବେଳେ ଅନ୍ୟମାନେ ଅଯଥାରେ ଖାଦ୍ୟ ନଷ୍ଟ କରିବା ଜଣେ କୃଷକଙ୍କୁ ଅପମାନ। ଅନନ୍ତକୁମାରଙ୍କ ଭଳି କୃଷକଭାଇମାନଙ୍କ ଦୁର୍ଦ୍ଦଶାକୁ ଉପଲବ୍ଧି କରି ସେମାନଙ୍କୁ ସହାୟତାର ହାତ ବଢାଇବାକୁ ଅମିତାଭ ନିବେଦନ କରିଥିଲେ। ଅନନ୍ତକୁମାରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ବେଳେ ତାଙ୍କୁ ଭୂମିପୁତ୍ର, ଅନ୍ନଦାତା ସମ୍ବୋଧନ କରୁଥିବା ଅମିତାଭ ପ୍ରକାଶ କରିଥିଲେ ଯେ, ବିଶାଖାପାଟଣାରେ ଏକ ଚଳଚ୍ଚିତ୍ର ଶୁଟିଂ ବେଳେ ମାତ୍ର ଦଶ ହଜାର ଓ ପନ୍ଦର ହଜାର ଟଙ୍କା ଋଣ ପରିଶୋଧ କରି ନ ପାରି କୃଷକମାନେ ଆତ୍ମହତ୍ୟା କରୁଥିବା କଥା ସେ ଜାଣିବାକୁ ପାଇଥିଲେ। ପ୍ରକାଶଯୋଗ୍ୟ ଯେ, ଏହାପରଠାରୁ ଅମିତାଭ ମହାରାଷ୍ଟ୍ରର ୩୫୦ ଜଣ, ଉତ୍ତରପ୍ରଦେଶର ୮୫୦ ଜଣ ଚାଷୀଙ୍କର ଋଣ ପରିଶୋଧ କରିସାରିଛନ୍ତି ଓ ଆଗାମୀ ଦିନରେ ଏ ଦିଗରେ ସେ ତାଙ୍କର ସହଯୋଗ ଅବ୍ୟାହତ ରଖିବେ। ସେଦିନ ଅନନ୍ତ କୁମାର ବାରଲକ୍ଷ ପଚାଶ ହଜାର ଟଙ୍କା ଜିତିବାକୁ ସକ୍ଷମ ହୋଇଥିଲେ, ଯାହାକୁ କି ନିଜର ଜୀବନବ୍ୟାପୀ ରୋଜଗାରଠାରୁ ମଧ୍ୟ ଅଧିକ ବୋଲି କହିଥିଲେ।

ଅନନ୍ତ କୁମାରଙ୍କ ଦୁଃଖଦୁର୍ଦ୍ଦଶା ସୂଚାଏ ଭାରତର କୋଟି କୋଟି ଚାଷୀଙ୍କ ଅର୍ଥନୈତିକ ଦୁରବସ୍ଥା, ଯାହାକି ଏକ ପ୍ରଗତିଶୀଳ ଭାରତ ପାଇଁ ଶୁଭଙ୍କର ନୁହେଁ। କ୍ରମାଗତ ଚାଷଜମି ହ୍ରାସ ପାଇବା ଓ ଚାଷୀଙ୍କ ସଂଖ୍ୟା କମିବା ସ୍ପଷ୍ଟ ସଙ୍କେତ ଦିଏ ଚାଷ ପ୍ରତି ଚାଷୀର ବିମୁଖତା। ଦୁର୍ଦ୍ଦିନରେ ଥିବା ଚାଷୀମାନଙ୍କୁ ସହାୟତାର ହାତ ବଢାଇବାକୁ ନିବେଦନ ସମୟରେ ମନକୁ ଆସେ ଅକ୍ସଫାମ୍ ଇଣ୍ଡିଆର ୨୦୧୮ ରିପୋର୍ଟ। ଏଥିରେ ଦର୍ଶାଯାଇଛି ଯେ, ଗତବର୍ଷ ଦେଶର ୭୩ ଭାଗ ସମ୍ପତ୍ତି ମାତ୍ର ଏକଭାଗ ଧନିକ ଶ୍ରେଣୀ ପାଖକୁ ଯାଇଥିଲାବେଳେ ମାତ୍ର ଏକଭାଗ ସମ୍ପତ୍ତି ଦେଶର ପ୍ରାୟ ଅର୍ଦ୍ଧେକ ଅର୍ଥାତ୍ ୬୭ କୋଟି ଲୋକଙ୍କ ପାଖକୁ ଯାଇଛି। ଏହି ସମୟ ମଧ୍ୟରେ ଏହି ଏକଭାଗ ଧନିକ ଶ୍ରେଣୀଙ୍କ ସମ୍ପତ୍ତି ୨୦୯୧୩ ବିଲିୟନ ଟଙ୍କାକୁ ବୃଦ୍ଧି ପାଇଛି, ଯାହାକି କେନ୍ଦ୍ର ସରକାରଙ୍କ ବାର୍ଷିକ ବଜେଟ ସହ ସମାନ। ଅନ୍ୟପକ୍ଷରେ ମାତ୍ର ଏକଭାଗ ସମ୍ପତ୍ତି ବଢିଥିବା ଦେଶର ୬୭ କୋଟି ଲୋକ ଅର୍ଥାତ୍ ଦେଶର ପ୍ରାୟ ଅର୍ଦ୍ଧେକ ଲୋକଙ୍କର ଗରିବୀ ଯେ ଅବ୍ୟାହତ ରହିଛି ତାହା ଏଥିରୁ ସ୍ପଷ୍ଟ। ଏହି ୬୭ କୋଟି ଭାରତୀୟଙ୍କ ମଧ୍ୟରୁ ସିଂହଭାଗ ହେଉଛନ୍ତି ଆମର ଚାଷୀଭାଇ। କେବଳ ସରକାର କୁହନ୍ତି, ଭାରତର ସେହି ଏକଭାଗ ଧନିକ ଗୋଷ୍ଠୀ ଚାଷୀଭାଇମାନଙ୍କୁ ସହାୟତାର ହାତ ବଢ଼ାଇବାର ପ୍ରକୃଷ୍ଟ ସମୟ ଆସିଯାଇଛି। ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ବିଶ୍ୱର ସର୍ବୋଚ୍ଚ ସ୍ମାରକୀ ଭାବେ ତାଙ୍କ ଭଳି ଜଣେ ସଚ୍ଚା ଦେଶପ୍ରେମୀଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି ହୋଇପାରେ। ମାତ୍ର ଦେଶକୁ ଖାଦ୍ୟ ଯୋଗାଉଥିବା ଚାଷୀଭାଇମାନଙ୍କୁ ସମାଜରେ ଯେପର୍ଯ୍ୟନ୍ତ ସର୍ବୋଚ୍ଚ ସ୍ଥାନ ନ ମିଳିଛି, ସେପର୍ଯ୍ୟନ୍ତ ନିଜକୁ ଶ୍ରେଷ୍ଠ ବୋଲାଇବା କେବଳ ଏକ ଛଳନା ମାତ୍ର।

ଇମେଲ–prakas.tripathy09@gmail.com

# ବିଦ୍ୟାଳୟରେ ଉପସ୍ଥାନ



ରୁଦ୍ର ପ୍ରସନ୍ନ ରଥ

ଯେକୌଣସି ଛାତ୍ର ସଫଳତା ପାଇବା ଲାଗି ବିଦ୍ୟାଳୟରେ ନିୟମିତ ଉପସ୍ଥିତ ରହିବା ଜରୁରୀ। ଯଦି ଉପଯୁକ୍ତ କାରଣ ନ ଥାଇ ପିଲାଟି କ୍ରମାଗତ ଭାବେ ଅନୁପସ୍ଥିତ ରହେ, ତା'ହେଲେ ତା'ର ଶିକ୍ଷାକ୍ଷେତ୍ରରେ କି ସମସ୍ୟା ଉପୁଜେ, ତାହା ଛାତ୍ରର ମାତାପିତା ବା ପରିବାର ସଦସ୍ୟ ବୁଝିପାରନ୍ତି ନାହିଁ। ପୁଣି ସ୍ୱଳ୍ପ ଆୟକାରୀ ମାତାପିତାଙ୍କ ପିଲାଙ୍କ ଉପରେ ଏହାର ପ୍ରଭାବ ଗୁରୁତର ହୋଇଥାଏ। କାରଣ ବିଦ୍ୟାଳୟରେ ଅନୁପସ୍ଥିତ ରହିବା ଯୋଗୁ ପିଲାମାନେ ହରାଉଥିବା ସୁଯୋଗକୁ ଭରଣା କରିବା ପାଇଁ ସେମାନଙ୍କ ପାଖରେ ଆବଶ୍ୟକ ସମ୍ବଳ ନ ଥାଏ। ମୋଟ ଉପରେ ସବୁଦିନ ସ୍କୁଲ ଯିବା ଏକ ଅଭ୍ୟାସ, ଯାହା ପିଲାମାନଙ୍କୁ ନିୟମିତ ଶିଖାଯିବା ଆବଶ୍ୟକ।

ଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଅନେକ ଅଗ୍ରଗତି ହୋଇଥିଲେ ବି ଛାତ୍ରୀଛାତ୍ରଙ୍କର ଶତ ପ୍ରତିଶତ ଉପସ୍ଥାନକୁ ସୁନିଶ୍ଚିତ କରାଯାଇପାରିନାହିଁ। ଓଡ଼ିଶାରେ ଏହି ଉପସ୍ଥାନର ହାର ୭୦–୭୯% ଭିତରେ ସୀମାବଦ୍ଧ। ପ୍ରାଥମିକ ସ୍ତରରେ ଉପସ୍ଥାନର ହାର କମ୍ ଥାଇ ପରବର୍ତ୍ତୀ ସମୟରେ ବଢୁଥିବାର ଦେଖାଯାଇଥିଲେ ମଧ୍ୟ ଏବେ ଯାଏ ଏହା ଶତପ୍ରତିଶତ ହୋଇପାରୁନାହିଁ।

ଘର ପାଖରେ ସ୍କୁଲ, ମାଗଣା ପୋଷାକ, ସାଇକେଲ, ମଧ୍ୟାହ୍ନଭୋଜନ ସତ୍ତ୍ୱେ ଏମିତି କିଛି ଅଭାବ ତଥାପି ରହିଯାଉଛି, ଯାହାଫଳରେ ପିଲାଟି ନିୟମିତ ସ୍କୁଲ ଆସିପାରୁନାହିଁ। ପିଲାଟି ନିୟମିତ ସ୍କୁଲ ନ ଆସିବା ପଛରେ ଅନେକ କାରଣ ରହିଛି। ମାତାପିତା ପିଲାକୁ ସବୁଦିନ ସ୍କୁଲ ପଠାଇବାର ଉପଯୋଗିତାକୁ ଅନୁଭବ ନ କରିବା, ପିଲାକୁ ଘରେ ସାନ ପିଲାମାନଙ୍କର ଯତ୍ନ ନେବା ବା ଘରକାମ କରିବାରେ ସାହାଯ୍ୟ କରିବା ପାଇଁ ଅଟକାଇ ରଖିବା, ପିଲାଟିର ଖରାପ ସ୍ୱାସ୍ଥ୍ୟ, ସାମାଜିକ ପ୍ରଥା, ପର୍ବପର୍ବାଣି, ସ୍ଥାନାନ୍ତର, ଏପରିକି ଶିଶୁ ଶ୍ରମିକ ପ୍ରଥା ଯୋଗୁ ବିଦ୍ୟାଳୟରେ ଛାତ୍ର ଉପସ୍ଥାନ କମ୍ ରହିଥାଏ। ଏପରି ମଧ୍ୟ ଦେଖାଯାଇଛି ଯେ ବିଦ୍ୟାଳୟରେ ଭଲ ଶୌଚାଳୟ ନ ଥିବାରୁ ଝିଅପିଲାମାନେ ସ୍କୁଲ ଯିବାକୁ ଉଚିତ ମନେ କରନ୍ତି ନାହିଁ। ପୁଣି ହାଇସ୍କୁଲଗୁଡ଼ିକରେ ଝିଅପିଲାମାନେ ମାସିକ ଋତୁସ୍ରାବ ସମୟରେ ନିୟମିତ ସ୍କୁଲଯିବାରୁ ବଞ୍ଚିତ ହୁଅନ୍ତି। ଖାସ୍ ଋତୁସ୍ରାବ ପାଇଁ ବର୍ଷକୁ ୨୦ରୁ ୩୦ ଦିନ ସ୍କୁଲ ଯିବା ଲାଗି ଝିଅପିଲାମାନେ ସକ୍ଷମ ହୋଇପାରନ୍ତି ନାହିଁ। ସେହିପରି ଓଡ଼ିଶାରେ ଏବେବି ଅନେକ ସ୍କୁଲ ଦିବ୍ୟାଙ୍ଗଙ୍କ ପାଇଁ ଉପଯୋଗୀ ହୋଇ ନ ଥିବାରୁ ସେମାନେ ନିୟମିତ ଆସିପାରନ୍ତି ନାହିଁ। ପୁଣି କିଛି ପିଲା ଶିକ୍ଷକଙ୍କ ମାଡ଼କୁ ଡରି ସ୍କୁଲ ନ ଯିବାକୁ ବାହାନା ଖୋଜିଥାନ୍ତି।

ପିଲାଟି ନିୟମିତ ବିଦ୍ୟାଳୟ ନ ଯିବା ଫଳରେ ସେ ଶିକ୍ଷା ଗ୍ରହଣରେ ପଛରେ ପଡ଼ିଯାଏ। ତାକୁ ବାଧ୍ୟହୋଇ ଭଲ ପଢୁଥିବା ପିଲା ଉପରେ ନିର୍ଭର କରିବାକୁ ପଡ଼େ। ଯଦି ଏକାଧିକ ପିଲା ନିୟମିତ ସ୍କୁଲ ନ ଯାନ୍ତି ତେବେ ଶିକ୍ଷକଙ୍କୁ ମଧ୍ୟ ସବୁ ପିଲାଙ୍କୁ ବୁଝାଇ ଏକ ସମୟରେ ପାଠ୍ୟ ଖସଡା ତିଆରି କରିବା କଷ୍ଟକର ହୋଇପଡ଼େ। ପୁଣି ନିୟମିତ ସ୍କୁଲ ନ ଆସିଲେ ଅନ୍ୟ ସାଙ୍ଗଙ୍କ ସହ ତା'ର ସମ୍ପର୍କ ବ୍ୟାହତ ହୁଏ। ମୋଟ ଉପରେ ଯେହେତୁ ବିଦ୍ୟାଳୟରେ ପିଲାର ଭବିଷ୍ୟତ ଜୀବନର ମୂଳଦୁଆ ପଡ଼େ, ନିୟମିତ ସ୍କୁଲ ନ ଆସିବା ଦ୍ୱାରା ଏହି ମୂଳଦୁଆ ଶକ୍ତିଶାଳୀ ହୋଇପାରି ନ ଥାଏ।

ପିଲାଟିକୁ ସ୍କୁଲକୁ ନିୟମିତ ପଠାଇବା ଯେପରି ମାତାପିତାଙ୍କର ଦାୟିତ୍ୱ ତାକୁ ସ୍କୁଲରେ ଧରିରଖିବା ସେପରି ଶିକ୍ଷକଙ୍କ ଲକ୍ଷ୍ୟ ହେବା ଉଚିତ। ମାତାପିତା ମନେ ରଖିବା ଦରକାର ଯେ, ସ୍କୁଲକୁ ଯଦି ନିୟମିତ ଯିବା ପାଇଁ ପିଲାଟି ଚାହୁଁନାହିଁ ତେବେ ସେ ଅମନୋଯୋଗୀ ହେଉଛି ଏବଂ ଏହା ଜାରି ରହିଲେ ସେ ଧୀରେ ଧୀରେ ପ୍ରାଥମିକ ଶିକ୍ଷା ଗ୍ରହଣରୁ ବାଦ ପଡ଼ିବ। ପୁଣି ଶିକ୍ଷକମାନେ ମଧ୍ୟ ହୃଦୟଙ୍ଗମ କରିବା ଦରକାର ଯେ, ପିଲାଟି ଯେଉଁ ୬ ଘଣ୍ଟା ସମୟ ତାଙ୍କ ପାଖରେ ଅତିବାହିତ କରୁଛି, ସେ ସମୟତକ ତା' ପାଇଁ ଆନନ୍ଦଦାୟକ ହୋଇପାରୁଛି କି ନା। ଶିକ୍ଷକମାନେ ଶ୍ରେଣୀରେ ଆକର୍ଷଣୀୟ ଓ କୌତୂହଳପୂର୍ଣ୍ଣ କାର୍ଯ୍ୟକଳାପ କରାଇବା ଦରକାର, ଯାହାଫଳରେ ପିଲାଟିଏ ଶିକ୍ଷା ପ୍ରତି ମନୋଯୋଗୀ ହୋଇପାରିବ। ସପ୍ତାହରେ ଅତିକମ୍‌ରେ ଗୋଟିଏ ଥର ପିଲାଟି ସ୍କୁଲ ନ ଆସିବାର କାରଣ ପଚାରି ବୁଝିବା ସହ ପିଲାର ନିୟମିତ ସ୍କୁଲ ଆସିବାର ଉପାଦେୟତା ତା'ର ମାତାପିତାଙ୍କୁ ବୁଝାଇବା ଆବଶ୍ୟକ। ହୁଏତ ସୀମିତ ସମ୍ବଳ ଆଉ ସମୟ ମଧ୍ୟରେ ଏତେ ସବୁ କାମ କରିବାକୁ ଶିକ୍ଷକମାନେ ଆଗ୍ରହ ପ୍ରକାଶ କରି ନ ପାରନ୍ତି କିମ୍ବା ବିରକ୍ତିଭାବ ଦେଖାଇପାରନ୍ତି, ମାତ୍ର ଯେତେବେଳେ ଯେଉଁ କାମ ପାଇଁ ଶିକ୍ଷକମାନେ ନେତୃତ୍ୱ ନେଇ ଆଗେଇ ଆସିଛନ୍ତି, ତାହା କେବେ ଅସଫଳ ହୋଇନାହିଁ। ତେଣୁ ଶିକ୍ଷକମାନେ ଚାହିଁଲେ ପିଲାମାନେ ନିଶ୍ଚୟ ନିୟମିତ ସ୍କୁଲ ଆସିବାକୁ ଆଗଭର ହେବେ।

ମାତାପିତା କିମ୍ବା ଶିକ୍ଷକମାନଙ୍କୁ ଛାଡିଦେଲେ ପିଲାମାନଙ୍କୁ ନିୟମିତ ସ୍କୁଲ ଆଣିବା ଦିଗରେ ଯତ୍ନବାନ କରାଇବାରେ ସରକାର, ଗଣମାଧ୍ୟମ, ବଦାନ୍ୟ ବ୍ୟକ୍ତିବିଶେଷ ଏବଂ ଅନ୍ୟାନ୍ୟ ଅନୁଷ୍ଠାନର ମଧ୍ୟ ଗୁରୁଦାୟିତ୍ୱ ରହିଛି। ନିୟମିତ ସ୍କୁଲ ଯାଉଥିବା ପିଲାଙ୍କର ଘରଗୁଡ଼ିକୁ ପଞ୍ଚାୟତ ପ୍ରତିନିଧି ଖୋଜି ବାହାର କରିବା ସହ ଏହି ଘରଗୁଡ଼ିକର ଆବଶ୍ୟକତା କିପରି ପୂର୍ଣ୍ଣ ହେବ, ତାହା ଦେଖିବା କଥା। ପୁଣି ବିଭିନ୍ନ ଅନୁଷ୍ଠାନ ଏବଂ ବଦାନ୍ୟ ବ୍ୟକ୍ତିବିଶେଷ ସ୍କୁଲରେ ଶୌଚାଳୟର ବ୍ୟବସ୍ଥା କରିବା, ସ୍କୁଲକୁ କମ୍ପ୍ୟୁଟର, ଡେସ୍କବେଞ୍ଚ, ଖେଳ ଉପକରଣ, ବହି ଆଦି ଯୋଗାଇଦେବା ସହ ଦିବ୍ୟାଙ୍ଗମାନଙ୍କ ପାଇଁ ସହାୟକ ଉପକରଣ ଯୋଗାଇଦେବା ଆଦି କାର୍ଯ୍ୟ ହାତକୁ ନେବା ଉଚିତ। ଏପରି କଲେ ସ୍କୁଲ ଏକ ଆକର୍ଷଣୀୟ କେନ୍ଦ୍ରରେ ପରିଣତ ହେବା ସହ ପିଲାମାନେ ଏଠାକୁ ନିୟମିତ ଆସିବା ପାଇଁ ପସନ୍ଦ କରିବେ।

ଧବଳଗିରି, ଯାଜପୁରରୋଡ଼,
ମୋ– ୭୯୭୮୬୭୧୭୭୬

## ଏଇ ଭାରତରେ

ଜୀବନକୁ ସମସ୍ତେ ଭଲ ପାଆନ୍ତି। କାରଣ ଏହି ଜୀବନ ଥରେ ଚାଲିଗଲେ ସବୁକିଛି ଚାଲିଯାଏ। ତେଣୁ ଜଗତରେ ମଧୁମୟ ଜୀବନ ବଞ୍ଚିବାକୁ ସାଧୁସନ୍ଥମାନେ ପରାମର୍ଶ ଦେଇଥାଆନ୍ତି। ଏଥିପାଇଁ ଶରୀର ସୁସ୍ଥ ଓ ରୋଗଶୂନ୍ୟ ରହିବା ଆବଶ୍ୟକ। ପାଖାପାଖି ଶହେବର୍ଷ ବଞ୍ଚିଥିବା ବ୍ୟକ୍ତିଙ୍କର ଜୀବନ ପ୍ରତି ବି ଲୋଭ ଥାଏ। ତେଣୁ ଏହି ବୟସରେ କୌଣସି ଜଟିଳ ରୋଗରେ ପଡିଲେ ବି ତାହାର ଚିକିତ୍ସା କରାଇବା ଜରୁରୀ ହୋଇପଡେ। କାରଣ ଆଉ କିଛି ଦିନ ବଞ୍ଚି ରହିବାର ଲୋଭ ଥାଏ। ଆଉ ସେଇ ଲୋଭକୁ ତ୍ୟାଗ କରିପାରି ନାହାନ୍ତି ଜଣେ ବୃଦ୍ଧ। ଏପରି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଇରାକରୁ ଚିକିତ୍ସା ପାଇଁ ଭାରତ ଆସିଥିବା ୯୮ବର୍ଷୀୟ ବୃଦ୍ଧ ମହମ୍ମଦ୍ କାଦିମ୍ ସଇଦ୍। ନୂଆଦିଲ୍ଲୀର ମେଦାନ୍ତ ହସ୍ପିଟାଲ୍‌ରେ ତାଙ୍କଠାରେ କରାଯାଇଥିବା କରୋନାରି ବାଇପାସ୍ ହାର୍ଟ ସର୍ଜରି ସଫଳ ହୋଇଛି। ଡାକ୍ତର ନରେଶ ତ୍ରେହାନ୍‌ଙ୍କ ନେତୃତ୍ୱରେ ଗଠିତ ଚିକିତ୍ସକ ଦଳ ଏହି ସଫଳତା ହାସଲ କରିଛନ୍ତି। ସଇଦ୍‌ଙ୍କ ହୃତ୍‌ପିଣ୍ଡର କରୋନାରି ଆର୍ଟ୍ରିରେ ସମସ୍ୟା ଥିଲା। ଅଧିକ ବୟସ ଯୋଗୁ ଏହି ଅସ୍ତ୍ରୋପଚାର ଖୁବ୍ ଜଟିଳ। ସଇଦ୍‌ଙ୍କ ଆର୍ଟ୍ରିରେ ୪ଟି ଅପରେଶନ୍ କରାଯାଇଥିବା ଡାକ୍ତର ତ୍ରେହାନ୍ ସୂଚନା ଦେଇଛନ୍ତି। ଏବେ ସଇଦ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେବେ ଭଲ ଚିକିତ୍ସା ପାଇବା ଉଦ୍ଦେଶ୍ୟରେ ସୁଦୂର ଇରାକ୍‌ରୁ ଭାରତ ଚାଲିଆସିଥିବା ସଇଦ୍ ଏଥିପାଇଁ ଭାରତୀୟ ଡାକ୍ତରଙ୍କ ଚିକିତ୍ସା ଦକ୍ଷତାକୁ ବେଶ୍ ପ୍ରଶଂସା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ନଭେମ୍ବର ୧୯୯୩

- ଶ୍ରୀଲଙ୍କା ସେନାର ପୂର୍ବ କାର୍ଯ୍ୟାନୁଷ୍ଠାନଗୁଡିକର ପ୍ରତିଶୋଧ ନେବାକୁ ଯାଇ ଏଲଟିଟିଇ ଗେରିଲାମାନେ ଆକ୍ରମଣ କରି ୨୦୦ ଶ୍ରୀଲଙ୍କା ସୈନ୍ୟଙ୍କୁ ହତ୍ୟା କରିଛନ୍ତି।
- ପାକିସ୍ତାନ ତା'ର ଅଣୁ କାର୍ଯ୍ୟକ୍ରମରୁ ଓହରିଯିବାର କୌଣସି ସମ୍ଭାବନା ନାହିଁ ବୋଲି ଦେଶର ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋ ସ୍ପଷ୍ଟ କରିଛନ୍ତି।

## ସାପ୍ତାହିକ ପଞ୍ଜିକା

୪– ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି) ଗବେଷକମାନେ ଏକ ସ୍ୱୟଂଚାଳିତ ଡ୍ରୋନ୍‌ର ବିକାଶ କରିଛନ୍ତି, ଯାହା ଘଞ୍ଚ ଜଙ୍ଗଲରେ ନିଖୋଜ ବ୍ୟକ୍ତିଙ୍କୁ ଖୋଜିବାରେ ସାହାଯ୍ୟ କରିବ।

୫– ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବୁଡ଼ାଜାହାଜ 'ଆଇଏନ୍‌ଏସ୍ ଅରିହନ୍ତ' ଭାରତୀୟ ନୌସେନାରେ ସାମିଲ ହେଲା।

୬– ଉତ୍ତରପ୍ରଦେଶର ଫୈଜାବାଦ ଜିଲାର ନାମ ବଦଳାଇ ଅଯୋଧ୍ୟା କରାଗଲା ବୋଲି ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କ ଘୋଷଣା।

୭– ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହାଇଟେକ୍ 'ମୋ ବସ୍' ସେବା ଉଦ୍‌ଘାଟିତ।

୮– କାଜାକ୍‌ସ୍ତାନର ଦ୍ୱିତୀୟ ବୃହତ୍ତମ ସହର ଖୁଜାନ୍ଦସ୍ଥିତ ଏକ ଜେଲରେ କଏଦୀମାନଙ୍କ ଭିତରେ ସଂଘର୍ଷ ଘଟି ୨୦ ବନ୍ଦୀ ଓ ୨ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି।

୯– ଭାରତୀୟ ସେନାରେ ତିନିଟି ବିଶ୍ୱସ୍ତରୀୟ ନୂଆ ଯୁଦ୍ଧାସ୍ତ୍ର ସାମିଲ ହେଲା, ଯଥା– ଏମ୍୭୭୭ଏ୨ ଅଲ୍‌ଟ୍ରା ଲାଇଟ୍ ହାୱିଜର୍ସ, କେ୯ ବଜ୍ର ଟ୍ରାକ୍‌ଡ ସ୍ୱୟଂଚାଳିତ ବନ୍ଧୁକ ଏବଂ ୬x୬ ଫିଲ୍‌ଡ ଆର୍ଟିଲେରି ଟ୍ରାକ୍ଟର୍ସ।

## ଆମ ସମସ୍ୟା

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପାଣିର ଗାର

ମହାଶୟ,

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଜଣେ ଲୋକକୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସାହାଯ୍ୟ ମିଳିବା କଥା। ଗତ ୧୮ ତାରିଖରେ ମୋ ସ୍ତ୍ରୀ ପେଟ ରୋଗ ପାଇଁ ଯାଜପୁର ମେଡ଼ିକାଲରେ ଆଡମିଶନ ହୋଇଥିଲା। ୫ ଦିନ ବେଡରେ ପଡ଼ିରହିଲା ପରେ ବି କିଛି ବ୍ୟବସ୍ଥା କଲେ ନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ଦେଖାଇଲି। କିନ୍ତୁ କିଛି ସୁବିଧା ମିଳିଲା ନାହିଁ। ରାତି ୧୨ଟାରେ କହିଲେ କଟକ ନେଇଯାଅ। ତା'ହେଲେ ଏ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡର ମୂଲ୍ୟ କ'ଣ ? ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପାଣିର ଗାର।

ପ୍ରଭାତ କୁମାର ପାଣି, ବଡ଼ବାଗ ସାହି, ରୁଦ୍ରପୁର, ଯାଜପୁର

### ଡାକ କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁ

ସାକ୍ଷୀଗୋପାଳ ମୁଖ୍ୟ ଡାକଘରଟି ଦୟନୀୟ ଅବସ୍ଥାରେ ଅଛି। କୋଠରିଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ଛାତ, ବିମ୍ ଆଦିରୁ କଂକ୍ରିଟ୍, ଲୁହା ଆଦି ବଡ଼ ବଡ଼ ଖଣ୍ଡ ଖସୁଛି। ମୂଳଦୁଆ ନଷ୍ଟ ହୋଇଗଲାଣି। ଏପରି ଗୃହରେ ମନରେ ଭୟ ଓ ଆଶଙ୍କା ଭିତରେ କର୍ମଚାରୀମାନେ କାମ କରୁଛନ୍ତି। ଜନସାଧାରଣଙ୍କ ସେବା ପାଇବା ଆଦି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜାଗା ଥାଇ ମଧ୍ୟ ନୂତନ ଗୃହ ନିର୍ମାଣ ପାଇଁ ଅସୁବିଧା କେଉଁଠି ଅଛି ? କିଛି ଗୋଟାଏ ଘଟିଗଲା ପରେ ବୋଧହୁଏ ଡାକ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିବ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସାଓଲିନ୍ କୁମ୍ଫୁ ଉଷୁର ପୁରସ୍କାର ବିତରଣ ଉତ୍ସବ

ସମ୍ବଲପୁର,୧୧।୧୧(ବ୍ୟୁରୋ) - ସାଓଲିନ୍ କୁମ୍ଫୁ ଉଷୁ ଆସୋସିଏଶନ ପକ୍ଷରୁ ଶନିବାର ବେଲ୍ଟ ପ୍ରଦାନ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶିକ୍ଷକ ସୁବାଷ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୬୦ଜଣଙ୍କୁ ହଳଦିଆ, ନାରଙ୍ଗି, ସବୁଜ, ନୀଳ ଓ ବ୍ରାଉନ୍ ରଙ୍ଗର ବେଲ୍ଟ ପ୍ରଦାନ କରିଥିଲେ। ଲଜପତ ରାୟ ଆଇନ କଲେଜ ଅଧକ୍ଷ ଡ. ବିଜୟାନନ୍ଦ ବେହେରା ସମ୍ମାନିତ ଅତିଥି ଓ ଆଇନଜୀବୀ ଅଶୋକ ସେନାପତି ମୁଖ୍ୟ ବକ୍ତା ଏବଂ ଅନୁଷ୍ଠାନର ଉପଦେଷ୍ଟା ଲକ୍ଷ୍ମଣ କୁମାର ବେହେରା ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ସେହେନାଜ ଖାତୁନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟତ୍ରୀ ମିଶ୍ର, ପୁଷ୍ପାଞ୍ଜଳି ସାହୁ, ପ୍ରିୟଙ୍କା ମିଉଲ, ଦିବ୍ୟଲକ୍ଷ୍ମୀ ମାଝୀ, ଶୁଭଲକ୍ଷ୍ମୀ ମାଝୀ, ଅନିତା ଅଗ୍ରୱାଲ, ଜଗନ୍ନାଥ ଦାଶ, ଆଶୀଷ ସାହୁ, ସୋନୁପ୍ରସାଦ ସୋନାର, ଅରୁଣ ଅଜାଡ଼ିୱାଲ, ସ୍ୱାଗତ ଘଡ଼ାଇ, ଭାଗ୍ୟସିନୀ ବାର୍ଲା, ପ୍ରଦୀପ ଦାଶ, ଜିତେନ୍ଦ୍ର ପ୍ରଧାନ, ଆନନ୍ଦ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଜାନିଶୁନି ଆଏଁଖ୍ ମୁଜିଛେ ପରଶାସନ୍

# ଗଛ୍‌ତଲ, ପରହର ପିଁଢ଼ା ହେଇଛେ ସୁମିତ୍ରାଙ୍କର ଠିକ୍‌ନା

ନାକଟିଦେଉଳ, ୧୧।୧୧ (ଡି.ଏନ.ଏ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍ ସାହେବୀ ପଁନ୍‌ଚେତ ପୋଡାମାଳ ଗାଁର ନିସାହା ବିଧବା ବୁର୍‌ଧା ସୁମିତ୍ରା ସାହୁ(୭୦)। ଜଂଗ୍‌ଲି ହାତୀକର ଉତ୍‌ପାତରେ ଘର ଭାଂଗି ଗଲା ଉତାରୁ ଏହେଦେ ମୁଡ୍ ରଖିବାକେ ଜାଗାଠାନ୍ ନାଁଇ। ଦିନ୍‌ବେଲା ଭଂଗା କୁରିଆରେ ବିତଉଥିଲା ବେଲେ ରାଏତ୍ ବେଲା ଗାଁରେ କାହାର ପିଁଢ଼ା, ଗୁଡିରେ ଶୁଆବସା କରୁଛନ୍। ସ୍ୱର୍ଗତ କଷ୍ଟୁ ସାହୁଙ୍କର ମାଏକିନା ହେଉଛନ୍ ସୁମିତ୍ରା। ୧୯୯୯ ବାତିଆରେ ଘର ଲାଗି ସରକାରଙ୍କର ତରଫୁ ୨୨ ହଜାର ଟଁକା ସାହାଯ୍ ପାଇଥିଲେ। ସେ ଟଁକାରେ ସୁମିତ୍ରା ପୋଡାମାଳରେ ଘରଖଁଡେ କରିଥିଲେ। ହେଲେ ଲାଗ୍ ଲାଗ୍ ୮ ବଛର ହେଲା ଜଂଗ୍‌ଲି ହାତୀକର ଉତ୍‌ପାତ୍ ଲାଗି ସୁମିତ୍ରାଙ୍କର ଘର ଭାଂଗି ଗଲା। ଇ ବାବ୍‌ଦେ ନିସାହା ବୁର୍‌ଧା ସୁମିତ୍ରା ଜିଲାପାଳ, ଉପଜିଲାପାଳ, ବିଡିଓ ଆର୍ ଡିଏଫଓଙ୍କୁ ଜନେଇଥିଲେ ବି ଆଏଜ୍‌ତକ୍ ଘର ଲାଗି



ନିସାହା ବିଧବା ସୁମିତ୍ରା ନିଜର ଭଂଗା ଘରଆଘେ ଠିଆ ହେଇଛନ୍।

କେହେନ୍‌ସି ପରକାର ସରକାରୀ ସାହାଯ୍ ନୁହେପାଆନ୍। ସାହେବୀ ଗାଁରେ ରହୁଥିବାର ତାକର ଗୁଟେବଲି ପୁଓ ବି ତାହାକୁ ନାଇଁ ପଚ୍‌ରାବାର। ପୁଓର ଘରେ ଜାଗାଠାନ୍ ନାଁଇନ ବଲି ଏନ୍‌ତା ସମସିଆ ହେଉଛେ ବଲି ବୁର୍‌ଧା ସୁମିତ୍ରା କହିଛନ୍। ଯେନ୍‌ଥିରଲାଗି ସୁମିତ୍ରା ଆଶ୍‌ରେ ନାଇଁ ପାଇକରି ଏହେଦେ ନିଆଁସି ପାଲଟିଛନ୍।

**ଦାଉସାଧୁଛନ୍ ଜଂଗ୍‌ଲି ହାତୀ**

■ଭଂଗା କୁରିଆରେ ରଁଧାବଢ଼ା, ଗଛ୍‌ତଲେ ଆଶ୍‌ରେ ନେଉଛନ୍

■ଆବାସ ଯୋଜନାରୁ ବଁଚିତ୍, ମୁଡ୍ ରଖିବାକେ ଠାନ୍ ନାଁଇ

ଦିନ୍‌ବେଲା ପୋଡାମାଳରେ ନିଜର ଭଂଗା କୁରିଆରେ ରଁଧାବଢ଼ା କରି ଖାଉଛନ୍ ଆର୍ କେନ୍ ଗଛ୍‌ତଲେ ଆଶ୍‌ରେ ନେଉଛନ୍। ସେନ୍‌ତା ରାଏତ୍ ବେଲି ହାତୀ ଭଏରେ ସାହେବୀ ଗାଁକେ ପଲେଇ ଆସି ଇତାର ପିଁଢ଼ା ତାର ପିଁଢ଼ାରେ ଆଶ୍‌ରେ ନେଉଛନ୍। ଇଥିରଲାଗି ବହୁତ୍ ଥର ଥାନୀୟ ସରପଁଚ୍, ବିଡିଓଙ୍କୁ ସରକାରୀ ଯୋଜ୍‌ନାରେ ଘରଖଁଡେ ଯୁଗେଇ ଦେବାକେ ଗୁହାରି କରିଛନ୍, ହେଲେ ସଭେ ଆଶାସନା ଆର୍ ପରତିଶୁର୍‌ତି ଦେଉଛନ୍। ଖାଲି ସୁମିତ୍ରାଙ୍କର ନୁହେ ପୋଡାମାଳରେ ଜଂଗ୍‌ଲି ହାତୀକର ଉତ୍‌ପାତ ଲାଗି ବହୁତ୍ ଲୁକ୍‌କର ଘର ଭାଂଗି ଯାଇଥିବାର ଜନାପଡିଛେ। ଉଭଏ ରାଏଜ୍ ଆର୍ କେନ୍ଦ୍ର ସରକାର ଗରିବ୍ ଜନସାଧାରନ୍‌କର ବିକାଶର କଥା କହୁଥିଲା ବେଲେ ସୁମିତ୍ରାଙ୍କର ଲେଖେଁ ନିଆଁସି ବିଧବାକୁଁ ଇ ସବୁ ସରକାରୀ ଯୋଜ୍‌ନା ଉପହାସ୍ କରୁଛେ। ଇ ବାବ୍‌ଦେ ସାହେବୀ ପଁନ୍‌ଚେତର ସରପଁଚ୍ ଯଶୋବନ୍ତି ମାଝୀଙ୍କୁ ପଚ୍‌ରାଲାରୁ ସରକାରଙ୍କର ସମସ୍ତଙ୍କୁ ପକ୍କାଘର ଯୋଜ୍‌ନାରେ ସୁମିତ୍ରା ଘରଖଁଡେ ଲାଗି ଆବେଦନ କରିଛନ୍। ପଁନ୍‌ଚେତକେ ତାଲିକା ଆଏଲେ ତାହାକୁ ଘର ଯୁଗେଇ ଦିଆଯିବା ବଲି କହିଛନ୍। ଆରଗୁଟେ ଆଡେ ରାଏଜ୍ ସରକାର ଆମଗାଁ ଆମ ବିକାଶ କାୟ୍‌କରମ କରି ରାଜକୋଷରୁ କୋଟି କୋଟି ଟଁକା ଖରଚ୍ କରୁଛନ୍ ହେଲେ ସୁମିତ୍ରାଙ୍କର ଲେଖେଁ ନିସାହା ବିଧବା ଯୋଜ୍‌ନାର ସୁଫଲ ପାଏବାରୁ ବଁଚିତ୍ ହେଇ ଇତାର ପିଁଢ଼ା ତାର ପିଁଢ଼ା ହେଉଛନ୍। ସୁମିତ୍ରାଙ୍କର ଅବସ୍‌ତା ଦେଖିଲେ ଯେକେହି ରାଏଜର ବିକାଶର ଥିତିକେ ଠହକେଇ ପାରବା ବଲି ଜିଲା ପରିଷଦ ସଭ୍ୟ ପ୍ରମୋଦ ସାହୁ କହିଛନ୍।

### ଡିପ୍ଲୋମା ଇଞ୍ଜିନିୟରଙ୍କ ବାର୍ଷିକ ସଭା

ସମ୍ବଲପୁର,୧୧।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଡିପ୍ଲୋମା ଇଞ୍ଜିନିୟର୍ସଙ୍କ ସାଧାରଣ ସଭା ସ୍ଥାନୀୟ ବୃକ୍ସହିଲ୍ ସଂଘ ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ହେମନ୍ତ କୁମାର ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରଦୀପ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଗାମୀ ବର୍ଷରେ ସଂଘର ନୁତନ କର୍ମକର୍ତ୍ତା ଚୟନ କରାଯିବାକୁ ସହମତି ପ୍ରକାଶ ପାଇଥିଲା। ସମ୍ପାଦକ ଇନ୍ଦ୍ରମଣୀ ସାହୁ, ବିଜୟ କୁମାର ମିଶ୍ର, କିଶୋର କୁମାର ପଣ୍ଡା, ଗୋପାଳ ସ୍ୱରୁପ, ମମତାମୟୀ ବିଶ୍ୱାଳ, ସଞ୍ଜୀବ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

### ପାଟଣେଶ୍ୱରୀ କ୍ଲବରେ ରକ୍ତଦାନ ଶିବିର

ସମ୍ବଲପୁର,୧୧।୧୧(ବ୍ୟୁରୋ)

ସଣ୍ଡେ ଗ୍ରୁପ ଓ ପାଟଣେଶ୍ୱରୀ କ୍ଲବ ପକ୍ଷରୁ ରବିବାର କମଳୀବଜାର ପାଟଣେଶ୍ୱରୀ କ୍ଲବଠାରେ ଆୟୋଜିତ ଶିବିରରେ ୫୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ଜିଲା ରେଡ଼କ୍ରସ ଅଧକ୍ଷା ଡା. ଦିପ୍ତୀବାଳା ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସର୍ଗ, ସମ୍ବଲ, ସୋସିଆଲ ଷ୍ଟାର କ୍ଲବ୍‌ର କର୍ମକର୍ତ୍ତା ଓ ସଭ୍ୟ ସହଯୋଗ କରିଥିଲେ।



ଶନିବାର ରାତିରେ ସମ୍ବଲପୁର ଦଧିବାମନ କଲ୍ୟାଣ ମଣ୍ଡପଠାରେ ଅତିଥିମାନେ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

■ ଚିତ୍ରଗୁପ୍ତ କଲ୍ୟାଣ ସଂଘର ବାର୍ଷିକୋତ୍ସବ

## କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ ସମ୍ବର୍ଦ୍ଧିତ

ସମ୍ବଲପୁର,୧୧।୧୧(ବ୍ୟୁରୋ)

ଚିତ୍ରଗୁପ୍ତ କଲ୍ୟାଣ ସଂଘର ବାର୍ଷିକ ଉତ୍ସବ ଶନିବାର ରାତିରେ ମହାନ୍ତିପଡ଼ାସ୍ଥିତ ଦଧିବାମନ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ଚିତ୍ରଗୁପ୍ତ ପୂଜା କମିଟି ଆବାହକ ବିଶ୍ୱମ୍ଭର ବହିଦାରଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ମୁଖ୍ୟ ଅତିଥି, ସମ୍ବଲପୁର ଏସଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଚିତ୍ରଗୁପ୍ତ କଲ୍ୟାଣ ସଂଘ ସମ୍ପାଦକ ସ୍ୱରୂପ ପଟ୍ଟନାୟକ ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିଲେ। ସମ୍ବଲପୁରୀ କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ରଙ୍ଗୋଲି, ହୁଳହୁଳି, ପୁଚି ଖେଳ, ମ୍ୟୁଜିକ୍ ଚେୟାର, କୌତୁକ ବେଶ, ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ କାର୍ଟୁନ ଚିତ୍ରଶିଳ୍ପୀ ସ୍ୱପ୍ନିତା ପଟ୍ଟନାୟକଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁଗ୍ମ ଆବାହକ ପ୍ରଦୀପ କୁମାର ବହିଦାର ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଫଣିନ୍ଦ୍ର ପଟ୍ଟନାୟକ, ସୋଭନ ପଟ୍ଟନାୟକ, ସୁବ୍ରତ ବକ୍ସି, ରଞ୍ଜିତ୍ ସାହାଣୀ, ଶିଶିର ବହିଦାର ପ୍ରମୁଖ ସହଯୋଗ କରିଥିଲେ।

### ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସହଭୋଜ କାର୍ଯ୍ୟକ୍ରମ

ହୀରାକୁଦ,୧୧।୧୧(ଡି.ଏନ.ଏ.)

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଥମ ପର୍ଯ୍ୟାୟ ସହଭୋଜ କାର୍ଯ୍ୟକ୍ରମ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାରମ୍ଭରୁ ତୃତୀୟ ଶ୍ରେଣୀ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସରୋଜ କୁମାର ଶତପଥିଙ୍କ ତତ୍ତ୍ୱାବଧାନରେ ପିଲାମାନେ ଜବାହାର ଉଦ୍ୟାନ ଭ୍ରମଣରେ ଯାଇଥିଲେ। ସେଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ସଭାପତି ଅବନି ବଲ୍ଲଭ ଆଚାର୍ଯ୍ୟ, ସମ୍ପାଦକ ଆଜାଦ୍ ଶେଖର ପ୍ରଧାନ, ସଦସ୍ୟା ସୁଦୀପ୍ତା ମହାନ୍ତି, ମଧୁସ୍ମିତା ହୋତା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ବୈକୁଣ୍ଠ ନାଗ, ରଞ୍ଜନ ଦାଶ, ସଂଯୁକ୍ତା ବଡ଼ପଣ୍ଡା, ମମତା ଗଉଡ଼, ପ୍ରିୟରଞ୍ଜନ ଧଳ, ଗୌରାଙ୍ଗ ଦାଶ, ଦୀପ୍ତିରଞ୍ଜନ ପୋଥାଳ ଓ ଅନ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୂଚାରୁ ଭାବେ ସମ୍ପାଦିତ ହୋଇଥିଲା।





ଶନିବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡ଼ିୟମରେ ଲମ୍ଫଡିଆ, ସଟ୍‌ପୁଟ ଥ୍ରୋ ଇଭେଣ୍ଟ।

■ ଜୋନାଲ ଫରେଷ୍ଟ ସ୍ପୋର୍ଟସ୍ ମିଟ୍ ଉଦ୍‌ଘାଟିତ

## ଭାଗ ନେଲେ ୧୫୧ ପ୍ରତିଯୋଗୀ

ସମ୍ବଲପୁର,୧୧।୧୧(ବ୍ୟୁରୋ)

ଜୋନାଲ ଫରେଷ୍ଟ ସ୍ପୋର୍ଟସ୍ ମିଟ୍-୨୦୧୮ ଶନିବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମ୍ବଲପୁର, ରାଉରକେଲା ସର୍କଲ, ଓଏଫ୍‌ଡିସି ଓ କେନ୍ଦୁଲିଫ୍‌ର ୧୫୧ ପ୍ରତିଯୋଗୀ ଭାଗ ନେଇଛନ୍ତି। ସମ୍ବଲପୁର ଡିଏଫ୍‌ଓ ଡ. ସଞ୍ଜିତ କୁମାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି, ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ହାରାଧନ ଭୋଇ ଶପଥ ପାଠ, ଏସଇଏଫ୍ ପଙ୍କଜ କୁମାର ପଣ୍ଡା ଉତ୍ସବ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୀରାକୁଦ, ସମ୍ବଲପୁର କେନ୍ଦୁଲିଫ୍, ବାମରା ବନ୍ୟପ୍ରାଣୀ, ଝାରସୁଗୁଡ଼ା, ରେଢ଼ାଖୋଲ, ସୁନ୍ଦରଗଡ଼ ଡିଏଫ୍‌ଓମାନେ ଉପସ୍ଥିତ ରହିଥିଲେ। ମହିଳା, ପୁରୁଷ ବର୍ଗରେ ୧୦୦, ୨୦୦, ୪୦୦, ୧୫୦୦, ୫ହଜାର ମିଟର ଦୌଡ଼ ଓ ୪୦୦, ୮୦୦, ୧୫୦୦ ଓ ୧୦ହଜାର ମିଟର ୱାକ୍ ହୋଇଥିଲା। ସେହିପରି ଲମ୍ବଡ଼ିଆଁ, ଉଚ୍ଚଡ଼ିଆଁ, ଟ୍ରିପଲ ଜମ୍ପ, ଡିସ୍‌କସ୍ ଥ୍ରୋ, ସଟ୍‌ପୁଟ ଥ୍ରୋ, ଜେଭେଲିନ ଥ୍ରୋ, ୫୦ ଓ ୧୦୦ ମିଟର ଫ୍ରିଷ୍ଟାଇଲ ସୁଇମିଂ, ଚେସ୍, କ୍ୟାରମ, ବ୍ୟାଡ଼ମିଣ୍ଟନ ଓ ସିଟିଂ ଇଭେଣ୍ଟ ହୋଇଥିଲା। ଖେଳ ଶିକ୍ଷକ ଜଗବନ୍ଧୁ ବେହେରା, ଲକ୍ଷ୍ମଣ ନାଥ, ସୁନ୍ଦରମଣୀ ବାରିକଙ୍କ ସମେତ ୪୩ଜଣ ଅଫିସିଆଲ ଇଭେଣ୍ଟ ପରିଚାଳନା କରିଥିଲେ।





ଦାନିପାଲି ରାମଚଣ୍ଡୀ ସେବା ସଦନରେ ଖବରଦାତାଙ୍କୁ ଚାଷୀମାନେ ସୂଚନା ଦେଉଛନ୍ତି।

## ପାରମ୍ପରିକ ପଦ୍ଧତିରେ ମରୁଡିର ପ୍ରତିକାର ସମ୍ଭବ

■ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ

ସମ୍ବଲପୁର,୧୧।୧୧(ବ୍ୟୁରୋ)

ସମ୍ପ୍ରତି ଅଣଜଳସେଚିତ ଅଞ୍ଚଳରେ ଉତ୍କଟ ମରୁଡି ଦେଖାଦେଇଛି। ସ୍ୱାଧୀନତାର ୭୦ ବର୍ଷ ପରେ ମଧ ରାଜ୍ୟରେ ଜଳସେଚନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ୩୫ ପ୍ରତିଶତରୁ କମ୍ ଜମି ଜଳସେଚିତ ହୋଇପାରୁଛି। ଏହା ଚାଷୀ କୂଳଙ୍କୁ ହତାଶ କରିଛି। ପାରମ୍ପରିକ ପଦ୍ଧତିରେ ମରୁଡିର ପ୍ରତିକାର କରାଯାଇପାରିବ। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବା ଜରୁରୀ ଅଟେ। ଶନିବାର ସନ୍ଧ୍ୟାରେ ସମ୍ବଲପୁର ଦାନୀପାଲି ରଣେଶ୍ୱର ରାମଚଣ୍ଡି ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁଲତା ସମାଜର ଚାଷୀମାନେ ଏହା କହିଛନ୍ତି। ସେମାନେ କହିଥିଲେ ଯେ, ଯେଉଁଅଣସେଚିତ ଅଞ୍ଚଳରେ ଫାର୍ମପଣ୍ଡ ସୁବିଧା ରହିଛି, ସେଠାରେ ଧାନ ଚାଷ ମରୁଡିରୁ ରକ୍ଷା ପାଇପାରୁଛି। ଅତଏବ ପ୍ରତ୍ୟେକ ଚାଷୀଙ୍କ ଜମିରେ ୫ରୁ ୧୦ ଶତକଡା ସ୍ଥାନରେ ୭ରୁ ୧୦ଫୁଟ ଗଭୀରର ଫାର୍ମ ପଣ୍ଡ କରାଯିବାର ଆବଶ୍ୟକତା ରହିଛି। ଏହାଦ୍ୱାରା କମ୍ ବର୍ଷା ହେଲେ ମଧ ପଣ୍ଡରେ ସଂରକ୍ଷିତ ଜଳ ଦ୍ୱାରା ଧାନ ଚାଷ ମରୁଡିଦାଉରୁ ସୁରକ୍ଷିତ ରହିପାରିବ। ଏଣୁ ଫାର୍ମ ପଣ୍ଡ ଖନନ ଲାଗି ସ୍ୱତନ୍ତ୍ର ଯୋଜନା ଉପରେ ସରକାର ବିଚାର କରିବାର ସମୟ ଆସିଛି। ଠିକାଦାର ପରିବର୍ତ୍ତେ ଚାଷୀଙ୍କୁ ଫାର୍ମ ପଣ୍ଡ ଖନନ କରିବାକୁ ସୁଯୋଗ ଦିଆଯାଉ। ଏପରି ହେଲେ ଚାଷ ଜମିରେ ଯୁଦ୍ଧକାଳୀନ ଭିତ୍ତିରେ ଫାର୍ମ ପଣ୍ଡ ଖୋଳା ଯାଇପାରିବ। ମରୁଡ଼ି ଦଶାରୁ ଚାଷୀଙ୍କୁ ତ୍ରାହି ମିଳିବ। ଏଥିସହ ଆର୍ଥିକ ସଙ୍କଟ ଦୂର ହେବ। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ସମ୍ବଲପୁର କୁଲତା ସମାଜ ସଭାନେତ୍ରୀ ଯୋଶବନ୍ତୀ ନାୟକ, ରେଙ୍ଗାଲି କତରବଗା ଚାଷୀ ଶତ୍ରୁଘ୍ନ ଖମାରୀ, ବରଗଡ଼ ଜିଲା ଜର୍ଜାର ବିନୋଦ ବେହେରା, ଯୁଯୁମୁରା ବ୍ଲକ୍‌ର ନବୀନ ଗୁପ୍ତା, ମୁରା ଗ୍ରାମର କ୍ଷମାଶୀଳ ଭୋଇ, କବଲ୍ୟ ପ୍ରଧାନ, ଜଗଦୀଶ ବିଶ୍ୱାଳ, ରଞ୍ଜିତା ଖମାରୀ, ନିର୍ମଳ ପ୍ରଧାନ ଉପସ୍ଥିତ ରହିଥିଲେ।

# ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ ଉଦ୍‌ଘାଟିତ

ସମ୍ବଲପୁର,୧୧।୧୧(ବ୍ୟୁରୋ)

■ବଙ୍ଗଳା ନାଟକ ଲଙ୍ଗ୍‌ମାର୍ଚ୍ଚ ମଞ୍ଚସ୍ଥ

■ସ୍ମରଣିକା ଉନ୍ମୋଚିତ

ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ-୨୦୧୮ ଶନିବାର ରାତିରେ ସମ୍ବଲପୁର ଝାଡୁଆପଡ଼ା ଆରଣ୍ୟକ ମଞ୍ଚଠାରେ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ଶ୍ରୀକଲ୍‌ଚରାଲ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ବେହେରାଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ସମ୍ବଲପୁର କଳା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ହୋତା, ପୂର୍ବତନ କାଉନସିଲର ସୁଶାନ୍ତ କୁମାର ପୁରୋହିତ, ନାଟ୍ୟଶ୍ରୀ ଡ. ପଞ୍ଚାନନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହାପରେ ପ୍ରବୀର ଗୁହାରଙ୍କ ରଚିତ ଓ ସୁଭାଦୀପ ଗୁହାଙ୍କ ନିର୍ଦ୍ଦେଶିତ ବଙ୍ଗଳା ନାଟକ ଲଙ୍ଗ୍‌ମାର୍ଚ୍ଚ





ଶନିବାର ସମ୍ବଲପୁର ଆରଣ୍ୟକ ମଞ୍ଚଠାରେ ଅତିଥିମାନେ ଶ୍ରୀରଙ୍ଗ ସମାଗମ ସ୍ମରଣିକା ଉନ୍ମୋଚନ କରୁଛନ୍ତି।



ଶନିବାର ଝାଡୁଆପଡ଼ା ଆରଣ୍ୟକ ମଞ୍ଚରେ ନାଟକ ଲଙ୍ଗ୍‌ମାର୍ଚ୍ଚର ଦୃଶ୍ୟ।

କୋଲକତାର ଅଲ୍‌ଟରନେଟିଭ୍ ଲିଭିଂ ଥିଏଟର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ସୃଷ୍ଟିର ପ୍ରାରମ୍ଭରୁ ପାଞ୍ଜିଆ ପାଣ୍ଟାଲାଶର ବିବର୍ତ୍ତନବାଦ ମାଡ଼ି ଚାଲିଛି। ଆଗକୁ ମଧ ହେବ। ଉପଯୋଜନାରେ ଉପଯୋଜିତ ହେବା ସକାଶେ ପରସ୍ପର ମଧ୍ୟରେ ଲମ୍ବା ଦୌଡ଼ ପ୍ରତିଯୋଗିତା ହେଉଛି। ଏକ କ୍ରାନ୍ତିକାରୀ ଐତିହାସିକ ପୃଷ୍ଠଭୂମିରେ ଜୀବଜଗତ ୨ ଭାଗରେ ବିଭକ୍ତ ହୋଇଛି। ଏହି ବିଷୟ ବସ୍ତୁକୁ ନେଇ ଏହି ନାଟକଟି ଗତିଶୀଳ ହୋଇଥିଲା। ବିଭିନ୍ନ ଭୂମିକାରେ ଅଫତାର୍ ଅଲ୍ଲି, ପ୍ରୀତମ ଚକ୍ରବର୍ତ୍ତି, ଅନୁପ ମୁଖାର୍ଜୀ, ଅଭିଷେକ ବର୍ମା, ମୋହନ ଘୋଷ, ଅଭିଷେକ ଦତ୍ତ, ଅନୁଷ୍କା ସେନ, ଶ୍ରୀପର୍ଣ୍ଣ ବନ୍ଦୋପାଧ୍ୟାୟ, ସୁଜୟ ଚକ୍ରବର୍ତ୍ତି, ଶିଳ୍ପୀ ସରକାର, ଅର୍ପିତା ବରମନ୍, ଅର୍କଜ୍ୟୋତି ଗାଙ୍ଗୁଲି, ଶାନ୍ତନୁ ସରକାର, ବିକାଶ ଘୋଷ, ସେହେଲି ଦେ, ବବୁଲ ପଲ, ଚିରତନ୍ ଚକ୍ରବର୍ତ୍ତି ଓ ପ୍ରାଣ ମଣ୍ଡଳ ନିଖୁଣ ଅଭିନୟ କରିଥିଲେ। ଶୁଭଜିତ ଦେବ ଓ ଶୁଭଦୀପ ଗୋହା ସଙ୍ଗୀତ ପରିଚାଳନା, ସମର ପଲ ଆଲୋକ, ତପନ ଦାଶ ନୃତ୍ୟ ନିର୍ଦ୍ଦେଶନା, ଅର୍ପିତା ବରମନ୍ ଓ ସଞ୍ଜୟ ହାଲଦାର ବେଶଭୁଷା ସାଜସଜ୍ଜା କରିଥିଲେ। ସେହିପରି ଅଭିଜିତ ବିଶ୍ୱାସ ସହନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜା ଏସ୍ ବଡ଼ପଣ୍ଡା, ସୋମ୍ୟଜିତ ବଡ଼ପଣ୍ଡା, ସୁଭେନ୍ଦ୍ର ନନ୍ଦ, ହିମାଂଶୁ ମହାନ୍ତି, ଦିଲୀପ ପ୍ରଧାନ, ସତ୍ୟରଞ୍ଜନ ସାହୁ ସହଯୋଗ କରିଥିଲେ।



ମନୁଷ୍ୟର ନିନ୍ଦିବା, ପ୍ରଶଂସା ସତ୍ୟର ମାପକାଠି ନୁହେଁ, ସେ ଦୁଇଟି ଆମକୁ ସାହାଯ୍ୟ କରେ ନିଜକୁ ପରୀକ୍ଷା କରିବା ପାଇଁ।
- ଗୁରୁ ନାନକ



## ସଂକ୍ଷେପରେ

### ଡିସେମ୍ବର ୨୪ରୁ ୩୦ ବାମଣ୍ଡା କ୍ରିକେଟ କପ୍

ଦେବଗଡ,୧୧।୧୧(ସ୍ୱ.ପ୍ର.): ୧୯୯୦ ମସିହାରୁ ଆରମ୍ଭ ହୋଇଥିବା ରାଜ୍ୟର ଅନ୍ୟତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ସ୍ଥାନୀୟ ଟାଉନ କ୍ଲବ ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ୨୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଟୁର୍ନାମେଣ୍ଟରେ ମୋଟ ୮ ଟିମ୍‌କୁ ନେଇ ମ୍ୟାଚ ହେବ। ବୈଠକରେ କ୍ଲବର ସଭାପତି ଭାବେ ନବୀନ କୁମାର ପାଣି, ଉପ-ସଭାପତି ଅଶୋକ କୁମାର ନନ୍ଦ ଓ ସତ୍ୟନାରାୟଣ ପାଣି(ଟିଲୁ), ସଂପାଦକ ଭାବେ ଇଂ. ସୁଜିତ କୁମାର ପ୍ରଧାନ, ସହ ସଂପାଦକ ଭାବେ ବିଦ୍ୟାଧର ମହାପାତ୍ର, ସୁଶୀଲ କୁମାର ନାୟକ ଓ ସୁବ୍ରତ କୁମାର ସାହୁ ଏବଂ କୋଷାଧକ୍ଷ ଭାବେ ବସନ୍ତ କୁମାର ବେହେରା ଓ ସହ କୋଷାଧକ୍ଷ ମୋତିଲାଲ ଶର୍ମାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ସମସ୍ତ ମ୍ୟାଚ ଖେଳାଯିବ। ଚାମ୍ପିୟନ ଟିମ୍‌କୁ ୩୧ ହଜାର ଏବଂ ରନର୍ସ ଅପ ଟିମକୁ ୨୧ ହଜାର ଟଙ୍କା ସହ ରନିଙ୍ଗ ଟ୍ରଫି ପ୍ରଦାନ କରାଯିବ।

# ନିଲାମ ହେଲା କାରଗିଲ ଛକ ମହାଲକ୍ଷ୍ମୀ ପୂଜା ଲଡ୍ଡୁ

- ଆଶୁତୋଷ ମୋଦି ହେଲେ ଭାଗ୍ୟ ବିଜେତା
- ଡ୍ୟାନ୍ସ ଧମାକା ଉଦ୍‌ଯାପିତ, ଆଜି ଭସାଣି ଉତ୍ସବ

ଦେବଗଡ,୧୧।୧୧(ସ୍ୱ.ପ୍ର.)

କାରଗିଲ ଛକର ମହାଲକ୍ଷ୍ମୀ ପୂଜା ଅବସରରେ ରବିବାର ମାଁ ଲକ୍ଷ୍ମୀଙ୍କ ଲଡ୍ଡୁ ନିଲାମ କରାଯାଇଛି। ଏହି ଅବସରରେ ଡ୍ୟାନ୍ସ ଧମାକା ଉଦ୍‌ଯାପିତ ହୋଇଛି। ଆୟୋଜକ କମିଟି ତରଫରୁ ସ୍ଥାନୀୟ ମୁନିସିପାଲିଟି ସାହି ଛକସ୍ଥିତ ଅସ୍ଥାୟୀ ସାଂସ୍କୃତିକ ପେଣ୍ଡାଲରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ନୃତ୍ୟ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ କାର୍ଯ୍ୟକ୍ରମ ସହ ଲଡ୍ଡୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଲଡ୍ଡୁ ନିଲାମ ପ୍ରକ୍ରିୟା ୨୬୦୦ ଟଙ୍କାରୁ ଆରମ୍ଭ ହୋଇ ୬ ହଜାର ୫ଶହ ଟଙ୍କାରେ ଆଶୁତୋଷ ମୋଦୀ ମା'ଙ୍କ ଆଶୀର୍ବାଦ ଲଡ୍ଡୁ ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ଶୁଭଶ୍ରୀ ପ୍ରିୟଦର୍ଶିନୀ ମୁଦୁଲି, ଉର୍ମିଳା ପାତ୍ର ଓ ସିପୁନ ଡ୍ୟାନ୍ସ ଗ୍ରୁପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିଲେ। ଏଥିରେ ବିଚାରକ ଭାବେ ରାମଚନ୍ଦ୍ର ମହାପାତ୍ର, ପୃଥ୍ୱୀରାଜ ପଟ୍ଟନାୟକ, ଜେନାମଣୀ ସାହୁ, ବସନ୍ତ ଶତପଥୀ, ମୋତିଲାଲ ଶର୍ମା ପ୍ରମୁଖ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଉପେନ୍ଦ୍ର ଭଞ୍ଜ ଏବଂ ପ୍ରୀତମ ବେହେରା(ଲିପୁ) କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କମିଟିର ସଦସ୍ୟ ସହଯୋଗ କରିଥିଲେ। ସୋମବାର ଭସାଣୀ ଉତ୍ସବ ଅନୁଷ୍ଠିତ ହେବ।



କାରଗିଲ ଛକ ମହାଲକ୍ଷ୍ମୀ ପୂଜାରେ ଡ୍ୟାନ୍ସ ଧମାକାରେ ବିଜୟୀ ନୃତ୍ୟପ୍ରତିଭା ଓ ଆୟୋଜକ।

# ପ୍ରସ୍ତାବିତ ସୌରଶକ୍ତି ପ୍ଲାଣ୍ଟକୁ ବିରୋଧ

ରିଆମାଳ, ୧୧।୧୧(ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ ମଲେହୀପଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାଦୋପଡ଼ା ରାଜସ୍ୱ ଗାଁର ମହୁଲନାଳି ଗ୍ରାମରେ ପ୍ରସ୍ତାବିତ ସୌରପ୍ଲାଣ୍ଟ ପାଇଁ ସର୍ଭେ ସମାପ୍ତ ହୋଇଛି। ହେଲେ ଏହି କମ୍ପାନୀ ବିରୋଧରେ ଏବେ ସ୍ଥାନୀୟ ଜନସାଧାରଣ ମେଳି ହୋଇ ବିରୋଧ କରିବା ଆରମ୍ଭ କରିଛନ୍ତି। ଏ ନେଇ ରବିବାର ଏକ ବୈଠକ ମହୁଲନାଳି ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ସୌରଶକ୍ତି ପ୍ଲାଣ୍ଟ ବିରୋଧି ମଞ୍ଚ ସଭାପତି ଧରଣୀଧର ଦେହୁରୀଙ୍କ ଆହ୍ୱାନକ୍ରମେ ପାଞ୍ଚଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଉକ୍ତ ବୈଠକରେ ଯୋଗ ଦେଇଥିଲେ। ଏଥିରେ ବିଧାୟକ ନିତେଶ ଗଙ୍ଗଦେବ, ଜିଲା ପରିଷଦ ସଭ୍ୟ କନକ ପ୍ରଧାନ, ସ୍ଥାନୀୟ ସରପଞ୍ଚ ହାବିଲ କୁମାର ସାହୁ, ବ୍ଲକ ଆଦିବାସୀ କଲ୍ୟାଣ ମଞ୍ଚ ସଭାପତି ନିରାକାର ପ୍ରଧାନ, ଆଦିବାସୀ କଲ୍ୟାଣ ମଞ୍ଚ ସମ୍ପାଦକ ରାମସିଂ ମୁଣ୍ଡା, ସାମାଜିକ କର୍ମୀ ଏଜେରା କୁଜୁରୁ, ତାରଙ୍ଗ ସମିତି ସଭ୍ୟ ମଦନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ସମିତି ସଭ୍ୟ ଅମୂଲ୍ୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉକ୍ତ ଅଞ୍ଚଳର ସୌର ପ୍ଲାଣ୍ଟ କୌଣସି ହାଲତରେ ସ୍ଥାପନ କରିବାକୁ ଦିଆଯିବ ନାହିଁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବିରୋଧୀ ମଞ୍ଚ ଉପସଭାପତି ଅବନୀ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରେଖା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ସୌରଶକ୍ତି ପ୍ଲାଣ୍ଟକୁ ବିରୋଧ କରି ଲୋକେ ମହୁଲନାଳିରେ ବୈଠକ କରୁଛନ୍ତି।

# ଡିସେମ୍ବର ୨୩ରେ ସୁଗୁଡାରେ ରକ୍ତଦାନ ଶିବିର

ଦେବଗଡ,୧୧।୧୧(ସ୍ୱ.ପ୍ର.)

ତିଲେଇବଣି ବ୍ଲକ ଅଧୀନ ସୁଗୁଡା ଗ୍ରାମର ନେତାଜୀ କ୍ଲବ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅପୂର୍ବ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ସୋନୁ ବିଶ୍ୱାଳ ଅଧକ୍ଷତା କରିଥିଲେ। ସୁଗୁଡା ସରପଞ୍ଚ ଦେବକୀ ଓଡା, ହାଇସ୍କୁଲର ସହକାରୀ ଶିକ୍ଷକ ଦାଶରଥୀ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ ବିଷ୍ଣୁଚରଣ ସାହୁ, ବ୍ଲଡ ବ୍ୟାଙ୍କର ପିଆର୍‌ଓ ମଳୟ କୁମାର ବେହେରା, ଟେକ୍‌ନିସିଆନ ମିନାକ୍ଷୀ ପ୍ରଧାନ, ନେହେରୁ ଯୁବ କେନ୍ଦ୍ର ସଂଯୋଜକ ପ୍ରଦୀପ ବିଶ୍ୱାଳ, ଜ୍ୟୋତି ୟୁଥ କ୍ଲବର ସଂପାଦକ ଦ୍ୱିଜରାଜ ଧଳଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟ, ଗ୍ରାମର ବରିଷ୍ଠ ନାଗରିକମାନେ ରକ୍ତଦାନ ଶିବିର ଆୟୋଜନ ପାଇଁ ଆଲୋଚନା କରିଥିଲେ। ଡିସେମ୍ବର ୨୩ରେ ଏହି ରକ୍ତଦାନ ଶିବିର କରାଯିବ। ଧରଣୀଧର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଶେଷରେ ପରେଶ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବୈଠକ ଆୟୋଜନରେ କ୍ଲବର ନୃପମଣୀ ସାହୁ, ନରେନ୍ଦ୍ର ପ୍ରଧାନ, ପିଙ୍କେଶ୍ୱର ପ୍ରଧାନ, ଶ୍ରୀତମ ସାହୁ, ଅଭିମନ୍ୟୁ ସାହୁ, ସୁଜ୍ଞାନୀ ପ୍ରଧାନ, ଗଦାଧର ସାହୁ, ଧନଞ୍ଜୟ ପ୍ରଧାନ, ସଞ୍ଜୟ ସାହୁ, ପ୍ରିୟଦର୍ଶନ ସାହୁ, ଲିପନ ସାହୁ ଏବଂ ବିମଳ ପ୍ରଧାନ ସହଯୋଗ କରିଥିଲେ।

# ଜାତୀୟ ଶିକ୍ଷା ଦିବସ ଅବସରରେ ସଚେତନତା ଶୋଭାଯାତ୍ରା

ଦେବଗଡ,୧୧।୧୧(ସ୍ୱ.ପ୍ର.)

ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍କୁଲର ଅଧକ୍ଷ ତାପସ କୁମାର ଚଟୋପାଧ୍ୟାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଡ. ସୁରେନ୍ଦ୍ରନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ପ୍ଲାକାର୍ଡ, ବ୍ୟାନର ସହ ସ୍ଲୋଗାନ ଦେଇ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ଆବୁଲ କାଲାମ ଆଜାଦ୍‌ଙ୍କ ତ୍ୟାଗପୂତ ଜୀବନୀ ଉପରେ ଉଦ୍‌ବୋଧନ ଦେଇ ତାଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ସଚେତନ କରାଇଥିଲେ। ଅଧ୍ୟାପକ ତେଜ ସିଂହ, ପରିକ୍ଷିତ ପାତ୍ର, ଦୀପାଞ୍ଜଳି ଜେନା, ଅନୁପମା ରାଉତ, ରତ୍ନମଣୀ ପଣ୍ଡା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।




ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଜାତୀୟ ଶିକ୍ଷା ଦିବସ ଉପଲକ୍ଷେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

# କୀର୍ତ୍ତନପାଲିରେ ଔଷଧୀୟ ବୃକ୍ଷ ଚାରାରୋପଣ

ଦେବଗଡ,୧୧।୧୧(ସ୍ୱ.ପ୍ର.)

ରିଆମାଳ ବ୍ଲକ ଲୁଲଙ୍ଗ ପଞ୍ଚାୟତର କୀର୍ତ୍ତନପାଲି ଗ୍ରାମରେ ସ୍ୱଚ୍ଛତା କମିଟିର ସଭ୍ୟାସଭ୍ୟଙ୍କ ଦ୍ୱାରା ଔଷଧୀୟ ବୃକ୍ଷ ଚାରା ରୋପଣ କରାଯାଇଛି। ଅର୍ଜ୍ଜୁନ ମୋହନ ସାହୁ ଯୋଗଦେଇ ୧୪ ପ୍ରକାର ଔଷଧୀୟ ବୃକ୍ଷ ଯୋଗାଇ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଜଳ ଓ ପରିମଳ ମିଶନର ଜିଲା ପରାମର୍ଶଦାତା କୁମୁଦଚନ୍ଦ୍ର ଶତପଥୀ ସହଯୋଗ କରିଥିଲେ। ଡମ୍ବରୁଧର କୁମୁରା, ଯୁଧିଷ୍ଠିର ପ୍ରଧାନ, ଯଦୁମଣୀ ସାହୁ, ଗୀତାଞ୍ଜଳି ବେହେରା, କୈଳାସଚନ୍ଦ୍ର ସାହୁ, ନରୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦେବଗଡ କଲେଜ ଫିଜିକ୍ସ ଡିପାର୍ଟମେଣ୍ଟର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଦେବଗଡ ,୧୧।୧୧(ସ୍ୱ.ପ୍ର.)

ଦେବଗଡ କଲେଜ ଫିଜିକ୍ସ ଡିପାର୍ଟମେଣ୍ଟର ନୂତନ ବର୍ଷର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷା ସନ୍ତୋଷିନୀ ଶତପଥୀ, ଫିଜିକ୍ସ ଡିପାର୍ଟମେଣ୍ଟର ମୁଖ୍ୟ ବିକ୍ରମ କେଶରୀ ନାୟକ, ଅଧ୍ୟାପକ ଶରତଚନ୍ଦ୍ର ମେହେର, ବିଭାଗୀୟ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସାହୁ, ଶୁଭଲକ୍ଷ୍ମୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଛାତ୍ର ଅରବିନ୍ଦ ପ୍ରଧାନ, ସନ୍ତୋଷ ପ୍ରଧାନ, ହିମାଂଶୁ ଶେଖର ପ୍ରଧାନ, ଆକାଶ ସାମଲ, ଅସିତ ସାହୁ, କେଶବ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।




ଦେବଗଡ କଲେଜ ଫିଜିକ୍ସ ଡିପାର୍ଟମେଣ୍ଟର ନୂତନ ବର୍ଷର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଧ୍ୟାପକ, ଅଧ୍ୟାପିକା।

ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର
ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

### ନେତାଜୀ ସଂଯୁକ୍ତ ପ୍ରଭାତ ଶାଖାର ବାର୍ଷିକୋତ୍ସବ

ଦେବଗଡ,୧୧।୧୧(ସ୍ୱ.ପ୍ର.)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ନେତାଜୀ ସଂଯୁକ୍ତ ପ୍ରଭାତ ଶାଖାର ବାର୍ଷିକୋତ୍ସବ ସ୍ଥାନୀୟ କଲେଜ ପଡିଆଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଏଲଆଇସିର ଡିଓ କମଳ ଗୁପ୍ତା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସଂଘର ଜିଲା ବ୍ୟବସ୍ଥା ପ୍ରମୁଖ ତ୍ରିବିକ୍ରମ ଶତପଥୀ ଉପସ୍ଥିତ ରହି ସଂଘର ପୃଷ୍ଠଭୂମୀ ଓ ଶାଖାର ମହତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପ୍ରଚାର ପ୍ରମୁଖ ଅନନ୍ତ ଦାଶ ଓ ଶାଖା କାର୍ଯ୍ୟବାହ ବ୍ରହ୍ମାନନ୍ଦ ପାତ୍ର ପରିଚାଳନା କରିଥିବାବେଳେ ପ୍ରଦ୍ୟୁମ୍ନ ମିଶ୍ର, ଅଜୟ ମିଶ୍ର, ଅରୁଣ ଟାଲି, ରାଜେଶ ଦାସ, ଶୁଭ୍ରାଂଶୁ ଗୁରୁ, ନଗର ସଂଘ ଚାଳକ ଅଜୟ ମିଶ୍ର, ସୁକାନ୍ତ ସାହୁଙ୍କ ସମେତ ୯୪ ଜଣ ସ୍ୱୟଂ ସେବକ ଯୋଗ ଦେଇଥିଲେ। ଶେଷରେ ଅକ୍ଷୟ ଧଳ ଧନ୍ୟବାଦ ଦେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## GANGADHAR MEHER UNIVERSITY, SAMBALPUR

No. 5522/GMU Date: 10.11.18

**QUOTATION CALL NOTICE**

Sealed quotations are invited from Regd. firms with valid GST / TAN / PAN number for printing and supply of high Security Digital Printed Degree Certificates and Mark sheet for the use of o/o CoE, of this University. The certificates in A4 Size to be printed with minimum 15 security features and have to be Non-tearable, Water-proof, Termite Proof, Rodent Proof, Temper Proof and 100 years of shelf-life. Quotations should reach the office of the undersigned latest by **3.00 PM of 26.11.2018**. The sealed cover should be superscribed with "printing of high Security Digital Printed Degree Certificates".

The quotation will be opened on **same day (26.11.2018) at 4.00 PM** in the presence of the bidders. The undersigned reserves the right to cancel or reject any bidder without assigning any reason thereof. Interested firms may visit the university website **www.gmuniversity.ac.in** for details.

**Sd./- Registrar**

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍‌ସୁରାନ୍ସ ଫ୍ରୀ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

### ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

M. GROUP FINANCE CO.
DIWALI OFFER (Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027



ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଧନକଉଡା ଜୋନ-୨ରେ ବିଜେଡିର ମିଶ୍ରଣ ପର୍ବ

ବୁର୍ଲା,୧୧।୧୧(ଡି.ଏନ.ଏ.) ସମ୍ବଲପୁର ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧନକଉଡ଼ା ବ୍ଲକ ଜୋନ-୨ର ଚିପିଲିମା ଗୋବିନ୍ଦପାଲି ମାର୍କେଟ ୟାର୍ଡଠାରେ ରବିବାର ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ତଥା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ କର୍ମୀ ସମ୍ମିଳନୀ ହୋଇଥିଲା। ସମ୍ବଲପୁର ସାଂସଦ ନଗେନ୍ଦ୍ର ପ୍ରଧାନ, ରେଙ୍ଗାଲି ବିଧାୟକ ରମେଶ ପଟୁଆ ଉପସ୍ଥିତ ରହିଥିଲେ। ବ୍ଲକ ସଭାପତି ରଶ୍ମିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀରେ ରେଙ୍ଗାଲି ବ୍ଲକ ସାଂସଦ ପ୍ରତିନିଧି ଏମ ବି ପ୍ୟାରିରାଜ ସଭା ପରିଚାଳନା କରିଥିଲେ । ଆୟୋଜିତ ସମ୍ମିଳନୀରେ ବିଧାୟକ ପଟୁଆ ନବୀନ ସରକାରଙ୍କ ସଫଳତାକୁ ଦର୍ଶାଇଥିଲେ। ଆସନ୍ତା ନିର୍ବାଚନ ପୂର୍ବରୁ ବସନ୍ତପୁର ପଞ୍ଚାୟତବାସୀଙ୍କୁ ଜମିପଟ୍ଟା ମିଳିବ ଏବଂ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା କହିଥିଲେ। ସେହିପରି ସାଂସଦ ନଗେନ୍ଦ୍ର ପ୍ରଧାନ କୁଦଗୁଣ୍ଡେରପୁର ପୋଲ ନିର୍ମାଣ ରାଜ୍ୟ ସରକାରଙ୍କ ଏକ ଐତିହାସିକ ସଫଳତା ବୋଲି କହିଥିଲେ। ବିଧାୟକ ପ୍ରତିନିଧି ଅନୀଲ ଭୋଇଙ୍କ ନେତୃତ୍ୱରେ ଶତାଧିକ କର୍ମୀ, ସାଂସଦ ଓ ବିଧାୟକଙ୍କୁ ଗୋଶାଳା ଛକରୁ ସ୍ୱାଗତ କରି ବାଇକ ଶୋଭାଯାତ୍ରା ମାଧ୍ୟମରେ ସଭାସ୍ଥଳକୁ ପାଛୋଟି ନେଇଥିଲେ।

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ପ୍ରସଙ୍ଗ

# ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ସମ୍ବଲପୁର,୧୧।୧୧(ବ୍ୟୁରୋ) ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବି ନେଇ ଶନିବାର ସମ୍ବଲପୁର ଜିଲା ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସମର୍ଥ ବର୍ମାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚ ଅଧିକାରୀ, ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କ୍ରିୟାନୁଷ୍ଠାନ କମିଟି ଓ ନାଗରିକ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ମଣ୍ଡଳୀକୁ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା ନିମନ୍ତେ ଦିଲ୍ଲୀ ପଠାଇବାକୁ ସେଥିରେ ଅନୁରୋଧ କରାଯାଇଛି। ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଲାଗି କ'ଣ ଆବଶ୍ୟକ ଓ କିଭଳି ବ୍ୟବସ୍ଥା ରହିଛି, କେଉଁ ଆଧାରରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ସମ୍ଭବ ହେବ ଉକ୍ତ ସ୍ମାରକପତ୍ରରେ ବିସ୍ତୃତ ଭାବେ ଦର୍ଶାଯାଇଛି। ତୁରନ୍ତ ଏହାକୁ ବିଚାରକୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ସଦସ୍ୟମାନଙ୍କୁ ନୂଆଦିଲ୍ଲୀ ପଠାଯିବାକୁ ବ୍ୟବସ୍ଥା କରାଯାଉ ବୋଲି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ନାଗରିକ କ୍ରିୟାନୁଷ୍ଠାନ କମିଟିର ଭାଗବତ ପ୍ରସାଦ ନନ୍ଦ, ପ୍ରଫୁଲ୍ଲ ହୋତା, ଦୀପକ କୁମାର ପଣ୍ଡା, ବୋଧରାମ ଦାଶ, ଅଶୋକ ମିଶ୍ର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ରହିଥିଲେ। ସୋମବାର ଅଡାବିରାରେ ଏ ସମ୍ପର୍କିତ ପଶ୍ଚିମ ଓଡ଼ିଶା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ରବିବାର ସମ୍ବଲପୁର ଜିଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକ ହୋଇଥିଲା। ବର୍ତ୍ତମାନ ଚାଲିଥିବା ଆନ୍ଦୋଳନର ପ୍ରଭାବ ଓ ଆବଶ୍ୟକତା ଉପରେ ଆଲୋଚନା କରାଯିବା ସହ ସିଏସି ବୈଠକ ପାଇଁ ପ୍ରସ୍ତୁତି ହୋଇଥିଲା ।

### ଚୋରା ସାମଗ୍ରୀ ସହ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୧୧।୧୧(ବ୍ୟୁରୋ):** ସମ୍ବଲପୁର ଧନୁପାଲି ପୋଲିସ ଚୋରା ସମାଗ୍ରୀ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ସୁନାପାଲିର ଆଶଫ ଅଲ୍ଲି (ଭଗଦ)। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୁନାପାଲି ଗ୍ରାମର ସୁଧାଂଶୁ ପୂଜାରୀଙ୍କ ଘରୁ ଟିଣ ଆଜବେଷ୍ଟ ଚୋରି ଅଭିଯୋଗର ତଦନ୍ତ କରି ପୋଲିସ ତାଙ୍କୁ ଧରିଥିଲା।

### କଫ୍ ସିରପ ଜବତ, ଜଣେ ଗିରଫ

**ସମ୍ବଲପୁର,୧୧।୧୧(ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ପୋଲିସ କଫ୍ ସିରଫ ବିକ୍ରି କରୁଥିବା ଦିଲେଶ୍ୱର ପରିଡ଼ାଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ ୧୦ ବୋତଲ କଫ୍ ସିରଫ ସହ ନିଶା ବଟିକା ଜବତ ହୋଇଛି। ଏ ନେଇ ଅଇଁଠାପାଲି ଥାନାରେ ଏକ ମାମଲା (ନଂ୪୩୯/୧୮) ରୁଜୁ ହୋଇଛି।

# ଡିସେମ୍ବର ୧୩ରେ ବିଧାନସଭା ସମ୍ମୁଖରେ ପାଚିକା ସହାୟିକା ଦେବେ ଧାରଣା

**ରେଢ଼ାଖୋଲ,୧୧।୧୧(ଡି.ଏନ.ଏ.)**

୯ଦଫା ଦାବି ନେଇ ଡିସେମ୍ବର ୧୩ରେ ବିଧାନସଭା ସମ୍ମୁଖରେ ପାଚିକା ସହାୟିକା ସଂଘ ଧାରଣା ଦେବ। ରବିବାର ରେଢ଼ାଖୋଲ ହାଟପଦାଠାରେ ଅନୁଷ୍ଠିତ ସମ୍ବଲପୁର ଜିଲା ସମ୍ମିଳନୀରେ ଏହି ନିଷ୍ପତ୍ତି ହୋଇଛି। ସମ୍ମିଳନୀକୁ ପାଚିକା ସହାୟିକା ସଂଘର ରାଜ୍ୟ ସଭାପତି ରାଧାରମଣ ଷଡ଼ଙ୍ଗୀ ଉଦଘାଟନ କରି ସଂଘର ଦାବୀ ପୁରଣ ପାଇଁ ସଙ୍ଗଠିତ ହୋଇ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସମ୍ପାଦିକା ଇଷାନୀ ଷଡ଼ଙ୍ଗୀ, ସିଟୁର ଜିଲା ନେତା ବିକାଶ ପଧାନ ସମ୍ମିଳନୀରେ ଯୋଗ ଦେଇଥିଲେ। ପାଚିକା ସହାୟିକାମାନଙ୍କ ସର୍ବନିମ୍ନ ମଜୁରୀ ମାସିକ ୧୮ ହଜାର ଟଙ୍କା, ସରକାରୀ ମାନ୍ୟତା, ପ୍ରୋଭିଡେଣ୍ଟ ଫଣ୍ଡ, ଚଳିତ ମାସ ଜାନୁୟାରୀ ମାସରୁ ମାସିକ ଭତ୍ତା ୨ହଜାର ଟଙ୍କା ପ୍ରଦାନ,



ରେଢ଼ାଖୋଲ ହାଟପଦାଠାରେ ଅନୁଷ୍ଠିତ ସମ୍ବଲପୁର ଜିଲା ସମ୍ମିଳନୀ।

ପାଚିକା ସହାୟିକା ମାନଙ୍କୁ ଅସଙ୍ଗଠିତ ଶ୍ରମିକ ଘୋଷଣା କରି ସୁବିଧା ସୁଯୋଗ ପ୍ରଦାନ କରିବା, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୮ ମାସର ବକେୟା ଭତ୍ତା, ଛଟେଇ ସହାୟିକାମାନଙ୍କୁ ପୁନଃନିଯୁକ୍ତି, ଅବସର ବୟସ ୬୦ରୁ ୬୫, ପ୍ରସୂତିକାଳୀନ ଭତ୍ତା, ବୀମାଲାଗୁ କରିବା, କାର୍ଯ୍ୟରତ ସହାୟିକାଙ୍କ ମୃତ୍ୟୁ ହେଲେ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଆଦି ଉପରେ ଆଲୋଚନା ହୋଇଥିଲା। ପ୍ରଥମଥର ପାଇଁ ସମ୍ବଲପୁର ଜିଲାର ପାଚିକା ସହାୟିକା ସଂଘର ସମ୍ମିଳନୀ ଅନୁଷ୍ଠିତ ହୋଇଥିବାବେଳେ ଜିଲାର ବିଭିନ୍ନ ଅଞ୍ଚଳରୁ ପାଚିକା ସହାୟିକାମାନେ ଏଥିରେ ଯୋଗ ଦେଇଥିଲେ ।

### ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ

# ଟାଉନ ହାଇସ୍କୁଲ, କାଇଁଶିର ବିଜୟୀ

**ସମ୍ବଲପୁର,୧୧।୧୧(ବ୍ୟୁରୋ)** ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ମ୍ୟାଚରେ ନୃସିଂହଗୁରୁ ଟାଉନ ହାଇସ୍କୁଲ ଏବଂ କାଇଁଶିର ହାଇସ୍କୁଲ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ହାୱା ମଇଦାନରେ ପ୍ରଥମ ମ୍ୟାଚ ଟାଉନ ହାଇସ୍କୁଲ ବନାମ ବୈଦିକ ସ୍କୁଲ ମଧ୍ୟରେ ଏକତରଫା ହୋଇଥିଲା। ଏଥିରେ ଟାଉନ ହାଇସ୍କୁଲ ୫-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ଉଦେଶ କୁମ୍ଭାରଙ୍କୁ ପୁରୁଖା ଫୁଟବଲ ଖେଳାଳି କ୍ଷେତ୍ରବାସୀ ସେଠ ପୁରସ୍କୃତ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ କାଇଁଶିର ହାଇସ୍କୁଲ ବନାମ ସେଭେନହିଲ୍ସ ସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ କାଇଁଶିର ଦଳ ୪-୧ ଗୋଲରେ ବିଜୟୀ ହୋଇଥିଲା। ଖେଳାଳି ଅଭିଷେକ ସୋନିଆଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ଗୋକୁଳ ଚନ୍ଦ୍ର ଦର୍ଜି ପୁରସ୍କୃତ କରିଥିଲେ। ଜଗବନ୍ଧୁ ବେହେରା, ରମଣୀ ରଞ୍ଜନ ସାହୁ, ପଦ୍ମଚରଣ ନାୟକ, ଲକ୍ଷ୍ମଣ ନାଥ, ସୁବାଷ ରାଉତ, ଗୋପାଳ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ଇନ୍ଦ୍ରିଶ ମଲ୍ଲିକ, ବିଶ୍ୱମ୍ଭର ବହିଦାର, ବଳରାମ ମଟାରୀ, ଭିମସେନ ଛତର, ସୁରେନ୍ଦ୍ର ନାୟକ, କାର୍ତ୍ତିକେଶ୍ୱର ପ୍ରଧାନ, ଅମୂଲ୍ୟ ମିଶ୍ର, ସୁକାନ୍ତ ବୋଷ ଓ ବିଜୟ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ଜିଲା ବର୍ଷିୟାନ କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ରେଢ଼ାଖୋଲ,୧୧।୧୧(ଡି.ଏନ.ଏ.)**-ରେଢ଼ାଖୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଆରତୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମାନଙ୍କ ବିକାଶ ଦିଗରେ ମା'ମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରଧାନାଚାର୍ଯ୍ୟ ହେମରାଜ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ବାଟିକା ପ୍ରମୁଖ ଭାଗ୍ୟସିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ସମ୍ମିଳନୀକୁ ନମିତାରାଣୀ ପଧାନ ସଂଯୋଜନା କରିଥିଲେ। ଅଞ୍ଜନା ସାହୁ, ବିନୋଦିନୀ ଭୋଇ, ବୈକୁଣ୍ଠ ପ୍ରଧାନ, ମନୋଜ ସାହୁ, ବିପିନ କୁମାର ପ୍ରଧାନ ସହଯୋଗ କରିଥିଲେ। ସମ୍ମିଳନୀରେ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ଉପସ୍ଥିତ ରହିଥିଲେ।

# କଂଗ୍ରେସର 'ମୋ ବୁଥ ମୋ ଗୌରବ' କାର୍ଯ୍ୟକ୍ରମ


ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକରେ କଂଗେସର କର୍ମୀ ସମ୍ମିଳନୀ ।

**ସମ୍ବଲପୁର,୧୧।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଗଡ଼ଲୁଇସିଂ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ 'ମୋ ବୁଥ ମୋ ଗୌରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଂଗେସ ନେତା ଆଶଫ ଅଲ୍ଲି ଖାନ ଏଥିରେ ଯୋଗ ଦେଇଥିଲେ। ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ଉପରେ ନେତାମାନେ ବର୍ଷିଥିଲେ। ଏହି ଅବସରରେ ଅନ୍ୟ ଦଳର ୩୦ କର୍ମୀ କଂଗ୍ରେସରେ ଯୋଗଦାନ କରିଥିଲେ। ସେମାନଙ୍କୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ସୁରେଶ ସାହୁ, ଯୁବନେତା ବରୁଣ ଦେହୁରୀ, ବେଦପ୍ରକାଶ ବିଶ୍ୱାଳ, ପ୍ରେମାନନ୍ଦ ସାହୁ, ଲଳିତ ସାହୁ, ବିରେନ ଭୋଇ, ଦୀପକ ପ୍ରଧାନ, ବାବୁଲୁ ସାହୁ, ବିରଞ୍ଚି ସାହୁ, ବିଜୟ ବେହେରା ଉପସ୍ଥିତ ରହିଥିଲେ। ବିବେକା ବେହେରାଙ୍କୁ ପଞ୍ଚାୟତ ସଭାପତି ଭାବେ ଚୟନ କରାଯାଇଥିଲା।

### ଜିରୋ ପଏଣ୍ଟରେ ଜିରୋ ପ୍ଲାଷ୍ଟିକ କାର୍ଯ୍ୟକ୍ରମ

**ସମ୍ବଲପୁର,୧୧।୧୧(ବ୍ୟୁରୋ)**

ହୀରାକୁଦ ଡ୍ୟାମ ଜିରୋ ପଏଣ୍ଟଠାରେ ଜିରୋ ପ୍ଲାଷ୍ଟିକ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, ମହାନଗର ନିଗମ ଡେପୁଟି କମିଶନର ସୁଧାଂଶୁ ଭୋଇ, ହିଣ୍ଡାଲ୍କୋ ସିଏସଆର ମୁଖ୍ୟ ସତ୍ୟନାରାୟଣ ଓ ଜଗଦୀଶ ମିଶ୍ର ଯୋଗଦେଇ ପ୍ଲାଷ୍ଟିକମୁକ୍ତ ଜିରୋ ପଏଣ୍ଟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ୨ଶହ ଛାତ୍ରୀଛାତ୍ର ଓ ଜିଲାପାଳ ଅଫିସ କର୍ମଚାରୀମାନେ ଭାଗ ନେଇଥିଲେ। ଜିରୋ ପଏଣ୍ଟକୁ ବଣଭୋଜି କରିବାକୁ ଆସୁଥିବା ଜନସାଧାରଣଙ୍କୁ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରତି ଶନିବାର ଓ ରବିବାର ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରାଇବେ। ଏଥିସହ ସେଠାରେ ୫ ବଡ଼ ସିମେଣ୍ଟ ଡଷ୍ଟବିନ୍ ନିର୍ମାଣ କରାଯିବାକୁ ସ୍ଥିର ହୋଇଛି। ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସୀତାଂଶୁ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

# ଧମା ରନର୍ସଅପ୍, ତେନ୍ତୁଲିକୁର୍ଲା ଚାମ୍ପିୟନ

**ଧମା,୧୧।୧୧(ଡି.ଏନ.ଏ.)** ମାନେଶ୍ୱର ବ୍ଲକ ବଦୁଆପାଲିରେ ଦ୍ୱିଦୀବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ରାମଜୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଥିବାବେଳେ ଏଥିରେ ଗୋଲାବନ୍ଧ, ତେନ୍ତୁଲିକୁର୍ଲା, ସାହାସପୁର, ଗଧେରପାଲି, ମିର୍ଗାମୁଣ୍ଡା, କୁଡାପାଲି, ଖୁଲିଆ, ସେହ୍ନାପାଲି, ଖୁଣ୍ଟି, ଖଣ୍ଡୁଆଲ, ବାଲପୁର, ଧମା, ବରଁସରା, ବଇଦାରକଣ୍ଟା ଓ ହୁମା ଆଦି ୧୬ ଦଳ ଅଂଶଗ୍ରହଣ କରିଥିଲେ।

ରବିବାର ଖୁଣ୍ଟି ଓ ତେନ୍ତୁଲିକୁର୍ଲା ଏବଂ ବାଲପୁର ଓ ଧମା ମଧ୍ୟରେ ମ୍ୟାଚ ହୋଇଥିଲା। ଧମା ଓ ତେନ୍ତୁଲିକୁର୍ଲା ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଥିଲେ। ଟ୍ରାଇବ୍ରେକରରେ ୩-୨ରେ ଧମା ଦଳକୁ ହରାଇ ତେନ୍ତୁଲିକୁର୍ଲା ଚାମ୍ପିୟନ ହୋଇଛି। ନନ୍ଦ ନାଏକ, ରାଧାକାନ୍ତ ଭୋଇ, ପ୍ରଶାନ୍ତ ମହାକୁର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେଡି କର୍ମୀ ମନୋଜ ମହାପାତ୍ର, ଖେଳପ୍ରମୀ ସଞ୍ଜୟ ଭୋଇ, ଦୁଷ୍ମନ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ରାମଜୀ କ୍ଲବ ସଦସ୍ୟ ଅନୀଲ କୁଅଁର, ରିଙ୍କଲ ରାଉତ, ଆଶିଷ ପଣ୍ଡା, ମନୋରଞ୍ଜନ ସିଂ, ତପନ ନାଥ ସହଯୋଗ କରିଥିଲେ ।

# ମା' ସମଲେଶ୍ୱରୀ ୭ମ ଏକଦିବସୀୟ ଫୁଟବଲ : ଲରପଙ୍କ ଚାମ୍ପିୟନ

ବୁର୍ଲା, ୧୧।୧୧ (ଡି.ଏନ.ଏ) ସମ୍ବଲପୁର ଜିଲା ବୁର୍ଲା ଥାନା ବସନ୍ତପୁର ମାଁ ସମଲେଶ୍ୱରୀ ଫୁଟବଲ ଆସୋସିଏଶନ ପକ୍ଷରୁ ଗାଁ ଖେଳପଡ଼ିଆରେ ୭ମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଲରପଙ୍କ (ହୀରାକୁଦ) ଦଳ ଇଲେଭେନ ଷ୍ଟାର (ଚାରପାଲି) ଦଳକୁ ହରାଇ ଚାମ୍ପିୟନ ହୋଇଛି। ଆୟୋଜିତ ଟୁର୍ନାମେଣ୍ଟରେ ସମ୍ବଲପୁର ଜିଲାର ବଗବିରା, ଷ୍ଟାର କ୍ଲବ (ବିଟିଆଇ), ଇଲେଭେନ ଷ୍ଟାର (ଚାରପାଲି), ସୁନାପାଲି, ରୂପାପାଲି ଓ ବରଗଡ ଜିଲାରୁ ସିଲେଟ (ଲହଣ୍ଡା) ଓ ଲୁପୁରସିଂହା ମୋଟ ୮ ଦଳ ଭାଗ ନେଇଥିଲେ। ପ୍ରଥମ ସେମିଫାଇନାଲରେ ଇଲେଭେନ ଷ୍ଟାର ଦଳ ବଗବିରା ଦଳକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲେ । ଦ୍ୱିତୀୟ ସେମିଫାଇନାଲରେ ଲରପଙ୍କ ଦଳ ସୁନାପାଲି ଦଳକୁ ହରାଇ ଦ୍ୱିତୀୟ ଫାଇନାଲିଷ୍ଟ ହୋଇଥିଲା। ସମସ୍ତ ଖେଳକୁ ରେଫରୀ ସୁବନ ପାତ୍ର, ଭାସ୍କର ଭୋଇ, ଲୋକେଶ୍ୱର ବାରିକ ପରିଚାଳନା କରିଥିଲେ। ବସନ୍ତପୁର ସରପଞ୍ଚ ଉଦୟ ମିର୍ଦ୍ଧା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାଜପା ବରିଷ୍ଠ ନେତା ନାଉରୀ ନାଏକ ମୁଖ୍ୟ ଅତିଥି, ଜିଲାପରିଷଦ ସଂଯୁକ୍ତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ, ପୂର୍ବତନ କର୍ଡୋଲା ସରପଞ୍ଚ ମୁରଲୀ ଛୁରିଆ, ସମାଜସେବୀ ସୁରେଶ ଛନ୍ଦ, ମଣ୍ଡଳ ସଭାପତି ଦେବେନ୍ଦ୍ର ନାୟକ, ଧିରେନ୍ଦ୍ର ନାଗ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଜେତା ଦଳକୁ ନଗଦ ୪ହଜାର ଓ ଉପବିଜେତା ଦଳକୁ ୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଖେଳାଳି ଭାବେ ଲରପଙ୍କ ଦଳର ରିଙ୍କୁ ନାଏକଙ୍କୁ ନଗଦ ୨ଶହ ଟଙ୍କା ସହ ଟ୍ରଫି ଦିଆଯାଇଛି। ଅନୁଷ୍ଠାନ ସଭାପତି ବଳବନ୍ତ ପ୍ରଧାନ ଓ ସମ୍ପାଦକ ପ୍ରଫୁଲ୍ଲ ଭୋଇଙ୍କ ତତ୍ତ୍ୱାବଧାନରେ କୃଷ୍ଣ ଭୋଇ, ଅମିତ ପ୍ରଧାନ, ରାଜେଶ ଭୋଇ ପ୍ରମୁଖଙ୍କ ସହ ଗ୍ରାମବାସୀ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ରବିବାର ସମ୍ବଲପୁର ମାହାନ୍ତିପଡାଠାରେ ଭକ୍ତମାନେ ନାଗେନ ଚତୁର୍ଥୀ ପୂଜା କରୁଛନ୍ତି ।

# ଭତରାରେ ଭାଜପାର ଜନପରାମର୍ଶ ପଦଯାତ୍ରା

### ଅନୁପସ୍ଥିତ ରହିଲେ ମଣ୍ଡଳ ସଭାପତି

**ସମ୍ବଲପୁର,୧୧।୧୧(ବ୍ୟୁରୋ)** ସମ୍ବଲପୁର ମହାନଗର ନିଗମ ଧନୁପାଲି ମଣ୍ଡଳ ଭତରା ଗ୍ରାମରେ ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଆରମ୍ଭ ହୋଇଛି। ଏଥିରେ ଧନୁପାଲି ମଣ୍ଡଳ ସଭାପତି ପ୍ରକାଶ ସାହୁ ଓ ଜିଲାସ୍ତରୀୟ ଭାଜପା କର୍ମକର୍ତ୍ତାଙ୍କ ଅନୁପସ୍ଥିତକୁ ନେଇ ଚର୍ଚ୍ଚା ହେଉଛି। ପ୍ରଥମେ ଭତରା ଗ୍ରାମସ୍ଥିତ ଗାନ୍ଧୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପଦଯାତ୍ରାରେ କର୍ମୀମାନେ ଗ୍ରାମ ପରିକ୍ରମା କରିଥିଲେ। ପଡ଼ାର ଲୋକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ଏକ ସଭା କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ପୂର୍ବତନ ଜିଲା ସଭାପତି ନାଉରୀ ନାଏକ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସରକାର ଉପରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ପୁରୋହିତ, ସମୀର ରଞ୍ଜନ ବାବୁ, କୃଷ୍ଣ ମହାକୁଡ, ସମ୍ଭୁ ବରେଲିଆ, ଜୟ କିଶୋର ଜାଲ, ଅନ୍ନପୂର୍ଣ୍ଣା ବାରିକ,



ସମ୍ବଲପୁର ମହାନଗର ଭତରାରେ ଭାଜପା ପକ୍ଷରୁ ରାଲି କରାଯାଉଛି ।

ତପସ୍ୱିନୀ ଜଗଦଲା, ଭାରତୀ ପଣ୍ଡା, ପ୍ରଭାସନୀ ଦାଶ, ରୁନୁ ପ୍ରଧାନଙ୍କ ସମେତ ଶତାଧିକ ଭାଜପା କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଧନୁପାଲି ମଣ୍ଡଳ ସଭାପତିଙ୍କ ଅନୁପସ୍ଥିତିକୁ ନେଇ ନାଉରୀ ନାଏକ କହିଥିଲେ ଯେ ସେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅଧୀନରେ ରହୁଛନ୍ତି। ତାଙ୍କର ବ୍ୟକ୍ତିଗତ କାମ ଥିବାରୁ ସେ ଆସିପାରି ନଥିଲେ ବୋଲି କହିଥିଲେ ।



"ମନୁଷ୍ୟର ନିନ୍ଦିବା, ପ୍ରଶଂସା ସତ୍ୟର ମାପକାଠି ନୁହେଁ, ସେ ଦୁଇଟି ଆମକୁ ସାହାଯ୍ୟ କରେ ନିଜକୁ ପରୀକ୍ଷା କରିବା ପାଇଁ।
- ଗୁରୁ ନାନକ

## ସଂକ୍ଷେପରେ

### ଆରଏସଏସର ଯୁବ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ସମ୍ବଲପୁର,୧୧।୧୧(ବ୍ୟୁରୋ) ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର, ରେଢ଼ାଖୋଲ, କୁଚିଣ୍ଡାର ୨୦୩ ସ୍ୱୟଂ ସେବକ ସାମିଲ ଥିଲେ। ସମ୍ବଲପୁର ଜିଲା ସଂଘ ଚାଳକ ସରୋଜ ଦାଶ, ଜିଲା କାର୍ଯ୍ୟବାହ ରାମକୃଷ୍ଣ ନାୟକ, ରାଉରକେଲା ବିଭାଗ କାର୍ଯ୍ୟବାହ ରତ୍ନାକର ବେହେରା ଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ବିଭାଗ ପ୍ରଚାରକ ଶ୍ରୀମନ୍ତ ପ୍ରଧାନ, ମହାନଗର କାର୍ଯ୍ୟବାହ ରାଜାରାମ ଲେଙ୍କା, ପ୍ରଚାର ପ୍ରମୁଖ ରଞ୍ଜନ ଶର୍ମା, ଖଗେଶ୍ୱର ବେହେରା, ସୁଧାଂଶୁ ଓ ରାଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାଳିକା ବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ

ସମ୍ବଲପୁର,୧୧।୧୧(ବ୍ୟୁରୋ) ସମ୍ବଲପୁର ମହାନଗର ନିଗମ ବଡ଼ବଜାର ଦୁତିକା ବାଳିକା ବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାବଗ୍ରାହୀ ସାହୁ ଯୋଗ ଦେଇଥିଲେ । ଭାରତର ଶିକ୍ଷା ବ୍ୟବସ୍ଥା, ପୂର୍ବତନ ରାଷ୍ଟ୍ରପତି କାଲାମଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ନବୀନ କୁମାର ନନ୍ଦ, ରମେଶ ମିଶ୍ର, ମୋଜିବୁଦ୍ଧିନ ଖାନ, କୁନ୍ଦନ ଭୋଇ,ଚେରୁ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ମା'ର ବିଶାଳ ହୁରୁଦ୍‌ର ପରିଚଏ ଦେଇଛନ୍ ରାଧିକା

ବାମରା, ୧୧।୧୧ (ସ୍ୱ.ପ୍ର.)

ଭଗବାନ୍‌ଙ୍କର ସୁରୁଷ୍ଟି ବଡ଼ା ବିଚିତ୍ର। ତାକରନେ ଧନୀ, ଗରିବ୍ ସଭେ ସମାନ୍। ସଁସାରକେ ପାଲବାର ଲାଗି ସେ ନାରୀ ଜାତିର ସୁରୁଷ୍ଟି କରିଛନ୍। ସେଥିରଲାଗି କଥାରେ ଅଛେ ମା'ର ହୁରୁଦ୍ ବିଶାଲ ଆଏ, ମା'ର ଠାନ୍ କେହି ନେଇ ନାଇଁପାରନ୍। ଏନ୍ତା ଝନେ ସେନେହ ମମତା ଭରା ବିଶାଲ ହୁରୁଦ୍ ମା'କେ ଦେଖିବାକେ ମିଳିଛେ ସମ୍ବଲପୁର ଜିଲା ବାମରା ବ୍ଲକ୍ ପିଣ୍ଡାପଥର ପଁନ୍‌ଚେତ ମହୁଲଛାପଲ ଗାଁରେ। ଇ ଗାଁରେ ବାସ୍ କରୁଛନ୍ ରାଧିକା ମାଝୀ(୨୮)। ତାକର ପରିବାର କହେଲେ ଆପ୍‌ନେ ମନବୋଧ ମାଝୀ, ଝି ନମିତା(୭) ଆର୍ ପୁଓ ଆୟୁଷ(୪)। ଘରର ମେରିଖୁଁଟ୍ ହେଉଛନ୍ ରାଧିକା, ଆପ୍‌ନେର କିଛି ଠିକ୍ ଠିକାନା ନାଇଁ, କେତେବେଳେ କାମ୍‌ବୁତା କରୁଛନ୍ ତ କେତେବେଳେ ବସିଛନ୍। ସେଥିରଲାଗି ପରିବାର୍‌ର ସବୁ ବୋଝ୍ ରାଧିକାଙ୍କର ଉପ୍‌ରେ। ସଖାଲ ପାଏଲେ ରାଧିକା ଘରର କାମ୍‌ବୁତା ସାରି କୁଲି ମଜୁରି ଲାଗି ବାହାରି ପଡ଼ସନ୍। ତାକର କମାନି କହେଲେ ଫିଦିନ୍ ୧୦୦ ଟଁକା। ସରକାରୀ ସାହାଯ୍ କହେଲେ ମାସିକ୍ ପାଉଥିବାର ୨୦ କେ.ଜି. ଟଁକାକିଆ ଚାଉଲ୍। ସବୁଥିରୁ ବଡ଼କଥା ହେଉଛେ, ତାକର ୪ ମାଇପିଲାକୁ ଛାଡି ରାଧିକା ୫ ଝନ୍ ଅସାହା ଛୁଆ ଆର୍ ଝନେ ଭିନ୍ନକ୍ଷମକେ ପାଲୁଛନ୍।



ନିଜର ଛୁଆପିଲାକର ସଂଗେ ରାଧିକା।

ସୂଚ୍‌ନା ହିସାବେ ୨ ବଛର ତଲେ ମହୁଲଛପଲ କିସାନପଡାର ଲବଣୀ ମାଝୀ(୪୦) ଆର୍ ତାକର ମାଏକିନା ଜାମ୍ବବତୀ(୩୫)ଙ୍କର ସଂଗେ ଗୁଟେ ଦୁର୍‌ଘଟନାର ଶିକାର ହେଇଥିଲେ। ଇଥିରେ ଜାମ୍ବବତୀଙ୍କର ମୁରତୁ ହେଇଥିଲା ବେଳେ ଲବଣୀ ଭିନ୍ନକ୍ଷମ ପାଲ୍‌ଟି ଯାଇଥିଲେ। ସେ କିଛି କାମ୍‌ଧଁଦା ନାଇଁ କରିପାରବାର ଲାଗି ତାକର ୨ ଝି ଦୀପା(୧୨), ଅଞ୍ଜଳୀ(୯) ଆର୍ ପୁଓ ଅଭିଷେକ(୬) ଅସାହା ହେଇ ଗୁଲ୍‌ଗୁଲା ହେଉଥିଲେ। ସେନ୍‌ତା ଗଲା ୪ ଦିନ୍ ତଲେ ପଡାର ରାଜୁ ମାଝୀ ନିଜର ମାଏକିନାକେ କାଠ୍‌ଫାଲିଆରେ ପିଟି ମାରିଦେଇଥିଲେ। ଇ ମାମ୍‌ଲାରେ ରାଜୁକେ ପୁଲିସ କୋର୍ଟ ଚାଲନ କଲା ଉତାରୁ ତାକର ୨ ଝି ସୋମବାରୀ(୭) ଆର୍ ନିଲିମା(୪) ଅସାହା ହେଇଯାଇଥିଲେ। ଏନ୍‌ଥେଇ ରାଧିକା ୫ ଛୁଆ ଆର୍ ଝନେ ଭିନ୍ନକ୍ଷମକେ ଆଶ୍ରେ ଦେଇଛନ୍। ସମ୍‌କୁ ମିଶେଇ ଏହେଦେ ରାଧିକାଁକର ପରିବାର୍‌ର ସଦସିଅ ସଂଖ୍ୟା ୧୦ରେ ପୁହୁଁଚିଛେ। ରାଧିକା ନିଜେ ଝନେ ନିହାତି ଗରିବ୍ ହେଇଥିଲା ବେଲେ ତାକର ଅଲପ୍ କମାନିରେ ୧୦ ଝନ୍‌କୁ ପାଲିପୁଷି ଆସୁଛନ୍। ଏନ୍‌ତାଥି ଲୋକ୍ ତାହାକୁ ସାହାଯ୍ କରବାର ଜାଗାରେ ଟାହିଟାପ୍‌ରା କରି ତାକର ମନ୍‌ବଲ ଭାଂଗ୍‌ବାର ଚେଷ୍ଟା କରିଛନ୍। ହେଲେ ଗୁଟେ ମା'ର ବିଶାଲ୍ ହୁରୁଦ୍ ସମାଜ୍‌ର ସବୁ ବାଧାକେ ପର୍‌ବତ୍ ଲେଖେଁ ସହିଯାଇଛେ। ରାଧିକାଙ୍କର ପରିବାରକେ ମାସିକ୍ ମିଲୁଥିବାର ୨୦ କେ.ଜି. ଚାଉଲ ଆର୍ ସେ କମାନି କରୁଥିବାର ୨ହଜାର ଟଁକାରେ ୧୦ ଝନ୍‌କର ପେଟ୍ ପାଲୁଛନ୍। ଏନ୍‌ତାଥି କେନ୍ଦ୍ର ଆର୍ ରାଏଜ୍ ସରକାରଙ୍କର ସବୁ ପରକାର ସାମାଜିକ ସୁରକ୍ଷା ଯୋଜ୍‌ନା ଫେଲ ମାରିଥିବାର ବୋଧ୍ ହେଉଛେ। ନିଜର ପରିବାର ଦରିଦିରିଆର ଚରମ୍ ସୀମାରେ ଥିଲେ ବି ଝନେ ମା'ର ହୁରୁଦ୍ ୫ଟା ଅସାହା ଛୁଆ ଆର୍ ଝନେ ଭିନ୍ନକ୍ଷମର ଗୁଲ୍‌ଗୁଲାକେ ଦେଖି ତର୍‌ଲି ଯାଇଥିଲା। ନିଜେ ଭୁଖେ ଉପାସେ ରହି ନିଜର ଛୁଆକୁ ଉଢ଼ାଲେ ରଖୁଥିବାର ଝନେ ବିଶାଲ ହୁରୁଦୟୀ ମା'ରନୁ କେହେନ୍‌ସି ଗୁନ୍‌ରେ କମ୍ ନୁହଁନ୍ ରାଧିକା। ଜିଲା ପରଶାସନ୍ ଇ ଦିଗେ ଦୁରୁଷ୍ଟି ଦେଇ ଅସାହା ଛୁଆକର ଲାଲନ୍‌ପାଲନ୍ ଲାଗି ରାଧିକାଙ୍କୁ ସବୁପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ସାଧାରନ୍‌ରେ ଦାବି ହେଉଛେ।

**ସମାଜ୍ ଲାଗି ଉଦାହରନ୍ ସୁରୁଷ୍ଟି କରିଛନ୍**
- ନିଜ ପରିବାର ଦରିଦିରିଆର ଚରମ ସୀମାରେ ଅଛେ
- ୫ ଅସାହା ଛୁଆ, ଝନେ ଭିନ୍ନକ୍ଷମକୁ ସାହାରା ଦେଇଛନ୍
- ୨୦ କେଜି ଚାଉଲ୍‌ରେ ୧୦ ଝନ୍ ଚଲୁଛନ୍।

### ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ

ପଡ଼ିଆବାହାଲ,୧୧।୧୧ (ଡି.ଏନ.ଏ)

ଝୁଝୁମୁରା ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତ ନୂଆମୁଣ୍ଡାସ୍ଥିତ ରାଧାକୃଷ୍ଣ ଯୁବକ ସଂଘ ଆନୁକୂଲ୍ୟରେ ନୁଆମୁଣ୍ଡା ଖେଳପଡ଼ିଆରେ ୨ ଦିନ ଧରି ୧୬ଟି ଦଳକୁ ନେଇ ଆୟୋଜିତ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର ଫାଟକ ସିଟି ଦଳକୁ ୦-୧ ଗୋଲରେ ହରାଇ ଗୁଡେସିଂହା ଦଳ ବିଜୟୀ ହୋଇଛି। ଶନିବାର ଟୁର୍ଣ୍ଣାମେଣ୍ଟକୁ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ରବିବାର ଉଦ୍‌ଯାପନୀ ଉତ୍ସବରେ ଭାଜପା ବରିଷ୍ଠ ନେତା ଡ. ରାଜକୁମାର ବଡ଼ପଣ୍ଡା ମୁଖ୍ୟ ଅତିଥି, ଝୁଝୁମୁରା ଜୋନ-୧ ଜିଲା ପରିଷଦ ସଦସ୍ୟ ବିଭୀଷଣ ପଧାନ ମୁଖ୍ୟ ବକ୍ତା ଏବଂ ଡା. ରାଜାରାମ ଷଡଙ୍ଗୀ, ଦେବାନନ୍ଦ ଭୁସାଗର, କ୍ରୀଡାବିତ ଅଶୋକ କୁମାର ବେହେରା, ଭାଜପା କାର୍ଯ୍ୟକାରୀ ଗୋବିନ୍ଦ ଅଗ୍ରୱାଲ, ଶିକ୍ଷକ ଶିବ ପ୍ରସାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ତରଣୀ ଡନସେନା, କର୍ଣ୍ଣ କୁମାର ବେହେରା, ବେଦ ସିନ୍ଧିଆ ଖେଳ ପରିଚାଳନା କରିଥିଲେ। ସଂଘର ମନରଞ୍ଜନ ମାଝୀ, ସୁବ୍ରତ ସାହୁ, ସତ୍ୟସୁନ୍ଦର ମାଘୀ, ପ୍ରମୋଦ ମିର୍ଦ୍ଧା, ପ୍ରତାପ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ସରକାରୀ ଜମି ଜବରଦଖଲକୁ ନେଇ ପୋଡ଼ାଜଳା

ନାକଟିଦେଉଳ,୧୧।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାହେବୀ ଗ୍ରାମରେ ସରକାରୀ ଜମି ଜବରଦଖଲକୁ ନେଇ ପୁଣି ଉତ୍ତେଜନା ପ୍ରକାଶ ପାଇଛି। ଉକ୍ତ ଜମିରେ କରାଯାଇଥିବା ଧାନଖଳାକୁ ପୋଡ଼ି ଦିଆଯାଇଛି। ଖବର ନେବାରୁ ଜଣାଯାଏ, ପ୍ରତି ରବିବାର ସାପ୍ତାହିକ ହାଟ ବସୁଥିବା ସରକାରୀ ଜାଗାର କିଛି ଅଂଶକୁ ଗତ ୯ ତାରିଖରେ ଗ୍ରାମର ଦେବାକର ବିଶ୍ୱାଳ, ଚରଣ ବିଶ୍ୱାଳ ଓ ଆଦିକନ୍ଦ ସାହୁ ତାରବାଡ଼ ଦେଇ ଆବଦ୍ଧ କରି ସେଥିରେ ଧାନଖଳା କରିଥିଲେ। ଏଥିଯୋଗୁ ସାପ୍ତାହିକ ହାଟ ବସିବା ସ୍ଥାନ ସଙ୍କୁଚିତ ହୋଇଥିଲା। ଏପରି ସ୍ଥଳେ ୧୧ ତାରିଖ ରବିବାର ସାପ୍ତାହିକ ହାଟପାଳି ଥିବାରୁ ଗ୍ରାମବାସୀମାନେ ୧୦ ତାରିଖ ଶନିବାର ନାକଟିଦେଉଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଉଭୟ ପକ୍ଷକୁ ଡକାଇଥିଲା। ଜମି ସମ୍ପର୍କିତ ମାମଲା କୋର୍ଟରେ ବିଚାରାଧୀନ ରହିଥିବାରୁ ଆପୋଷ ବୁଝାମଣା କରିବାକୁ ପରାମର୍ଶ ଦେଇଥିଲା। ତେବେ ରବିବାର ସକାଳେ ଗ୍ରାମର କେତେଜଣ ମହିଳା ଜବରଦଖଲ ହୋଇଥିବା ସରକାରୀ ଜମିକୁ ପଶି ତାରବାଡ଼ ସହ ଧାନଖଳାକୁ ଭାଙ୍ଗି ସେଥିରେ ନିଆଁ ଲଗାଇ ଦେଇଥିଲେ। ଖବର ପାଇ ନାକଟିଦେଉଳ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଭୂମିହୀନ ହୋଇଥିବାରୁ ଧାନ ଖଳା ପାଇଁ ସରକାରୀ ଜମିକୁ ବ୍ୟବହାର କରିଆସୁଥିବା ଦେବାକର, ଚରଣ ଓ ଆଦିକନ୍ଦ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ, ଗତ ଜୁନ ମାସରେ ମଧ୍ୟ ଏହି ଜମି ବିବାଦକୁ ନେଇ ଭଙ୍ଗାରୁଜା ସହ ପୋଡ଼ାଜଳା ହୋଇଥିଲା।



ସରକାରୀ ଜମିରେ ହୋଇଥିବା ଧାନଖଳା ପୋଡ଼ାଜଳା।

### ଲାୟନ୍ସ କ୍ଲବ ପକ୍ଷରୁ ମଧୁମେହ ଚିହ୍ନଟ ଶିବିର

ବୁର୍ଲା,୧୧।୧୧(ଡି.ଏନ.ଏ.)

ଲାୟନ୍ସ କ୍ଲବ ବୁର୍ଲା ପ୍ରଗତି ଆନୁକୂଲ୍ୟରେ ଧନକଉଡ଼ା ବ୍ଲକ ଅନ୍ତର୍ଗତ ମରାଙ୍ଗୁଲାଠାରେ ମଧୁମେହ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଲିଆପାଲି, ଡୁଲୁଣ୍ଡି, ମଲାଙ୍ଗୁଲାର ଲୋକେ ଶିବିରରେ ସେମାନଙ୍କର ମଧୁମେହ, ବ୍ଲଡ଼ପ୍ରେଶର ଏବଂ ଓଜନ ପରୀକ୍ଷା କରାଇଥିଲେ। ଶିବିରରେ ୨୭୮ଜଣଙ୍କ ମଧୁମେହ ପରୀକ୍ଷା କରାଯାଇଛି। ଶିବିରକୁ ଲାୟନ୍ସ କ୍ଲବ ପ୍ରଗତିର ସରସ୍ୱତୀ ମହାନନ୍ଦ, ଚାରୁଶୀଳା ପ୍ରଧାନ, ସନ୍ଧ୍ୟା ପ୍ରଧାନ, ପ୍ରଫୁଲ୍ଲ ସାହୁ, ସୁନ୍ଦରମଣି ବାଗ, ସୁଧିର କୁମାର ପଶାୟତ, ଲବ ମହାନନ୍ଦ, ପ୍ରଫୁଲ୍ଲ କୁମାର ପ୍ରଧାନ, ଅନୀଲ କୁମାର ମହାପାତ୍ର, ଡା. ଲୋଚନ ଆରୁଖ, ଟେକ୍‌ନିଶିଆନ ପ୍ରମୋଦ ଦାଶ, ଇନ୍ଦୁ ପ୍ରଧାନ, ପ୍ରତିଭା ବିଶ୍ୱାଳ, ରେବତୀ କିଶାନ, ଜୁବୁଲି ଦୋରା ପ୍ରମୁଖ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ଯୁବ ମହୋତ୍ସବ
# ନାଟକ, ବାଦ୍ୟ, ଗୀତ, ନୃତ୍ୟ ପରିବେଷିତ

ସମ୍ବଲପୁର,୧୧।୧୧(ବ୍ୟୁରୋ)

ଜିଲାସ୍ତରୀୟ ଯୁବ ମହୋତ୍ସବ ରବିବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ନାଟକ, ବାଦ୍ୟ, ନୃତ୍ୟ, ଗୀତରେ ପ୍ରେକ୍ଷାଳୟ ପ୍ରକମ୍ପିତ ହୋଇଉଠିଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ୨ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ଲୋକନୃତ୍ୟରେ ସରସ୍ୱତୀ କଳା ବିଦ୍ୟା ସାଂସ୍କୃତିକ ଅନୁଷ୍ଠାନ, ଲୋକ ସଙ୍ଗୀତରେ ମା' ସମଲେଶ୍ୱରୀ କଳା ସଂସ୍କୃତି, ନାଟକରେ ଅଦୃଶ୍ୟ ନାଟ୍ୟ ଆଶ୍ରମ, ହିନ୍ଦୁସ୍ତାନୀ ଭୋକାଲରେ ସ୍ମୃତି ମିଶ୍ର, ଶାସ୍ତ୍ରୀୟ ସୀତାରରେ ଚାନ୍ଦିନୀ ଚାନ୍ଦ, ବଂଶୀରେ ନକୁଳ ମହାନନ୍ଦ, ତବଲାରେ ଶ୍ରଦ୍ଧାଞ୍ଜଳୀ ନାୟକ, ଗୀଟାରରେ ଡେବିଟି ନାୟକ, ଓଡ଼ିଶୀରେ ପ୍ରିୟଙ୍କା ସୁନା, ଏଲୋକେଶନ୍‌ରେ ନିତିଶ କୁମାର ପାତ୍ର ଶ୍ରେଷ୍ଠ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ରଞ୍ଜିତ ନାଗ, ଡ. ଶ୍ୟାମସୁନ୍ଦର ଧର, ଲୋକଗୀତରେ ବିଭୂତି ପଟ୍ଟନାୟକ, ତ୍ରିଲୋଚନ ତ୍ରିପାଠୀ, ଡ. ଦ୍ୱାରିକାନାଥ ନାୟକ, ନାଟକରେ ଡ. ପଞ୍ଚାନନ ମିଶ୍ର ଓ ସୁରେଶ ତ୍ରିପାଠୀ, ଓଡ଼ିଶୀରେ ମମତା ସାହୁ, ଡ. ବିଜୟ କୁମାର ପ୍ରଧାନ, ଭି. ପାଢ଼ୀ, ଏ. ଆଚାର୍ଯ୍ୟ ବିଚାରକ ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ଶତପଥିଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ସସ୍ମିତା ପଟ୍ଟନାୟକ, ବିରୁପାକ୍ଷ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଜିଲାସ୍ତରୀୟ ଯୁବ ମହୋତ୍ସବରେ ବିକାଶ ସ୍କୁଲ ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ।

# ଲପଙ୍ଗାରେ ଜନସମ୍ପର୍କ ପଦଯାତ୍ରା

ରେଙ୍ଗାଲି,୧୧।୧୧(ଡି.ଏନ.ଏ.)

ରେଙ୍ଗାଲି ବ୍ଲକ ଲପଙ୍ଗା ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବ୍ଲକ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ କିରଣ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କୁନାବିହାରୀ ଦାସ, ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ଯୁବନେତା ବାବଲୁ ରାଉତ, ମନୋଜ ଦାସ, ଇଂ. ଗାନ୍ଧି ବେହେରା, ଅଶୋକ ବଗର୍ତ୍ତି, ପ୍ରକାଶ ପୋଦ୍ଦାର, ଯୁବନେତା ସୁମନ୍ତ ପଣ୍ଡା, କାହ୍ନୁ ମିଶ୍ର, ପ୍ରଫୁଲ୍ଲ ପାତ୍ର, ହରିଶଙ୍କର ବେହେରା ପ୍ରମୁଖଙ୍କ ସମେତ ଶତାଧିକ ସଂଖ୍ୟାରେ ବିଜେଡି କର୍ମୀ ଯୋଗ ଦେଇଥିଲେ।



ଗ୍ରାମ ପରିଭ୍ରମଣରେ ବାହାରିଥିବା ପଦଯାତ୍ରା।

### ନାରୀସେବା ସଦନରେ ଶିଶୁ ମହୋତ୍ସବ
# ଆଶ୍ରମ ଅନ୍ତେବାସୀଙ୍କ ନୃତ୍ୟଗୀତ ପରିବେଷଣ

ସମ୍ବଲପୁର,୧୧।୧୧(ବ୍ୟୁରୋ)

ନାରୀସେବା ସଂଘ ପକ୍ଷରୁ ଶିଶୁ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧନକଉଡ଼ା, ଛଚାନପାଲି ଓ ଫୁଲଝରନ ଆଶ୍ରମର ଅନ୍ତେବାସୀମାନେ ଭାଗ ନେଇଥିଲେ। ଅନ୍ତେବାସୀଙ୍କ ମଧ୍ୟରେ ନୃତ୍ୟଗୀତ ଓ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। କୃତୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସଂଘ ସଭାନେତ୍ରୀ ରାଜେଶ୍ୱରୀ ଜେନାଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ସାଧାରଣ ସମ୍ପାଦିକା କଳ୍ପନା ପ୍ରଧାନ ସୂଚନା ପ୍ରଦାନ କରିଥିଲେ। ଜିଲାପାଳ ସମର୍ଥ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀ ମିଶ୍ର, କଲ୍ୟାଣୀ ମିଶ୍ର ବିଚାରକ ଥିଲେ। ବାସନ୍ତି ମିଶ୍ର, ଲିଲି ଦାଶ, ସୁମିତ୍ରା ଭୋଇ, ଶାରଳା ମିଶ୍ର ଓ ଶିଖାରାଣୀ ମିଶ୍ର ସହଯୋଗ କରିଥିଲେ। କୋଷାଧ୍ୟକ୍ଷା ପ୍ରଜ୍ଞାପାରମିତା ମିଶ୍ର ଧନ୍ୟବାଦ ଦେଇଥିଲେ। ପୂର୍ବତନ ସଭାନେତ୍ରୀ କବିତା ପୁରୋହିତ, ଆରତୀ ମିଶ୍ର, ବରିଷ୍ଠ ସଭ୍ୟା ସୌଦାମିନୀ ନନ୍ଦ, ଜ୍ୟୋସ୍ନା ଗୁରୁ, ପ୍ରଣତି ପଟ୍ଟନାୟକ ଉପସ୍ଥିତ ରହି ଅନ୍ତେବାସୀଙ୍କୁ ଉତ୍ସାହିତ କରିଥିଲେ ।



ରବିବାର ସମ୍ବଲପୁର ନାରୀସେବା ସଦନରେ ଆଶ୍ରମ ଅନ୍ତେବାସୀ ସଙ୍ଗୀତ ପରିବେଷଣ କରୁଛନ୍ତି ।

# କୃଷକ ସଙ୍ଗଠନର ସାଧାରଣ ବୈଠକ

ଜମନକିରା,୧୧।୧୧(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଷଣ୍ଢପଥରସ୍ଥିତ ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଜମନକିରା ଶ୍ରୀଲକ୍ଷ୍ମୀ କୃଷକ ସଙ୍ଗଠନର ସାଧାରଣ ବୈଠକ ବରିଷ୍ଠ ସଭ୍ୟ ନନ୍ଦଲାଲ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅର୍ଜୁନ ପଧାନ ଗତବର୍ଷର ବିବରଣୀ ଓ ଆୟବ୍ୟୟ ପାଠ କରିଥିଲେ। ଆୟବ୍ୟୟର ସମୀକ୍ଷା ପାଇଁ ଚଳିତବର୍ଷ ନୂତନ ଭାବେ ଏକ ପ୍ରସ୍ତାବ ଗୃହୀତ ହୋଇଛି। ସନ୍ତୋଷ ପଟ୍ଟନାୟକ, ଦ୍ୱାରୁଚରଣ ସେଠ ଏବଂ ପ୍ରଫୁଲ୍ଲ ପଟେଲଙ୍କୁ ମନୋନୀତ କରାଯାଇଛି।

ବୈଠକରେ ଚାଷୀଙ୍କୁ ମରୁଡ଼ି କ୍ଷୟକ୍ଷତି ଭରଣା କିପରି କରାଯିବ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଥିଲା। ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଇନ୍‌ପୁଟ ସବସିଡ଼ିରୁ ବଞ୍ଚିତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଅବିଳମ୍ବେ ଆଧାର କାର୍ଡ଼ ଓ ଜମାଖାତାର ଜେରକ୍ସ କପି ସଙ୍ଗଠନରେ ଦାଖଲ କରିବାକୁ କୁହାଯାଇଥିଲା। ୨୨ ତାରିଖ ଗୁରୁବାରରୁ ଅଞ୍ଚଳରେ ଧାନ କ୍ରୟ ଆରମ୍ଭ କରାଯିବାକୁ ସରକାରସ୍ତରରେ ଧାର୍ଯ୍ୟ ହୋଇଥିବାବେଳେ ଚାଷୀମାନେ ଅଯଥା ବିଳମ୍ବ ନ କରି ମଣ୍ଡିକୁ ଧାନ ଆଣି ବିକ୍ରି କରିବାକୁ ପରାମର୍ଶ ଦିଆଯାଇଥିଲା। ସର୍ବସମ୍ମତି କ୍ରମେ ପୂର୍ବ କମିଟିକୁ ବଳବତ୍ତର ରଖାଯାଇଛି। ଉପଦେଷ୍ଟା କମିଟିରେ ପରିବର୍ତ୍ତନ କରାଯାଇ ଅରବିନ୍ଦ ଖୁଣ୍ଟିଆ, ନରେନ୍ଦ୍ର କୁମାର ନାୟକ, ଗୋକୁଳାନନ୍ଦ ଦାନୀ, କୁଷଧ୍ୱଜ ଚୌଧରୀ ଏବଂ ରବୀନ୍ଦ୍ର ପ୍ରସାଦ ଦାନୀ ପ୍ରମୁଖଙ୍କୁ ସାମିଲ କରାଯାଇଛି। ନୂତନ କାର୍ଯ୍ୟକାରୀ କମିଟିରେ ନବିନ କୁମାର ପଟେଲ ସଭାପତି, ଅର୍ଜୁନ ପଧାନ ସମ୍ପାଦକ, ଚୂଡ଼ାମଣୀ ପଟେଲି, ଆଦିପ୍ରସାଦ ମହାକୁଲ, ଧନେଶ୍ୱର ପଧାନ, ବିରେନ୍ଦ୍ର ଚୌଧୁରୀ ଉପସଭାପତି ଓ ଅରୁଣ କୁମାର ପଟ୍ଟନାୟକ, ସାଲେଗ୍ରାମ ପଧାନ, ରବୀନ୍ଦ୍ର ମଲ୍ଲିକ, ଅମୃତ ମହାକୁଲ, ଟିକେଶ୍ୱର ମହାକୁଲ, ପିଛାଲୁ ଭୋଇ, ବିପିନ ପଧାନ, ଅରବିନ୍ଦ ନାଏକ, ଅଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ପଟେଲ, ହରେଶ ସେନାପତି, ଦୀନବନ୍ଧୁ ବାଘ, ଯୋଗେଶ୍ୱର କିସାନ, ସରୋଜ ପଟ୍ଟନାୟକ, ନନ୍ଦଲାଲ ସାହୁ, ପ୍ରଶାନ୍ତ ପଣ୍ଡା, କ୍ଷମାନିଧି ମହାକୁଲ, ନରୋତ୍ତମ ଭଇଁସା, ସୁରେନ୍ଦ୍ର ବଲୁଆ ସଭ୍ୟ ରହିଛନ୍ତି। ବୈଠକରେ ୭ ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ରହି ନିଜସ୍ୱ ମତ ରଖିଥିଲେ।



ଜମନକିରା ବ୍ଲକ ଷଣ୍ଢପଥରସ୍ଥିତ ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧକ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଆଜି ଆସୁଛନ୍ତି ରାଜ୍ୟପାଳ

▪ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ମାଲକାନଗିରି,୧୧।୧୧ (ଡି.ଏନ୍.ଏ.):** ଓଡିଶା ରାଜ୍ୟପାଳ ପ୍ରଫେସର୍ ଗଣେଶି ଲାଲ ସୋମବାର ମାଲକାନଗିରି ଜିଲା ଗସ୍ତରେ ଆସିବେ। ଏନେଇ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏସ୍.ପି. ଜଗମୋହନ ମୀନା ଏକ ଖବରଦାତା ସମ୍ମିଳନୀରେ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟପାଳଙ୍କ ଗସ୍ତ ପାଇଁ ୧୧ ପ୍ଲାଟୁନ୍ ଫୋର୍ସ ସହ ୮ଜଣ ଡିଏସପି ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏସ୍.ଓଜି ଓ ଡିଭିଏଫ୍‌ର ୨ଟି ୟୁନିଟ୍ ସହ ବି.ଏସ୍.ଏଫକୁ ମଧ ମୁତୟନ କରାଯାଇଛି। ରାଜ୍ୟପାଳ ସୋମବାର ସକାଳ ୮ ଟାରେ ଭୁବନେଶ୍ୱରରୁ ବାହାରି ମାଲକାନଗିରିସ୍ଥିତ ବିଏସଏଫ୍ ହେଲିପ୍ୟାଡରେ ୧୦.୨୫ରେ ପହଞ୍ଚିବେ। ସେଠାରୁ ସେ ସିଧା କୋରକୋଣ୍ଡା ବ୍ଲକ ଯାଇ ଲୋକ ପ୍ରତିନିଧିମାନଙ୍କ ସହ ଆଲୋଚନା କରି ବାଲିମେଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବେ । ସେଠାରୁ ଅପରାହ୍ଣ ୨ଟା୩୦ରେ ମାଲକାନଗିରିରେ ପହଞ୍ଚି ଡିଆରଡିଏ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ସମୀ କ୍ଷା କରିବେ। ଆଦିବାସୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ତଦାରଖ କରିବେ । ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର କା ର୍ଯ୍ୟକାରିତା ନେଇ ଅବଗତ ହେବେ ବୋଲି ଏସପି କହିଛନ୍ତି। ରବିବାର ମାଲକାନଗିରିଠାରୁ ବାଲିମେଳା ରାସ୍ତାରେ ଦୀର୍ଘ ୩୦ କିଲୋମିଟର ରାସ୍ତାର ପ୍ରତି ଛକରେ ପୋଲିସ ମୁତୟନ ହୋଇଛନ୍ତି। ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ରୋଡ୍ ଶୋ ବାଲିମେଳା ପ ର୍ଯ୍ୟନ୍ତ କରାଯାଇଛି। ମାଲକାନଗିରି ସହରର ବିଭିନ୍ନ ରାସ୍ତା ଏବଂ ସର୍କିଟ୍ ହାଉସ୍ ପରିସରରେ ପୋଲିସ ପଇଁତରା ମାରୁଛି। ସୀମାନ୍ତ ଛତିଶଗଡରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମାଓବାଦୀମାନେ ମାଲକାନଗିରି ସୀମାକୁ ପ୍ରବେଶ କରିବାର ସମ୍ଭାବନା ଥିବାରୁ ପୋଲିସ ଅଧିକ ସତର୍କ ରହିଛି। ସୀମାକୁ ସୀଲ କରାଯାଇ ଗାଡିକୋଟର ଯାଞ୍ଚ କରାଯାଉଛି ବୋଲି ଏସପି ମୀନା ସୂଚନା ଦେଇଛନ୍ତି।

# ଇତିହାସରେ ଠିକ୍ ଶବ୍ଦଟିଏ ଗୌରବ ବୃଦ୍ଧି କରିଥାଏ

**(୧୮୦୪ ଯୁଦ୍ଧକୁ ଯଦି ରାଜବିଦ୍ରୋହ କହିବା, ତେବେ ୧୮୧୭ ଯୁଦ୍ଧକୁ କ'ଣ ବ୍ୟକ୍ତିଗତ ବିଦ୍ରୋହ କହିବା...!)**




**ଡ. ସୁରେନ୍ଦ୍ର କୁମାର ମିଶ୍ର**

୧୮୦୪ ମସିହା ଯୁଦ୍ଧର ନିଆଁ ଦୀର୍ଘ ୧୩ ବର୍ଷ ଧରି ଓଡ଼ିଶାରେ କୁହୁଳି ଥିଲା। ଏହି ଯୁଦ୍ଧରେ ଭାଗ ନେଇଥିବା ଗଡ଼ନାୟକ ଓ ପାଇକ ବୀରମାନଙ୍କ ମଧ୍ୟରେ ଅନେକ ୧୮୧୭ ମସିହା ପର୍ଯ୍ୟନ୍ତ ଚଳଚଞ୍ଚଳ ଥିଲେ। ୧୮୦୪ର ବୀଭତ୍ସ ଯୁଦ୍ଧ ତାଙ୍କ ମନରୁ ଲିଭି ନ ଥିଲା। ସେମାନେ ପରିସ୍ଥିତିକୁ ସତର୍କତାର ସହ ନିଘା ରଖିଥିଲେ। ସେଇ ବୀରମାନେ ଆଗେଇ ନ ଥିଲେ ପାଇକ ବିଦ୍ରୋହ ହୋଇଥାନ୍ତା କି ନା ସନ୍ଦେହ। ସେଇ ବିଦ୍ରୋହର ପ୍ରଭାବ ୧୮୨୭ ମସିହା ଯୁଦ୍ଧ ଉପରେ ଦେଖିବାକୁ ମିଳେ। ଠିକ୍ ଯେପରି ଜୟୀ ରାଜଗୁରୁଙ୍କ ସେନାପତିତ୍ୱରେ ହୋଇଥିବା ଯୁଦ୍ଧର ପ୍ରଭାବ ୧୮୧୭ରେ ହୋଇଥିବା ପାଇକମାନଙ୍କ ଯୁଦ୍ଧ ଉପରେ ପଡ଼ିଥିଲା ଠିକ୍ ସେହିପରି ପାଇକ ଯୁଦ୍ଧର ପ୍ରଭାବ ୧୮୨୭ ମସିହାରେ ହୋଇଥିବା ତାପଙ୍ଗ ଯୁଦ୍ଧ ଉପରେ ପଡ଼ିଥିଲା।

ଆମେ ଓଡ଼ିଶାରେ ଘଟି ଯାଇଥିବା ୨୩ ବର୍ଷର ଯୁଦ୍ଧକୁ ଠିକଣା ଢଙ୍ଗରେ ଇତିହାସରେ ସଜେଇଥିଲେ ଆଜି ଓଡ଼ିଶା ଏକ ବୀରଭୂମିର ମର୍ଯ୍ୟାଦାରେ କେବଳ ଜାତୀୟ ସ୍ତରରେ ନୁହେଁ, ବିଶ୍ୱ ସ୍ତରରେ ମଧ୍ୟ ରହିଥାନ୍ତା। କଳିଙ୍ଗ ଯୁଦ୍ଧର ବାସ୍ତବ ଚିତ୍ରକୁ ଯେପରି କେତେଜଣ ଅଣଓଡ଼ିଆ ଇତିହାସକାର କେଳେଇ-କୁଟେଇ ଉପସ୍ଥାପନ କଲେ, ତଦ୍ୱାରା ଆମ ପରାଜୟର କଳ-ଗାଉଣା ସବୁଆଡ଼େ ପ୍ରଚାରିତ ହେଲା। ତାହା ସଜାଡ଼ି ହେଇନି ଏଯାଏଁ। ମିଳିତ ଭାବରେ ସେ ଆଡ଼ିକି ଆମ ନିଘା ଯାଇନି। ସେଇମିତି ଖାରବେଳଙ୍କ ଦିଗ୍‌ବିଜୟ, ଗଜପତି ଲାଙ୍ଗୁଳା ନରସିଂହ ଦେବଙ୍କ ଦିଗ୍‌ବିଜୟ ଓ ଗଜପତି କପିଳେନ୍ଦ୍ର ଦେବଙ୍କ ଦିଗ୍‌ବିଜୟକୁ



ସୂର୍ଯ୍ୟବଂଶର ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ର ଦେବ (ଶିଳ୍ପୀ କଳାମଣି ନାରାୟଣ ମହାରଣାଙ୍କ ଅଙ୍କିତ ରେଖାଚିତ୍ର)।

ଜାତୀୟ ଇତିହାସରେ ଯେପରି ସଜେଇବା କଥା ତାହା ଆମଦ୍ୱାରା ଏପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ। ଏ ଦିଗରେ ଐତିହାସିକମାନେ ଯେ ଉଦ୍ୟମ କରି ନାହାଁନ୍ତି ତାହା ନୁହେଁ, କିନ୍ତୁ କେତେକ ମହା-ଇତିହାସକାର! ଜାତି-ଗୋତ୍ର ଖୋଜିବସି ଅମଡ଼ା ବାଟକୁ ମାଡ଼ିଗଲା ପରି ଏବେ ଅନୁଭବ ହେଉଛି।

ଓଡ଼ିଶାରେ ହୋଇଥିବା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ନେଇ ସେହି ପରିସ୍ଥିତି ଆଜି ବି ହେଉଛି। ଜି.ଟୟନ୍‌ବିଙ୍କ ମତକୁ ଉଦ୍ଧାର କରି ଧ୍ରୁବଚରଣ ଜୟସିଂହ ପାଇକରାୟ ସ୍ପଷ୍ଟ ଭାବରେ ମତ ଦେଲେ ଯେ, '........ଇଂରେଜଙ୍କୁ ଓଡ଼ିଶା ରାଇଜରୁ ବିତାଡ଼ିତ କରିବା ପାଇଁ ଖୋର୍ଦ୍ଧା ପାଇକମାନଙ୍କୁ ସଙ୍ଗଠିତ କରି ଜୟୀ ରାଜଗୁରୁ ପ୍ରୋତ୍ସାହିତ କରିଥିଲେ,



ବକ୍ସି ଜଗବନ୍ଧୁ (ଫଟୋ: ସ୍ୱାଧୀନ ଚମ୍ପତିରାୟ)

ତେଣୁ ପାଇକ ବିଦ୍ରୋହ (ଆମ ମତରେ ପାଇକ ଯୁଦ୍ଧ) ବାସ୍ତବରେ ୧୮୦୪ ମସିହାରୁ ଆରମ୍ଭ ହୋଇଥିଲା ବୋଲି ଗ୍ରହଣ କରିବାରେ ଐତିହାସିକ ବିଭ୍ରାନ୍ତି ହେବ ନାହିଁ.....'। ଏହାକୁ ଆମେ ଉଦ୍ଧାର କରିଥିଲୁ ୧୮୦୪ ମସିହା ଯୁଦ୍ଧର ୧୮୧୭ ମସିହା ପାଇକ ବିଦ୍ରୋହ ଉପରେ ପଡ଼ିଥିବା ପ୍ରଭାବର ଷଷ୍ଠ ବିନ୍ଦୁରେ। ଗୋଟିଏ ଗୋଟିଏ ବିନ୍ଦୁକୁ ସ୍ପଷ୍ଟ ଭାବରେ ବୁଝାଇବାକୁ ଆମେ ଚେଷ୍ଟା କରିଛୁ ଯେ, ୧୮୦୪ ମସିହାରୁ ଓଡ଼ିଶାରେ ସାମ୍ରାଜ୍ୟବାଦ ବିରୋଧରେ ବାସ୍ତବରେ ପ୍ରଥମ ଯୁଦ୍ଧ ଆରମ୍ଭ ହୋଇଥିଲା। ସେହିଠାରୁ ବିଚାର ହେବା ଆବଶ୍ୟକ। ସେଥିପାଇଁ ଆମେ ''ଓଡ଼ିଶା ରାଇଜ ଛାଡ଼'' ଶୀର୍ଷକ ଦେଇଥିଲୁ। କାରଣ ଚଳିତବର୍ଷ 'ଅର୍ପିତା' ପତ୍ରିକାର ଅପ୍ରେଲ-ଜୁନ୍ ସଂଖ୍ୟାରେ 'ଇତିହାସ ପୁଣି ଲେଉଟିଛି' ଶୀର୍ଷକରେ ସତ୍ୟବାଦୀ ବଳିୟାରସିଂହ ୧୮୦୪ ମସିହା ଯୁଦ୍ଧକୁ 'ରାଜ ବିଦ୍ରୋହ' ବୋଲି ଉଲ୍ଲେଖ କରିଛନ୍ତି। ଏହି ଶବ୍ଦ ବ୍ୟବହାର କରି ଓଡ଼ିଶାର ପ୍ରଥମ ଯୁଦ୍ଧକୁ ସେ କ'ଣ କରିବାକୁ ଚାହାନ୍ତି ଆମ ପାଇଁ ଏବେ ଅବୁଝା ହୋଇ ରହିଛି। ପ୍ରଥମ ଯୁଦ୍ଧକୁ 'ରାଜ ବିଦ୍ରୋହ' ଯଦି କହିବା, ୧୮୧୭ ପାଇକ ବିଦ୍ରୋହକୁ କ'ଣ ବ୍ୟକ୍ତିଗତ ବିଦ୍ରୋହ ବା ଘରୋଇ ବିଦ୍ରୋହ କହିବା? ସେହିପରି ସେ ଏକ ଶବ୍ଦ ପ୍ରୟୋଗ କରିଛନ୍ତି ୧୮୦୪ ଯୁଦ୍ଧ ବେଳେ ରାଜଗୁରୁ (ଜୟୀ)ଙ୍କ ମନ୍ତ୍ରଣାରେ ଦେୱାନ୍ (ମନ୍ତ୍ରୀ), ବକ୍ସି (ସେନାପତି)ଙ୍କ ସହ ରାଜାଙ୍କ ସମ୍ପର୍କକୁ ଦୂରେଇ ଦିଆ ଯାଇଥିଲା। ଏ ସମ୍ପର୍କରେ ପୂର୍ବରୁ ଲେଖିସାରିଛୁ। ଆଉ ଅଧିକ ନ ଲେଖି କେବଳ ସରକାରୀ ଦସ୍ତାବିଜ୍‌ରୁ ଜଣାପଡୁଥିବା ପ୍ରାମାଣିକ ମତକୁ ଚେତେଇ ଦେଉଛି ଯେ, ସେ ବେଳରେ ବକ୍ସି ଦୋଷୀ ସାବ୍ୟସ୍ତ ନ ହୋଇ ମଧ୍ୟ 'ପଳାତକ' ଘୋଷିତ ହୋଇଥିଲେ ଏକ ହତ୍ୟା ମକଦ୍ଦମା ହେତୁ। ସମାଜରେ ତାଙ୍କର ଗତାଗତ ମୋଟରୁ ନ ଥିଲା।

ଅବଶ୍ୟ ସେ ଲେଖୁ ଲେଖୁ ବକ୍ସିଙ୍କ ସମ୍ବନ୍ଧରେ ଯାହା ଲେଖିଛନ୍ତି ସେଥିରୁ ଜଣେ ନିରପେକ୍ଷ ବିଚାର କଲେ ଜାଣିପାରିବ ବକ୍ସି ସେବେଳେ କେଉଁଥିପାଇଁ ଓ କାହିଁକି ବ୍ୟସ୍ତ ଥିଲେ? ସେ ଲେଖିଛନ୍ତି '.... କୃଷ୍ଣଚନ୍ଦ୍ର ସିଂହ ରାହାଙ୍ଗ ଓଗେର କିଣିନେବା ଯୋଗୁଁ ରୋଡ଼ଙ୍ଗ ସେଥିରେ ଚାଲିଗଲା। ବକ୍ସି କମିଶନରଙ୍କ ନିକଟରେ ଆପତ୍ତି ଦରଖାସ୍ତ କଲେ। ଏଣେ ବକ୍ସିଙ୍କ ଦାଦାପୁଅ ଭାଇ ଗଦାଧର ଜାଗିରି ଜମି ପାଇଁ ବିବାଦ କଲେ। ଏଣୁ ମାଲିମକଦ୍ଦମା ଲାଗି ରହିଲା। ସେ ୧୮୦୫ ରୁ ୧୮୧୬ ପର୍ଯ୍ୟନ୍ତ କୋର୍ଟ କଚେରିକୁ ଦୌଡ଼ି ଦୌଡ଼ି ସର୍ବସ୍ୱାନ୍ତ ହେଲେ। ଇଂରେଜ ସରକାରଙ୍କ ଉପରୁ ତାଙ୍କର ଆସ୍ଥା ତୁଟିଗଲା। ତାଙ୍କ ହୃଦୟରେ ଇଂରେଜ ବିରୋଧରେ ବିଦ୍ରୋହାଗ୍ନି ଜଳି ଉଠିଲା। ସେ ହେଲେ ଅସହଯୋଗୀ ଜଗବନ୍ଧୁ'। ପୁନଃ ଲେଖିଛନ୍ତି- '......ବକ୍ସି ଜଗବନ୍ଧୁଙ୍କର ଶେଷ ସମ୍ବଳ ନିଜ ଚାଷ ଜମିକୁ ତାଙ୍କ ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକ ବିଶ୍ୱାସଘାତକତା କରି ଆତ୍ମସାତ୍ କଲେ। ପୈତୃକ ରୋଡ଼ଙ୍ଗ କିଲ୍ଲା, ଜାଗିରି ଜମି ଓ ନିଜ ଚାଷ ଜମିକୁ ହରାଇ ବକ୍ସି ଜଗବନ୍ଧୁ ଦାଣ୍ଡର ଭିକାରି ହୋଇଗଲେ। ଜୀବନଧାରଣ ପାଇଁ ନିକଟ ଅଂଚଳର ସରକାରଙ୍କ ଦୟା ଉପରେ ନିର୍ଭର କରିବାକୁ ପଡୁଥିଲା। ସହିବାର ସମସ୍ତ ସୀମା ଟପିଗଲା ପରେ ଇଂରେଜ ବିରୋଧରେ ବିଦ୍ରୋହ ପାଇଁ ମନ ସ୍ଥିର କଲେ।'

ଜଣେ ଇତିହାସକାର ବକ୍ସିଙ୍କ ଗୌରବ ବୃଦ୍ଧି ପାଇଁ ଭିନ୍ନ ତରିକାରେ ଦୁଇଟି ବାକ୍ୟରେ ଏ କଥାକୁ ଉପସ୍ଥାପନ କରିଥିଲେ ଚଳିଥାନ୍ତା। ୧୫ଟି ପ୍ରମୁଖ କାରଣ ଯୋଗୁଁ ପାଇକ ବିଦ୍ରୋହ ସଙ୍ଗଠିତ ହୋଇଥିଲା। ଅନ୍ତିମ କାରଣଟି ବକ୍ସିଙ୍କ ପ୍ରତି ହୋଇଥିବା ଚକ୍ରାନ୍ତ। ସେଇ କାରଣଟିକୁ ଶ୍ରୀବୃଦ୍ଧି କରିବା ପାଇଁ ସେବେଳରୁ ଏବେଳ ଯାଏଁ ଇତିହାସକାରମାନେ ଯେମିତି ଚେଷ୍ଟା କରିଛନ୍ତି, ତାହା ଦିଅଁ ଗଢୁ-ଗଢୁ ବାନ୍ଦର ହେଲା ପରି ମନେହୁଏ। ଏବେ ଯୁବପିଢ଼ି ଶବବ୍ୟବଚ୍ଛେଦ ଆଲୋଚନା ବୋଲି ଏହାକୁ ନାକ ଟେକୁଛନ୍ତି। ଏଭଳି ଉପସ୍ଥାପନାରେ ବକ୍ସିଙ୍କର ଗୌରବବୃଦ୍ଧି ହେଉ ନାହିଁ, ବରଂ ପ୍ରକାରାନ୍ତରରେ ବ୍ୟକ୍ତିଗତ କାରଣରୁ ସେ ଯୁଦ୍ଧକୁ ଓହ୍ଲାଇଥିଲେ ବୋଲି ଧାରଣା ସୃଷ୍ଟି ହେଉଛି। ୧୪ଟି କାରଣକୁ ଦୁଇ ଧାଡ଼ିରେ କୁହାଯାଉଛି, ଅଥଚ ଦୁଇ ଧାଡ଼ିର ପାଠକୁ ୧୪ ପୃଷ୍ଠାରେ କୁହାଯାଉଛି। ତାହା ହିଁ ବିଡ଼ମ୍ବିତ କରି ଦେଉଛି ଏକ 'ଯୁଦ୍ଧ'କୁ 'ବିଦ୍ରୋହ' ଶୀର୍ଷକରେ।

ତେବେ କ'ଣ ୧୮୧୭ ମସିହା ପାଇକ ଯୁଦ୍ଧ ଥିଲା ବ୍ୟକ୍ତଗତ ବିଦ୍ରୋହ? ଘରବାଡ଼ି ଓ ଜମିଦାରି ପାଇଁ ସେ ବିଦ୍ରୋହୀ ହୋଇଥିଲେ? ନିଜ ଲକ୍ଷ୍ୟ ପୂରଣ ପାଇଁ କ'ଣ ସେ ପାଇକମାନଙ୍କୁ ସଙ୍ଗଠିତ କରିଥିଲେ? ୧୮୦୪ ମସିହା ଯୁଦ୍ଧକୁ 'ରାଜ ବିଦ୍ରୋହ' ଆଖ୍ୟା ଦେଇ ୧୮୧୭ ମସିହା ଯୁଦ୍ଧକୁ ତେବେ କ'ଣ 'ବ୍ୟକ୍ତିଗତ ବିଦ୍ରୋହ' ବୋଲି ପ୍ରମାଣ କରିବାକୁ ପଥ ପରିଷ୍କାର କରିଦେବା?? ହାଏରେ...। ଇତିହାସକୁ ଯଦି ଇତିହାସକାରମାନେ ଏମିତି ସଜେଇବେ ତେବେ ଆମ ଗୌରବର ସ୍ୱର କେତେବାଟ ପର୍ଯ୍ୟନ୍ତ ଶୁଭିବ!

## ୭୦ ହଜାର କନିଷ୍ଠ ଶିକ୍ଷକଙ୍କ ଇସ୍ତଫା ଧମକ

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)**

ରାଜ୍ୟ ସରକାର କନିଷ୍ଠ ଶିକ୍ଷକମାନଙ୍କୁ ଅଣଦେଖା କରୁଛନ୍ତି। ଫିଟ୍‌ମେଣ୍ଟ କମିଟିର ସୁପାରିସ ସତ୍ତ୍ୱେ କନିଷ୍ଠ ଶିକ୍ଷକମାନଙ୍କୁ କେନ୍ଦ୍ର ପ୍ରଦତ୍ତ ଅବିକଳ ମୂଳ ଦରମା ଏବଂ ବିଜ୍ଞାପନ ଆଧାରରେ ବି.ଏଡ୍ ଭିତ୍ତିରେ ନିଯୁକ୍ତ କନିଷ୍ଠ ଶିକ୍ଷକମାନଙ୍କୁ ମୂଳ ଦରମା ୯୩୦୦ ଓ ଗ୍ରେଡ୍ ପେ' ୪୬୦୦ ଟଙ୍କା ହାରରେ ଦରମା ପ୍ରଦାନ କରାଯାଉନାହିଁ। ଏହାର ପ୍ରତିବାଦରେ ରାଜ୍ୟରେ କାର୍ଯ୍ୟରତ ୭୦ ହଜାରରୁ ଊର୍ଦ୍ଧ୍ୱ କନିଷ୍ଠ ଶିକ୍ଷକ ସମୂହ ଇସ୍ତଫା ଦେବାକୁ ଚେତାବନୀ ଦେଇଛନ୍ତି।

ଆଗାମୀ ବିଧାନସଭା ସମୟରେ କନିଷ୍ଠ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଉଥିବା ରବିବାର ବି.ଏଡ୍ ଶିକ୍ଷା ସହାୟକ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଛି । ରାଜ୍ୟ ସଂଘ ସଭାପତି ଅଜୟ କୁମାର ଧଳ ଏଥିରେ ସଭାପତିତ୍ୱ କରି କହିଛନ୍ତି ଯେ, ରାଜ୍ୟ ସରକାର ସମସ୍ତ ବର୍ଗର କର୍ମଚାରୀଙ୍କୁ ସପ୍ତମ ବେତନ କମିଶନଙ୍କ ସୁପାରିସ ଆଧାରରେ ବର୍ଦ୍ଧିତ ଦରମା ପ୍ରଦାନ ପାଇଁ ଏକ ଫିଟ୍‌ମେଣ୍ଟ କମିଟି ଗଠନ କରିଥିଲେ। ଶିକ୍ଷା ସହାୟକ ସଂଘ(କନିଷ୍ଠ ଶିକ୍ଷକ)କୁ ସେମାନଙ୍କ ଦାବି ଉପସ୍ଥାପନ କରିବା ପାଇଁ କୁହାଯାଇଥିଲା। କମିଟି ଶିକ୍ଷା ସହାୟକମାନଙ୍କ କଥା ଶୁଣି ସେମାନଙ୍କ ଦରମା ବୃଦ୍ଧି କରାଯିବ ବୋଲି ସୁପାରିସ କରିଥିଲା। ରାଜ୍ୟରେ କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କୁ ମୂଳ ଦରମାର ଶତକଡ଼ା ୨୫ ଭାଗ ବୃଦ୍ଧି ଏବଂ ବାର୍ଷିକ ୧୦ ପ୍ରତିଶତ ହାରରେ ଅଭିବୃଦ୍ଧି ହିସାବରେ ଦରମା ପ୍ରଦାନ କରାଯିବା ପାଇଁ ସୁପାରିସ କରିଥିଲା। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ସମସ୍ତ କର୍ମଚାରୀଙ୍କୁ ରାଜ୍ୟ ସରକାର ସପ୍ତମ ବେତନ କମିଶନଙ୍କ ସୁପାରିସ ଆଧାରରେ ଦରମା ଦେଉଥିବାବେଳେ କନିଷ୍ଠ ଶିକ୍ଷକଙ୍କୁ ସେଥିରୁ ବଞ୍ଚିତ କରିଆସୁଛନ୍ତି ବୋଲି ସେ କହିଛନ୍ତି। ଆଗାମୀ ବିଧାନସଭା ପୂର୍ବରୁ ସରକାର ଦାବି ପୂରଣ ନ କଲେ ସମସ୍ତ କନିଷ୍ଠ ଶିକ୍ଷକ ସମୂହ ଇସ୍ତଫା ଦେଇ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ନାୟକ, ଉପସଭାପତି ସରୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ନିଜ ରଚିତ ପୁସ୍ତକ ଉନ୍ମୋଚନ କଲେ ମନୀଷା

**ନୂଆଦିଲ୍ଲୀ:** ଅଭିନେତ୍ରୀ ମନୀଷା କୋଇରାଲା ତାଙ୍କ ରଚିତ ପୁସ୍ତକ 'ହିଲ୍‌ଡ' ଉନ୍ମୋଚନ କରିଛନ୍ତି। ଓଭାରିଆନ୍ କ୍ୟାନ୍‌ସର ବିରୋଧରେ କିପରି ସେ ସଂଗ୍ରାମ କରିଥିଲେ ସେ ସମ୍ପର୍କିତ ବ୍ୟକ୍ତିଗତ କାହାଣୀ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି। ମନୀଷା ତାଙ୍କ ପୁସ୍ତକର ପ୍ରଚ୍ଛଦପୃଷ୍ଠାର ଫଟୋ ସୋସିଆଲ ମିଡିଆରେ ପକାଇ ସେଥିରେ ଟୁଇଟ୍ କରିଛନ୍ତି, କ୍ୟାନ୍‌ସର ରୋଗରୁ ମୁକୁଳିବା ପରେ ସେ ନିଜକୁ ନୂଆକରି ଆବିଷ୍କାର କରିଛନ୍ତି ଏବଂ ଆଉଥରେ ଜୀବନକୁ ଭଲ ପାଇବା ଶିଖିଛନ୍ତି। ତେଣୁ ସେ ତାଙ୍କର ବନ୍ଧୁ ଓ ପ୍ରଶଂସକଙ୍କୁ ଏହି ପୁସ୍ତକ ଉପହାର ଦେଇଥିବା ବର୍ଣ୍ଣନା କରିଛନ୍ତି। ୧୯୯୪ରେ ମୁକ୍ତିଲାଭ କରିଥିବା '୧୯୪୨: ଏ ଲଭ୍ ଷ୍ଟୋରି'ର ନାୟିକା ମନୀଷାଙ୍କ ହସହସ ମୁହଁ ପୁସ୍ତକର ପ୍ରଚ୍ଛଦପୃଷ୍ଠାରେ ସ୍ଥାନ ପାଇଛି। ଆମେରିକାରେ ଚିକିତ୍ସିତ ହେବା ସମୟରେ ତାଙ୍କୁ ଚିକିତ୍ସକମାନେ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେଉଥିଲେ। ସେଠାରେ ଚିକିତ୍ସିତ ହେବାଠାରୁ ନୂଆ ଜୀବନ ପାଇ ସ୍ୱଦେଶ ଫେରିବା ପର୍ଯ୍ୟନ୍ତ ବିଭିନ୍ନ ଘଟଣା ସମ୍ପର୍କରେ ଏଥିରେ ବର୍ଣ୍ଣନା କରାଯାଇଛି। ଚିକିତ୍ସା କାଳରେ ମନୀଷାଙ୍କ ଆଶଙ୍କା, ହତାଶବୋଧ, ଅନିଶ୍ଚିତତା ଏବଂ ଜୀବନ ସଂଗ୍ରାମ ସମ୍ପର୍କରେ ବର୍ଣ୍ଣିତ ଲେଖା ପାଠକଲେ ଜଣେ ଭାବପ୍ରବଣ ହୋଇପଡିବା ସ୍ୱାଭାବିକ। କ୍ୟାନ୍‌ସରରୁ ମୁକ୍ତହେବାର ୬ବର୍ଷ ସମ୍ପୂର୍ଣ୍ଣ ହୋଇଥିବାରୁ ମନୀଷା ତାଙ୍କ ଜୀବନ କାହାଣୀ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। କ୍ୟାନ୍‌ସରକୁ ଭୟ ନ କରି ଏହା ବିରୋଧରେ ସଂଗ୍ରାମ ଜାରି ରଖିବାକୁ ସେ ପରାମର୍ଶ ଦେଇଥିବା ଉକ୍ତ ପୁସ୍ତକର ପ୍ରକାଶକ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ଏହାର ୱେବ୍‌ସାଇଟ୍‌ରେ ପୋଷ୍ଟ କରିଛି।

ଅଭିନୟ ଦୃଷ୍ଟିରୁ ବର୍ତ୍ତମାନ ମନୀଷାଙ୍କୁ ରାଜକୁମାର ହିରାନିଙ୍କ 'ସଞ୍ଜୁ' (ସଞ୍ଜୟ ଦତ୍ତଙ୍କ ଜୀବନୀ ଉପରେ ଆଧାରିତ) ଏବଂ ନେଟଫ୍ଲିକ୍ସ ଫିଲ୍ମ 'ଲଷ୍ଟ ଷ୍ଟୋରିଜ୍'ରେ ଦେଖିବାକୁ ମିଳୁଛି।




## ବିଜୁ ସମତାକ୍ରାନ୍ତି ଦଳ ନେଇ ତତ୍ପରତା

**ଭୁବନେଶ୍ୱର,୧୧।୧୧(ବ୍ୟୁରୋ)**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ନୂଆ ଆଞ୍ଚଳିକ ଦଳକୁ ନେଇ ସେତିକି ଉତ୍କଣ୍ଠା ପ୍ରକାଶ ପାଉଛି। ବିଜେଡିରୁ ବହିଷ୍କୃତ ଦାମୋଦର ରାଉତ ଶନିବାର ବିଜୁ ସମତାକ୍ରାନ୍ତି ଦଳ ଗଠନ ନେଇ ସୂଚନା ଦେଇସାରିଛନ୍ତି। ଏହାପରେ ନୂତନ ଦଳ ଗଠନକୁ ନେଇ ସାମାନ୍ୟ ତତ୍ପରତା ପ୍ରକାଶ ପାଇଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମତାକ୍ରାନ୍ତି ଦଳର ମୁଖ୍ୟ ବ୍ରଜ କିଶୋର ତ୍ରିପାଠୀ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଶିଳ୍ପପତି ବୈଜୟନ୍ତ ପଣ୍ଡାଙ୍କ ସହ ଆଲୋଚନା ଚାଲିଥିବା ଦାମ କହିଛନ୍ତି। ସେହିପରି ବିଜୟ ମହାପାତ୍ରଙ୍କ ସହ ସିଧାସଳଖ ଯୋଗାଯୋଗ ହୋଇପାରିନାହିଁ। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସହ ଜଡ଼ିତ ଥିବା ପୁରୁଖା ରାଜନେତା ଏବଂ ସମଭାବାପନ୍ନ ବ୍ୟକ୍ତିବିଶେଷଙ୍କୁ ନେଇ ବିଭିନ୍ନ ଦିଗରୁ ବିଚାର କରାଯାଉଛି। ହେଲେ ଏ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ରାଜ୍ୟରେ ଚାଲିଥିବା ଦୁର୍ନୀତି ଏବଂ ଭ୍ରଷ୍ଟାଚାର ଶାସନକୁ ଦୂର କରିବାକୁ ହେଲେ ଆଞ୍ଚଳିକ ଦଳର ଆବଶ୍ୟକ ଥିବା ଦାମ କହିଛନ୍ତି।

ସେହିପରି ବ୍ରଜକିଶୋର କହିଛନ୍ତି ଯେ, ନୂତନ ଆଞ୍ଚଳିକ ଦଳ ନେଇ ପ୍ରାଥମିକ ଭାବେ ସହମତି ଆସିଛି। ସମତାକ୍ରାନ୍ତି ଦଳରେ ଦାମବାବୁ ପ୍ରମୁଖ ଯୋଗଦେବେ ବୋଲି ଜଣାଇଛନ୍ତି। ବିଜୁବାବୁଙ୍କ ଅନୁଗତମାନଙ୍କ ଆବାହକତ୍ୱରେ ଦଳ ଗଠନ କରାଯାଉଛି। ତେଣୁ ସମତାକ୍ରାନ୍ତି ପୂର୍ବରୁ ବିଜୁ ନାମ ରଖାଯିବା ନେଇ ପ୍ରସ୍ତାବ ଆସିଛି। ଦଳ ଗଠନ, ନାମ ପରିବର୍ତ୍ତନ ଇତ୍ୟାଦି ଏକ ସାମ୍ବିଧାନିକ ପ୍ରକ୍ରିୟା। ଦଳର କାର୍ଯ୍ୟକାରିଣୀ ଏବଂ ପଦାଧିକାରୀଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ବ୍ରଜ କହିଛନ୍ତି। ସେହିପରି ନୂଆ ଦଳରେ ବିଜୟ ମହାପାତ୍ରଙ୍କ ଯୋଗଦାନ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ, ବିଜୟ ବାବୁ ଜଣେ ଅଭିଜ୍ଞ ଲୋକ। ରାଜ୍ୟ ରାଜନୀତି ଉପରେ ତାଙ୍କର ଯଥେଷ୍ଟ ଦଖଲ ରହିଛି। ଏବେ ସେ ଭାଜପାରେ ଅଛନ୍ତି। ତେଣୁ ସେ ଭବିଷ୍ୟତରେ କି ପଦକ୍ଷେପ ନେବେ, ସେନେଇ ନିଶ୍ଚୟ ବିଚାରବିମର୍ଶ କରୁଥିବେ। ସେହିପରି ଢେଙ୍କାନାଳ ଜିଲାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇ ଶିଳ୍ପପତି ବୈଜୟନ୍ତ କହିଛନ୍ତି ଯେ, ପରବର୍ତ୍ତୀ ରଣନୀତି ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହିଁ। ଏ ସମ୍ପର୍କରେ ସାଧାରଣ ଜନତା ଏବଂ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା ଜାରି ରହିଛି।

୨୦୦୪, ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଏକାଧିକ ଆଞ୍ଚଳିକ ଦଳ ଗଠନ ହୋଇଛି। ହେଲେ କୌଣସି ଦଳ ବିଶେଷ ପ୍ରଭାବ ପକାଇ ପାରିନାହାନ୍ତି। ତେଣୁ ୨୦୧୯ ପୂର୍ବରୁ ଭାବିଚିନ୍ତି ପଦକ୍ଷେପ ନେବା ପାଇଁ ସବୁ ସ୍ତରରେ ଚେଷ୍ଟା ଚାଲିଛି। କିଛିମାସ ପୂର୍ବେ ଓଡ଼ିଶା ଜନମୋର୍ଚ୍ଚା ଓ ଅନ୍ୟାନ୍ୟ ସଙ୍ଗଠନ ସମତାକ୍ରାନ୍ତି ଦଳରେ ବିଲୀନ ହୋଇଥିଲେ। ଅଣବିଜେଡି-ଅଣଭାଜପା ଶକ୍ତିଗୁଡ଼ିକୁ ଏକାଠି କରି ଗୋଟିଏ ରାଜନୈତିକ ମଞ୍ଚ ଗଢ଼ିବା ପାଇଁ ଉଦ୍ୟମ ଚାଲିଥିବା ଜଣାପଡିଛି।

ଦନ୍ତା ମାରି ଦାନ୍ତ କାଟିନେବା ଘଟଣା

## ଫରେଷ୍ଟର, ଗାର୍ଡ ନିଲମ୍ବିତ

**ପାଲଲହଡ଼ା, ୧୧।୧୧(ଡି.ଏନ.ଏ.)**

ଦେବଗଡ଼ ବନଖଣ୍ଡ ଅନ୍ତର୍ଗତ ଖମାର ବନାଞ୍ଚଳ ପାଉଁଶିଆ ବଡ଼ଗୁଣ୍ଡ ଜଙ୍ଗଲରେ ଏକ ଦନ୍ତା ହାତୀ ଶିକାର କରାଯାଇ ଦାନ୍ତ କାଟି ନିଆଯାଇଥିବା ଘଟଣା ଗତ ଶୁକ୍ରବାର ଜଣାପଡ଼ିଥିଲା। ଏ ନେଇ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ରବିବାର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଫରେଷ୍ଟର ଦିବ୍ୟଲୋଚନ ପାତ୍ର ଓ ଗାର୍ଡ କମଳିନୀ ସାହୁଙ୍କୁ ନିଲମ୍ବନ କରାଯାଇଛି। ଦେବଗଡ ଡିଏଫ୍‌ଓ କାର୍ତ୍ତିକ ସାମନ୍ତରାୟ ଉକ୍ତ ନିଲମ୍ବନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନ୍ୟପଟେ ହାତୀ ଶିକାର କରିଥିବା ସନ୍ଦେହରେ ବନ ବିଭାଗ ୬ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ ସହ କାଟି ନିଆଯାଇଥିବା ଦାନ୍ତ ଉଦ୍ଧାର କରାଯିବ ବୋଲି ଖମାର ରେଞ୍ଜର ରାମଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ଅନଭିଜ୍ଞ କମ୍ପାନୀ ହାତରେ ବିଜୁଳି ବିତରଣ ଭାର ଦେବାକୁ ଯୋଜନା

**ଭୁବନେଶ୍ୱର, ୧୧।୧୧(ବ୍ୟୁରୋ)**

ମେକ୍ ଇନ ଓଡ଼ିଶା କନ୍‌କ୍ଲେଭ ପୂର୍ବରୁ ଶିଳ୍ପ ସଂସ୍ଥାକୁ ବିଜୁଳି ବିତରଣ ନେଇ ବଡ ଦୁର୍ନୀତି ହୋଇଥିବା ଭାଜପା ଅଭିଯୋଗ ଆଣିଛି। ଦଳର ମୁଖ୍ୟାଳୟଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ବିଜୁଳି ବିତରଣ କମ୍ପାନୀ ପରିଚାଳନା ଭାର ନିର୍ଦ୍ଦିଷ୍ଟ ଏକ କମ୍ପାନୀ ହାତକୁ ଟେକିଦେବା ଲାଗି ସବୁ ପ୍ରସ୍ତୁତି ଶେଷ ହୋଇଛି । ଉକ୍ତ ଘରୋଇ କମ୍ପାନୀଙ୍କୁ ଠିକା ଦେବାଲାଗି ନିର୍ଦ୍ଦିଷ୍ଟ କମ୍ପାନୀକୁ ସୁହାଇଲା ଭଳି ନିୟମ କରାଯାଇଛି । ରାଜ୍ୟ ସରକାର ଏଭଳି ନିୟମ କରିଛନ୍ତି ଯେପରି ଦେଶର ଅଧିକ ଶକ୍ତି ବିତରଣ କମ୍ପାନୀଗୁଡିକ ସେହି ଟେଣ୍ଡରରେ ଭାଗ ନେଇପାରିବେ ନାହିଁ । ଏବେ ସୁଦ୍ଧା ଦୌଡରେ ମାତ୍ର ୨ଟି କମ୍ପାନୀ ଥିବାବେଳେ ସେଥିରୁ ରାଜ୍ୟ ସରକାର ଏକ ଅନଭିଜ୍ଞ ତଥା ଅପେକ୍ଷାକୃତ ଛୋଟ କମ୍ପାନୀକୁ ଠିକା ଦେବାକୁ ଯୋଜନା କରିଛନ୍ତି । ଓଡ଼ିଶା ଶକ୍ତି କ୍ଷେତ୍ରର ଭିତ୍ତିଭୂମି ବିପର୍ଯ୍ୟୟ ପାଇଁ ବିଭାଗୀୟ ସଚିବଙ୍କୁ ସେ ଦାୟୀ କରିଛନ୍ତି। ଲୋକଙ୍କୁ ଏବେ ମାତ୍ର ୧୯ଘଣ୍ଟା ବିଜୁଳି ମିଳୁଛି। ଓଡ଼ିଶାର ଏଟି ଆଣ୍ଡ ସି କ୍ଷତି ୪୧ପ୍ରତିଶତ ରହିଛି। ଏହା ଅନ୍ୟ ରାଜ୍ୟ ଏବଂ ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ। ବର୍ତ୍ତମାନ ସେସୁକୁ ବିକ୍ରି କରି ଅନାମଧେୟ ଘରୋଇ କମ୍ପାନୀ ହାତରେ ଆସନ୍ତା ୩୦ବର୍ଷ ପାଇଁ ଓଡ଼ିଶାର ବିଜୁଳି ବ୍ୟବସ୍ଥାକୁ ଟେକି ଦିଆଯାଉଛି। ସେଥିରୁ ୧ହଜାର କୋଟି ଟଙ୍କାର ପିସି ଖାଇବାର ମହା ଷଡ଼ଯନ୍ତ୍ର କରାଯାଇଛି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।

ଲେଖାଶ୍ରୀ ଆହୁରି କହିଛନ୍ତି ଯେ, ସେସୁର ବିଡିଂ କ୍ଲଜ୍‌କୁ କୋହଳ କରି, ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଆଦୌ ଅଭିଜ୍ଞତା ନ ଥିବା ଇଣ୍ଡିଆ ପାୱାର ଭଳି ଛୋଟ କମ୍ପାନୀକୁ ଟେକ୍‌ନିକାଲ ବିଡିଂ ପ୍ରକ୍ରିୟାରେ ଶର୍ଟ ଲିଷ୍ଟ କରିଛନ୍ତି। ଇଣ୍ଡିଆ ପାୱାର କେବେ ବି ୧ହଜାରରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ବିଜୁଳି ଯୋଗାଇ ନାହିଁ। ନିକଟ ଅତୀତରେ ବିହାରର ଗୟା ସହରକୁ ବିଜୁଳି ଯୋଗାଇ ଦେବା ଚୁକ୍ତିରେ ବିଫଳ ହେବା ପରେ ତାଙ୍କ ଚୁକ୍ତି ରଦ୍ଦ କରି ତାଙ୍କୁ କଳା ତାଲିକା ଭୁକ୍ତ କରାଯାଇଥିଲା। ଗରିବ ଲୋକଙ୍କ ପାଇଁ ଏବେ ୩୦ ୟୁନିଟ ପାଇଁ ସରକାର ୮୦ଟଙ୍କା ଦର ଧାର୍ଯ୍ୟ କରିଛନ୍ତି। ରାଜ୍ୟ ସରକାର ଶସ୍ତା ବିଜୁଳି ନାଁରେ ସାଧାରଣ ଲୋକଙ୍କୁ ଠକୁଛନ୍ତି । ଗ୍ରାମୀଣ ବିଜୁଳି ସଞ୍ଜୋଗ ପାଇଁ କେନ୍ଦ୍ର ସରକାର ୮୦୭୭କୋଟି ଟଙ୍କା ଯୋଗାଇ ଦେଇଥିବା ବେଳେ ରାଜ୍ୟ ସରକାର ସେହି ଅର୍ଥ ଖର୍ଚ୍ଚ କରିବାରେ ବିଫଳ ହୋଇଛନ୍ତି । ଗଞ୍ଜାମ ଜିଲାରେ ୪୭ପ୍ରତିଶତ ବିପିଏଲ ପରିବାର ଏବେ ମଧ୍ୟ ବିଜୁଳି ସେବା ପାଇବାରୁ ବଞ୍ଚିତ ଅଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।



# ସ୍ମାର୍ଟ ରୋବୋ

ରୋବୋର ବ୍ୟବହାର ଦିନକୁ ଦିନ ବଢ଼ିଚାଲିଛି। ବିଭିନ୍ନ କ୍ଷେତ୍ରରେ ଏହାର ଉପଯୋଗ କରାଯାଇ ସୁଫଳ ମିଳିସାରିଛି। ଆଜିକାଲି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ରୋବୋ ସହାୟତାରେ ଅପରେଶନ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦିତ ହୋଇପାରୁଛି। ନିକଟରେ ଚାଇନାର ବୈଜ୍ଞାନିକମାନେ ଏଭଳି ଏକ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ବୟସ୍କ ବ୍ୟକ୍ତିଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇପାରିବ। ବିଶେଷ ଭାବରେ ବୟସ୍କ ବ୍ୟକ୍ତି ନିଜକୁ ଏକୁଟିଆ ଅନୁଭବ କରିଥାଆନ୍ତି। ଉକ୍ତ ରୋବୋ ସେମାନଙ୍କ ଏକୁଟିଆପଣ ଦୂର କରିବା ସହ ସେମାନଙ୍କୁ ସ୍ୱାସ୍ଥ୍ୟଜନିତ ପରାମର୍ଶ ଦେଇପାରିବ। ଏପରି କି ସେମାନେ ଅସୁସ୍ଥ ଅଛନ୍ତି କି ନାହିଁ ଏହି ରୋବୋ ସୂଚନା ଦେଇପାରିବ। ସେମାନଙ୍କର ସାଧାରଣଜ୍ଞାନ ବୃଦ୍ଧି କରିବାରେ ମଧ୍ୟ ସହାୟକ ହୋଇପାରିବ ଏହି ସ୍ମାର୍ଟ ରୋବୋ।

# ରେଟିନାଲ ସେଲ୍‌କୁ ଠାବ କରିବ ନୂଆ ଡିଭାଇସ୍

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଦିନକୁଦିନ ନୂଆ ଜିନିଷ ଉଦ୍ଭାବନ ଚାଲୁ ରହିଛି। ନିକଟରେ ୟୁଟା ଷ୍ଟେଟ୍ ୟୁନିଭର୍ସିଟିର ଚକ୍ଷୁ ବିଶେଷଜ୍ଞମାନେ ଏକ ନୂଆ ଡିଭାଇସ୍ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ଏହାଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟାର କେତେକାଂଶରେ ସମାଧାନ କରାଯାଇପାରିବ। ଏଭଳି ନୂଆ ଡିଭାଇସ୍ ସମ୍ପର୍କରେ ସୂଚନା ଦେଇ ଏହି ବିଶ୍ୱବିଦ୍ୟାଳୟର ବାୟୋଲୋଜିକାଲ ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଡ. ଏଲିଜାବେଥ ଭର୍ସିଗ କହନ୍ତି, 'ଆଜିକାଲି ରେଟିନାଜନିତ ସମସ୍ୟା ଅଧିକ ମାତ୍ରାରେ ଦେଖାଯାଉଛି। ଏହାର ଚିକିତ୍ସା ପାଇଁ ନୂଆ ଡିଭାଇସ୍ ଅନେକାଂଶରେ ସାହାଯ୍ୟ କରିପାରିବ। ଚକ୍ଷୁରେ ଏହାକୁ ସଂଯୋଗ କରିବା ପରେ ଏହାଦ୍ୱାରା ରେଟିନାଲ ସେଲ୍‌କୁ ସହଜରେ ଠାବ କରାଯାଇପାରିବ ଏବଂ ତା'ପରେ ଏହାର ଚିକିତ୍ସା କରିବା ଆହୁରି ସହଜ ହେବ।' ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଛି ଏବଂ ଏହାକୁ କିପରି ଆହୁରି ଅତ୍ୟାଧୁନିକ ଜ୍ଞାନକୌଶଳବିଶିଷ୍ଟ କରାଯାଇପାରିବ ସେଥିନେଇ ଚେଷ୍ଟା ଚାଲିଛି।



# ପ୍ରକୃତିର ସବୁଠାରୁ ଶକ୍ତବଳ



ଡ. ସନ୍ତୋଷ କୁମାର ଅଗ୍ରୱାଲା






ପାହାଡ଼, ପର୍ବତ, ଗଛଲତା, ନଦୀ, ସମୁଦ୍ର, ମଣିଷ, ପ୍ରାଣୀ, ମୃତ୍ତିକା, ବାୟୁମଣ୍ଡଳ – ଏମାନଙ୍କୁ ନେଇ ଗଠିତ ଆମର ପରିବେଶ । ପରିବେଶ ଆମକୁ ଜୀବନ ଦେବା ସହ ଶିକ୍ଷା ଦିଏ । ପରିବେଶ ହେଉଛି ବିଶାଳ ପରୀକ୍ଷାଗାର । ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଥିବା ପରୀକ୍ଷାଗାରଗୁଡ଼ିକ ପରିବେଶର ଅଂଶବିଶେଷ। ପରିବେଶରେ ଘଟୁଥିବା ଘଟଣାଗୁଡିକର ସୁଚାରୁ ପର୍ଯ୍ୟବେକ୍ଷଣ ନୂତନ ଦିଗର ସନ୍ଧାନ ଦିଏ। ସେସବୁ ଘଟଣା ସମ୍ପର୍କିତ ବିଶେଷ ଚିନ୍ତନ ନୂତନ ସତ୍ୟର ସନ୍ଧାନ ଦିଏ । ସେହି ସତ୍ୟ ହିଁ ବୈଜ୍ଞାନିକ ତଥ୍ୟର ରୂପ ନିଏ ।

ଗଛରୁ ତଳକୁ ଫଳ ପଡ଼େ। ଏଇଟା ତ ପ୍ରକୃତିର ଗୋଟିଏ ସାଧାରଣ ପରିଘଟଣା । କିନ୍ତୁ ଏହା ପଛରେ ରହିଥିବା କାରଣ ହେଉଛି ଅସାଧାରଣ । ପ୍ରକୃତିରେ ଲୁଚି ରହିଥିବା ସେଇ ଅସାଧାରଣ ସତ୍ୟକୁ ସାର୍ ଆଇଜାକ୍ ନିଉଟନ୍ ଖୋଜି ପାଇଥିଲେ । ପ୍ରକୃତିର ଏହିପରି ଘଟଣାକୁ ବୁଝେଇବାକୁ ଯାଇ ସେ କହିଥିଲେ ଯେ, ଟାଣିବା ଓ ଠେଲିବା ହେଉଛି ବଳର ଉଦାହରଣ । ତଳକୁ ଫଳ ପଡିବା ସକାଶେ ଗୋଟିଏ ବଳ କାମ କରେ । ପୃଥିବୀ ସେହି ବଳ ପ୍ରୟୋଗକରି ଫଳଟିକୁ ନିଜ ଆଡକୁ ଟାଣୁଥାଏ । ତେଣୁ ଫଳଟି ଡାଳରୁ ଅଲଗା ହେବା ମାତ୍ରେ ପୃଥିବୀ (ଭୂଇଁ) ଉପରେ ପଡେ । ଯେଉଁ ବଳ ବିଷୟରେ ପ୍ରଥମେ ନିଉଟନ୍ ଆମକୁ ସଚେତନ କରାଇଥିଲେ, ସେହି ବଳର ନାମ 'ମାଧ୍ୟାକର୍ଷଣ ବଳ' । ଯେକୌଣସି ଦୁଇଟି ବସ୍ତୁ ପରସ୍ପରକୁ ଏହି ବଳରେ ଟାଣନ୍ତି । ମଣିଷ ମଣିଷକୁ, ପଥର ପଥରକୁ, ଗଛ ଗଛକୁ, ମଣିଷ ପଥରକୁ, ପଥର ଗଛକୁ, ମଣିଷ ଗଛକୁ ଏମିତି ସମସ୍ତେ ଅନ୍ୟ ସମସ୍ତଙ୍କୁ 'ମାଧ୍ୟାକର୍ଷଣ ବଳ' ପ୍ରୟୋଗ କରି ଟାଣନ୍ତି ।

ପ୍ରକୃତିରେ ଚାରି ପ୍ରକାର ବଳ ଅନୁଭୂତ ହୁଏ । ସେଗୁଡିକ ହେଉଛି – ମାଧ୍ୟାକର୍ଷଣ ବଳ, ବିଦ୍ୟୁତ୍–ଚୁମ୍ବକୀୟ ବଳ, କ୍ଷୀଣ–ବଳ ଓ ନିଉକ୍ଲିୟ ବଳ । ସବୁଠାରୁ ଦୁର୍ବଳ ବଳ ହେଉଛି ମାଧ୍ୟାକର୍ଷଣ ବଳ ଏବଂ ସବୁଠାରୁ ଶକ୍ତିଶାଳୀ ବଳ ହେଉଛି ନିଉକ୍ଲିୟ ବଳ। ପଦାର୍ଥର ନିଉକ୍ଲିୟସ୍ ଭିତରେ କାର୍ଯ୍ୟ କରୁଥିବା ବଳ ହେଉଛି ନିଉକ୍ଲିୟ ବଳ । ପ୍ରତ୍ୟେକ ପଦାର୍ଥ କ୍ଷୁଦ୍ର କ୍ଷୁଦ୍ର କଣିକାକୁ ନେଇ ଗଠିତ । ସେହି କଣିକାକୁ ଆମେ ପରମାଣୁ (ଆଟମ୍) ବୋଲି କହୁ। ଠିକ୍ ଯେମିତି ଉଦ୍‌ଜାନ ଓ ଅମ୍ଳଜାନ ପରମାଣୁକୁ ନେଇ ଜଳକଣା ତିଆରି ହୁଏ। ପରମାଣୁ ଭିତରେ ଆହୁରି କ୍ଷୁଦ୍ରତର କଣିକାମାନେ ରହିଛନ୍ତି। ସେମାନେ

> "ପ୍ରକୃତିରେ ଚାରି ପ୍ରକାର ବଳ ଅନୁଭୂତ ହୁଏ । ସେଗୁଡିକ ହେଉଛି – ମାଧ୍ୟାକର୍ଷଣ ବଳ, ବିଦ୍ୟୁତ୍–ଚୁମ୍ବକୀୟ ବଳ, କ୍ଷୀଣ–ବଳ ଓ ନିଉକ୍ଲିୟ ବଳ । ସବୁଠାରୁ ଦୁର୍ବଳ ବଳ ହେଉଛି ମାଧ୍ୟାକର୍ଷଣ ବଳ ଏବଂ ସବୁଠାରୁ ଶକ୍ତିଶାଳୀ ବଳ ହେଉଛି ନିଉକ୍ଲିୟ ବଳ । ପଦାର୍ଥର ନିଉକ୍ଲିୟସ୍ ଭିତରେ କାର୍ଯ୍ୟ କରୁଥିବା ବଳ ହେଉଛି ନିଉକ୍ଲିୟ ବଳ । ପ୍ରତ୍ୟେକ ପଦାର୍ଥ କ୍ଷୁଦ୍ର କ୍ଷୁଦ୍ର କଣିକାକୁ ନେଇ ଗଠିତ ..."

ପ୍ରକୃତିର ନିୟମ ମାନି ନିର୍ଦ୍ଦିଷ୍ଟ ପ୍ରଣାଳୀରେ ସଜ୍ଜିତ ହୋଇ ରହିଛନ୍ତି। ପରମାଣୁର ଭିତରେ ମଝିରେ ରହିଛି ନିଉକ୍ଲିୟସ୍ ଏବଂ ନିଉକ୍ଲିୟସ୍ ଚାରିପଟେ ଇଲେକ୍‌ଟ୍ରନ୍‌ଗୁଡିକ ନିଜ ନିଜର କକ୍ଷପଥରେ ବୁଲୁଛନ୍ତି।

ପରମାଣୁର ଆୟତନକୁ ଦେଖିଲେ ନିଉକ୍ଲିୟସ୍‌ର ଆୟତନ ଅତି ନଗଣ୍ୟ। ହେଲେ ନିଉକ୍ଲିୟସ୍ ଭିତରେ ଥାଏ ପ୍ରୋଟନ୍ ଓ ନିଉଟ୍ରନ୍ । ଏହି କଣିକା ଦୁଇଟି ବସ୍ତୁତ୍ୱରେ ପ୍ରାୟ ସମାନ । ତଥାପି ଭଲ କରି ମାପ କଲେ ନିଉଟ୍ରନ୍ କଣିକାର ବସ୍ତୁତ୍ୱ ପ୍ରୋଟନ୍ କଣିକାଠାରୁ ଟିକିଏ ଅଧିକ ହେବ। ଇଲେକ୍‌ଟ୍ରନ୍ ସହିତ ତୁଳନା କଲେ ଉଭୟ କଣିକା ଢେର୍ ଓଜନିଆ । ପ୍ରତ୍ୟେକ କଣିକା ଇଲେକ୍‌ଟ୍ରନ୍ ତୁଳନାରେ ପ୍ରାୟ ୧୮୪୦ ଗୁଣ ଅଧିକ ଓଜନିଆ ହେବ । ନିଉକ୍ଲିୟସ୍‌ର ଆୟତନ ଦିଗରୁ ତର୍ଜମା କଲେ, ଗୋଟିଏ ପରମାଣୁକୁ ପୂରା ଫୁଟବଲ ପଡିଆ ଭାବିଲେ, ଫୁଟବଲ ଯେତିକି ଜାଗା ଅଧିକାର କରେ, ନିଉକ୍ଲିୟସ୍ ସେତିକି ଜାଗା ଅଧିକାର କରିଥାଏ । ସମୁଦାୟ ପରମାଣୁକୁ ଯଦି ୮୦୦୦ ସଂଖ୍ୟକ କୋଠରିରେ ବିଭକ୍ତ କରାଯିବ, ତେବେ ନିଉକ୍ଲିୟସ୍ କେବଳ ଗୋଟିଏ କୋଠରି ଭିତରେ ରହିବ । ବାକି ଏତେ ଜାଗାରେ ଇଲେକ୍‌ଟ୍ରନ୍‌ଗୁଡିକ ବୁଲୁଥାନ୍ତି । ଏହି କଥାକୁ ବୈଜ୍ଞାନିକ ରଥରଫୋର୍ଡ ପରୀକ୍ଷା ଦ୍ୱାରା ବୁଝାଇଛନ୍ତି। ତେଣୁ ପରମାଣୁ ଭିତରେ ନିଉକ୍ଲିୟସ୍ ଖୁବ୍ ଅଳ୍ପ ଜାଗାରେ ଏତେ ଓଜନିଆ କଣିକାଗୁଡିକୁ କେମିତି ରଖିପାରେ, ସେକଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ଏବେ ଚାର୍ଜ ଦୃଷ୍ଟିକୋଣରୁ ଆଲୋଚନା କରିବା । ନିଉଟ୍ରନ୍ କଣିକାର ଚାର୍ଜ ନ ଥାଏ । କିନ୍ତୁ ପ୍ରୋଟନ୍ କଣିକାରେ ଯୁକ୍ତଚାର୍ଜ ଥାଏ । ତେଣୁ ପ୍ରୋଟନ୍‌ଗୁଡିକ ପରସ୍ପରକୁ ବିକର୍ଷଣ କରନ୍ତି । ସେମାନେ ପାଖାପାଖି ହେଲେ ତ ଆହୁରି ଅଧିକ ବଳରେ ପରସ୍ପରକୁ ଠେଲନ୍ତି । ତେଣୁ ସେମାନଙ୍କୁ ନିଉକ୍ଲିୟସ୍ ପରି ଅତି କ୍ଷୁଦ୍ର କୋଠରି ଭିତରେ ରଖିବା ପାଇଁ ଶକ୍ତ ବଳ ଆବଶ୍ୟକ, ଯାହାର ପରିମାଣ ବିକର୍ଷଣ ବଳଠାରୁ ଢେର ଅଧିକ ହେବା ଦରକାର । ସେମିତିକା ଶକ୍ତବଳ ହେଉଛି ନିଉକ୍ଲିୟ । ନିଉକ୍ଲିୟ ବଳ ଚାର୍ଜ ଉପରେ ନିର୍ଭର କରେ ନାହିଁ । ନିଉକ୍ଲିୟସ୍ ଭିତରେ ଗୋଟିଏ ନିଉଟ୍ରନ୍ ଆଉ ଗୋଟିଏ ନିଉଟ୍ରନ୍‌କୁ ଟାଣେ, ଗୋଟିଏ ପ୍ରୋଟନ୍ ଆଉ ଗୋଟିଏ ପ୍ରୋଟନ୍‌କୁ ବି ଟାଣେ । ପ୍ରୋଟନ୍ ଓ ନିଉଟ୍ରନ୍ ମଧ୍ୟ ପରସ୍ପରକୁ ଟାଣନ୍ତି । ନିଉକ୍ଲିୟ ବଳର ପରିମାଣ ଅନ୍ୟ ସମସ୍ତ ବଳ ତୁଳନାରେ ଢେର ଅଧିକ ହୋଇଥିବାରୁ ନିଉକ୍ଲିୟସ୍ ଭିତରେ ଅତି ଅଳ୍ପ ଆୟତନ ମଧ୍ୟରେ ଏତେଗୁଡିଏ କଣିକାକୁ ଶକ୍ତ ଭାବରେ ବାନ୍ଧି ରଖିବା ସମ୍ଭବ ହୁଏ ।

ପୃଥିବୀଠାରୁ ଦୂରକୁ ଦୂରକୁ ଗଲେ ତାହାର ମାଧ୍ୟାକର୍ଷଣ ବଳର ପରିମାଣ କମି କମି ଯାଏ । ଏହି ବଳର ପ୍ରଭାବ ଅନନ୍ତ ଦୂରତା (ଇନ୍‌ଫିନିଟି) ପର୍ଯ୍ୟନ୍ତ ରହିଥାଏ । କିନ୍ତୁ 'ନିଉକ୍ଲିୟ ବଳ'ର ଧର୍ମ ଅଲଗା । ଏହା କେବଳ କ୍ଷୁଦ୍ର ନିଉକ୍ଲିୟସ୍ ଭିତରେ କାମ କରେ । ନିଉକ୍ଲିୟସ୍ ବାହାରେ ଏହାର ପ୍ରଭାବ ରହେ ନାହିଁ । ସେଥିପାଇଁ 'ନିଉକ୍ଲିୟ ବଳ'କୁ ସ୍ୱଳ୍ପ–ବିସ୍ତାରୀ–ବଳ (ଶର୍ଟ–ରେଞ୍ଜ୍ ଫୋର୍ସ) ବୋଲି କୁହାଯାଏ । ଯେମିତି ଦୂରତାକୁ 'ମିଟର' ଏକକରେ ମାପ କରାଯାଏ ଏବଂ ସମୟକୁ 'ସେକେଣ୍ଡ' ଏକକରେ ମାପ କରାଯାଏ, ସେହିପରି ବଳର ପରିମାଣକୁ 'ନିଉଟନ୍' ଏକକରେ ମପାଯାଏ । ଆମେ ଜାଣୁ ପ୍ରକୃତିରେ ମାଧ୍ୟାକର୍ଷଣ ବଳ ହେଉଛି ସବୁଠାରୁ ଦୁର୍ବଳ । ଯଦି ମାଧ୍ୟାକର୍ଷଣ ବଳର ପରିମାଣକୁ ୧ ନିଉଟନ୍ ଧରାଯିବ, ତେବେ ନିଉକ୍ଲିୟ ବଳର ପରିମାଣ ହେଉଛି ୧୦୩୮ ନିଉଟନ୍ । ଏହାର ଅର୍ଥ, ମାଧ୍ୟାକର୍ଷଣ ବଳକୁ ୧ ନିଉଟନ୍ ନେଇ ନିଉକ୍ଲିୟ ବଳକୁ ପ୍ରକାଶ କରିବାକୁ ହେଲେ ଆମକୁ ୧ ପରେ ୩୮ଟି ଶୂନ ଲେଖିବାକୁ ହେବ । ପ୍ରକୃତିରୁ ବିଜ୍ଞାନ ଜନ୍ମ ନେଇଛି । ଆମେ ଯେତେ ବଡ଼ ବୈଜ୍ଞାନିକ ହେଲେ ବି ପ୍ରକୃତିକୁ ବୁଝିବା କଷ୍ଟକର ବ୍ୟାପାର । ତେଣୁ ନିଉକ୍ଲିୟ ବଳକୁ ବୁଝିବା କାଠିକର ପାଠ । ଗବେଷକମାନେ ଏହି ବଳକୁ ବୁଝିବା ପାଇଁ ସକ୍ରିୟ ଗବେଷଣା ଜାରି ରଖିଛନ୍ତି ।

–ରିଡର (ଫିଜିକ୍ସ), ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଜାନୁଗଞ୍ଜ, ବାଲେଶ୍ୱର,ମୋ : ୯୮୬୧୧୮୦୫୯୮

# ମେଘାଳୟ ଯୁଗ

ପ୍ରଶାନ୍ତ କୁମାର ମିଶ୍ର

> "ବିଶ୍ୱ ଦରବାରରେ ନୂତନ ରୂପେ ପରିଚିତ ମେଘାଳୟ ଯୁଗ ୪୨୦୦ ବର୍ଷ ତଳୁ ୧୯୫୦ ବର୍ଷ ଧରି ପରିବ୍ୟାପ୍ତ। ଏହାର ଆରମ୍ଭରେ ବିଶ୍ୱବ୍ୟାପୀ ଭୟଙ୍କର ମରୁଡ଼ି ଦେଖାଦେଇଥିଲା ଏବଂ ଜଳବାୟୁରେ ବଡ଼ଧରଣର ବିଭ୍ରାଟ ଉପୁଜିଥିଲା, ଫଳରେ ବାୟୁମଣ୍ଡଳରେ ଅମ୍ଳଜାନ ପରିମାଣ ହ୍ରାସ ପାଇ ଅଙ୍ଗାରକାମ୍ଳ ପରିମାଣରେ ମାତ୍ରାଧିକ ବୃଦ୍ଧି ଘଟିଥିଲା ବୋଲି ଭୂବୈଜ୍ଞାନିକମାନେ ବ୍ୟାଖ୍ୟା କରିଛନ୍ତି।"

ଆମ ପୃଥିବୀର ଜନ୍ମ ବହୁ କୋଟି ବର୍ଷ ତଳେ। ଆମ ପୃଥିବୀ ଏବଂ ଏଥିରେ ଥିବା ଜୀବଜଗତ ସୃଷ୍ଟିର ରହସ୍ୟ ଜାଣିବା ପାଇଁ କାହିଁ କେଉଁ କାଳରୁ ବୈଜ୍ଞାନିକମାନଙ୍କର ରହିଆସିଛି ପ୍ରବଳ ଜିଜ୍ଞାସା। ବିବର୍ତ୍ତନବାଦର ପ୍ରବକ୍ତା ଡାରୱିନ୍‌ଙ୍କ ମତାନୁସାରେ ସରଳ ଜୀବକୋଷୀୟ ପ୍ରାଣୀଙ୍କଠାରୁ କ୍ରମଶଃ ଜଟିଳ ଜୀବକୋଷୀୟ ପ୍ରାଣୀଙ୍କର ସୃଷ୍ଟି। ପୃଥିବୀର ଉତ୍ପତ୍ତିଠାରୁ ଆଜି ପର୍ଯ୍ୟନ୍ତ ଘଟିଯାଇଥିବା ଘଟଣାବଳୀର ବିଶଦ ବିବରଣୀ କୌଣସି ଗ୍ରନ୍ଥରେ ଲିପିବଦ୍ଧ ହୋଇନାହିଁ ; ମାତ୍ର ଅତୀତ ସମ୍ବନ୍ଧରେ, ଯଥା ଭୂପୃଷ୍ଠର ଉତ୍ପତ୍ତି, ପରିବେଶର ବଦଳୁଥିବା ପରିଭାଷା, ବାୟୁମଣ୍ଡଳର ସମାହାର ଆଦି ଘଟଣାବଳୀର ତଥ୍ୟ ଓ ପ୍ରମାଣ ଭୂପୃଷ୍ଠରେ ଉପଲବ୍ଧ ଶିଳାଗୁଡ଼ିକରୁ ପ୍ରାପ୍ତ ହୋଇପାରିଛି।

ଐତିହାସିକମାନେ ମାନବ ସଭ୍ୟତାର ବିକାଶକୁ ଯେପରି 'ପୁରାତନ ପ୍ରସ୍ତରଯୁଗ', 'ନୂତନ ପ୍ରସ୍ତରଯୁଗ', 'ତାମ୍ରଯୁଗ', 'କାଂସ୍ୟଯୁଗ' ଏବଂ 'ଲୌହଯୁଗ' ଆଦିରେ ବିଭକ୍ତ କରିଛନ୍ତି, ଭୂବୈଜ୍ଞାନିକମାନେ ଶିଳାରୁ ଉପଲବ୍ଧ ତଥ୍ୟାନୁସାରେ ପୃଥିବୀର ଭୂତାତ୍ତ୍ୱିକ ସମୟ ସାରଣୀକୁ ପାଞ୍ଚୋଟି ମହାଯୁଗରେ ନାମିତ କରିଛନ୍ତି। ସେଗୁଡ଼ିକ ହେଲା, 'ଅଜୈବିକ ମହାଯୁଗ', 'ଆଦିସୂକ୍ଷ୍ମଜୀବୀ ମହାଯୁଗ', 'ପୁରାଜୀବୀ ମହାଯୁଗ', 'ମଧ୍ୟଜୀବୀ ମହାଯୁଗ' ଏବଂ 'ନବଜୀବୀ ମହାଯୁଗ'। ଏବେ ଯେଉଁ ବର୍ତ୍ତମାନକାଳରେ ଆମେ ବସବାସ କରୁଛେ, ତାହା 'ନବଜୀବୀ ମହାଯୁଗ'ର ଅଂଶବଶେଷ।

ନବଜୀବୀ ମହାଯୁଗର ଅୟମାରମ୍ଭ ହୁଏ ଆଜକୁ ପ୍ରାୟ ୬ କୋଟି ୫୦ ଲକ୍ଷ ବର୍ଷ ପୂର୍ବେ। ମହାଯୁଗକୁ ଦୁଇଟି ପ୍ରଶସ୍ତ ଯୁଗରେ ବିଭକ୍ତ କରାଯାଇଛି, ସେଥିରୁ ଗୋଟିଏ ହେଲା 'ତୃତୀୟ କଳ୍ପ' ଏବଂ ଅନ୍ୟଟି 'ଚତୁର୍ଥ କଳ୍ପ'। ତେବେ ଏଇ ହଲୋସିନ ଯୁଗକୁ ପୁନଶ୍ଚ ବିଭାଜିତ କରାଯାଇଛି ଯାହା ଭାରତର ମେଘାଳୟ ସହ ସମ୍ପୃକ୍ତ।

କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଶିଷ ସିହ୍ନାଙ୍କ ନେତୃତ୍ୱରେ ଏକ ଅନ୍ତର୍ଜାତୀୟ ଗବେଷଣା ଦଳ, ଅତ୍ୟଧିକ ମେଘ ବୃଷ୍ଟି ଯୋଗୁ ମେଘାଳୟର ଚେରାପୁଞ୍ଜି ନିକଟସ୍ଥ ମାମ୍ଲୁ ଗୁମ୍ଫାର ଛାତରୁ ଖସିଥିବା ଚୂନଗଦାକୁ ନେଇ ବ୍ୟାପକ ଗବେଷଣା କରିବା ପରେ ଇତିହାସର ଏଇ ନୂଆଯୁଗକୁ ଠାବ କରିବାରେ ସକ୍ଷମ ହୋଇଛନ୍ତି ଏବଂ ଉପରୋକ୍ତ ଗୁମ୍ଫାଟି ମେଘାଳୟରେ ଥିବାରୁ, ଏହାକୁ ମେଘାଳୟ ଯୁଗ ନାମରେ ନାମିତ କରାଯାଇଛି।

ବିଶ୍ୱ ଦରବାରରେ ନୂତନ ରୂପେ ପରିଚିତ ମେଘାଳୟ ଯୁଗ ୪୨୦୦ ବର୍ଷ ତଳୁ ୧୯୫୦ ବର୍ଷ ଧରି ପରିବ୍ୟାପ୍ତ। ଏହାର ଆରମ୍ଭରେ ବିଶ୍ୱବ୍ୟାପୀ ଭୟଙ୍କର ମରୁଡ଼ି ଦେଖାଦେଇଥିଲା ଏବଂ ଜଳବାୟୁରେ ବଡ଼ଧରଣର ବିଭ୍ରାଟ ଉପୁଜିଥିଲା, ଫଳରେ ବାୟୁମଣ୍ଡଳରେ ଅମ୍ଳଜାନର ପରିମାଣ ହ୍ରାସ ପାଇ ଅଙ୍ଗାରକାମ୍ଳ ପରିମାଣରେ ମାତ୍ରାଧିକ ବୃଦ୍ଧି ଘଟିଥିଲା ବୋଲି ଭୂବୈଜ୍ଞାନିକମାନେ ବ୍ୟାଖ୍ୟା କରିଛନ୍ତି। ଜଳବାୟୁର ଏହି ପରିବର୍ତ୍ତନ ଯୋଗୁ ମୌସୁମୀ ବାୟୁ ଦୁର୍ବଳ ହୋଇ କ୍ରମଶଃ ନିଷ୍କ୍ରିୟ ହୋଇଯାଇଥିଲା ଏବଂ କୃଷି ଆଧାରିତ ଆଦି ମାନବର ସମାଜ ଉପରେ ବିଶେଷ ପ୍ରଭାବ ପକାଇଥିଲା, ଯାହାଫଳରେ ଏହି ସମୟରେ ବିଶ୍ୱର ଅନେକ ସଭ୍ୟତାର ପରିସମାପ୍ତି ଘଟିଥିଲା ବୋଲି ଭୂବୈଜ୍ଞାନିକମାନଙ୍କ ଗବେଷଣା ଦଳ ମତପୋଷଣ କରିଛନ୍ତି।

–ପୂର୍ବତନ ଭୂବୈଜ୍ଞାନିକ ଅଧ୍ୟାପକ, ଭୂତତ୍ତ୍ୱ ବିଜ୍ଞାନ
ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ



## ସ୍ୱାସ୍ଥ୍ୟ ସୂଚନା



- ନିଜକୁ ସୁସ୍ଥ ରଖିବା ପାଇଁ ଚାହୁଁଛନ୍ତି ? ତେବେ ପ୍ରଥମେ ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।
- ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ନିଜ ଶରୀରର ରୁଟିନ୍ ଚେକ୍ ଅପ୍ ପାଇଁ ସମୟ ବାହାର କରନ୍ତୁ।
- କୌଣସି ରୋଗର ଲକ୍ଷଣ ପ୍ରକାଶ ପାଇଲେ ବିଳମ୍ବ ନ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- କୌଣସି ରୋଗ ବିଷୟରେ ଡାକ୍ତର ଆପଣଙ୍କୁ ଯାହା ପଚାରୁଛନ୍ତି ନିଃଶଙ୍କଚରେ ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦିଅନ୍ତୁ। କାରଣ ଯଦି କୌଣସି କାରଣକୁ ଆପଣ ପ୍ରକାଶ ନ କରନ୍ତି ତେବେ ତାହା ଆପଣଙ୍କ ପାଇଁ ସମସ୍ୟାକୁ ଡାକି ଆଣିଥାଏ।
- କେତେକେ ଡାକ୍ତରଙ୍କ ପରାମର୍ଶକୁ ଠିକ୍ ଭାବରେ ପାଳନ କରି ନ ଥାନ୍ତି। ରୋଗରୁ ଆରୋଗ୍ୟ ମିଳିବା ମାତ୍ରେ ଔଷଧ ଖାଇବା ବନ୍ଦ କରିଦେବା, ଡାକ୍ତର ସୂଚିତ କରିଥିବା ପରୀକ୍ଷା ନ କରିବା ନିଜର ବୋକାମି ବ୍ୟତୀତ ଆଉ କିଛି ନୁହେଁ। କାରଣ ଜଣେ ଡାକ୍ତର ରୋଗୀର ଅବସ୍ଥାକୁ ଦେଖି କେତେ ଦିନ ଔଷଧ ଖାଇବ ଆରୋଗ୍ୟ ଲାଭ କରିବା ପରେ ମଧ୍ୟ କି କି ପରୀକ୍ଷା କରାଇବାକୁ ପଡିବ ସେ ସମ୍ପର୍କରେ ପ୍ରେସକ୍ରିପସନରେ ଉଲ୍ଲେଖ କରିଥାଆନ୍ତି, ଯାହାକୁ ଅନୁସରଣ କରନ୍ତୁ।
- ଅନେକେ ଜାଣତରେ ନିଜର ଖାଦ୍ୟପେୟ ପ୍ରତି ଆବଶ୍ୟକ ମୁତାବକ ନଜର ଦେଇ ନ ଥାନ୍ତି। ଖାଦ୍ୟପେୟରେ ଅନିୟମିତତା ଦେଖାଦେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ତେଣୁ ଠିକ୍ ସମୟରେ ଖାଦ୍ୟ ଖାଇବାକୁ ଭୁଲନ୍ତୁ ନାହିଁ।

# ସକାରାତ୍ମକ ଚିନ୍ତାଧାରା ବଢ଼ାଏ ସଙ୍ଗୀତ

ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲୁକା କରିଥାଏ ସଙ୍ଗୀତ। ତେଣୁ ଅବସର ସମୟରେ ଅନେକେ ମନପସନ୍ଦର ସଙ୍ଗୀତ ଶୁଣିବାକୁ ପସନ୍ଦ କରିଥାଆନ୍ତି। ଏଭଳି ଅଭ୍ୟାସ ଜଣେ ବ୍ୟକ୍ତିର ସକାରାତ୍ମକ ଚିନ୍ତାଧାରା ଉପରେ ସୁପ୍ରଭାବ ପକାଇଥାଏ। କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଯଦି ଜଣେ ମନପସନ୍ଦର ଗୀତ ଶୁଣନ୍ତି ତେବେ ଏହାଦ୍ୱାରା କାର୍ଯ୍ୟ ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ। 'ସକାରାତ୍ମକ ଚିନ୍ତାଧାରା ଏବଂ ସଙ୍ଗୀତ' ବିଷୟ ଉପରେ ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ର ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ନିଜ ମନପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ସକାରାତ୍ମକ ମନୋଭାବରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



“ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ବିଦେଶୀ ନିବେଶକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ବିଶ୍ୱରେ ରାଜନୈତିକ ନକାରାତ୍ମକତା କାରଣରୁ ଷ୍ଟକ୍ ମାର୍କେଟରେ କିଛି ଦିନ ଅସ୍ଥିରତା ଲାଗି ରହିବ।
– ଧୀରଜ ରେଲୀ, ଏମ୍‌ଡି ତଥା ସିଇଓ, ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍



“ ଭାରତର ଏନର୍ଜି ଏଫିସିଏଣ୍ଟ ସର୍ଭିସେସ୍ ଲିମିଟେଡକୁ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ୧୩ ମିଲିୟନ ଡଲାର ଋଣ ଦେବ।
– କେନିଚି ୟୋକୋୟାମା, କଣ୍ଟ୍ରି ଡାଇରେକ୍ଟର, ଏଡିବି ଇଣ୍ଡିଆ ରେସିଡେଣ୍ଟ ମିଶନ



## ସଂକ୍ଷେପରେ

### ୩୫୭ ପ୍ରକଳ୍ପର ବ୍ୟୟ ଭାର ୩.୩୯ ଲକ୍ଷ କୋଟି ବୃଦ୍ଧି

**ନୂଆଦିଲ୍ଲୀ,୧୧-୧୧:** ମାଓବାଦୀ ସମସ୍ୟା ତଥା ଅନ୍ୟ କାରଣରୁ ୧୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୩୫୭ଟି ପ୍ରକଳ୍ପର ବ୍ୟୟ ଭାର ବୃଦ୍ଧି ପାଇ ୩.୩୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲାଣି। ପରିସଂଖ୍ୟାନ ଏବଂ ପ୍ରକଳ୍ପ କ୍ରିୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜୁନ୍ ସୁଦ୍ଧା ୧୩୬୨ ପ୍ରକଳ୍ପର କ୍ରିୟାନ୍ୱୟନ ଲାଗି ମୋଟ୍ ୧୭,୦୩,୮୪୦.୦୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏବେ ଏହି ଯୋଜନାଗୁଡିକ ସମ୍ପୂର୍ଣ୍ଣ ହେବା ଲାଗି ଆନୁମାନିକ ୨୦,୪୩,୦୨୪.୨୧ କୋଟି ଟଙ୍କା ବ୍ୟୟ କରିବାକୁ ପଡିବ। ଏଭଳି ଭାବେ ପ୍ରକଳ୍ପ ନିର୍ମାଣ ବାବଦରେ ଖର୍ଚ୍ଚ ୧୯.୯୧ ପ୍ରତିଶତ ଅର୍ଥାତ ୩,୩୯,୧୮୪.୨୦ କୋଟି ଟଙ୍କା ବୃଦ୍ଧି ପାଇବ। ଉକ୍ତ ୧୩୬୨ ପ୍ରକଳ୍ପ ମଧ୍ୟରୁ ୩୫୭ ପ୍ରକଳ୍ପର ବ୍ୟୟଭାର ବଢ଼ିଛି ଏବଂ ୨୭୨ ପ୍ରକଳ୍ପକୁ ଠିକ୍ ସମୟରେ ଶେଷ କରାଯାଇପାରିନି।

### ୩୦ରୁ ୧୬ ସେକ୍ଟରରେ ରପ୍ତାନି ହ୍ରାସ

**ନୂଆଦିଲ୍ଲୀ,୧୧-୧୧:** ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ୩୦ଟି ସେକ୍ଟର ମଧ୍ୟରୁ ୧୬ଟିର ରପ୍ତାନି ସେପ୍ଟେମ୍ବରରେ ହ୍ରାସ ପାଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ଜଣାପଡିଛି ଯେ, ଆଲୋଚ୍ୟ ମାସରେ ମୋଟ ରପ୍ତାନି ୨.୧୫% ହ୍ରାସ ପାଇ ୨୭.୯୫ ବିଲିୟନ ଡଲାରରେ ପହଞ୍ଚିଛି। ପ୍ରାପ୍ତ ତଥ୍ୟ ଅନୁଯାୟୀ ଚାଉଳ, ଚା’, କଫି, ତମାଖୁ, ଇଞ୍ଜିନିୟରିଂ, ଚମଡ଼ା, ମସଲା, କାଜୁ, ଫଳ ଓ ପନିପରିବା, ସମୁଦ୍ର ଜାତ ଉତ୍ପାଦ ଏବଂ ରତ୍ନ ଓ ଗହଣା ସମେତ ୧୬ ପ୍ରମୁଖ କ୍ଷେତ୍ରରେ ସେପ୍ଟେମ୍ବରରେ ରପ୍ତାନି କମିଛି। ଫେଡେରେଶନ ଅଫ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେଶନ(ଫିୟୋ) ଅଧ୍ୟକ୍ଷ ଗଣେଶ ଗୁପ୍ତା କହିଛନ୍ତି ଯେ, ବର୍ଷକ ପୂର୍ବେ ରପ୍ତାନି ହାର ଉଚ୍ଚରେ ଥିବାରୁ ଚଳିତବର୍ଷ ଏହି ସମୟରେ ଏହା ହ୍ରାସ ପାଇଛି। ତେବେ ଆଗାମୀ ମାସଗୁଡିକରେ ଏଥିରେ ସୁଧାର ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ସୁଧ ହାର ଉପରେ ମିଳୁଥିବା ଛାଡ଼କୁ ୩ରୁ ୫%କୁ ବୃଦ୍ଧି କରାଯିବାର ଫଳସ୍ୱରୂପ ମଧ୍ୟ ରପ୍ତାନି ବଢ଼ିବ ବୋଲି ସେ କହିଛନ୍ତି।

### ବ୍ୟାଙ୍କ ଋଣ ଚାହିଦା ୧୪.୪% ବଢ଼ିଛି

**ନୂଆଦିଲ୍ଲୀ,୧୧-୧୧:** ସୁଧ ହାର ବୃଦ୍ଧି ସତ୍ତ୍ୱେ ବ୍ୟାଙ୍କ ଋଣ ପ୍ରଦାନ ୫ ବର୍ଷର ସର୍ବୋଚ୍ଚ ରେକର୍ଡ ଭାଙ୍ଗି ୧୪.୪% ବଢ଼ିଛି। ଅକ୍ଟୋବର ୨୬ ତାରିଖରେ ଶେଷ ହେଉଥିବା ପକ୍ଷ ସୁଦ୍ଧା ଏହି ତଥ୍ୟ ମିଳିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଏ ସମ୍ପର୍କରେ ତଥ୍ୟ ଜାରି କରାଯାଇଛି। ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି)ଙ୍କ ପକ୍ଷରୁ ଋଣ ଚାହିଦା ଯଥେଷ୍ଟ ଅଧିକ ରହିବା ଋଣ ପ୍ରଦାନ ବୃଦ୍ଧିର ମୁଖ୍ୟ କାରଣ ବୋଲି କୁହାଯାଉଛି। ଏଥିପୂର୍ବରୁ ଅକ୍ଟୋବର, ୨୦୧୩ରେ ଋଣ ପ୍ରଦାନ ୧୬.୬% ବୃଦ୍ଧି ପାଇଥିଲା। ଏନ୍‌ବିଏଫ୍‌ସି କମ୍ପାନୀମାନେ ଏବେ ଗୁରୁତର ନଗଦ ସଙ୍କଟର ସମ୍ମୁଖୀନ ହେଉଥିବା ନେଇ ଏକାଧିକ ରିପୋର୍ଟ ପ୍ରକାଶ ପାଇବା ମଧ୍ୟରେ ରିଜର୍ଭ ବ୍ୟାଙ୍କର ଉକ୍ତ ତଥ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଜାରି ତଥ୍ୟରେ କୁହାଯାଇଛି ଯେ, ଅକ୍ଟୋବର ୨୬ ସୁଦ୍ଧା ମୋଟ ବ୍ୟାଙ୍କ ଋଣ ପରିମାଣ ବୃଦ୍ଧି ପାଇ ୧୪.୪୧ ପ୍ରତିଶତ ଅର୍ଥାତ ୯୩,୦୧୦ କୋଟି ଟଙ୍କାରେ ପହଞ୍ଚିଛି। ଯାହା କି ବର୍ଷକ ପୂର୍ବେ ଏହି ଅବଧିରେ ୮୧,୨୯୦ କୋଟି ଟଙ୍କା ଥିଲା।

### ଦେଶରେ ୪.୩୬ ଲକ୍ଷ ଥର ସାଇବର ଆକ୍ରମଣ




**ନୂଆଦିଲ୍ଲୀ,୧୧-୧୧:** ଦେଶକୁ ଚଳିତବର୍ଷର ପ୍ରଥମ ୬ ମାସ ମଧ୍ୟର ରୁଷ, ଆମେରିକା, ଚାଇନା ଏବଂ ନେଦରଲାଣ୍ଡ ଭଳି ଦେଶ ପକ୍ଷରୁ ସାଇବର ଆକ୍ରମଣର ସମ୍ମୁଖୀନ ହେବାକୁ ପଡିଛି। ସାଇବର ସୁରକ୍ଷା କମ୍ପାନୀ ଏଫ-ସିକିଓର ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଜାନୁୟାରୀରୁ ଜୁନ୍ ମଧ୍ୟରେ ଦେଶରେ ୪.୩୬ ଲକ୍ଷ ଥର ସାଇବର ଆକ୍ରମଣ ଘଟଣା ସାମ୍ନାକୁ ଆସିଛି। ସେହିପରି ଏହି ଅବଧିରେ ଭାରତ ପକ୍ଷରୁ ଅଷ୍ଟ୍ରିଆ, ନେଦରଲାଣ୍ଡ, ବ୍ରିଟେନ, ଜାପାନ ଏବଂ ୟୁକ୍ରେନକୁ ସାଇବର ଆକ୍ରମଣ କରାଯାଇଛି। ଏହି ଦେଶଗୁଡ଼ିକୁ ଭାରତ ମୋଟ୍ ୩୫,୫୬୩ ଥର ସାଇବର ଆକ୍ରମଣ କରିଛି।

## କେନ୍ଦ୍ର ସହ କେନ୍ଦ୍ରୀୟ ବ୍ୟାଙ୍କର ବିବାଦ

# ଆର୍‌ବିଆଇ ବୈଠକରେ ଉଠିବ ଝଡ଼






■ ୩ ପ୍ରସଙ୍ଗରେ ଆଲୋଚନା ହେବ

■ ସରକାରଙ୍କ ସପକ୍ଷରେ କହିବେ ମନୋନୀତ ସଦସ୍ୟ

**ନୂଆଦିଲ୍ଲୀ,୧୧-୧୧**

କେନ୍ଦ୍ର ସରକାରଙ୍କ ସହ ସୃଷ୍ଟି ହୋଇଥିବା ମତଭେଦ ଭିତରେ ଆସନ୍ତା ୧୯ରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଗୁରୁତ୍ୱପୂର୍ଣ୍ଣ ବୋର୍ଡ ବୈଠକ ବସିବାକୁ ଯାଉଛି। ଗୋଟିଏ ପଟେ ସରକାର ନିଜ ଜିଦ୍ ପୂରଣ ପାଇଁ ଯଥାସାଧ୍ୟ ଉଦ୍ୟମ କରିବେ, ଅନ୍ୟପଟେ କେନ୍ଦ୍ରୀୟ ବ୍ୟାଙ୍କ ଅର୍ଥନୀତି ଦୃଷ୍ଟିରୁ ଠିକ୍ ପଦକ୍ଷେପ ଉପରେ ଗୁରୁତ୍ୱ ଦେବେ। ଫଳରେ ଏହି ବୈଠକରେ ଉଭୟ ପକ୍ଷ ମୁହାଁମୁହିଁ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି କାରଣରୁ ଉକ୍ତ ବୋର୍ଡ ବୈଠକରେ ପ୍ରବଳ ଝଡ଼ ବହିବାକୁ ଯାଉଥିବା ମନେକରାଯାଉଛି। ପ୍ରାପ୍ତ ସୂଚନାନୁଯାୟୀ ବୋର୍ଡର କିଛି ସଦସ୍ୟ ପୁଞ୍ଜି ରୂପରେଖା ଢ଼ାଞ୍ଚା, ଆର୍‌ବିଆଇ ନିକଟରେ ଥିବା ବଳକା ଅର୍ଥର ପରିଚାଳନା ତଥା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଲାଗି ନିୟମ କୋହଳ ପ୍ରସଙ୍ଗ ଉଠାଇ ଗଭର୍ନର ଉର୍ଜିତ ପଟେଲ ଓ ତାଙ୍କ ସହଯୋଗୀଙ୍କୁ ଅଡୁଆରେ ପକାଇବାକୁ ଚେଷ୍ଟା କରିବେ।

ସୂଚନାଥାଉ କି, ଉକ୍ତ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଚାପକୁ ବିରୋଧ କରି ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଏବଂ ଏନ୍.ଏସ୍.ବିଶ୍ୱନାଥନ ଖୋଲାଖୋଲି ମନ୍ତବ୍ୟ ଦେବା ପରେ ମତଭେଦ ପଦାକୁ ଆସିଥିଲା। ଏହାକୁ ନେଇ ସରକାର ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଏବଂ ଆର୍ଥିକ ସେବା ସଚିବ ରାଜୀବ କୁମାର ଏହାର ଜବାବ ଦେଇ କେନ୍ଦ୍ରୀୟ ବ୍ୟାଙ୍କକୁ ପ୍ରତି ଆକ୍ରମଣ କରିଛନ୍ତି। ଫଳରେ ମତଭେଦ ଏବେ ଖୋଲାଖୋଲି ସାମ୍ନାକୁ ଆସିଗଲାଣି। ସେହିପରି ସରକାର ଆର୍‌ବିଆଇ ଆଇନର ଧାରା ୭ ଅଧୀନରେ ଆଲୋଚନା ଆରମ୍ଭ କରିବା ଦିନଠାରୁ ଆର୍‌ବିଆଇ ବେଶ୍ ଉତ୍କ୍ଷିପ୍ତ ହୋଇଉଠିଛି।

ମିଳିଥିବା ସୂଚନାନୁଯାୟୀ, ସରକାରଙ୍କ ଦ୍ୱାରା ମନୋନୀତ କେତେକ ନିର୍ଦ୍ଦେଶକ ତଥା ସ୍ୱାଧୀନ ନିର୍ଦ୍ଦେଶକ ରିଜର୍ଭ ବ୍ୟାଙ୍କର ପୁଞ୍ଜି ଢ଼ାଞ୍ଚା ତଥା ଅନ୍ତରୀଣ ଲାଭାଂଶ ପ୍ରସଙ୍ଗକୁ ବୋର୍ଡ ବୈଠକରେ ଉଠାଇପାରନ୍ତି। ତେବେ ଆର୍‌ବିଆଇ ଆଇନ, ୧୯୩୪ରେ ସଂଶୋଧନ ପରେ ହିଁ ପୁଞ୍ଜି ରୂପରେଖା ଢ଼ାଞ୍ଚାରେ ପରିବର୍ତ୍ତନ ସମ୍ଭବ ହେବ। ଏହାଛଡା ବିକଶିତ ଦେଶ ସହ ସମତୁଲ ହିସାବରେ ପୁଞ୍ଜି ପର୍ଯ୍ୟାପ୍ତତା ନିୟମ, ତ୍ୱରିତ୍ ସୁଧାରାତ୍ମକ କାର୍ଯ୍ୟାନୁଷ୍ଠାନ(ପିସିଏ) ରୂପରେଖକୁ କୋହଳ କରିବା ଆଦି ପ୍ରସଙ୍ଗ ଉଠାଇ ସେମାନେ ଆର୍‌ବିଆଇର ଶୀର୍ଷ ଅଧିକାରୀମାନଙ୍କୁ ଅଡୁଆରେ ପକାଇବେ। ସାଧାରଣତଃ କେନ୍ଦ୍ରୀୟ ବ୍ୟାଙ୍କ ପୁଞ୍ଜି ପର୍ଯ୍ୟାପ୍ତତା ନିୟମକୁ କଡ଼ାକଡ଼ି ଭାବେ ପାଳନ କରୁଛି। ବସ୍ତୁତଃ ବିକଶିତ ଦେଶ ଅପେକ୍ଷା ଏହା ଅଧିକ ମାତ୍ରାରେ ପୁଞ୍ଜି ସଂରକ୍ଷଣ ପ୍ରତି ଦୃଷ୍ଟି ଦେଉଛି।

ସରକାରଙ୍କ କହିବାନୁଯାୟୀ ଆର୍‌ବିଆଇ ବିକଶିତ ଦେଶ ଭଳି ନିୟମ ପାଳନ କଲେ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ମିଳିଯିବ। ଏଥିପୂର୍ବରୁ ବିଶ୍ୱନାଥନ ଏଭଳି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। କେନ୍ଦ୍ରୀୟ ବ୍ୟାଙ୍କ ଏହି ନିୟମ କୋହଳ କରିବ ନାହିଁ ବୋଲି ସେ କହିଥିଲେ। ଅନ୍ୟ ଏକ ପ୍ରସଙ୍ଗକୁ ନେଇ ଉଭୟ ପକ୍ଷ ମୁହାଁମୁହିଁ ହୋଇପାରନ୍ତି। ତାହା ହେଲା ରିଜର୍ଭ ବ୍ୟାଙ୍କରେ ପଡି ରହିଥିବା ଅଧିକ ନଗଦ। କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ଉପଯୁକ୍ତ ସଂରକ୍ଷିତ ପୁଞ୍ଜି ରହିବା ଉଚିତ ବୋଲି ସରକାର କହୁଛନ୍ତି। ବର୍ତ୍ତମାନ ଆର୍‌ବିଆଇ ନିକଟରେ ୯.୫୯ ଲକ୍ଷ କୋଟି ଟଙ୍କା ବଳକା ରହିଛି। ସରକାର ଏହାର ଏକ ତୃତୀୟାଂଶ ନେବାକୁ ଚାହୁଁଛନ୍ତି।

### ୧୮ ବୋର୍ଡ ଡାଇରେକ୍ଟରଙ୍କ ଉପରେ ନଜର

ଆସନ୍ତା ୧୯ରେ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ବୋର୍ଡ ବୈଠକ ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ୧୮ ଜଣ ଡାଇରେକ୍ଟରଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସେମାନେ କିଭଳି ପଦକ୍ଷେପ ନେଉଛନ୍ତି ତାକୁ ନେଇ ଏବେ ଜୋର୍ ଚର୍ଚ୍ଚା ଚାଲିଛି। ଆର୍‌ବିଆଇ ୱେବସାଇଟ ଅନୁଯାୟୀ ଏବେ ବୋର୍ଡରେ ୧୮ ଜଣ ସଦସ୍ୟ ରହିଛନ୍ତି। ତେବେ ଏଥିରେ ୨୧ ଜଣଙ୍କୁ ସର୍ବାଧିକ ରଖାଯିବାର ନିୟମ ରହିଛି। ଏଥିରେ କେନ୍ଦ୍ରୀୟ ବ୍ୟାଙ୍କର ଶୀର୍ଷ ଅଧିକାରୀ ଗଭର୍ନର ଉର୍ଜିତ ପଟେଲ, ୪ଜଣ ଡେପୁଟି ଗଭର୍ନରଙ୍କ ସମେତ ସରକାରୀ ଅଧିକାରୀ, ଉଦ୍ୟୋଗ ଜଗତର ଅଗ୍ରଣୀ ବ୍ୟକ୍ତିବିଶେଷ, ଅର୍ଥନୀତିଜ୍ଞ ତଥା ସମାଜସେବୀ ରହିଛନ୍ତି। ପଟେଲ ଓ ଅନ୍ୟ ୪ ଜଣ ଡେପୁଟି ଗଭର୍ନର ଏନ.ଏସ.ସ୍ୱାମୀନାଥନ, ବିରଲ ଆଚାର୍ଯ୍ୟ, ବି.ପି.କାନୁନଗୋ ଏବଂ ଏମ୍.କେ.ଜୈନ ବୋର୍ଡରେ ପୂର୍ଣ୍ଣକାଳୀନ ସଦସ୍ୟ ରହିଥିବା ବେଳେ ଅନ୍ୟ ୧୩ ଜଣଙ୍କୁ ସରକାର ମନୋନୀତ କରିଥାନ୍ତି। ଦୁଇ ସରକାରୀ ମନୋନୀତ ଅଧିକାରୀ ହେଲେ ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଏବଂ ଆର୍ଥିକ ସେବା ସଚିବ ରାଜୀବ କୁମାର। ଏହାଛଡ଼ା ସ୍ୱଳ୍ପକାଳୀନ ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ମଧ୍ୟରେ ସ୍ୱଦେଶୀ ବିଚାରକ ସ୍ୱାମୀନାଥନ ଗୁରୁମୂର୍ତ୍ତି ଏବଂ କୋଅପରେଟିଭ ଅଧିକାରୀ ସତୀଶ୍ ମରାଠେ ଅନ୍ୟତମ। ଏହାବାଦ୍ ଅନ୍ୟମାନେ ହେଲେ ଆଇଏଏସ ଅଧିକାରୀ ତଥା ଗୁଜରାଟ ସରକାରଙ୍କ ପୂର୍ବତନ ମୁଖ୍ୟ ସଚିବ ସୁଧୀର ମଙ୍କଡ, କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି, ପୂର୍ବତନ ଆଇଏଏସ ଅଧିକାରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରସନ୍ନ ମହାନ୍ତି, ରିସର୍ଚ୍ଚ ଆଣ୍ଡ୍ ଇନଫର୍ମେଶନ ସିଷ୍ଟମ ଫର୍ ଡେଭଲପିଂ କଣ୍ଟ୍ରିଜର ସଚିନ ଚତୁର୍ବେଦୀ ଏବଂ ପୂର୍ବତନ ଡେପୁଟି ସିଏଜି ରେବତୀ ଆୟର ରହିଛନ୍ତି। ସେମାନଙ୍କ ଛଡ଼ା ରତନ ଟାଟା, କୁମାର ମଙ୍ଗଳମ ବିର୍ଲା, ଏନ.ଆର.ନାରାୟଣ ମୂର୍ତ୍ତି, ଅଜିମ ପ୍ରେମଜୀ, ଜି.ଏମ୍. ରାଓ, ୱାଇ.ସି.ଦେବେଶ୍ୱର ଏବଂ କେ.ପି.ସିଂଙ୍କ ଭଳି ଉଦ୍ୟୋଗପତି ବୋର୍ଡରେ ସାମିଲ ହୋଇଛନ୍ତି। ରିଜର୍ଭ ବ୍ୟାଙ୍କ ଆଇନ, ୧୯୩୪ ଅନୁଯାୟୀ ବୋର୍ଡ ସଦସ୍ୟଙ୍କ ନିଯୁକ୍ତି ଧାରା ୮ ଅନୁଯାୟୀ କରାଯାଏ। ଆରମ୍ଭରେ ରିଜର୍ଭ ବ୍ୟାଙ୍କ ସ୍ୱାଧୀନ ଥିଲା, କିନ୍ତୁ ୧୯୪୯ରେ ବ୍ୟାଙ୍କ ରାଷ୍ଟ୍ରୀୟକରଣ ପରେ ଏହା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ଅଧୀନକୁ ଚାଲିଯାଇଛି।

## ଆସାମରେ ଧରାପଡିଲାଣି ୧୬ହଜାର କେଜି ନକଲି ଚା’



**ଗୁଆହାଟୀ,୧୧-୧୧**

ଭାରତୀୟ ଟି ବୋର୍ଡ(ଟିବିଆଇ) ଗତ ଦୁଇଦିନରେ ଆସାମର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପ୍ରାୟ ୧୬ ହଜାର କେଜି ନକଲି ଚା’ ଜବତ କରିଛି। ଅସଲି ଚା’ ତିଆରି ପରେ ଅବଶିଷ୍ଟ ପଦାର୍ଥକୁ ନେଇ ଏହି ନକଲି ଚା’ ତିଆରି କରାଯାଉଥିଲା ଏବଂ ବଜାରରେ ବିକ୍ରି କରାଯାଉଥିଲା।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଟି ବୋର୍ଡ ଶୁକ୍ରବାର ଗୋଲାଘାଟ ଜିଲାରେ ଥିବା ଏକ ଗୋଦାମ ଉପରେ ଚଢ଼ାଉ କରି ୧୨ ହଜାର କେଜି ନକଲି ଚା’ ଜବତ କରିଛି। ଅବଶିଷ୍ଟ ଚା’କୁ ତିନସୁକିଆ ସମେତ ଅନ୍ୟ ଜିଲାରୁ ଜବତ କରାଯାଇଛି। ଏହି ଚଢ଼ାଉ ସମ୍ପର୍କରେ ଟି ବୋର୍ଡ ଚୁପ୍ ରହିଥିବା ବେଳେ ନକଲି ଚା’ ବିକ୍ରିକୁ ରୋକିବା ଲାଗି ଆସାମର ବିଭିନ୍ନ ସ୍ଥାନରେ ଆଗାମୀ ଦିନରେ ଆହୁରି ଚଢ଼ଉ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଥାଉ କି, ଉଚ୍ଚ ଗୁଣବତ୍ତା କାରଣରୁ ଆସାମ ଚା’ର ଆଦର ସାରା ବିଶ୍ୱରେ ରହିଛି। ଗତବର୍ଷ ମଧ୍ୟ ପ୍ରାୟ ୧୯ ହଜାର କେଜି ନକଲି ଚା’ ଜବତ କରାଯାଇଥିଲା। ଭାରତରେ ଉତ୍ପାଦନ ହେଉଥିବା ଚା’ର ପ୍ରାୟ ୫୦% ଅର୍ଥାତ୍ ବାର୍ଷିକ ୬୭୦ ମିଲିୟନ କେଜି କେବଳ ଆସାମରୁ ଆସୁଛି।

## କୁହୁଡ଼ି ଯୋଗୁ ଯାତ୍ରୀ ସୁରକ୍ଷା ନେଇ ରେଲୱେର ପଦକ୍ଷେପ

**ଭୁବନେଶ୍ୱର,୧୧-୧୧**



ଶୀତ ଋତୁରେ କୁହୁଡି ପରିସ୍ଥିତିକୁ ଦୃଷ୍ଟିରେ ରଖି ଯାତ୍ରୀ ସୁରକ୍ଷା ଉପରେ ରେଲୱେ ଗୁରୁତ୍ୱ ଦେଇଛି। ପୂର୍ବତଟ ରେଳପଥ ଏହାର ପରିସୀମା କ୍ଷେତ୍ରରେ ଆସୁଥିବା ବିଭିନ୍ନ ରେଳ ସେକ୍ସନରେ ରାତ୍ରୀ ଓ ପ୍ରାତଃ କାଳରେ ଘନ କୁହୁଡିକୁ ସାମ୍ନା କରି ରେଳ ଚଳାଚଳ ଲାଗି ଏହାର କାର୍ଯ୍ୟଶକ୍ତିକୁ ପ୍ରସ୍ତୁତ ରଖିଛି। ସେହିଭଳି କୁହୁଡି ପ୍ରଭାବିତ କ୍ଷେତ୍ରରେ ସାବଧାନତା ଅବଲମ୍ବନ କରିବାକୁ ରେଲୱେ ଏହାର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛି। ଘନ କୁହୁଡି ପରିସ୍ଥିତିରେ ଟ୍ରେନ ପରିଚାଳନା ସମ୍ବନ୍ଧରେ ପୂର୍ବତଟ ରେଳପଥ ଏହାର ନିର୍ଦ୍ଧାରିତ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଇବାକୁ ସକ୍ଷମ ରହିଥିବା କହିଛି। କୁହୁଡି ସମୟରେ ଟ୍ରେନଗତିକୁ ନିୟନ୍ତ୍ରଣ ରଖିବାକୁ ଡ୍ରାଇଭରମାନଙ୍କୁ କୁହାଯାଇଛି। ସେହିଭଳି ରନିଂ ଷ୍ଟାଫମାନଙ୍କୁ ପ୍ରଶିକ୍ଷିତ କରାଯାଉଛି। କୁହୁଡି ଅଞ୍ଚଳରେ ଆଲୋକ ପ୍ରଦାନ କରୁଥିବା ଓଏଚ୍‌ଇ ପଟି ବ୍ୟବସ୍ଥା, ଘନ କୁହୁଡିରେ ଡିଟୋନେଟର ପ୍ରୟୋଗ, କର୍ମଚାରୀଙ୍କୁ ତାଲିମ ଓ ପରାମର୍ଶ, ଟ୍ରେନ ଗାର୍ଡ ମାନଙ୍କୁ ପରାମର୍ଶ, ଟ୍ରେନ ପଛ ଡବାରେ ଓ ଲେଭେଲ କ୍ରସିଂରେ ଚକମକି ସଙ୍କେତ, ଶୀତ ସମୟରେ ପାଟ୍ରୋଲିଂ ଓ ଟ୍ରେନ ଇଞ୍ଜିନର ନୀରିକ୍ଷଣ ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।



## ଏଏସ୍‌ବିଏମ୍‌ରେ ରାଷ୍ଟ୍ରୀୟ ଏକତା ଦିବସ

**ଭୁବନେଶ୍ୱର,୧୧-୧୧**

ଏସିଆନ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍) ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ଏକ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଏସ୍‌ବିଏମ୍‌ର ଛାତ୍ରୀଛାତ୍ର, ଫାକଲଟି ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମତିଥି ଅବସରରେ ପ୍ରଫେସର ଉଦୟନ ଦାସଙ୍କ ତତ୍ତ୍ୱାବଧାନରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିଭଳି ରାଷ୍ଟ୍ରୀୟ ଏକତା ଦିବସର ଗୁରୁତ୍ୱ ଏବଂ ଉପଯୋଗିତା ଉପରେ ଏଠାରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଏସ୍‌ବିଏମ୍ ଡିନ୍ ପ୍ରଫେସର କଲ୍ୟାଣ ଶଙ୍କର ରାଏଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କଲିକତାରେ ହେବ ୫୬ତମ ଜାତୀୟ ମେଟାଲର୍ଜିଷ୍ଟ ଡେ

**ଭୁବନେଶ୍ୱର,୧୧-୧୧**

ଦି ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ମେଟାଲ (ଆଇଆଇଏମ୍) ଏବଂ ଟାଟା ଷ୍ଟିଲର ମିଳିତ ଉଦ୍ୟମରେ କଲିକତାଠାରେ ନଭେମ୍ବର ୧୪ରୁ ୧୬ ଯାଏ ୫୬ତମ ଜାତୀୟ ମେଟାଲର୍ଜିଷ୍ଟ ଡେ ଅନୁଷ୍ଠିତ ହେବ। ଏହି ଅବସରରେ ୭୨ତମ ଜାତୀୟ ବୈଷୟିକ ବୈଠକ ମଧ୍ୟ ଆୟୋଜିତ ହେବ। କାର୍ଯ୍ୟକ୍ରମକୁ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବିରେନ୍ଦର ସିଂ ଉଦଘାଟନ କରିବେ। ଏଥିରେ ଶିଳ୍ପ ଏବଂ ଶିକ୍ଷା କ୍ଷେତ୍ରର ବିଭିନ୍ନ ବିଶେଷଜ୍ଞ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମେଟାଲର୍ଜିଷ୍ଟ ଡେ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ ବୋଲି ଆଇଆଇଏମ୍ ସଭାପତି ତଥା ଟାଟା ଷ୍ଟିଲର ଟିକ୍ୟୁଏମ୍ ଓ ଇସ୍ପାତ ବ୍ୟବସାୟ ସଭାପତି ଆନନ୍ଦ ସେନ ସୂଚନା ଦେଇଛନ୍ତି। ଚଳିତ ବର୍ଷ ୭ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ।

## ଓଏନ୍‌ଜିସିର ୧୪୯ ତୈଳ ଭଣ୍ଡାରକୁ ବିକ୍ରି କରିବେ ସରକାର

**ନୂଆଦିଲ୍ଲୀ,୧୧-୧୧**

ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ(ଓଏନ୍‌ଜିସି)ର ୧୪୯ଟି ଛୋଟ ତୈଳ ଭଣ୍ଡାରକୁ ବିଦେଶୀ କମ୍ପାନୀଙ୍କୁ ବିକ୍ରି କରି ଦେବା ଲାଗି କେନ୍ଦ୍ର ସରକାର ବିଚାର କରୁଛନ୍ତି। ଏହାଦ୍ୱାରା ନିଗମ ଏଣିକି ବଡ଼ ତୈଳ ଭଣ୍ଡାରରୁ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇପାରିବ। ଗତବର୍ଷ ଅକ୍ଟୋବରରେ ଡାଇରେକ୍ଟୋରେଟ ଜେନେରାଲ ଅଫ୍ ହାଇଡ୍ରୋକାର୍ବନ ଘରୋଇ କମ୍ପାନୀ ହାତକୁ ଟେକି ଦେଲା ଭଳି ୧୫ ଟି କ୍ଷୁଦ୍ର ତୈଳ ଓ ପ୍ରାକୃତିକ ଭଣ୍ଡାର ଚିହ୍ନଟ କରିଥିଲେ। ସେଥିରେ ପ୍ରାୟ ୭୯୧.୨ ମିଲିୟନ ଟନ ଅଶୋଧିତ ତେଲ ଓ ୩୩୩.୪୬ ବିଲିୟନ କ୍ୟୁବିକ୍ ମିଟର ଗ୍ୟାସ୍ ଥିବା ଆକଳନ କରାଯାଇଥିଲା। ଘରୋଇ କମ୍ପାନୀଙ୍କୁ ଏହି ସମସ୍ତ ଭଣ୍ଡାର ହସ୍ତାନ୍ତର କରି ସରକାର ଭାବିଥିଲେ ଯେ, ତୈଳ ଓ ଗ୍ୟାସ୍ ଉତ୍ପାଦନ ବୃଦ୍ଧିପାଇବ। ତେବେ ଏହାକୁ ସେତେବେଳେ ଓଏନ୍‌ଜିସି କଡ଼ା ବିରୋଧ କରିବାରୁ ସରକାରଙ୍କ ଯୋଜନା ଫସର ଫାଟିଥିଲା।

## ହୋଣ୍ଡା ସିବି ସାଇନ୍ ବିକ୍ରି ୭୦ ଲକ୍ଷ ୟୁନିଟ ଟପିଲା

**ଭୁବନେଶ୍ୱର,୧୧-୧୧**



ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ୧୨୫ ସିସି ମୋଟର ସାଇକେଲ ବର୍ଗରେ ନିଜର ସ୍ଥିତିକୁ ଆହୁରି ଦୃଢ଼ କରିବାକୁ ସକ୍ଷମ ହୋଇଛି। କମ୍ପାନୀ ଏହାର ଅନ୍ୟତମ ଲୋକପ୍ରିୟ ମଡେଲ ସିବି ସାଇନର ୭୦ ଲକ୍ଷ ୟୁନିଟ ବିକ୍ରି କରିପାରିଛି। ଏହି ରେକର୍ଡକୁ ଏହା ଦୀପାବଳି ପୂର୍ବରୁ ହାସଲ କରିଛି। ଏହି ମଡେଲ ବିକ୍ରି କ୍ଷେତ୍ରରେ ଦେଶରେ ପ୍ରଥମ ସ୍ଥାନରେ ରହିଛି। ସେହିଭଳି ଅଧିକ ବିକ୍ରି ହେଉଥିବା ଦେଶର ୪ ପ୍ରମୁଖ ମଡେଲ ମଧ୍ୟରେ ଏହା ସ୍ଥାନିତ ହୋଇଛି। ଉକ୍ତ ମଡେଲରେ ୧୨୪.୭୩ ସିସି ଏୟାର କୁଲଡ ଇଞ୍ଜିନ, ସିଙ୍ଗଲ ସିଲିଣ୍ଡର ଇଞ୍ଜିନ ଏବଂ ହୋଣ୍ଡା ଇକୋ ଟେକ୍ନୋଲୋଜି ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ରହିଛି। ଏହା ୬ଟି ରଙ୍ଗରେ ଉପଲବ୍ଧ। ଏହାକୁ କିଣିଲେ ଗ୍ରାହକ ମାଗଣାରେ ହୋଣ୍ଡା ଜଏ କ୍ଲବର ସଦସ୍ୟ ହେବାର ସୁଯୋଗ ପାଇ ପାରିବେ। ଉକ୍ତ ସଫଳତା ବଡ ଉତ୍ସାହ ଜନକ ହୋଇଥିବା ବେଳେ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବାକୁ ସକ୍ଷମ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

## ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ କମିଲା

**ନୂଆଦିଲ୍ଲୀ,୧୧-୧୧**




■ ଅଗଷ୍ଟ ଓ ସେପ୍ଟେମ୍ବରରେ ମିଳିଛି ୧୧,୯୦୦ କୋଟି ଟଙ୍କା ଜିଏସ୍‌ଟି କ୍ଷତିପୂରଣ

■ ଅକ୍ଟୋବରରେ ରାଜ୍ୟଗୁଡ଼ିକର ଆୟ ମୋଟ୍ ୫୨,୯୩୪ କୋଟି ଟଙ୍କା

ଅଗଷ୍ଟ ଓ ସେପ୍ଟେମ୍ବରରେ ରାଜ୍ୟଗୁଡିକୁ ଜିଏସ୍‌ଟି ବାବଦ କ୍ଷତିପୂରଣ ପ୍ରଦାନ ୧୧,୯୦୦ କୋଟି ଟଙ୍କା ହ୍ରାସ ପାଇଛି ବୋଲି ସରକାରୀ ତଥ୍ୟରୁ ଜଣାପଡିଛି। ୨୦୧୭ ଜୁଲାଇ ପହିଲାରୁ ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ରାଜ୍ୟଗୁଡ଼ିକୁ ଏଥିଲାଗି କେନ୍ଦ୍ର ସରକାର କ୍ଷତିପୂରଣ ଦେଇଥାନ୍ତି। ଦୁଇମାସରେ ଥରେ ଏହାକୁ ପ୍ରଦାନ କରାଯାଏ। ଜୁନ୍-ଜୁଲାଇରେ ରାଜ୍ୟଗୁଡ଼ିକୁ ମିଳିଥିଲା ୧୪,୩୦୦ କୋଟି ଟଙ୍କା, ଯାହାକି ଏପ୍ରିଲ-ମେ’ରେ ମିଳିଥିବା ୩,୮୯୯ କୋଟି ଟଙ୍କାରୁ ୪ଗୁଣା ଅଧିକ। କେନ୍ଦ୍ର ସରକାର ଅକ୍ଟୋବରରେ ଜିଏସ୍‌ଟି ବାବଦରେ ୧,୦୦,୭୧୦ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଥିଲେ। ଆଇଜିଏସ୍‌ଟି ବାବଦରେ ରାଜ୍ୟଗୁଡ଼ିକୁ ୧୫,୧୦୭ କୋଟି ଟଙ୍କା ନିୟମିତ ରାଜସ୍ୱ ପ୍ରଦାନ କରାଯାଇଥିଲା। ଏହାଛଡା ଅକ୍ଟୋବରରେ ବଳକା ଆଇଜିଏସ୍‌ଟି ବାବଦରେ ରାଜ୍ୟଗୁଡ଼ିକୁ ଆହୁରି ୧୫ ହଜାର କୋଟି ଟଙ୍କା ଦିଆଯାଇଛି। ଅକ୍ଟୋବରରେ ରାଜ୍ୟଗୁଡ଼ିକ ମୋଟ୍ ୫୨,୯୩୪ କୋଟି ଟଙ୍କା ଆୟ କରିଛନ୍ତି। ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ପ୍ରାୟ ୧୦ ଟି ରାଜ୍ୟର ରାଜସ୍ୱ ଆଦାୟ ହ୍ରାସ ପାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ। ଏହାର ରାଜସ୍ୱ ଆୟ ପ୍ରାୟ ୨୪% କମିଛି। ଅନ୍ୟମାନଙ୍କ ମଧ୍ୟରେ ପୁଡୁଚେରୀ(୪୨%), ପଞ୍ଜାବ ଏବଂ ହିମାଚଳ ପ୍ରଦେଶ (୩୨%), ଉତ୍ତରାଖଣ୍ଡ (୩୫%), ଜମ୍ମୁ ଓ କଶ୍ମୀର (୨୮%), ଛତିଶଗଡ଼ (୨୬%), ଗୋଆ (୨୫%), କର୍ଣ୍ଣାଟକ ଏବଂ ବିହାର (୨୦%) ରହିଛନ୍ତି। କେବଳ ମିଜୋରାମ, ଅରୁଣାଚଳ ପ୍ରଦେଶ, ମଣିପୁର, ନାଗାଲାଣ୍ଡ, ସିକିମ ଏବଂ ଆନ୍ଧ୍ରପ୍ରଦେଶ ଅଧିକ ରାଜସ୍ୱ ଆଦାୟ କରିଛନ୍ତି।

“ଅଷ୍ଟାନାଠାରେ ୨୦୧୬ ବିଶ୍ୱ ଚାମ୍ପିୟନଶିପ୍ ଦ୍ୱିତୀୟ ରାଉଣ୍ଡରେ ଏମ୍‌ସି ମେରୀକମଙ୍କୁ ପରାସ୍ତ କରିବା ପରେ ମୋ କ୍ୟାରିୟର ବଦଳିଯାଇଥିଲା।

**– ଆଜିଜେ ନିମାନି, ଆଲବାନିଆ ବକ୍ସର**



“ରୋହିତ ଶର୍ମା ତାଙ୍କ ଫର୍ମ ଜାରି ରଖିପାରିଲେ ଭିଭିଆନ ରିଚାର୍ଡ୍ସ ଓ ବୀରେନ୍ଦ୍ର ସେହ୍ୱାଗଙ୍କ ପରେ ଶ୍ରେଷ୍ଠ ବିସ୍ଫୋରକ ବ୍ୟାଟ୍ସମ୍ୟାନ ହୋଇପାରିବେ।

**– ସୁନୀଲ ଗାଭାସ୍କର, କ୍ରିକେଟ କିମ୍ବଦନ୍ତୀ**



## ସଂକ୍ଷେପରେ

### ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟି୨୦ ଖେଳି ନ ପାରନ୍ତି ରୋହିତ

**ନୂଆଦିଲ୍ଲୀ,୧୧।୧୧:** ଭାରତୀୟ ସୀମିତ ଓଭର କ୍ରିକେଟ ଦଳର ଉପଅଧିନାୟକ ରୋହିତ ଶର୍ମା ଚଳିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ମ୍ୟାଚ୍ ସରିବା ପରେ ନ୍ୟୁଜିଲାଣ୍ଡ ଗସ୍ତ କରିବେ। ସେଠାରେ ସେ ନ୍ୟୁଜିଲାଣ୍ଡ ଏ’ ବିପକ୍ଷ ମ୍ୟାଚ୍‌ରେ ଭାରତ ଏ’ ପକ୍ଷରୁ ଖେଳିବେ। ତେବେ ଏହା ତାଙ୍କ ପାଇଁ ପରୀକ୍ଷାମୂଳକ ମ୍ୟାଚ୍। ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ୪ ଦିନିଆ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କଲେ ତାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଖେଳିବାକୁ ସୁଯୋଗ ମିଳିବ। ଏଥିରେ ରୋହିତ ଖେଳିବା ନିଶ୍ଚିତ ଥିବାରୁ ୨୧ ତାରିଖରେ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ସେ ଖେଳି ନ ପାରନ୍ତି, ଯଦିଓ ନ୍ୟୁଜିଲାଣ୍ଡ ଏ’ ବିପକ୍ଷ ଅଭ୍ୟାସ ମ୍ୟାଚ୍ ୧୯ ତାରିଖରେ ଶେଷ ହେବ। କିନ୍ତୁ ନ୍ୟୁଜିଲାଣ୍ଡରୁ ଅଷ୍ଟ୍ରେଲିଆ ଯିବା ପରେ କ୍ଳାନ୍ତ ଯୋଗୁ ସେ ଖେଳି ନ ପାରନ୍ତି ବୋଲି ପୂର୍ବତନ ପେସର ଜାହିର ଖାଁ କହିଛନ୍ତି। ରୋହିତଙ୍କ ବ୍ୟତୀତ ମୁରଲୀ ବିଜୟ, ଅଜିଙ୍କ୍ୟ ରାହାନେ ଓ ପୃଥ୍ୱୀ ଶ’ଙ୍କୁ ମଧ ଭାରତ ଏ’ ଦଳରେ ସାମିଲ କରାଯାଇଛି।

### ମୋମିନୁଲ, ମୁସ୍‌ଫିକରଙ୍କ ଶତକ

**ଢ଼ାକା, ୧୧।୧୧ (ଏଏଫ୍‌ପି):** ସ୍ଥାନୀୟ ଶେର-ଇ-ବାଂଲା ଷ୍ଟାଡିୟମଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ଜିମ୍ବାୱେ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ମୋମିନୁଲ ହକ୍ (୧୬୧) ଏବଂ ମୁସ୍‌ଫିକର ରହିମ (୧୧୧*)ଶତକ ହାସଲ କରିଛନ୍ତି। ଘରୋଇ ଦଳ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୫ ଉଇକେଟ ବିନିମୟରେ ୩୦୩ ରନ କରିଛି। ଉଇକେଟକିପର ମୁସ୍‌ଫିକରଙ୍କ ସହିତ ଅଧିନାୟକ ମହମୁଦୁଲ୍ଲା ବିନା କୌଣସି ରନରେ ଅପରାଜିତ ରହିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଏକଦା ୨୬ ରନରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମୋମିନୁଲ ଓ ମୁସ୍‌ଫିକର ଚତୁର୍ଥ ଉଇକେଟରେ ୨୬୬ ରନ ଯୋଗ କରି ଦଳର ବ୍ୟାଟିଂ ସ୍ଥିତିରେ ସୁଧାର ଆଣିଥିଲେ। ଗତ ୯ଟି ଟେଷ୍ଟ ଇନିଂସରେ ବାଂଲାଦେଶ ପ୍ରଥମ ଥର ୨୦୦ ରନ ଅତିକ୍ରମ କରିବାରେ ସମର୍ଥ ହୋଇଛି। ମୋମିନୁଲଙ୍କର ଏହାଥିଲା ୭ମ ଟେଷ୍ଟ ଶତକ। ପ୍ରଥମ ଟେଷ୍ଟରେ ଜିମ୍ବାୱେ ୧୫୧ରନରେ ବିଜୟ ହାସଲ କରିଥିଲା।

### ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନ

କଟକ ଅଫିସ,୧୧।୧୧: ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଅଲିମ୍ପିକ ଆସୋସିଏଶନ୍(ଓଓଏ)ର ଆନୁକୂଲ୍ୟରେ ଅନୁଷ୍ଠିତ ନିର୍ବାଚନରେ ଓଓଏର ସମ୍ପାଦକ ଏମ.ଏ. ଆଲାମ ନିର୍ବାଚନୀ ଅଧିକାରୀ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ । ସୟଦ ମକବୁଲ ଅଲ୍ଲୀ ସଭାପତି ଭାବେ ଓ ବୀରେନ୍ଦ୍ର କୁମାର ବେହେରା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଉପସଭାପତି ଭାବେ ରୀତିକ ଅଧିକାରୀ, ପ୍ରେମାନନ୍ଦ ବିହାରୀ, ସାରଦା ପ୍ରସାଦ ଦାସ, ରମେଶ ପୃଷ୍ଟି, ଯୁଗ୍ମ ସମ୍ପାଦକ ଭାବେ ଉପେନ୍ଦ୍ରନାଥ ଦାସ, ଯଶୋବନ୍ତ ପରମଗୁରୁ, କୋଷାଧକ୍ଷ ଭାବେ ସୁରେଶ ଚନ୍ଦ୍ର ପାଢ଼ୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଗୋପୀନାଥ ସାହୁ, ପ୍ରଣୟ କୁମାର ପାଣି, ସୀତେନ୍ଦ୍ରନାଥ ଦାସ, ଭବାନୀ ଶଙ୍କର ମହାପାତ୍ର, ପ୍ରିୟନାଥ ରାୟ, ସୁଶାନ୍ତ ମହାରଣା, ମାନସ କୁମାର ସିଂ ନିର୍ବାଚିତ ହୋଇଛନ୍ତି । ୨୦୨୨ ମସିହା ପର୍ଯ୍ୟନ୍ତ ଏହି ନବନିର୍ବାଚିତ କମିଟି କାର୍ଯ୍ୟ କରିବ । ହ୍ୟାଣ୍ଡବଲ ଫେଡେରେଶନ୍ ଅଫ ଇଣ୍ଡିଆ ପକ୍ଷରୁ ସାଲୁଜା ନିରୀକ୍ଷକ ଭାବେ ଯୋଗ ଦେଇଥିଲେ ।

# ଭାରତର କ୍ଲିନ୍ ସୁଇପ୍

ଚେନ୍ନାଇ, ୧୧।୧୧

ଶିଖର ଧାୱନ ଓ ରିଷଭ ପନ୍ତଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ରବିବାର ଅନୁଷ୍ଠିତ ଅନ୍ତିମ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ୬ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ ୩-୦ରେ କ୍ଲିନ ସୁଇପ୍ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୨୦ ଓଭରରେ ୩ ଉଇକେଟ ହରାଇ ୧୮୧ ରନ କରିଥିବାବେଳେ ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରି ନେଇଥିଲା।

ବଡ଼ ସ୍କୋରର ପିଛା କରି ଭାରତ ୧୩ ରନରେ ଅଧିନାୟକ ରୋହିତ ଶର୍ମା ଏବଂ ୪୫ ରନରେ ଲୋକେଶ ରାହୁଲଙ୍କ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ରୋହିତ ୬ ବଲ୍‌ରୁ ୪ ଓ ଲୋକେଶ ୧୦ ବଲ୍‌ରୁ ୧୭ ରନ କରିବାକୁ ସକ୍ଷମ ହୋଇଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଚାପର ବଶବର୍ତ୍ତୀ ହୋଇ ନ ଥିଲେ ଅଭିଜ୍ଞ ଶିଖର ଧାୱନ ଓ ଯୁବ ଉଇକେଟ କିପର ରିଷଭ ପନ୍ତ। ଦୁହେଁ ଆତ୍ମବିଶ୍ୱାସର ସହ ୱେଷ୍ଟଇଣ୍ଡିଜ ବୋଲରଙ୍କୁ ଧୂଳେଇ କରି ୩ୟ ଉଇକେଟ ଭାଗୀଦାରିରେ ୧୩୦ରନ ଯୋଗ କରିବା ସହ ଭାରତକୁ ବିଜୟ ପଥରେ ଅଗ୍ରସର କରାଇଥିଲେ। ଚଳିତ ସିରିଜରେ ଏହା ପୂର୍ବରୁ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିବା ଧାୱନ ଏଠାରେ ଆବଶ୍ୟକ ସମୟରେ ଧୂଆଁଧାର ଇନିଂସ ଖେଳି ଟି୨୦ କ୍ୟାରିୟରର ୮ମ ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କୁ ଉପଯୁକ୍ତ ସହଯୋଗ କରିଥିଲେ ରିଷଭ। ସେ ବିସ୍ଫୋରକ ବ୍ୟାଟିଂ କରି କ୍ୟାରିୟରରେ ପ୍ରଥମ ଟି୨୦ ଅର୍ଦ୍ଧଶତକ ହାସଲ କରିବା ସହ ଟିମ୍ ଇଣ୍ଡିଆ ବିଜୟକୁ ସହଜ କରି ଦେଇଥିଲେ। ୧୧ ବଲ୍‌ରୁ ବିଜୟ ପାଇଁ ୭ ରନ ଆବଶ୍ୟକ ଥିବାବେଳେ ରିଷଭ କେମୋ ପଲ୍‌ଙ୍କ ବଲ୍‌ରେ ରିଭର୍ସ ସ୍କୁପ୍ ଶଟ୍ ଖେଳିବାକୁ ଯାଇ କ୍ଲିନ ବୋଲ୍ଡ ହୋଇ ଯାଇଥିଲେ। ସେ ୩୮ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୫୮ ରନ ସ୍କୋର କରିଥିଲେ। ଧାୱନ-ରିଷଭଙ୍କ ୧୩୦ ରନର ପାର୍ଟନରଶିପ୍ ଟି୨୦ରେ ଭାରତ ପାଇଁ ତୃତୀୟ ଉଇକେଟ ଯୋଡ଼ିରେ ଦ୍ୱିତୀୟ ଶ୍ରେଷ୍ଠ। ବିରାଟ କୋହଲି ଓ ସୁରେଶ ରାଇନା ଆଡିଲେଡଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୩୪ ରନ ସଂଗ୍ରହ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ବିଜୟ ପାଇଁ ଫାବିଆନ ଆଲେନଙ୍କ ଶେଷ ଓଭରରୁ ଭାରତ ୫ ରନ ଆବଶ୍ୟକ କରୁଥିଲା। ଧାୱନ ପ୍ରଥମ ବଲ୍‌ରୁ ୨ ଓ ଦ୍ୱିତୀୟ ବଲ୍‌ରୁ ୧ ରନ ନେଇଥିବାବେଳେ ମନୀଷ ପାଣ୍ଡେ ୩ୟ ବଲ୍‌ରୁ ୧ ରନ ନେଇଥିଲେ। ୪ର୍ଥ ବଲ୍‌ରେ କୌଣସି ରନ ହୋଇ ନ ଥିବାବେଳେ ୫ମ ବଲ୍‌ରେ ଧାୱନ ଆଉଟ ହୋଇଯାଇଥିଲେ। ଅନ୍ତିମ ବଲ୍‌ରୁ ୧ ରନ ନେଇ ମନୀଷ ପାଣ୍ଡେ ଭାରତକୁ ବିଜୟୀ କରାଇଥିଲେ। ଧାୱନ ୬୨ଟି ବଲ୍ ଖେଳି ୧୦ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୯୨ ରନ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ କେମୋ ପଲ୍ ୨ଟି ଏବଂ ଓଶାନେ ଥୋମାସ ଓ ଫାବିଆନ ଆଲେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦୁଇ ଓପ୍‌ନର ଶାଇ ହୋପ୍ ଓ ସିମରନ ହେଟ୍‌ମେର ପ୍ରଥମ ଉଇକେଟରେ ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ି ଦଳ ପାଇଁ ବଡ଼ ସ୍କୋରର ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ଭାରତକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ ସ୍ପିନର ଯୁଜବେନ୍ଦ୍ର ଚହଲ। ୨୨ ବଲ୍‌ରୁ ୩ ଚୌକା ଓ ୧ ଛକା ସହାୟତାରେ ୨୪ ରନ୍ କରିଥିବା ଶାଇ ହୋପ୍‌ଙ୍କୁ ସେ ୱାଶିଂଟନ ସୁନ୍ଦରଙ୍କ ହାତରେ କ୍ୟାଚ୍ କରାଇ ପାଭିଲିୟନ ପଠାଇଥିଲେ। ୬.୧ ଓଭରରେ ୫୧ ରନ୍ କରି ୱେଷ୍ଟଇଣ୍ଡିଜ ପ୍ରଥମ ଉଇକେଟ ହରାଇଥିଲା। କ୍ରିଜ୍‌ରେ ଜମି ରହି ବିପଜ୍ଜନକ ସାବ୍ୟସ୍ତ ହୋଇଆସୁଥିବା ହେଟ୍‌ମେରଙ୍କୁ ମଧ ଚହଲ ପାଭିଲିୟନ ପଥ ଦେଖାଇଥିଲେ। ହେଟ୍‌ମେର ୨୧ ବଲ୍‌ରୁ ୪ ଚୌକା ଓ ୧ ଛକା ସହ ୨୬ ରନ୍ କରିଥିଲେ। ମିଡଲ ଅର୍ଡରରେ ଦୀନେଶ ରାମଦିନ ୧୫ ରନ୍ କରି ଆଉଟ୍ ହୋଇଥିଲେ ହେଁ ଅଭିଜ୍ଞ ଡାରେନ ବ୍ରାଭୋ ଓ ଯୁବ ବ୍ୟାଟ୍ସମ୍ୟାନ ନିକୋଲାସ ପୁରନ ଅସମାପ୍ତ ୪ର୍ଥ ଉଇକେଟରେ ଦ୍ରୁତ ୮୭ ରନ୍ ଯୋଗକରି ୱେଷ୍ଟଇଣ୍ଡିଜକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ବ୍ରାଭୋ ୩୭ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୪୩ ଏବଂ ପୁରନ ମାତ୍ର ୨୫ ବଲ୍‌ରୁ ୪ଟି ଲେଖାଏ ଚୌକା ଓ ଛକା ମାରି ୫୩ ରନ୍‌ରେ ଅପରାଜିତ ରହିଥିଲେ। ଟି୨୦ରେ ଅନ୍ତର୍ଜାତୀୟରେ ଏହା ଥିଲା ପୁରନଙ୍କର ପ୍ରଥମ ଅର୍ଦ୍ଧଶତକ। ୧୯ ଓଭର ଶେଷସୁଦ୍ଧା ୱେଷ୍ଟଇଣ୍ଡିଜ ୧୫୮ ରନ୍ ସଂଗ୍ରହ କରିଥିଲା। ମାତ୍ର ବ୍ରାଭୋ ଓ ପୁରନ ଖଲିଲ ଅହମ୍ମଦଙ୍କ ଶେଷ ଓଭରରୁ ୨୩ ରନ୍ ସଂଗ୍ରହ କରି ୱେଷ୍ଟଇଣ୍ଡିଜ ସ୍କୋରକୁ ୨୦ ଓଭରରେ ୧୮୧/୩ରେ ପହଞ୍ଚାଇ ଦେଇଥିଲେ। ଭାରତ ପକ୍ଷରୁ ଚହଲ ୨ଟି ଓ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇଥିଲେ। ଭାରତୀୟ ବୋଲରମାନେ ଅତିରିକ୍ତ ୨୦ ରନ୍ ବ୍ୟୟ କରିଥିଲେ। ଏହା ମଧ୍ୟରେ ୧୬ଟି ୱାଇଡ୍ ସାମିଲ ଥିଲା।

## ଧାୱନ-ରିଷଭଙ୍କ ୧୩୦ ରନ ଭାଗୀଦାରି



## ତୃତୀୟ ଟି୨୦

- ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୮୧/୩(ପୁରନ-୫୩*, ବ୍ରାଭୋ-୪୩*, ଚହଲ-୨/୨୮, ସୁନ୍ଦର-୧/୩୩)।
- ଭାରତ ୨୦ ଓଭରରେ ୧୮୨/୪(ଧାୱନ-୯୨, ରିଷଭ-୫୮, ପଲ୍-୨/୩୨, ଥୋମାସ-୧/୪୩, ଆଲେନ-୧/୨୩)।

### ସିରିଜ୍ ଜିତିଲା ଦକ୍ଷିଣ ଆଫ୍ରିକା

ହୋବାର୍ଟ,୧୧।୧୧

ଏଠାରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ଦିନିକିଆରେ ଦକ୍ଷିଣ ଆଫ୍ରିକା ଦଳ ୪୦ରନ୍‌ରେ ବିଜୟ ହାସଲ କରିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ୨-୧ ବ୍ୟବଧାନରେ ଜିତି ନେଇଛି। ଡେଭିଡ ମିଲରଙ୍କୁ ଉଭୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ଭାବେ ବିବେଚିତ କରାଯାଇଛି।

ପ୍ରଥମେ ବ୍ୟାଟିଂ କରିଥିବା ଦ. ଆଫ୍ରିକା ଦଳ ମାତ୍ର ୫୫ ରନ୍ ମଧ୍ୟରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ଅଧିନାୟକ ଫାପ୍ ଡୁ’ପ୍ଲେସି ଓ ଡେଭିଡ ମିଲର ୪ର୍ଥ ଉଇକେଟ ଲାଗି ୨୫୨ ରନ୍‌ର ରେକର୍ଡ ଭାଗୀଦାରି କରିଥିଲେ। ଦୁଇଜଣଙ୍କ ଶତକୀୟ ଇନିଂସ୍ ଯୋଗୁ ଭ୍ରମଣକାରୀ ଦଳ ଧାର୍ଯ୍ୟ ୫୦ଓଭରରେ ୫ ଉଇକେଟ ହରାଇ ୩୨୦ ରନ୍ କରିଥିଲା। ଡୁ’ପ୍ଲେସି ୨ ଛକା ଓ ୧୫ ଚୌକା ସହାୟତାରେ ୧୨୫ ରନ୍ କରିଥିଲେ। ସେହିଭଳି ମିଲର ୧୩୯ (୪ଛକା ଓ ୧୩ ଚୌକା) ରନ୍‌ର ଇନିଂସ୍ ଖେଳିଥିଲେ। ଘରୋଇ ଦଳ ପକ୍ଷରୁ ମିଚେଲ ଷ୍ଟାର୍କ ଓ ମାର୍କସ ଷ୍ଟୋଇନିସ୍ ୨ଟି ଲେଖାଏ ଉଇକେଟ ନେଥିଲେ। ଜବାବରେ ଅଷ୍ଟ୍ରେଲିଆ ମଧ ବ୍ୟାଟିଂ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୯ ରନ୍ ମଧ୍ୟରେ ୩ ଉଇକେଟ ହରାଇ ସାରିଥିଲା। ମାତ୍ର ଶନ୍ ମାର୍ଶ ୧୦୬, ମାର୍କସ ଷ୍ଟୋଇନିସ୍ ୬୩, ଆଲେକ୍ସ କାରେ ୪୨ ଓ ଗ୍ଲେନ ମ୍ୟାକ୍ସୱେଲଙ୍କ ୩୫ ରନ୍ ଯୋଗୁ ଘରୋଇ ଦଳ ୫୦ ଓଭରରେ ୯ ଉଇକେଟ ହରାଇ ୨୮୦ ରନ୍ କରିପାରିଥିଲା। ବିଜୟୀ ଦଳ ପକ୍ଷରୁ ଡେଲ ଷ୍ଟେଇନ୍ ଓ କାଗିସୋ ରାବାଡା ୩ଟି ଲେଖାଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର: **ଦକ୍ଷିଣ ଆଫ୍ରିକା**- ୫୦ ଓଭରରେ ୩୨୦/୫(ମିଲର-୧୩୯, ଡୁ’ପ୍ଲେସି-୧୨୫, ଷ୍ଟାର୍କ-୨/୫୭, ଷ୍ଟୋଇନିସ୍- ୨/୭୦)। **ଅଷ୍ଟ୍ରେଲିଆ**- ୫୦ ଓଭରରେ ୨୮୦/୯ (ମାର୍ଶ-୧୦୬, ଷ୍ଟୋଇନିସ୍-୬୩, ଷ୍ଟେଇନ- ୩/୪୫, ରାବାଡା- ୩/୪୦)।

■ ଓଡ଼ିଶା ଓପନ୍ ଟେନିସ୍

## କବୀର ଚାମ୍ପିୟନ



ଅତିଥିଙ୍କ ଗହଣରେ କୃତୀ ଖେଳାଳି ।

ଭୁବନେଶ୍ୱର, ୧୧।୧୧
(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର କ୍ଲବ ଟେନିସ୍ କମ୍ପ୍ଲେକ୍ସରେ ଓଡ଼ିଶା ଓପନ୍ ଟେନିସ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଅଂଶୁକୁମାର ଭୂୟାଁଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରି କବୀର ହଂସ ଚାମ୍ପିୟନ ହୋଇଛନ୍ତି। ଟ୍ରଫି ସହ କବୀରଙ୍କୁ ପୁରସ୍କାର ଆକାରରେ ୧୫,୦୦୦ ଓ ଅଂଶୁଙ୍କୁ ୭୦୦୦ ଟଙ୍କା ପ୍ରଦାନ କରାଯାଇଛି।

ମିକ୍ସଡ ଡବଲ୍ସରେ ଅନନ୍ୟା ଯାଦବ ଓ ଆଶୁତୋଷ ଦାସଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ରତ୍ନପର୍ଣ୍ଣା ଚୌଧୁରୀ ଓ ସତୀର୍ଥ ପଟ୍ଟନାୟକ ଟାଇଟଲ ହାସଲ କରିଛନ୍ତି। ପୁରୁଷ ଡବଲ୍ସରେ ଅଂଶୁ-ଆଶୁତୋଷ ଯୋଡ଼ିକୁ ୬-୪, ୬-୩ ସେଟ୍‌ରେ ପରାସ୍ତ କରି କବୀର-ଅଜୟ ନିଶଙ୍କ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ପୁରୁଷ ୬୫ ବର୍ଷରୁ ଉର୍ଦ୍ଧ୍ୱ ଭେଟେରାନ ବର୍ଗରେ ଅରୁଣ ବିର୍ଲା-ପ୍ରମୋଦ ପଟ୍ଟନାୟକ, ୪୫ ବର୍ଷରୁ ଉର୍ଦ୍ଧ୍ୱ କାଟେଗୋରିରେ ଝାଡେଶ୍ୱର ଦାସ-ପ୍ରଭଞ୍ଜନ ମଲିକ, ୫୫ ବର୍ଷରୁ ଉର୍ଦ୍ଧ୍ୱ ବିଭାଗରେ ରବୀନ୍ଦ୍ର ସେନାପତି-ବି.ଏନ. ମହାନ୍ତି ଚାମ୍ପିୟନ ହୋଇଛନ୍ତି। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ଟେନିସ୍ ଆସୋସିଏଶନ(ଓଟିଏ) ସଭାପତି ଅସିତ୍ ତ୍ରିପାଠୀ, ଜଗଦାନନ୍ଦ ମହାପାତ୍ର, ଖୋର୍ଦ୍ଧା ଜିଲା ଟେନିସ୍ ଆସୋସିଏଶନ ସମ୍ପାଦକ ଅସିତ୍ ପ୍ରଧାନ, ସଭାପତି ମଧୁସୂଦନ ପାଢ଼ୀ, ଟୁର୍ନାମେଣ୍ଟ ରେଫରି ଯତୀନ ବୈଶ୍ୟ, ଶିବୁ ସାମଲ, ଓଟିଏ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ ସର୍ବଭାରତୀୟ ମଳୟ ମୁର୍ମୁ ଦିବାରାତ୍ର ଟି-୨୦ ତୃତୀୟ ଦିବସ

## ‘ୟୁ ଆଣ୍ଡ ମି’, ଉତ୍କଳିକା ସ୍ପୋର୍ଟିଂ ବିଜୟୀ

ବାଲେଶ୍ୱର ଅଫିସ,୧୧।୧୧

ବାଲେଶ୍ୱର ପରମିଟ୍ ପଡ଼ିଆରେ କ୍ଲବ ‘ୟୁ ଆଣ୍ଡ ମି’ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ରବିବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କ୍ଲବ ‘ୟୁ ଆଣ୍ଡ ମି’ ଏବଂ ବାବା ବାଣେଶ୍ୱର ଓ ଦ୍ୱିତୀୟ ପର୍ଯ୍ୟାୟରେ ଯାଜପୁର ଏମ୍‌ସିସି ଏବଂ ଭଦ୍ରକ ଉତ୍କଳିକା ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ କ୍ଲବ ‘ୟୁ ଆଣ୍ଡ ମି’ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ୍ ହରାଇ ୧୫୯ ରନ୍ କରିଥିଲା। ଦଳ ତରଫରୁ ସବ୍ୟସାଚୀ ଆଚାର୍ଯ୍ୟ ୪୪, ସର୍ବେଶ୍ୱର ମହାନ୍ତି ୩୪, ଏସ୍.କେ. ମିନାଜ (ଦୁ) ୧୮ ରନ୍ କରିଥିବା ବେଳେ ବାବା ବାଣେଶ୍ୱର ତରଫରୁ ଏସ୍‌କେ ମିନାଜ ୪, ବାବଲି ଅଲ୍ଲୀ ଓ ସୁକାନ୍ତ ମହାନ୍ତି ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ବାବା ବାଣେଶ୍ୱର ୧୯ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୯ ରନ୍ କରି ପରାସ୍ତ ହୋଇଥିଲା। ଦଳ ତରଫରୁ ଏମ୍.ଡ଼ି. ନସିମ ୬୯, ଏସ୍.କେ. ଆକ୍ରମ ୩୦ ଓ ସାନୱର ଅଲ୍ଲୀ ୨୨ ରନ କରିଥିଲେ। କ୍ଲବ ‘ୟୁ ଆଣ୍ଡ ମି’ ତରଫରୁ ବିଶ୍ୱମୋହନ ବାରିକ, ସବ୍ୟସାଚୀ ଆଚାର୍ଯ୍ୟ ୩ଟି ଲେଖାଏଁ ଓ ସର୍ବେଶ୍ୱର ମହାନ୍ତି ୨ଟି ଉଇକେଟ ନେଇଥିଲେ। ସବ୍ୟସାଚୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଭଦ୍ରକ ଉତ୍କଳିକା ସ୍ପୋର୍ଟିଂ ଟସ୍ ଜିତି ୨୦ ଓଭରରେ ୫ ଉଇକେଟ୍ ହରାଇ ୧୯୪ ରନ୍ କରିଥିଲା। ଦଳ ତରଫରୁ ଚନ୍ଦ୍ରଶେଖର ବେହେରା ୭୯, ମାନସ ମହାଳିକ ୬୧, ପ୍ରଣବ କିଶୋର ଦାସ ୨୬ରନ୍ କରିଥିବା ବେଳେ ଯାଜପୁର ଏମ୍‌ସିସି ପକ୍ଷରୁ ଲେଲିନ ବଳ ଓ ଆଜାର ଅଲ୍ଲୀ ଖାଁ ୪ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ଯାଜପୁର ଏମ୍‌ସିସି ୧୬.୪ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୧୪ ରନ୍ କରି ୮୦ ରନ୍‌ରେ ପରାଜୟବରଣ କରିଛନ୍ତି। ଦଳ ତରଫରୁ ନିଶିକାନ୍ତ ରାଉତ ୩୭, ମୁଜାକିର ଅଲ୍ଲୀ ୨୬ ରନ କରିଥିବା ବେଳେ ଉତ୍କଳିକା ସ୍ପୋର୍ଟିଂ ତରଫରୁ ସନ୍ତୋଷ ବଳ ୩ଟି ଏବଂ ପ୍ରଣବ କିଶୋର ଦାସ, ଅବିନାଶ ଦାଶ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ମାନସ ମହାଳିକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ବିସିସିଆଇ ଅମ୍ପାୟର ରାଜେଶ ମହାପାତ୍ର ଓ ଅମିତ ଅମିତାଭ ମହାକୁଡ଼, ଶାନ୍ତନୁ ଦାସ, ସଂଗ୍ରାମ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ।

**ସବ୍ୟସାଚୀ, ମାନସ ମ୍ୟାନ୍ ଅଫ୍ ଦି ମ୍ୟାଚ୍**



ସବ୍ୟସାଚୀ ଆଚାର୍ଯ୍ୟ



ମାନସ ମହାଳିକ

### ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୧।୧୧
(କ୍ରୀଡ଼ା ପ୍ରତିନିଧି)

ଓକିନୱା କରାଟେ ସ୍କୁଲ ଆନୁକୂଲ୍ୟରେ ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ୍ ରବିବାର ଷ୍ଟିୱାର୍ଟ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୬୦୦ ପ୍ରତିଯୋଗୀ ଏବଂ ୧୫୦ ଅଫିସିଆଲ ଯୋଗଦେଇଛନ୍ତି। ବିଧାୟକ ଅତନୁ ସାବ୍ୟସାଚୀ ନାୟକ ଓ ପ୍ରୀୟଦର୍ଶୀ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଷ୍ଟିୱାର୍ଟସ୍କୁଲ ପ୍ରିନ୍ସିପାଲ ରଶ୍ମିରେଖା ସେନାପତି, ହିମାଂଶୁ ଭୂଷଣ ଦାସ, ଏସ.ଆର.ସାସମଲ, ଏ.ଚିରଞ୍ଜୀବ, ଦେବାଶିଷ ରାଉତ, ଦୀପକ କୁମାର ସମର୍ଥା, ଜୟଦେବ ପଟ୍ଟନାୟକ,ସଞ୍ଜୟ ସାହ, ଆଦିତ୍ୟ ମିଶ୍ର, ସନ୍ଦୀପ ମହାନ୍ତି, ଟିଟୁ ବିଷୋୟୀ, ଜ୍ଞାନରଞ୍ଜନ ନନ୍ଦ, ଦୀପକ କୁମାର, ପ୍ରତାପ କୁମାର ନାୟକ, ରଶ୍ମିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜାପାନ କରାଟେ ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା।



ରବିବାର ଷ୍ଟିୱାର୍ଟ ସ୍କୁଲ ପରିସରରେ ଅନୁଷ୍ଠିତ ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା କରାଟେକା, ଅଫିସିଆଲ ଓ କର୍ମକର୍ତ୍ତାମାନେ ଅତିଥିଙ୍କ ସହ।

"ମୋ ପାଇଁ ରିହାବିଲିଟେଶନ ପ୍ରୋଗ୍ରାମ ଯଦିଓ ବୋରିଂ ଥିଲା ମୁଁ ଏହାକୁ ସକାରାତ୍ମକ ଭାବେ ନେଇଥିଲି ।
–ରିଦ୍ଧିମାନ ଶାହ, ଆଘାତପ୍ରାପ୍ତ ଟେଷ୍ଟ ଉଇକେଟକିପର



"ମୋ ଦୃଷ୍ଟିରେ ଗତ ୫ରୁ ୧୦ ବର୍ଷ ମଧ୍ୟରେ ରିଦ୍ଧିମାନ ଶାହ ହେଉଛନ୍ତି ଭାରତର ଶ୍ରେଷ୍ଠ ଉଇକେଟକିପର ।
–ସୌରଭ ଗାଙ୍ଗୁଲି, ପୂର୍ବତନ ଅଧିନାୟକ



## ସଂକ୍ଷେପରେ

### ରାଜ୍ୟ ସ୍ନୁକର: ଜାକିରଙ୍କ ରୋମାଞ୍ଚକର ବିଜୟ

**କଟକ ଅଫିସ,୧୧।୧୧:** ଦି ବିଲିୟାର୍ଡସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା(ବିଏସ୍‌ଏଓ) ଆନୁକୂଲ୍ୟରେ କଟକ କ୍ଲବରେ ଚାଲିଥିବା ରାଜ୍ୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ର ରବିବାର ଖେଳ ଶେଷ ହୋଇଛି। ଏଥିରେ ଜିତେନ ଷଡ଼ଙ୍ଗୀ, ଆକାଶ ମହାପାତ୍ର, ରୁମିତ ଗୁପ୍ତା, ଜାକିର ଅଲ୍ଲୀ ଖାନ୍ ବିଜୟୀ ହୋଇ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି । ପ୍ରତିଯୋଗିତାର ଟପ୍ ସିଡ୍ ଖେଳାଳି ମହମ୍ମଦ ରାଜାଙ୍କୁ ଏକ ରୋମାଞ୍ଚକର ମ୍ୟାଚ୍‌ରେ ଜାକିର ପରାସ୍ତ (୩-୨ଫ୍ରେମ୍‌ରେ)କରି କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଥିଲେ। ପ୍ରଥମ ଫ୍ରେମ୍‌ରେ ଜାକିର ୪୦-୪୭ ପଏଣ୍ଟରେ ପରାସ୍ତ ହେବା ପରେ ଦ୍ୱିତୀୟ ଓ ତୃତୀୟ ଫ୍ରେମ୍‌କୁ ୫୩-୪୦, ୫୮-୫୦ ପଏଣ୍ଟରେ ଜିତିଥିଲେ। ୪ର୍ଥ ଫ୍ରେମ୍‌କୁ ରାଜା ୫୩-୨୫ ପଏଣ୍ଟରେ ବିଜୟୀ ହୋଇ ମ୍ୟାଚ୍‌କୁ ୨-୨ ସ୍ଥିତିରେ ପହଞ୍ଚାଇଥିଲେ । ୫ମ ତଥା ନିର୍ଣ୍ଣାୟକ ଫ୍ରେମରେ ଜାକିର ୫୮-୪୫ ପଏଣ୍ଟରେ ବିଜୟୀ ହୋଇଥିଲେ । ଖେଳାଯାଇଥିବା ଅନ୍ୟ ଦୁଇଟି ମ୍ୟାଚ୍‌ରେ ଜିତେନ ଷଡ଼ଙ୍ଗୀ ୩-୨ ଫ୍ରେମରେ ସାରଦା ବେହେରାଙ୍କୁ, ରୁମିତ ଗୁପ୍ତା ୩-୧ ଫ୍ରେମରେ ସୁଜିତ ଅଗ୍ରୱାଲଙ୍କୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଥିବା ବେଳେ ୱାକଓଭର ବଳରେ ଆକାଶ ମହାପାତ୍ର କ୍ୱାର୍ଟରରେ ସାମିଲ ହୋଇଛନ୍ତି । ଜାକିର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି ।

### ସ୍କୁଲ୍ସ ଓପନ ଚେସ୍: ପ୍ରଭାଂଶୁ ଚାମ୍ପିୟନ



**ଭୁବନେଶ୍ୱର, ୧୧।୧୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଦ୍ୱିତୀୟ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ସୁଇସ୍ ଟୁର୍ନାମେଣ୍ଟରେ ରାଜ୍ୟର ୧୬ଟି ସ୍କୁଲର ୬୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୧୭ ବାଳିକା ସାମିଲ ଥିଲେ। ପ୍ରଭାଂଶୁ ଦାଶ୍ ଓ ଶାଶ୍ୱତ ସାହୁ ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରଦ୍ଧା ମିଶ୍ର, ଅବିନାଶ ଆଚାର୍ଯ୍ୟ, ଲୌଇସ ବିଷୋୟୀ, ଶୁଭସୁନ୍ଦର ବେହେରା, ସତ୍ୟଜିତ ସାମନ୍ତରାୟ, ଦିବ୍ୟସିଂହ ରାୟ, ଶିଭାଙ୍ଗୀ ମହାନ୍ତି, ଅମ୍ରିତ ଶତପଥୀ, ଓମ୍ ପ୍ରସାଦ ଦାସ, ବିଶ୍ୱଜିତ ମହାରଣା, ହର୍ଷିନ ନାୟକ, ଅଭିଷେକ କର ଓ ଅନୁପ ଚୌଧୁରୀ ଶୀର୍ଷ ୧୫ ଜଣଙ୍କ ମଧ୍ୟରେ ରହିଥିଲେ। ମୁଖ୍ୟ ପୁରସ୍କାର ବ୍ୟତୀତ ବିଭିନ୍ନ ବୟସବର୍ଗର ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। ପିପି ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ନିର୍ଦ୍ଦେଶକ ପ୍ରତିମା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଭାରତୀ ଦାସ ଓ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟ ଟିଟି ଚାମ୍ପିୟନଶିପ୍ ୧୮ରୁ

**କଟକ ଅଫିସ,୧୧।୧୧:** ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଅନୁଗୋଳ ଜିଲା କଣିହାଁର ଏନ୍‌ଟିପିସି ପରିସରସ୍ଥ ରିକ୍ରିଏଶନ୍ ସେଣ୍ଟରରେ ଆସନ୍ତା ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ୨୪ତମ ଆନ୍ତଃ ଜିଲା ଓ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ । ପ୍ରତିଯୋଗିତାରେ ମୋଟ ୧୨ଟି ଇଭେଣ୍ଟ ଖେଳାଯିବ । ସିନିୟର ପୁରୁଷ ଓ ଜୁନିୟର ବାଳକ ବିଭାଗରେ ଦଳଗତ ପ୍ରତିଯୋଗିତା ହେବ । ଏହାଛଡ଼ା ଉଭୟ ପୁରୁଷ, ମହିଳା ସିଙ୍ଗଲ୍ସ, ୟୁଥ୍ ବାଳକ ସିଙ୍ଗଲ୍ସ, ଜୁନିୟର ବାଳିକା, ବାଳକ ସିଙ୍ଗଲ୍ସ, ସବ୍‌ଜୁନିୟର ବାଳିକା, ବାଳକ ସିଙ୍ଗଲ୍ସ, କ୍ୟାଡେଟ ବାଳିକା, ବାଳକ ସିଙ୍ଗଲ୍ସ ଇଭେଣ୍ଟ ହେବା ବେଳେ ଭେଟେରାନ ଖେଳାଳିମାନଙ୍କୁ ନେଇ ସିଙ୍ଗଲ୍ସ ପ୍ରତିଯୋଗିତା କରାଯିବ । କେବଳ ଜୁନିୟର ବାଳକ ବିଭାଗରେ ଡବଲ୍ସ ପ୍ରତିଯୋଗିତା ହେବ। ପ୍ରତିଯୋଗିତାରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ ବୋଲି ରାଜ୍ୟ ଟିଟି ଆସୋସିଏଶନ ପକ୍ଷରୁ କୁହାଯାଇଛି। ତେବେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ନିମନ୍ତେ ନଭେମ୍ବର ୧୫ ତାରିଖରେ ନାମ ପଞ୍ଜୀକରଣ କରିପାରିବେ ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା କହିଛନ୍ତି ।

# କିଟ୍‌ରେ ଓଡ଼ିଶା–ୟୁପି ମୁକାବିଲା ଆଜିଠାରୁ

ଭୁବନେଶ୍ୱର, ୧୧।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ରଣଜୀ ଟ୍ରଫି ୨ୟ ରାଉଣ୍ଡ ପର୍ଯ୍ୟାୟ ସୋମବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେଉଛି। ଏହିକ୍ରମରେ ସ୍ଥାନୀୟ କିଟ୍ ଷ୍ଟାଡିୟମରେ ଘରୋଇ ଓଡ଼ିଶା ଶକ୍ତିଶାଳୀ ଉତ୍ତରପ୍ରଦେଶ (ୟୁପି) ଟିମ୍‌କୁ ଭେଟିବାକୁ ଯାଉଛି। ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ ଏହି ଗ୍ରାଉଣ୍ଡରେ ହରିୟାଣା ବିପକ୍ଷରେ ମ୍ୟାଚ୍ ଡ୍ର' ରଖିଥିଲେ ମଧ୍ୟ ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ମାତ୍ର ଏକ ପଏଣ୍ଟରେ ସନ୍ତୁଷ୍ଟ ରହିଥିଲା। ତେଣୁ ଗ୍ରୁପ୍–ସି'ର ଏହି ମ୍ୟାଚ୍ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଟିମ୍ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ମ୍ୟାଚ୍ ଜିତି ଦଳ ପୂର୍ଣ୍ଣ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଉଭୟ ଓଡ଼ିଶା ଓ ୟୁପି ଟିମ୍ ଏଠାରେ ଗଲା ଦୁଇଦିନ ଧରି ଜୋର୍‌ଦାର

**ରଣଜୀ ଟ୍ରଫି ୨ୟ ରାଉଣ୍ଡ**

ଅଭ୍ୟାସ ଚଳାଇଛନ୍ତି।

ହରିୟାଣା ବିପକ୍ଷରେ ପ୍ରଥମ ଇନିଂସରେ ଓପନର ଅନୁରାଗ ଷଡ଼ଙ୍ଗୀ ଓ ୨ୟ ଇନିଂସରେ ଅଧିନାୟକ ବିପ୍ଳବ ଅପରାଜିତ ଶତକୀୟ ଇନିଂସ ଖେଳି ଦଳକୁ ପରାଜୟରୁ ରକ୍ଷା କରିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ଛାଡ଼ିଦେଲେ ଶୁଭ୍ରାଂଶୁ ସେନାପତି, ଶାନ୍ତନୁ ମିଶ୍ର ଓ ଦେବବ୍ରତ ପ୍ରଧାନ ଉପଯୋଗୀ ବ୍ୟାଟିଂ କରିଥିଲେ। କିନ୍ତୁ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର, ଓପନର ସନ୍ଦୀପ ପଟ୍ଟନାୟକ, ଉଇକେଟ୍‌କିପର ସୁଜିତ୍ ଲେଙ୍କା ଫେଲ୍ ମାରିଥିବାରୁ ୟୁପି ବିପକ୍ଷ ମ୍ୟାଚ୍‌ରେ ଏମାନଙ୍କ ବ୍ୟାଟ୍‌ରୁ ଟିମ୍ ମ୍ୟାନେଜମେଣ୍ଟ ବଡ଼ ସ୍କୋର ଆଶା ରଖିଛି। ଅପରପକ୍ଷରେ ବରିଷ୍ଠ ବୋଲର ବସନ୍ତ ମହାନ୍ତି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଦଳର





କିଟ୍ ଷ୍ଟାଡିୟମରେ ଅଭ୍ୟାସ ସେସନ ଅବସରରେ ସୁରେଶ ରାଇନା। ନେଟ୍ସରେ ବୋଲିଂ କରୁଛନ୍ତି ଓଡ଼ିଶାର ବସନ୍ତ ମହାନ୍ତି । (ଫଟୋ–ମୌସମ୍)

ବୋଲିଂ ବିଭାଗକୁ ଆହୁରି ଶକ୍ତିଶାଳୀ କରିଛି। ପିତାଙ୍କ ବିୟୋଗ ସତ୍ତ୍ୱେ ବସନ୍ତ ୟୁପି ବିପକ୍ଷରେ ଖେଳିବାକୁ ନିଷ୍ପତ୍ତି ନେଇଥିବାରୁ ଏହା ସାଥୀ ଖେଳାଳିଙ୍କ ମନୋବଳ ବଢ଼ାଇବାରେ ସହାୟକ ହୋଇଛି। ପିତାଙ୍କ ଅସୁସ୍ଥତା ଲାଗି ବସନ୍ତ ପୂର୍ବରୁ ହରିୟାଣା ବିପକ୍ଷ ମ୍ୟାଚ୍ ଖେଳିପାରି ନ ଥିଲେ। ବସନ୍ତ ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଟିମ୍‌ରେ ସାମାନ୍ୟ ପରିବର୍ତ୍ତନ ହେବା ନିଶ୍ଚିତ ହୋଇଛି। ହରିୟାଣା ବିପକ୍ଷରେ ୩ ପଦାର୍ପଣକାରୀ ଯୁବ ବୋଲର ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ ଓ ସ୍ପିନର ପପୁ ରାୟ ମଧ୍ୟ ଉନ୍ନତ ବୋଲିଂ କରିଥିଲେ। ତେଣୁ ୟୁପି ବିପକ୍ଷ ମ୍ୟାଚ୍‌ରେ କେଉଁ ଖେଳାଳି ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିବେ ତାହା ନିଷ୍ପତ୍ତି ନେବା ଏବେ ଟିମ୍ ମ୍ୟାନେଜମେଣ୍ଟ ପାଇଁ କଷ୍ଟକର ହୋଇଛି।

ଅପରପକ୍ଷରେ ଆକାଶଦୀପ ନାଥଙ୍କ ନେତୃତ୍ୱାଧୀନ ୟୁପି ଦଳ ପ୍ରଥମ ମ୍ୟାଚ୍‌ରେ ଗୋଆକୁ ଏକ ଇନିଂସ ଓ ୨୪୭ ରନରେ ପରାସ୍ତ କରିଥିବାରୁ ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ ରହିଛି। ଅଧିନାୟକ ଆକାଶଦୀପ୍‌ଙ୍କ (୧୯୪) ସମେତ ମହମ୍ମଦ ସୈଫ୍ (୧୨୬) ଓ ପ୍ରିୟମ ଗର୍ଗ (୧୧୭) ଗୋଆ ବିପକ୍ଷରେ ଶତକ ହାସଲ କରିଥିଲେ। ଓପନର ମାଧବ କୌଶିକ (୯୨) ମଧ୍ୟ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ପ୍ରଥମ ମ୍ୟାଚ୍ ଖେଳି ନ ଥିବା ଅଭିଜ୍ଞ ସୁରେଶ ରାଇନା ଓଡ଼ିଶା ବିପକ୍ଷରେ ଖେଳିବା ନିଶ୍ଚିତ ହୋଇଛି। ତେଣୁ ଦଳର ବ୍ୟାଟିଂ ଲାଇନ୍‌ଅପ୍ ଷ୍ଟ୍ରଙ୍ଗ୍ ରହିଛି। ବୋଲିଂରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଶିଭମ ମାଭି, ଅଙ୍କିତ ରାଜପୁତ, ୟଶ ଦୟାଲଙ୍କୁ ନେଇ ବୋଲିଂ ବିଭାଗ ମଧ୍ୟ ଗୋଆ ବିପକ୍ଷରେ ସଫଳ ହୋଇଥିଲା। ଓଡ଼ିଶା ବିପକ୍ଷରେ ମଧ୍ୟ ଦଳ ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛି।

**ଓଡ଼ିଶା ଟିମ୍:** ସନ୍ଦୀପ ପଟ୍ଟନାୟକ, ରଣଜିତ୍ ସିଂ, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ସୁଜିତ୍ ଲେଙ୍କା, ଶୁଭ୍ରାଂଶୁ ସେନାପତି, ବସନ୍ତ ମହାନ୍ତି, ଶୁଭମ ନାୟକ, ସୂର୍ଯ୍ୟକାନ୍ତ ପ୍ରଧାନ, ଶାନ୍ତନୁ ମିଶ୍ର, ଦେବବ୍ରତ ପ୍ରଧାନ, ପପୁ ରାୟ, ଅଭିଷେକ ରାଉତ ଓ ରାଜେଶ ମହାନ୍ତି।

**ୟୁପି ଟିମ୍:** ଆକାଶଦୀପ୍ ନାଥ (ଅଧିନାୟକ), ଅଙ୍କିତ ରାଜପୁତ, ମହମ୍ମଦ ସୈଫ୍, ସୌରଭ କୁମାର, ସମର୍ଥ ସିଂ, ରିଙ୍କୁ ସିଂ, ଉପେନ୍ଦ୍ର ଯାଦବ (ଉଇକେଟ୍‌କିପର), ପ୍ରିୟମ ଗର୍ଗ, ଶିଭମ ମାଭି, ୟଶ ଦୟାଲ, ମାଧବ କୌଶିକ, ସୁରେଶ ରାଇନା, ଉମଙ୍ଗ ଶର୍ମା, ଅଲ୍‌ମାସ ସୌକତ୍, ଜୀସାନ ଅନସାରୀ ଓ ଧ୍ରୁବ ପ୍ରତାପ ସିଂ।

### ବସନ୍ତଙ୍କ ଉପସ୍ଥିତି ନିହାତି ଗୁରୁତ୍ୱପୂର୍ଣ୍ଣ: ବିପ୍ଳବ

ବସନ୍ତ ଭାଇ ଜଣେ ଅଭିଜ୍ଞ ବୋଲର। ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଏକ ଭଲ ସାଇନ୍ ଏବଂ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ମଧ୍ୟ। ଏହି ଉଇକେଟ୍‌ରେ ତାଙ୍କର ଉପସ୍ଥିତି ଟିମ୍ ନିହାତି ଆବଶ୍ୟକ କରୁଥିଲା। ଏହି ମ୍ୟାଚ୍ ଜିତିବାକୁ ଆମେ ଲକ୍ଷ୍ୟ ରଖିଥିବାରୁ ସେ ଦଳର ପ୍ରମୁଖ ସମ୍ବଳ। ପୂର୍ବରୁ ମଧ୍ୟ ଅତୀତରେ ସେ ଆମକୁ ଅନେକ ମ୍ୟାଚ୍‌ରେ ଜିତାଇବାରେ ସହାୟକ କରିଥିବାରୁ ୟୁପି ବିପକ୍ଷ ମ୍ୟାଚ୍‌ର ଉଭୟ ଇନିଂସରେ ଆମେ ତାଙ୍କ ନିକଟରୁ ଭଲ ବୋଲିଂ ଆଶା କରୁଛୁ ବୋଲି କିଟ୍ ଷ୍ଟାଡିୟମରେ ଅଭ୍ୟାସ ସେସନ ଅବସରରେ ଓଡ଼ିଶା ଦଳର ଅଧିନାୟକ ତଥା ବରିଷ୍ଠ ଖେଳାଳି ବିପ୍ଳବ ସାମନ୍ତରାୟ କହିଛନ୍ତି। ହରିୟାଣା ବିପକ୍ଷ ମ୍ୟାଚ୍‌ରେ ପ୍ଲାନ ଆମ ଫେଭରରେ ଯାଇ ନ ଥିଲେ ମଧ୍ୟ ଆମର କିଛି ଖେଳାଳି ଭଲ ଖେଳିଥିଲେ। ଶାନ୍ତନୁ ମିଶ୍ର, ପପୁ ରାୟଙ୍କ ପ୍ରଦର୍ଶନ ଭଲ ରହିଥିଲା। ତିନି ପଦାର୍ପଣକାରୀ ବୋଲର ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଫିଲ୍ଡିଂରେ ଆମର କିଛି କମ୍ ରହିଥିଲା, ଯାହାକୁ ଏହି ମ୍ୟାଚ୍‌ରେ ଆମେ ସୁଧାର ଆଣିବାକୁ ଚେଷ୍ଟା କରିବୁ। ସେହିଭଳି ୟୁପି ଦଳରେ ଅନେକ ଅଭିଜ୍ଞ ଖେଳାଳି ରହିଥିଲେ ମଧ୍ୟ ଆମେ ଏହି ମ୍ୟାଚ୍ ଜିତିବା ଲକ୍ଷ୍ୟରେ ଖେଳିବୁ ବୋଲି ବିପ୍ଳବ କହିଛନ୍ତି। ବଡ଼ ଟିମ୍ ବିପକ୍ଷରେ ଭଲ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆମ ଯୁବ ଖେଳାଳିଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି ସେ କହିଛନ୍ତି।

### ରାଇନାଙ୍କ ଉପରେ ନଜର, ଭୁବି ଯୋଗ ଦେଇପାରନ୍ତି

ଉତ୍ତରପ୍ରଦେଶ ଟିମ୍‌ରେ ଭାରତୀୟ ଦଳର ବରିଷ୍ଠ ଖେଳାଳି ସୁରେଶ ରାଇନା ରହିଥିବାରୁ ଏହି ମ୍ୟାଚ୍‌ରେ ସମସ୍ତଙ୍କ ନଜର ତାଙ୍କ ଉପରେ ରହିବ। ରାଇନା ପୂର୍ବରୁ ଗୋଆ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ନ ଥିଲେ। କିନ୍ତୁ କିଟ୍‌ରେ ଗଲା ଦୁଇଦିନ ଧରି ଜୋର୍‌ଦାର ଅଭ୍ୟାସ ଚଳାଇଥିବାରୁ ଓଡ଼ିଶା ବିପକ୍ଷରେ ତାଙ୍କର ଖେଳିବା ସମ୍ଭାବନା ରହିଛି। ସେହିଭଳି ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ଖେଳୁଥିବାରୁ ଦ୍ରୁତ ବୋଲର ଭୁବନେଶ୍ୱର କୁମାର (ଭୁବି) ଉତ୍ତରପ୍ରଦେଶ ଦଳରୁ ଦୂରେଇ ରହିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍ ରବିବାର ଶେଷ ହୋଇଥିବାରୁ ଭୁବି ସୋମବାର କିମ୍ବା ମଙ୍ଗଳବାର ଉତ୍ତରପ୍ରଦେଶ ଦଳ ସହ ଯୋଗଦେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଓଡ଼ିଶା ବିପକ୍ଷରେ ଖେଳି ନ ପାରିଲେ ମଧ୍ୟ ଭୁବିଙ୍କ ଉପସ୍ଥିତି ଟିମ୍‌ର ଅନ୍ୟ ଖେଳାଳିଙ୍କ ମନୋବଳ ବଢ଼ାଇବାରେ ବେଶ୍ ସହାୟକ ହେବ।

ଓଡ଼ିଆ ପ୍ରତିଭାଙ୍କ ବିରଳ ସଫଳତା

## ସୌଭାଗ୍ୟ ହେଲେ ହାଫ୍ ଆଇରନ୍ ମ୍ୟାନ

କଟକ ଅଫିସ,୧୧।୧୧

ହାଇଦ୍ରାବାଦରେ ଅନୁଷ୍ଠିତ ହୋଇଯାଇଥିବା ହାଫ୍ ଆଇରନ ମ୍ୟାନ ପ୍ରତିଯୋଗିତାରେ ମାରାଥନ ଧାବକ ସୌଭାଗ୍ୟ କୁମାର ରଥ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀଭାବେ ଅଂଶ ଗ୍ରହଣ କରିବା ସହ ବିରଳ ସଫଳତା ହାସଲ କରିଛନ୍ତି। ଏକ ସଙ୍ଗରେ ସନ୍ତରଣ, ସାଇକେଲ ଚାଳନା ଓ ଦୌଡ଼ ପ୍ରତିଯୋଗିତା ଭଳି ଦୁଃସାହସିକ କ୍ରୀଡ଼ାରେ ଭାଗ ନେଇ ସୌଭାଗ୍ୟ ହାଫ୍ ଆଇରନ୍ ମ୍ୟାନ ଭାବେ ପୁରସ୍କୃତ ହୋଇଥିଲେ। ୧.୯ କିମି ସନ୍ତରଣ, ୯୦ କିମି ସାଇକେଲ ଚାଳନା ଓ ୨୧ କିମି ଦୌଡ଼କୁ ସୌଭାଗ୍ୟ ୮ଘଣ୍ଟା ୩୦ମିନିଟରେ ଶେଷ କରିଥିଲେ। ଏହି ଇଭେଣ୍ଟ ନିମନ୍ତେ ୧୦ ଘଣ୍ଟା ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଦେଢ଼ ଘଣ୍ଟା ପୂର୍ବରୁ ଲକ୍ଷ୍ୟ ସାଧନ କରି ସୌଭାଗ୍ୟ ସଫଳତା ପାଇଥିଲେ। ସନ୍ତରଣକୁ ଏକ ଘଣ୍ଟା ମଧ୍ୟରେ ଓ ସାଇକେଲ ଚାଳନାକୁ ୩ ଘଣ୍ଟା ୫୦ମିନିଟରେ ଶେଷ କରିଥିଲେ ମଧ୍ୟ ଦ୍ୱିପହର ଖରାରେ ୨୧ କିମି ଦୌଡ଼ିବା କଷ୍ଟଦାୟକ ଥିଲା ବୋଲି ସୌଭାଗ୍ୟ କହିଛନ୍ତି।



ସୌଭାଗ୍ୟ କୁମାର ରଥ

## ଦନଞ୍ଜୟଙ୍କ ବୋଲିଂ ଆକ୍ସନ ସନ୍ଦେହଜନକ

କଲମ୍ବୋ, ୧୧।୧୧ (ଏଏଫ୍‌ପି)

ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଶ୍ରୀଲଙ୍କା ଅଫ୍ ସ୍ପିନର ଆକିଲା ଦନଞ୍ଜୟଙ୍କ ବୋଲିଂ ଆକ୍ସନ ସନ୍ଦେହଜନକ ଥିଲା ବୋଲି ରିପୋର୍ଟ ହୋଇଛି। ଏହି ମ୍ୟାଚରେ ଇଂଲଣ୍ଡ ୨୧୧ ରନରେ ବିଜୟ ଲାଭ କରିଥିଲା। ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଦନଞ୍ଜୟଙ୍କ ବୋଲିଂ ଆକ୍ସନକୁ ଆଇସିସି ପୁନର୍ବାର ଯାଞ୍ଚ କରି ଦେଖିବ। ଗାଲେଠାରେ ଶୁକ୍ରବାର ୪ ଦିନ ମଧ୍ୟରେ ଶେଷ ହୋଇଥିବା ଉକ୍ତ ମ୍ୟାଚରେ ୨୫ ବର୍ଷୀୟ ଦନଞ୍ଜୟ ୧୮୪ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଶ୍ରୀଲଙ୍କା ବୋଲରଙ୍କୁ ଦୁଇ ସପ୍ତାହ ମଧ୍ୟରେ ପରୀକ୍ଷା ଦେବାକୁ ପଡ଼ିବ।

## ମହିଳା ଫୁଟ୍‌ବଲ: ଭାରତର ସହଜ ବିଜୟ

ୟାନଗନ, ୧୧।୧୧ (ପି.ଟି.)

ବାଲା ଦେବୀଙ୍କ ୪ ଗୋଲ ସହାୟତାରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏଠାରେ ରବିବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ୨୦୨୦ ଏଏଫ୍‌ସି ଅଲିମ୍ପିକ ଯୋଗ୍ୟତାପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ବାଂଲାଦେଶକୁ ୭-୧ ଗୋଲ୍‌ରେ ପରାସ୍ତ କରିଛି। ବାଲା ଦେବୀଙ୍କ ବ୍ୟତୀତ କମଳା ଦେବୀ ଦୁଇଟି ଏବଂ ସଞ୍ଜୁ ଗୋଟିଏ ଗୋଲ ସ୍କୋର କରିଥିଲେ। ମ୍ୟାଚ ଶେଷ ହେବାକୁ ଆଉ ୧୦ମିନିଟ ସମୟ ବାକିଥିବାବେଳେ ବାଂଲାଦେଶ ପକ୍ଷରୁ କ୍ରିଷ୍ଣା ରାଣୀ ଦଳ ପାଇଁ ଏକ ସାନ୍ତ୍ୱନାମୂଳକ ଗୋଲ ସ୍କୋର କରିଥିଲେ। ଭାରତୀୟ ମହିଳା ଦଳ ନେପାଳ ବିପକ୍ଷରେ ଖେଳିଥିବା ଏହାର ପୂର୍ବ ମ୍ୟାଚ ଡ୍ର ରଖିଥିଲା।

# 'ଭାବପ୍ରବଣ ନ ହୋଇ ପେସାଦାର ହେବାକୁ ପଡ଼ିବ'

ହକି ବିଶ୍ୱକପ୍‌ରେ ଆମେ ଗୋଟିଏ ପରେ ଗୋଟିଏ ମ୍ୟାଚ୍ ଉପରେ ଧ୍ୟାନ ଦେଇ ଖେଳିବୁ ବୋଲି ଭାରତୀୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ମାସେ ହେବ ଆମେ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରିଆସୁଛୁ, ତେଣୁ ଏହାର ଫାଇଦା ଆମକୁ ମିଳିବା ନେଇ ଆଶା ରହିଛି। ନିକଟ ଅତୀତରେ ଆମେ ଗୋଟିଏ ପରେ ଗୋଟିଏ ବଡ଼ ଟୁର୍ନାମେଣ୍ଟ ଖେଳି ଆସିଛୁ ଓ ଏବେ ବିଶ୍ୱକପ୍ ଖେଳିବୁ। ପ୍ରତ୍ୟେକ ଟୁର୍ନାମେଣ୍ଟରୁ ଆମକୁ କିଛି ଶିକ୍ଷା ମିଳିଛି। ତ୍ରୁଟିରୁ ମଧ୍ୟ ଆମେ ବହୁତ କିଛି ଶିଖିଛୁ। ଏହି କ୍ରମରେ ଆମ ଖେଳାଳିମାନେ ମଧ୍ୟ ପରିପକ୍ୱତା ଲାଭ କରିଛନ୍ତି। ଏହା ବିଶ୍ୱକପ୍ ପ୍ରସ୍ତୁତିରେ ବେଶ୍ ସହାୟକ ହୋଇଛି ବୋଲି ହରେନ୍ଦ୍ର ପ୍ରକାଶ କରିଛନ୍ତି। ଏପର୍ଯ୍ୟନ୍ତ ଆମେ ୪ଟି ଦଳର ଭିଡିଓ ବିଶ୍ଳେଷଣ କରିଛୁ। ତେବେ କେଉଁ ଦଳ ବିପକ୍ଷରେ ଆମେ ଏହା କରିଛୁ ସେ ବିଷୟରେ କହିବା ଠିକ୍ ହେବନାହିଁ। ଏ ସଂକ୍ରାନ୍ତରେ ବିଭିନ୍ନ ତଥ୍ୟକୁ ଗୁପ୍ତ ରଖିବା ଶ୍ରେୟସ୍କର ହେବ। ବିଶ୍ୱକପ୍‌ରେ କୌଣସି ଦଳ ଆମ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିବ ବୋଲି ଭାବୁନାହିଁ। ଭାରତ ହିଁ ଭାରତ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। କାରଣ ଆମେ ନିଜେ ଆମର ପ୍ରତିଯୋଗୀ। ନିଜ ସହିତ ନିଜେ ଲଢ଼ିବାରେ ସକ୍ଷମ ହେଲେ ଆମେ ଅନ୍ୟ ଦଳ ସହିତ ସଫଳତାର ସହ ମୁକାବିଲା କରିପାରିବୁ ବୋଲି ହରେନ୍ଦ୍ର କହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଘରୋଇ ପରିବେଶ ଓ ଦର୍ଶକ ଆମ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବେ। ଆମ ଉପରେ ଆଦୌ ଚାପ ନାହିଁ। ଦଳରେ ସନ୍ତୁଳନ ରହିଛି। ତେଣୁ ପ୍ରତି ମ୍ୟାଚ୍‌କୁ ଆମେ ଉପଭୋଗ କରିବୁ ଓ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ହରେନ୍ଦ୍ର କହିଛନ୍ତି।






ହରେନ୍ଦ୍ର ସିଂ

ଅଭିଜ୍ଞ କିମ୍ବା ଯୁବ ଖେଳାଳିଙ୍କୁ ଦୃଷ୍ଟିରେ ରଖି ଦଳ ଚୟନ କରାଯାଇନାହିଁ। ଫିଟ୍‌ନେସ ଓ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଦଳ ଚୟନ କରାଯାଇଛି। କାହାର କେତେ ବୟସ, ତାକୁ ଗୁରୁତ୍ୱ ଦିଆଯାଇନାହିଁ। ପ୍ରଦର୍ଶନ ହିଁ ଦେଶ ପାଇଁ ପଦକ ଆଣିଦେଇଥାଏ। ଅଭିଜ୍ଞତା କିମ୍ବା ବୟସ ମାପକାଠି ନୁହଁ। ତେବେ ଦଳରେ ସନ୍ତୁଳନ ରହିବା ନିହାତି ଜରୁରୀ ବୋଲି ହରେନ୍ଦ୍ର କହିଛନ୍ତି। ଡିସେମ୍ବର ୧୬ ତାରିଖରେ ଜଣାପଡିବ କେଉଁ ଦଳ କେତେ ଦକ୍ଷ। ଏସ୍.ଭି. ସୁନୀଲ ଆଘାତ ସମସ୍ୟା କାରଣରୁ ଦଳରେ ସ୍ଥାନ ପାଇପାରିନାହାନ୍ତି। ରମଣଦୀପ ସିଂ ମଧ୍ୟ ଫିଟ୍ ନାହାନ୍ତି। ତେବେ ଆମେ କୌଣସି ଖେଳାଳିଙ୍କୁ ମିସ୍ କରୁନାହୁଁ। ଇଞ୍ଜୁରି ଓ ଫିଟ୍‌ନେସ୍ ନେଇ କୌଣସି ବୁଝାମଣା କରାଯିବ ନାହିଁ। ଆମେ ଭାରତୀୟମାନେ ସବୁବେଳେ ଭାବପ୍ରବଣ ହୋଇ ଚିନ୍ତା କରିଥାଉ। କିନ୍ତୁ ପେସାଦାର ଢଙ୍ଗରେ କେବେ ଚିନ୍ତା କରିବାକୁ ପ୍ରୟାସ କରି ନ ଥାଉ। ଦଳ ପାଇଁ କେହି ଅପରିହାର୍ଯ୍ୟ ନୁହଁ। ଜଣେ ଗଲେ ଆଉ ଜଣେ ଆସିବେ। ମୁଁ ହଟିଲେ ଆଉ ଜଣେ କୋଚ୍ ନିଯୁକ୍ତ ହେବେ। ଏଥିରେ ଚିନ୍ତା କରିବାର ଆବଶ୍ୟକତା ନାହିଁ। ତେଣୁ ଆମକୁ ଭାବପ୍ରବଣ ନ ହୋଇ ପେସାଦାର ହେବାକୁ ପଡିବ। ଏହା ହୋଇପାରିଲେ କ୍ରୀଡ଼ାରେ ଭାରତ ଆହୁରି ଉନ୍ନତି କରିବ।

ବୀରେନ୍ଦ୍ର ଲାକ୍ରା ପୂରା ଫିଟ୍ ଅଛନ୍ତି। ତାଙ୍କ ପ୍ରଦର୍ଶନ ମଧ୍ୟ ଭଲ ରହିଛି। ଆସନ୍ତା ବିଶ୍ୱକପ୍‌ରେ ମଧ୍ୟ ବୀରେନ୍ଦ୍ରଙ୍କ ଉଲ୍ଲେଖନୀୟ ଭୂମିକା ରହିବ। ଫଳାଫଳ ନେଇ ଅଧିକ ଚିନ୍ତା ନ କରି କର୍ମ ଓ ପରିଶ୍ରମ ଉପରେ ଅଧିକ ଧ୍ୟାନ ଦେଉଛୁ। ବିଶ୍ୱକପ୍‌ରେ କେଉଁ ଦଳ ଶ୍ରେଷ୍ଠ, ତାହା କହିବା ମୁସ୍କିଲ। କାରଣ ୧୬ଟି ଯାକ ଦଳ ଚାମ୍ପିୟନ ହେବା ପାଇଁ ଏଠାକୁ ଆସୁଛନ୍ତି। ତେଣୁ ସବୁ ଦଳ ଆମ ପାଇଁ ସମାନ ବୋଲି ହରେନ୍ଦ୍ର କହିଛନ୍ତି। ଦଳର ପ୍ରଦର୍ଶନର ଶ୍ରେୟ ଖେଳାଳିଙ୍କୁ ଯାଇଥାଏ। ତେବେ କୋଚ୍ ସେମାନଙ୍କୁ ଗାଇଡ୍ କରିଥାନ୍ତି। ଦଳରେ କୌଣସି ସଦସ୍ୟଙ୍କୁ ମୁଖ୍ୟ ଖେଳାଳି କୁହାଯାଇପାରିବ ନାହିଁ। ସବୁ ଖେଳାଳି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ସବୁବେଳେ ଦଳକୁ ମୁଁ ଗୁରୁତ୍ୱ ଦେଇଥାଏ। ବ୍ୟକ୍ତିଗତ ଭାବେ କୌଣସି ଖେଳାଳିଙ୍କୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ନାହିଁ ବୋଲି କୋଚ୍ ହରେନ୍ଦ୍ର ପ୍ରକାଶ କରିଛନ୍ତି।

### ହରେନ୍ଦ୍ରଙ୍କ ମତ

- ଗୋଟିଏ ପରେ ଗୋଟିଏ ମ୍ୟାଚ୍ ଉପରେ ଧ୍ୟାନ ଦେଇ ଖେଳିବୁ
- ଅତୀତ ଟୁର୍ନାମେଣ୍ଟରେ କରିଥିବା ତ୍ରୁଟିରୁ ବହୁତ କିଛି ଶିଖିଛୁ
- ଘରୋଇ ପରିବେଶ ଓ ଦର୍ଶକ ଆମ ପାଇଁ ଅନୁକୂଳ ହେବା ଆଶା
- ଫିଟ୍‌ନେସ୍ ଓ ପ୍ରଦର୍ଶନ ହିଁ ଦଳ ଚୟନର ମାପକାଠି
- ଇଞ୍ଜୁରି ଓ ଫିଟ୍‌ନେସ୍‌କୁ ନେଇ କୌଣସି ବୁଝାମଣା କରାଯାଇନାହିଁ
- ବିଶ୍ୱକପ୍‌ରେ ବୀରେନ୍ଦ୍ର ଲାକ୍ରାଙ୍କ ଉଲ୍ଲେଖନୀୟ ଭୂମିକା ରହିବ
- କୌଣସି ଜଣେ ସଦସ୍ୟ ନୁହେଁ, ସବୁ ଖେଳାଳି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ
- ଚାମ୍ପିୟନ ହେବା ଆଶାରେ ୧୬ଟି ଯାକ ଦଳ। ତେଣୁ କେଉଁ ଦଳ ବେଶି ଚ୍ୟାଲେଞ୍ଜ ଦେବ କହିବା ଯୁକ୍ତିଯୁକ୍ତ ନୁହେଁ
- ଡିସେମ୍ବର ୧୬ରେ ଜଣାପଡ଼ିବ କେଉଁ ଦଳ କେତେ ଦକ୍ଷ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ନଭେମ୍ବର ୧୨/୨୦୧୮ Sambalpur, Monday, November 12/ 2018



# ୧୦୦ଫୁଟ ତଳକୁ ଖସିଲା ଗ୍ୟାସ୍ ସିଲିଣ୍ଡର ବୋଝେଇ ମିନିଟ୍ରକ୍

## ୨ ଗୁରୁତର, ଡ୍ରାଇଭର ଫେରାର

**ପୁରୁଣାକଟକ,୧୧।୧୧(ଡି.ଏନ.ଏ.)-** ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ମାଧପୁର ଯୋଗୀପଥର ବୁଲାଣିରେ ଶନିବାର ରାତିରେ ଖାଲି ଗ୍ୟାସ ସିଲିଣ୍ଡର ବୋଝେଇ ଏକ ମିନିଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତାର ୧୦୦ଫୁଟ ତଳକୁ ଖସି ପଡିବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ବାଣିଗୋଛା ଥାନା ଗୋରହା ଗ୍ରାମର ସରୋଜ ମଲ୍ଲିକ(୩୫) ଓ ବିଜୟ ବେହେରା(୩୮)। ଖବର ପାଇ ହରଭଙ୍ଗା ଦମକଳ ବାହିନୀ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ପୁରୁଣାକଟକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଡ୍ରାଇଭର ମୁନ୍ନା ମଲ୍ଲିକ(୨୮) ଫେରାର ହୋଇ ଯାଇଛନ୍ତି। ପୁରୁଣାକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଏସ୍ଆଇ ବଳଭଦ୍ର ଗଣ୍ଡା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଶନିବାର ରାତିରେ ଖାଲି ସିଲିଣ୍ଡର ବୋଝେଇ ମିନିଟ୍ରକ୍(ନଂ.ଓଡି୧୪ଏଲ/୬୩୦୪)ରାଉରକେଲାରୁ ଜଟଣୀ ଯାଉଥିଲା।

# ବାଇକ୍ ଉଦ୍ଧାର, ଜଣେ ଗିରଫ

**ସୋନପୁର,୧୧।୧୧(ନି.ପ୍ର.)**

ସୋନପୁର ଟାଉନ ପୋଲିସ ସ୍ଥାନୀୟ ବୁଢାରାଜା ଛକଠାରେ ରବିବାର ଚଢାଉ କରି ଚୋରି ହୋଇଥିବା ବାଇକ ଉଦ୍ଧାର କରିଛି। ଏହି ଘଟଣାରେ ଅଭିଯୁକ୍ତ ବୀରମହାରାଜପୁର ଥାନା କୁମରକେଲି ଗ୍ରାମର ଯୁଗଳ ମିଶ୍ର(୨୨)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରୁ ସହରର ୨ନଂ ୱାର୍ଡ କଳିଙ୍ଗ ନଗରର ଧ୍ରୁବ ବାଘଙ୍କ ହିରୋ ଆଇ ସ୍ମାର୍ଟ ବାଇକ୍ ନଂ ଓଡି୩୧ବି-୩୪୧୭ ଗତ ଗୁରୁବାର ଚୋରି ହୋଇଥିଲା। ଧ୍ରୁବ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ ୧୬୬/୧୮) ରୁଜୁ କରି ତନାଘନା ଜାରି ରଖିଥିଲା। ଯୁଗଳ ରବିବାର ବାଇକ୍ ବିକ୍ରି କରିବା ଉଦ୍ଦେଶ୍ୟରେ ବୁଢାରଜା ଛକରେ ଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା। ଯୁଗଳଙ୍କ ନାମରେ ପୂର୍ବରୁ ସୋନପୁର ଥାନାରେ ୨ଟି ଚୋରି ମାମଲା ରହିଛି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### କୁଷ୍ଠାଶ୍ରମରେ ରନ୍ଧାଖାଦ୍ୟ ବଣ୍ଟନ

**ପଦ୍ମପୁର, ୧୧।୧୧ (ଡି.ଏନ.ଏ):** ପଦ୍ମପୁର ନିବାସୀ ଦିଲୀପ ପ୍ରଧାନ ଓ ତାଙ୍କ ସ୍ତ୍ରୀ ସସ୍ମିତା ପ୍ରଧାନ ଦହିତାରୋଡ ସ୍ଥିତ ବାଦିମାଲ କୁଷ୍ଠାଶ୍ରମ ଓ ଗାଇସିଲେଟ ରୋଡ ସ୍ଥିତ ପଦ୍ମପୁର କୁଷ୍ଠାଶ୍ରମର ଅନ୍ତେବାସୀମାନଙ୍କୁ ରନ୍ଧା ଖାଦ୍ୟ, ଫଳ ଓ ମିଠା ବଣ୍ଟନ କରିଥିଲେ । ଏଥିରେ ସାମାଜିକ କର୍ମୀ ନିରୋଜ ଦୋରା ସାମିଲ ହୋଇଥିଲେ ।

### ଅଭିଭାବକ, ଶିକ୍ଷକ ସମ୍ମିଳନୀ

**ଅତାବିରା, ୧୧।୧୧ (ଡି.ଏନ.ଏ):** ଅତାବିରା ବ୍ଲକ ଲରମ୍ବା ମହାବିଦ୍ୟାଳୟରେ ଅଭିଭାବକ, ଶିକ୍ଷକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଛି । କଲେଜର ଅଧକ୍ଷ ପ୍ରଫେସର ଧନେଶ୍ୱର ମେହେରଙ୍କ ସଭାପତିତ୍ୱରେ କଲେଜର ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଶିକ୍ଷାର୍ଥୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅଭିଭାବକ କ୍ଷୀରରଞ୍ଜନ କର୍ଣ୍ଣ, ହିମାଂଶୁ ତ୍ରିପାଠୀ, ଡ. ମଧୁସୂଦନ ମିଶ୍ର, ବାସୁଦେବ ସୁନାରୀ, ସନ୍ତୋଷ ସେଟ, ସୁରଜ ବିଶ୍ୱାଳ ନିଜ ନିଜର ଅଭିମତ ପ୍ରଦାନ କରିଥିଲେ। ହଷ୍ଟେଲରେ ସିଟ୍ ବୃଦ୍ଧି, ଆଧୁନିକ ଶିକ୍ଷା ବ୍ୟବସ୍ଥା, ପାଠାଗାରର ଉନ୍ନତି ପାଇଁ ଆଲୋଚନା କରାଯାଇଥିଲା । ଅଭିଭାବକଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା । ଡ. ନରେନ୍ଦ୍ର କୁମାର ବେହେରା, ଅଧାପକ ପୁଷ୍ପ କୁମାର ମେହେର, ବସନ୍ତ କୁମାର ପ୍ରଧାନ, ଡ. ପ୍ରମୋଦ କୁମାର ଭୋଇ, ଶିବା ତ୍ରିବେଦୀ, ସିଦ୍ଧେଶ୍ୱର ପ୍ରଧାନ ପ୍ରମୁଖ ବିଭିନ୍ନ ସମସ୍ୟା ଗୁଡିକୁ ଆଲୋଚନା ମାଧମରେ ସମାଧାନ କରିଥିଲେ । ଶେଷରେ ଓଡିଆ ବିଭାଗ ଅଧାପକ ଡ. ଅଜିତ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

### ରକ୍ତବୀର୍ଯ୍ୟ, ବିଡ଼ଲାକ୍ଷ ନିହତ

**ଭେଡ଼େନ,୧୧।୧୧(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଜାଣ୍ଡୋଲଠାରେ କାଳୀପୂଜା ଅବସରରେ ଚାଲିଥିବା ମୁକ୍ତମଞ୍ଚ ମହିଷାସୁର ରାଜ କାର୍ଯ୍ୟକ୍ରମର ରବିବାର ଥିଲା ତୃତୀୟ ଦିବସ । ଏହି ସନ୍ଧ୍ୟାରେ ରାଜ ଦରବାରରେ ହୋଇଥିବା ନାଟ୍ୟାଭିନୟରେ ଚଣ୍ଡ ମୁଣ୍ଡଙ୍କ ନିଧନରେ ଦୁଃଖିତ ଓ କ୍ରୋଧିତ ମହିଷାସୁର ଦୁର୍ଗାଙ୍କୁ ପାଇବା ପାଇଁ କରିଛି ନାନାଦି ମନ୍ତ୍ରଣା । ପାତ୍ରମନ୍ତ୍ରୀଙ୍କ ପରାମର୍ଶ କ୍ରମେ ପରାକ୍ରମୀ ବୀର ରକ୍ତବୀର୍ଯ୍ୟ ଏବଂ ବିଡ଼ଲାକ୍ଷଙ୍କୁ ପ୍ରେରଣ କରିଛି ଦୁର୍ଗାଙ୍କ ଉଦ୍ଦେଶ୍ୟରେ । ନିଜର ସହଯୋଗୀ ଚଣ୍ଡୀ ଚାମୁଣ୍ଡାଙ୍କ ଦ୍ୱାରା ଦେବୀ ବଧ କରିଛନ୍ତି ଉଭୟ ରାକ୍ଷସଙ୍କୁ । ଏହି ନାଟ୍ୟାଭିନୟ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ରାଜ ଦରବାରରେ ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ରାଜଅତିଥି ଭାବେ ଯୋଗ ଦେଇଥିଲେ । ଅପରପକ୍ଷରେ ମା' କାଳୀଙ୍କ ମଣ୍ଡପରେ ରବିବାର ସନ୍ଧ୍ୟାରେ ଛପନଭୋଗ ଅର୍ପଣ କରାଯାଇଥିଲା ।

### ଶ୍ୟାମାକାଳୀଙ୍କ ପୂଜନୋତ୍ସବ ସମ୍ପନ୍ନ

**ବରଗଡ଼ ଅଫିସ୍,୧୧।୧୧;** ବରଗଡ଼ର ପ୍ରସିଦ୍ଧ ମାଁ ଶ୍ୟାମାକଳୀ ଦେବୀଙ୍କ ବାର୍ଷିକ ପୂଜନୋତ୍ସବ ଶନିବାର ସମ୍ପନ୍ନ ହୋଇଛି। ୫ଦିନ ଧରି ଚାଲିଥିବା ଏହି ଅବସରରେ ଦେବୀଙ୍କ ପୀଠରେ ଚଣ୍ଡୀହୋମ ଯଜ୍ଞ, ୫୬ପ୍ରକାର ମହତୀ ଭୋଗ ଅର୍ପଣ, ବ୍ରତଧାରଣ ଆଦି କାର୍ଯ୍ୟକ୍ରମ ହୋଇଥିଲା। ୧୧ଜଣ କର୍ତ୍ତାଙ୍କୁ ନେଇ ଚଣ୍ଡୀହୋମ ଯଜ୍ଞ ହୋଇଥିଲା। ମାଁ ଶ୍ୟାମାକାଳୀ ବାର୍ଷିକ ମହୋତ୍ସବ କମିଟି ସଭାପତି ସର୍ବେଶ୍ୱର ରଥ, ଉପସଭାପତି ଗୌରାଙ୍ଗ ନାଏକ, ସମ୍ପାଦକ ରାଜେଶ ଶତପଥୀ, ସହ ସମ୍ପାଦକ ଲଲାଟେନ୍ଦୁ ବେହେରା, ପରେଶ ବିଶି, ବିଜୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

### ବୃଦ୍ଧାଶ୍ରମ ଉଦ୍‌ଘାଟିତ

**ପାଇକମାଳ, ୧୧।୧୧ (ଡି.ଏନ.ଏ):** ପାଇକମାଳ ତହସିଲ ଅଫିସ ନିକଟରେ ରବିବାର ଏକ ବୃଦ୍ଧାଶ୍ରମକୁ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିନରେ ଶ୍ରୀକର ସାହୁ, ବାଳକଦାସ ସାହୁ, ନିର୍ମଳା ଧାରା ଓ ଶକୁନ୍ତଳା ବଗର୍ତ୍ତି ପ୍ରମୁଖ ଏଠାରେ ବୃଦ୍ଧାବୃଦ୍ଧଙ୍କୁ ରଖାଯାଇଛି । ଏହି ବୃଦ୍ଧାଶ୍ରମର ନାମ ନୃସିଂହନାଥ ବୃଦ୍ଧାଶ୍ରମ ରଖାଯାଇଛି। ଆଶୁତୋଷ ସାହୁ ସଭାପତି, ବିନିତ କାଲିଆ ସମ୍ପାଦକ ଓ ଆକାଶ ପାଣିଗ୍ରାହୀ କୋଷାଧକ୍ଷ ରହିଛନ୍ତି। ଏଥିରେ ୯ଜଣ ସଭ୍ୟ ରହିଛନ୍ତି ।

# ବିଲୀନ ହେବ ବ୍ରିଟିଶ ଅମଳ ବ୍ରିଜ୍

**ବରଗଡ଼ ଅଫିସ୍,୧୧।୧୧**

ବରଗଡ଼ ସହରରୁ ଅମ୍ବାପାଲିକୁ ସଂଯୋଗ କରୁଛି ପୁରୁଣା ଜୀରା ବ୍ରିଜ୍ । ବ୍ରିଟିଶ ଶାସନ ଅମଳରେ ଲୁହାରେ ନିର୍ମିତ ହୋଇଥିଲା ଏହ ବ୍ରିଜ୍ । କଲିକତାରୁ ବମ୍ବେ ସଂଯୋଗ କରିବା ପାଇଁ ଜୀରା ନଦୀ ଉପରେ ଏହା ସେତେବେଳେ ଏକମାତ୍ର ବ୍ରିଜ ଥିଲା । ୧୯୩୭ ମସିହା ମାର୍ଚ୍ଚ ମାସରେ ଏହି ବ୍ରିଜକୁ ଉଦଘାଟନ କରିଥିଲେ ବ୍ରିଟିଶ ସରକାରଙ୍କ ଏଚ୍.ଭି ତାରଲୋଇଡ଼ିନ । ବ୍ରିଟିଶ ଅମଳରେ ନିର୍ମିତ ହୋଇଥିଲେ ମଧ ଏଯାବତ୍ ଏହା ଅଞ୍ଚଳବାସୀଙ୍କ ଅତି ନିର୍ଭରଶୀଳ ଥିଲା । ବରଗଡ଼ ଧନୁଯାତ୍ରା ସମୟରେ ବ୍ରିଜ୍ ଲୋକାରଣ୍ୟ ପାଲଟି ଯାଉଥିଲା । ଧନୁଯାତ୍ରାବେଳେ ଜୀରା ଯମୁନା ନଈ ପାଲଟୁଥିବାବେଳେ ବରଗଡ଼ ସହର ମଥୁରା ଓ ଅମ୍ବାପାଲି ମଥୁରା ପାଲଟେ । ଏହି ବାଟ ଦେଇ ମଥୁରାରୁ ଗୋପପୁର ଦୂରତା ଯଥେଷ୍ଟ କମ୍ ଥିବାରୁ ଲୋକେ ଉକ୍ତ ବ୍ରିଜ୍ ଦେଇ ଯାତାୟାତ କରୁଥିଲେ । ତେବେ ଏହି ବ୍ରିଜ୍ ବିପଦଶଙ୍କୁଳ ଥିବାରୁ ଏବେ ବିଲୀନ ହୋଇଯିବ । ଆଉ ଅଞ୍ଚଳବାସୀଙ୍କ ପାଇଁ ଏହା ଇତିହାସ ପାଲଟିଯିବ । ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି । ବ୍ରିଜ୍‌ରେ ଯାତାୟାତ ବନ୍ଦ କରିଦିଆ ଯାଇଥିବାବେଳେ ସେଥିରେ ଖଚିତ ଲୁହାରଡ୍ ଆଦି ଖୋଲା ଚାଲିଛି। ଅନ୍ୟପଟେ ସେହି ବ୍ରିଜ ନିକଟରେ ଆଉ ଏକ ନୂତନ ବ୍ରିଜ୍ ନିର୍ମାଣ ହେବ । ଏଥିପାଇଁ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ନୂତନ ବ୍ରିଜ ନିର୍ମାଣ ପୂର୍ବରୁ ଲୋକଙ୍କ ଯାତାୟାତ ସୁବିଧା ପାଇଁ ପ୍ରଥମେ ଏକ ଅସ୍ଥାୟୀ ଫେୟାର ୱେଦର ରାସ୍ତା ନିର୍ମାଣ କରାଯାଇଛି । ଆଗକୁ ଜୀରାନଦୀ ଉପରେ ବ୍ରିଜ୍ ନିର୍ମାଣ ହେବ । ନୂତନ ବ୍ରିଜ୍‌ର ଉଚ୍ଚତା ମଧ୍ୟ ପୁରୁଣା ବ୍ରିଜ ଭଳି ହେବ। ବ୍ରିଜ୍‌ଟି ୧୪ମିଟର ଚଉଡ଼ା ଏବଂ ୨୭୦ ମିଟର ଲମ୍ବ ରହିବ । ୧୧ଟି ସ୍ପାନ(ପିଲର୍) ଏବଂ ୨ଟି ଆମ୍ବାରମେଣ୍ଟ ହେବ । ଏହି ନୂଆବ୍ରିଜ ନିର୍ମାଣରେ ୧୩କୋଟି ୫୭ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି । ଏହାକୁ ନେଇ ମତାମତଭିତ୍ତିକ ଉପସ୍ଥାପନା ।

**ଏମାନେ କୁହନ୍ତି...**



"ପୋଲଟି ପୁରୁଣା ହୋଇଯାଇଛି । କିନ୍ତୁ ଆମ ଅଞ୍ଚଳର ଭାବାବେଗ ସହିତ ଜଡ଼ିତ ରହିଥିଲା । ଏବେ ଜନସଂଖ୍ୟା ସାଙ୍ଗକୁ ଯାନବାହନ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ସେ ଦୃଷ୍ଟିରୁ ନୂତନ ପୋଲ ନିର୍ମାଣର ଆବଶ୍ୟକତା ରହିଛି ।
-ସୁବ୍ରତ ବିର୍ତ୍ତିଆ, ଅମ୍ବାପାଲି



"ବ୍ରିଟିଶ ଅମଳରୁ ନିର୍ମିତ ବ୍ରିଜ୍‌ଟି ବିପଦଶଙ୍କୁଳ ଅବସ୍ଥାରେ ରହିଥିଲା । ସେଥିପାଇଁ ସେହି ବ୍ରିଜରେ ଗାଡ଼ି ଚଳାଚଳ ବନ୍ଦ କରି ଦିଆଯାଇଥିଲା । ଲୋକଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ନୂତନ ବ୍ରିଜ ନିର୍ମାଣ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ ।
-ଜେଠୁ ଭୋଇ, ବରଗଡ଼



"ଜୀରା ବ୍ରିଜ ବରଗଡ଼ର ଐତିହ୍ୟ, ସଂସ୍କୃତି ବହନ କରୁଛି । ଉଭୟ ମଥୁରାନଗରୀ ଓ ଗୋପପୁରକୁ ଏହା ସଂଯୋଗ କରୁଛି । ଏହି ଦୃଷ୍ଟିରୁ ବିପଦଶଙ୍କୁଳ ବ୍ରିଟିଶ ଅମଳର ବ୍ରିଜ ପରିବର୍ତ୍ତେ ନୂତନ ବ୍ରିଜର ପରିକଳ୍ପନା କରାଯାଇଥିଲା ।
-ଦେବେଶ ଆଚାର୍ଯ୍ୟ, ବିଧାୟକ



ପୁରୁଣା ଜୀରାବ୍ରିଜ ପାଖରେ ନିର୍ମିତ ଫେୟାର ୱେଦର ରାସ୍ତାରେ ଲୋକେ ଯାତାୟାତ କରୁଛନ୍ତି ।



ଭେଡ଼େନ ବ୍ଲକ ରେମଣ୍ଡାରେ ଜନଜାଗରଣ ପଥପ୍ରାନ୍ତ ସଭା ।

# ଭେଡ଼େନରେ କୋଶଳ ଜନଜାଗରଣ ଯାତ୍ରା

**ଭେଡ଼େନ,୧୧।୧୧(ଡ଼ି.ଏନ.ଏ)**

ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭେଡ଼େନ ବ୍ଲକ କୋଶଲ ଯୁବ ସମନ୍ୱୟ ସମିତି ତରଫରୁ ରବିବାର ଆୟୋଜିତ କୋଶଲ ଜନଜାଗରଣ ଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଜାମପାଲି ଶିବ ମନ୍ଦିରରୁ ବାହାରିଥିବା ଏହି ଯାତ୍ରାରେ ଶତାଧିକ କୋଶଲ ପ୍ରେମୀ ଯୁବକ ବାଇକ୍ ଶୋଭାଯାତ୍ରାରେ ଗର୍ଭନା, ମହଲେ, ଉଦେପୁର,ସାଲନା, ଖୁଣ୍ଟଲିପାଲି,ସଂକ୍ରିଡ଼ା, ଥୁଆପାଲି, ରେମଣ୍ଡା, ବୁର୍ଦ୍ଧା, ଭେଡ଼େନ, ବାଘପାଲି,ପପଙ୍ଗା, ବାଞ୍ଜିପାଲି, ଚିଚିଣ୍ଡା ଆଦିଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ ଥୁଆପାଲି ବଜାର, ରେମଣ୍ଡା ସମଲେଇ ମନ୍ଦିର ପ୍ରାଙ୍ଗଣ, ଭେଡ଼େନ ଜମିଦାର ରାଜବାଟି ପ୍ରାଙ୍ଗଣରେ ସଚେତନତାଧର୍ମୀ ପଥପ୍ରାନ୍ତ ସଭା ହୋଇଥିଲା। ଜୟରାମ ଶତପଥି, ଅବିନାଶ ବିଶି, ସୌମିତ୍ରୀ ସାହୁଙ୍କ ଆବାହକତ୍ୱରେ ହୋଇଥିବା ଏହି ଯାତ୍ରାରେ କବି ଦେବାନନ୍ଦ ହୋତା, ଶ୍ରୀକାନ୍ତ ଷଡ଼ଙ୍ଗୀ, ଉପଦେଷ୍ଟା ସୋମନାଥ ଭୋଇ, ରାଜୀବ ଲୋଚନ ଦାଶ, ଅସିତ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ ।

# ଉଦାହରନ ସାଜିଛନ୍ ଭିନ୍ନକ୍ଷମ ଜ୍ୟାମିନୀ

**ଜାମଟିକ୍ରା/ ଭେଡେନ, ୧୧।୧୧ (ଡି.ଏନ.ଏ)**

ଘରେ ଭିନ୍ନକ୍ଷମ ଛୁଆଟେ ଜନମ୍ ହେଲେ ମା'ବାପ୍, ପରିବାର ଲୋକ୍ ଚିନ୍ତାରେ ପଡିଯାଏସନ୍। ଛୁଆଟା ବଡ଼ ହେଲେ କେନ୍‌ଥେଇ ଚଲ୍‌ବା, କାଣା କରବା ଏନ୍‌ତା କେତେ କଥା ଚିନ୍ତା କରିପକାସନ୍। ହେଲେ ସମାଜରେ ଏନ୍‌ତା ବି ବହୁତ୍‌ଟେ ଭିନ୍ନକ୍ଷମ ଅଛନ୍ ଯେନ୍‌ମାନେ ନିଜର ମଜ୍‌ବୁତ ମନ୍‌ବଲ ଲାଗି ନିଜର ଗୁଡେ ନିଜେ ଠିଆ ହେଇପାରୁଛନ୍। ଏନ୍‌ତା ଝନେ ଦିବ୍ୟାଙ୍ଗ ହେଉଛନ୍ ବରଗଡ ଜିଲା ଭେଡେନ ବ୍ଲକ୍ ରେମଣ୍ଡା ପଁନ୍‌ଚେତ ନାଗପଡା ଗାଁର ଜ୍ୟାମିନୀ ସେଟ(୨୦)। ଜନମ୍ ହେବାର ୧୦ ମାସ୍ ଉତାରୁ ତାକର ଡେବ୍‌ରି ଗୋଡ୍‌ଟା ପୋଲିଓ ଆକ୍‌ରାଁତ ହେଲା। ସବୁଦିନର ଲାଗି ଭିନ୍ନକ୍ଷମ ହେଇଗଲେ। ସେ ଝନେ ନିହାତି ଗରିବ୍ ଘରର ଝି। ମା'ବାପ୍ ବୁଢ଼ାବୁଢ଼ୀ ହେଲେନ, କାମ୍‌ବୁତା କରବାର ଲାଗି ଅକ୍ଷମ ଆନ୍। ଘରେ ୩ ଭାଇ ୫ ବହେନ୍, ଭିତ୍‌ରେ ସମକିରିନୁ ବଡ଼ ହେଉଛନ୍ ଜ୍ୟାମିନୀ। ଏନ୍‌ତାଥି ତାହାକୁ ସବୁପରକାର ସମସିଆର ସାମ୍‌ନା କରବାକେ ପଡୁଛେ। ପରିବାରର ସବୁ ବୋଝ୍ ଜ୍ୟାମିନୀର ଉପ୍‌ରେ। ନିଜେ ଭିନ୍ନକ୍ଷମ ହେଲେ ବି ଏନ୍‌ତା ପରିସ୍ଥିତିରେ ସେ ହାର ନାଇଁମାନି। ସରକାରକଁର ତରଫୁ ବିକଳାଙ୍ଗ ଭତା ବାବ୍‌ଦେ ୫ଶହ ଟଁକା ପାଉଛନ୍। ସେ ଭତା ଟଁକା ଠୁଲେଇ ଗୁଟେ ସିଲେଇ ମେଶିନ ଘିନିଛନ୍। ଘରେ କପଡାଲତା ସିଲଉଛନ୍, ସେଥିରୁ ଯାହା କମାନି ହେଉଛେ ତାକର ପରିବାର ଚଲୁଛେ। ତାକର ଆରଗୁଟେ ବହେନ୍ କଳ୍ପନା ସେଟ୍(୧୮) ଭିନ୍ନକ୍ଷମ ଆନ୍, ସେ କଥା କହି ନାଇଁପାରନ୍। ସେ ବି ୩ଶହ ଟଁକା ଭତା ପାଉଛନ୍। ଜ୍ୟାମିନୀ ଏହେଦେ ରେମଣ୍ଡା କଲେଜରେ ଯୁକ୍ତ ୩ ପହେଲା ବଛର୍‌ର ଛାତ୍ରୀ। ଜ୍ୟାମିନୀ ଭିନ୍ନକ୍ଷମ ହେଇଥିବାର ଲାଗି ତାହାକୁ ତାକର ବହେନ୍ ମଦନାବତୀ ସେଟ୍ ସାଇକେଲରେ କଲେଜକେ ନେବାର ଆନ୍‌ବାର କରୁଛନ୍। ମଦନାବତୀ ବି ୧୦ ଶ୍ରେଣୀ ପାସ କରିଛନ୍ ହେଲେ ଟଁକା ପଏସା ଅଭାବୁ କଲେଜ୍ ମାଡି ନାଇଁପାରଲେ। ହେଲେ ବଡ଼ ବହେନ୍‌ର ପାଠ୍‌ପଢ଼ାରେ ସାହାଯ୍ କରୁଛନ୍। ଜ୍ୟାମିନୀ ଘରେ ଆଶାବାଡି ଧରି ଚଲାବୁଲା କରୁଛନ୍। ତାହାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରେ ଘରଖଁଡେ, ତିନ୍ ଚକିଆ ସାଇକେଲଟେ ଆର୍ ପାଠ୍‌ପଢ଼ାର ଲାଗି ସରକାରୀ ସାହାଯ୍ ମିଲ୍‌ଲେ କିଛି କରିପାରତି ବଲି ସେ କହିଛନ୍। ଇଆଡେ ମା'ବାପ୍‌କେ ୬୦ ବଛର ଡେଗିଗଲାନ ହେଲେ ଆଏଜ୍‌ତକ୍ ସେମାନେ ଭତା ପାଏବାରୁ ବଁଚିତ୍ ହେଇଛନ୍। ଏନ୍‌ତା ପରିସ୍ଥିତିରେ ବି ଧରଯ୍ ଧରି ଜ୍ୟାମିନୀ ରୁଜଗାର କରି ପରିବାର ଚଲାବାର ସଂଗେ ନିଜେ ପାଠ୍ ପଢୁଛନ୍। ଆମର ସମାଜ୍‌ରେ ବହୁତ୍‌ଟେ ଭିନ୍ନକ୍ଷମ ମା'ବାପ୍, ପରିବାର ଲାଗି ବୋଝ୍ ପାଲଟି ଯାଉଥିଲା ବେଲେ ଜ୍ୟାମିନୀ ସେମାନକର ଲାଗି ଗୁଟେ ଉଦାହରନ୍ ସାଜିଛନ୍।



ଭିନ୍ନକ୍ଷମ ଜ୍ୟାମିନୀ କପଡା ସିଲଉଛନ୍।

### ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଦିବସ

**ପଦ୍ମପୁର, ୧୧।୧୧ (ଡି.ଏନ.ଏ)**

ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପଦ୍ମପୁରଠାରେ ଜାତୀୟ ଶିକ୍ଷା ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ଭୁଏ ଅଧକ୍ଷତା କରିଥିଲେ । ଶିକ୍ଷକ କ୍ଷୀରସିନ୍ଧୁ ସିନା ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲକଲାମ ଆଜାଦଙ୍କ ଜୀବନୀ ଓ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଦିବସ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା ଓ ଅଭିଳାଷ ସାହୁ ସହଯୋଗ କରିଥିଲେ । ହରେକୃଷ୍ଣ ମେହେର, ପଦ୍ମନାଭ ବୁଡେକ ସଭା ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷକ ସୁନୀଲ କୁମାର ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ ।

### ଭାଗବତ ଘର ଲୋକାର୍ପିତ

**ବରଗଡ଼ ଅଫିସ୍,୧୧।୧୧**

ବରଗଡ଼ ବ୍ଲକ ଅନ୍ତର୍ଗତ ପିଁପିଲିପାଲି ଟିଁକିରାପଡ଼ାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ନିର୍ମିତ ଭାଗବତ ଘର ଶୁକ୍ରବାର ଲୋକାର୍ପିତ ହୋଇଛି। ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦୁଃଖିଶ୍ୟାମ ସାହୁ, ଚନ୍ଦ୍ରକାନ୍ତ ପଟ୍ଟନାୟକ, ରାଜୁ ସୁନା, ଗୋପୀ ବାଗ, ବ୍ରହ୍ମାନନ୍ଦ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅରେଇଗୁଡ଼ିରୁ ବସେଇକେଲା ବିଜେଡ଼ିର ପଦଯାତ୍ରା



ବସେଇକେଲା ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିମାନେ ।

**ଭେଡ଼େନ,୧୧।୧୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅରେଇଗୁଡ଼ି ଗ୍ରାମପଞ୍ଚାୟତର ଅରେଇଗୁଡ଼ିରୁ ବସେଇକେଲା ଗ୍ରାମ ପର୍ଯ୍ୟନ୍ତ ବିଜୁ ଜନତା ଦଳର ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ବସେକେଲା ବାଲିଯାତ୍ରା ପଡ଼ିଆରେ ବ୍ଲକ ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ସାଧାରଣ ସଭାରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଉପାଧକ୍ଷା ସୁପ୍ରଭା ପ୍ରଧାନ, ସରପଞ୍ଚ ସୁନୀଲ କୁମାର ମେହେର, ସମିତିସଭ୍ୟ ଶିବଶଙ୍କର ମାଝୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ରଣଜିତ ଭୋଇ, ଏମ୍‌ପି ପ୍ରତିନିଧି ତୁଷବନ୍ତ ବେହେରା, ବର୍ଷିୟାନ ନାଗରିକ ଜଗଦୀଶ ପଟେଲ, ବାଲିଯାତ୍ରା କମିଟି ସଭାପତି କ୍ଷମାନିଧି ନାଏକ, କଳାକାର ସଂଘ କୋଷାଧକ୍ଷ ସିଦ୍ଧେଶ୍ୱର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପଦଯାତ୍ରା ଅବସରରେ ବସେଇକେଲା ଗ୍ରାମରେ ନବନିର୍ମିତ କଲ୍ୟାଣ ମଣ୍ଡପ, ସୌରଚାଳିତ ଜଳଯୋଗାଣ ପ୍ରକଳ୍ପ, ବାଲିଯାତ୍ରା ଅଫିସ୍‌କୁ ମନ୍ତ୍ରୀ ଛୁରିଆ ଉଦ୍‌ଘାଟନ କରିବା ସହ ଏକ କମ୍ୟୁନିଟି କେନ୍ଦ୍ର ଓ ଜଗନ୍ନାଥ ମନ୍ଦିର ମଣ୍ଡପର ଶିଳାନ୍ୟାସ କରିଥିଲେ। କିଶୋର ସେଠ, ଭଗବାନ ସେଠ, ବିରେନ ଭୋଇ, ବସୁଦେବ ପଟେଲ, ଘାସିରାମ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

# ୧୨୦ ଛାତ୍ରୀ ନେଲେ ଆତ୍ମସୁରକ୍ଷା ତାଲିମ

**ବିଜେପୁର, ୧୧।୧୧ (ଡି.ଏନ.ଏ)**

ବିଜେପୁର କଲେଜରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । ସାମ୍ପ୍ରତିକ ସମୟରେ ବିଭିନ୍ନ ସ୍ଥାନରେ ହେଉଥିବା ଅନ୍ୟାୟକୁ ନାରୀ କିଭଳି ସାହସର ସହିତ ସମ୍ମୁଖୀନ ହୋଇ ନିଜକୁ ସୁରକ୍ଷା ଦେଇପାରିବ ସେ ସମ୍ପର୍କରେ ମୃଣାଳିନୀ ପୂଜାରୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏଥିରେ ମହାବିଦ୍ୟାଳୟର ୧୨୦ଜଣ ଶିକ୍ଷାର୍ଥୀ ସାମିଲ ହୋଇଥିଲେ। ଅଧକ୍ଷ ଅକ୍ଷୟ କୁମାର ଯୋଶୀଙ୍କ ପୌରୋହିତ୍ୟରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ସଙ୍ଗଠକ ପାଣ୍ଡବ ପ୍ରଧାନ, କଳାକାର ଜିତେନ୍ଦ୍ରିୟ ମେହେର ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ ।




ବରଗଡ଼ ଜିଲା ପାଇକମାଳ ତହସିଲ ଅଫିସ ନିକଟରେ ରବିବାର ଏକ ବୃଦ୍ଧାଶ୍ରମ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି ।

## ■ ମାଇଟ୍ ରୋଗପୋକ ଉପଦ୍ରବ

# ଅମଳ ବେଳେ ଧାନ ହେଲା ଅଗାଡ଼ି

**ବରଗଡ଼ ଅଫିସ୍,୧୧।୧୧**

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ କ୍ଷେତରୁ ଧାନ ଅମଳ ମଧ୍ୟ ଜୋର ଧରି ବସିଛି। ତେବେ ବରଗଡ଼ ସହର ଉପକଣ୍ଠ କଳାପାଣି ଓ ବୁଦେଲପାଲି ଗ୍ରାମରେ ଧାନ ଅଗାଡ଼ି ହୋଇଯାଇଛି । ଏହା ଚାଷୀଙ୍କ ଆର୍ଥିକ ଓ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି । ଏ ନେଇ ଖବର ପାଇବା ପରେ ଶନିବାର କୃଷି ବିଭାଗର ଏକ ପ୍ରତିନିଧି ଦଳ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି ।

ଉକ୍ତ ଅଞ୍ଚଳର ଧାନ ଫସଲ ଅମଳକ୍ଷମ ଅବସ୍ଥାକୁ ଆସିବା ସମୟରେ ଲାଲ ବର୍ଣ୍ଣର ଦେଖାଯାଇଥିଲା ଏବଂ ଅଗାଡ଼ି ହୋଇଥିଲା । ଚାଷୀମାନେ ବିଭିନ୍ନ କିସମର କୀଟନାଶକ ପ୍ରୟୋଗ କରିବା ସତ୍ତ୍ୱେ ସେଥିରୁ କୌଣସି ସୁଫଳ ମିଳି ନ ଥିଲା। ଅନେକ ଚାଷୀଙ୍କ ଫସଲ ଏଭଳି ପ୍ରଭାବିତ ହୋଇଛି । ଫଳରେ ଧାନ ଅମଳ ଆଶାରେ ରହିଥିବା ଚାଷୀମାନେ ଭାଙ୍ଗି ପଡ଼ିଛନ୍ତି । ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ ସେ କହିଥିଲେ, ଖବର ପାଇବା ପରେ ସେ ସମ୍ପୃକ୍ତ ଫସଲ ଅନୁଧ୍ୟାନ କରିବା ପାଇଁ ଏକ ଟିମ୍ ପଠାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ଶସ୍ୟ ସଂରକ୍ଷଣ ଅଧିକାରୀ ନୃସିଂହ ଚରଣ ବାରିକ ଏବଂ ସହକାରୀ କୃଷି ଅଧିକାରୀ ରବିନ୍ଦ୍ର କୁମାର ସାହୁ କ୍ଷତିଗ୍ରସ୍ତ ଫସଲ ବୁଲି ଦେଖିଛନ୍ତି। ସେଠାରେ ଧାନକେଣ୍ଡାରେ ମାଇଟ୍ ନାମକ ଏକ ପୋକ ଲାଗିଥିବାରୁ ଫସଲ ସେଭଳି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ଫସଲ ପାକଳ ଅବସ୍ଥାରେ ଥିବାରୁ ତାହା ନିୟନ୍ତ୍ରଣ କରିବା ଆଉ ସମ୍ଭବ ନୁହେଁ । ଏ ନେଇ ଯୁଗ୍ମ ତଦନ୍ତ କରାଯିବ ଏବଂ ୩୩ ପ୍ରତିଶତରୁ ଯଦି ଅଧିକ ଫସଲ କ୍ଷତିଗ୍ରସ୍ତ ହୋଇଥିବ, ଗାଇଡ୍ ଲାଇନ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ ।



ଚାଷୀମାନେ କୃଷି ବିଶେଷଜ୍ଞ ଟିମ୍‌ଙ୍କୁ କ୍ଷତିଗ୍ରସ୍ତ ଫସଲ ଦେଖାଉଛନ୍ତି ।



ମନୁଷ୍ୟର ନିନ୍ଦିବା, ପ୍ରଶଂସା ସତ୍ୟର ମାପକାଠି ନୁହେଁ, ସେ ଦୁଇଟି ଆମକୁ ସାହାଯ୍ୟ କରେ ନିଜକୁ ପରୀକ୍ଷା କରିବା ପାଇଁ।

- ଗୁରୁ ନାନକ



## ସଂକ୍ଷେପରେ

### ସୁବର୍ଣ୍ଣପୁର ଜିଲା ଯାଦବ ସମାଜ ବୈଠକ

**ସୋନପୁର,୧୧।୧୧(ନି.ପ୍ର.):** ସମଲେଇ ମନ୍ଦିର ସମ୍ମୁଖରେ ସୁବର୍ଣ୍ଣପୁର ଜିଲା ଯାଦବ ସମାଜର ପୁନର୍ଗଠନ ନିମନ୍ତେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ବ୍ଲକ, ଏନଏସି ଓ ମ୍ୟୁନିସିପାଲିଟି ଯାଦବ ସମାଜ ସଭାପତିଙ୍କ ଉପସ୍ଥିତିରେ ନୂତନ କମିଟି ଗଠନ ହୋଇଥିଲା। ଏଥିରେ ତପନ ଯୁଆଡି ଜିଲା ସଭାପତି, କୈଳାଶ ଯୁଆଡି, ଗିରିଶ ଚନ୍ଦ୍ର ବଗର୍ତ୍ତି, ଭଦ୍ରଦିତ ପରୁଆ ଓ ଆଦିତ୍ୟ ପ୍ରସାଦ ବାଗ ଉପସଭାପତି, ପିତବାସ ନାଏକ ସମ୍ପାଦକ, କୃଷ୍ଣଚନ୍ଦ୍ର ବଗର୍ତ୍ତି ଓ ନଳିନି ବାଘ ସହ ସମ୍ପାଦକ, ଉପଦେଷ୍ଟା ମଣ୍ଡଳୀରେ ମନବୋଧ ଭୋଇ, ଜଟାଧାରୀ ଭୋଇ, କୃଷ୍ଣ କୁମାର ବାଘ, ସୁବାଷ ଚନ୍ଦ୍ର ଭୋଇ, ମହାଦେବ ବଗର୍ତ୍ତି ଓ ସମସ୍ତ ବ୍ଲକ ସଭାପତିଙ୍କୁ ରଖାଯାଇଛି। ଯାଦବ ସମାଜର ଝିଅ ଝିଲି ବାଘଙ୍କ ସାହାସିକତା ପାଇଁ ରାଜ୍ୟ ଓ ରାଷ୍ଟ୍ରୀୟସ୍ତରରେ ପୁରସ୍କୃତ କରିବା ପାଇଁ ଉତ୍କଳ ଯାଦବ ମହାସଭାର ଦୃଷ୍ଟି ଆକର୍ଷଣ କରାଯାଇଛି।

### ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ

**ମନମୁଣ୍ଡା, ୧୧।୧୧ (ଡି.ଏନ.ଏ):** ଶ୍ରୀ ଜଗନ୍ନାଥ ମିନିଷ୍ଟାଡିୟମଠାରେ ବରଗୋଛା ଗ୍ରାମପଞ୍ଚାୟତର ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ବ୍ଲକ ଯୁବ ବିଜେଡି ସଭାପତି ଶାନ୍ତନୁ କୁମାର ଥାଟ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ସସ୍ମିତା ଥାଟ୍ଟି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସାମାଜିକ, ସାଂସ୍କୃତିକ, କ୍ରୀଡା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ବିଜୁ ବାହିନୀର ସମ୍ପାଦକ ତନ୍ମୟ କୁମାର ସାହୁ ସଭା ସଂଯୋଜନା କରିଥିଲେ । କୋଷାଧକ୍ଷ ସୌମ୍ୟରଞ୍ଜନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜେଡି କର୍ମୀ ସମାବେଶ

# କେନ୍ଦ୍ର ବିରୋଧରେ ଗର୍ଜିଲେ ନେତା

**ଖପ୍ରାଖୋଲ,୧୧।୧୧ (ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃମଣ୍ଡଳୀ ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହାଇସ୍କୁଲ ଖେଳ ପଡିଆଠାରେ ବିଜୁ ଜନତା ଦଳର ବିଶାଳ କର୍ମୀ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି । ଯୁବ ନେତା ସରୋଜ ମେହେରଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ବ୍ଲକ ସଭାପତି ସତ୍ୟନାରାୟଣ ମେହେର ଅଧକ୍ଷତା କରିଥିଲେ। ଅତିଥି ରୂପେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଭବାନୀ ଶଙ୍କର ହୋତା, ମହମ୍ମଦ ସଲିମ୍, ବନମାଳୀ ଖମାରୀ, ପଞ୍ଚୁଦେବ ସାହୁ, ମଧୁସୂଦନ ଦାଶ, ରାଜକୁମାର ପାଣିଗ୍ରାହୀ, ଗଣେଶ କୁମ୍ଭାର, ଗୋବିନ୍ଦ ବାରିକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାର ବିରୋଧରେ ବର୍ଷି ଥିଲେ। ପ୍ରତି କ୍ଷେତ୍ରରେ କେନ୍ଦ୍ର ଅବହେଳା କରୁଥିବାବେଳେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି, ଆବଶ୍ୟକ ଜିନିଷର ଦର ଦାମ ବୃଦ୍ଧି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଭଳି ବିଭିନ୍ନ ସମସ୍ୟା ପାଇଁ କେନ୍ଦ୍ର ଦାୟୀ ବୋଲି ନେତାମାନେ କହିଥିଲେ। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ସହ ପିଲା ଜନ୍ମଠୁ ଶ୍ମଶାନ ଯାଏଁ ରାଜ୍ୟ ସରକାରଙ୍କ ଲୋକାଭିମୁଖି ଯୋଜନା ଅବତାରଣା କରିଥିଲେ। ତୃଣମୂଳ ସ୍ତରରୁ ଦଳକୁ ସଂଗଠିତ କରି ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ବିଧାୟକ ଏବଂ ବଲାଙ୍ଗୀର ଏମପି ପ୍ରାର୍ଥୀଙ୍କୁ ଜିତେଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେଭାଜପା ଏବଂ କଂଗ୍ରେସର ଶତାଧିକ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇ ଥିଲେ। ଯୁବ ନେତା ସରୋଜ ମେହେର ଏହି ନୂଆ କର୍ମୀଙ୍କୁ ସ୍ୱାଗତ କରିଥିଲେ। କଳାକାହ୍ନୁ ବାରିକ, ଶୋଭନମୟ ମିଶ୍ର, ବଂଶୀଧର ବେହେରା, ଶିବ ଛତର, ଖୁଲଣା ଧରୁଆ, ପ୍ରଦୀପ ପୁରୋହିତ, ଗଣେଶରାମ ଭୋଇ, ଛେଲିଆ ମାଝି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ମହନ ସୁନା ଏବଂ ଦିଲୀପ ମେହେର ପରିଚାଳନା କରିଥିଲେ ।





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାତ ନାହିଁ ଯା'ର,**
**ନାତ ନାହିଁ ତା'ର ।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥହିଁ ସବୁକିଛି। ଯାହା ପାଖରେ ଅର୍ଥ ଅଛି ତା'ର ମାନମହତ କାହିଁ କେତେ ବେଶି। କିନ୍ତୁ ଯାହା ପାଖରେ ଅର୍ଥ ନାହିଁ ତାକୁ କେହି ପାସଙ୍ଗରେ ପକାଇ ନ ଥାନ୍ତି। କଥା କହିବା ତ ଦୂରର କଥା ତାଙ୍କ ମୁହଁକୁ ମଧ ଚାହିଁ ନ ଥାନ୍ତି। ଧନହୀନ ବ୍ୟକ୍ତି ଦୁର୍ବଳ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭିକାରିକି କଥା କହିଲେ ସେ ମାଗିବ,**
**ପିଲାକୁ କଥା କହିଲେ ସେ ଲାଗିବ।**

ଅଭାବ ଅନଟନରେ ରହିଥିବା ଦରିଦ୍ର ବ୍ୟକ୍ତିଙ୍କୁ ଟିକେ ସାହାଯ୍ୟ କଲେ ବା ସହାନୁଭୂତି ଦେଖାଇଲେ ସେମାନେ କାଳେ କିଛି ସାହାଯ୍ୟ ମିଳିଯିବ ସେହି ଆଶାରେ ଦ୍ୱାରସ୍ଥ ହୋଇଯାନ୍ତି। ସେହିପରି ବାଲୁତ ପିଲାକୁ ଟିକେ ସ୍ନେହ, ଆଦର ଦେଖାଇଲେ ସେମାନେ ନିଜର ଭାବି ଅଳି ଅଝଟ କରିବସିବା ସହ ପଛରେ ପଡ଼ିଯାଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଗୋ ସମ୍ବର୍ଦ୍ଧନା ସମାରୋହ, କୃଷକ ସମାବେଶ

**ମନମୁଣ୍ଡା, ୧୧।୧୧ (ଡି.ଏନ.ଏ)**

ମନମୁଣ୍ଡା ନିକଟସ୍ଥ ଗୋହିପିଟା ଖୁଳୁହେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ଗୋ ମାତା ପ୍ରିୟ ଚାଷୀ ମାନଙ୍କ ତରଫରୁ ରବିବାର ମଧ୍ୟାହ୍ନରେ ଗୋ ସମ୍ବର୍ଦ୍ଧନା ସମାରୋହ ଏବଂ କୃଷକ ସଚେତନତା ସମାବେଶ ଅନୁଷ୍ଠିତ ହୋଇଯାଇଛି । ସାଧୁ ଲକ୍ଷ୍ମୀନ୍ଦ୍ର ବଗର୍ତ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନମୁଣ୍ଡା ମଣ୍ଡଳ ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକ ଶ୍ରୀଧର ବେହେରା, ହରିହର ସ୍ୱାଇଁ, ଉଜ୍ଜଳ ପ୍ରଧାନ, ପ୍ରେମାନନ୍ଦ ମେହେରା, ଭକ୍ତ ନାଏକ, ଦୁର୍ଯ୍ୟୋଧନ ପ୍ରଧାନ, ଗୋପାଳ ପ୍ରଧାନ, ନିରଞ୍ଜନ ନାଏକ, ବଳଭଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ ।

## ରାସ୍ତା ନିର୍ମାଣ ପାଇଁ ଭୂମିପୂଜନ ଉତ୍ସବ

**ବରଗଡ଼ ଅଫିସ୍,୧୧।୧୧**

ବରଗଡ଼ ବ୍ଲକ ଅନ୍ତର୍ଗତ ସାହାଜବାହାଲ, ଖାଙ୍କରପାଲି ଦେଇ ବୁଧିଆପାଲି ଯାଇଥିବା ରାସ୍ତା ନିର୍ମାଣ କାର୍ଯ୍ୟ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଆରମ୍ଭ ହୋଇଛି। ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଏହାର ଭୂମିପୂଜନ କରିଥିଲେ । ଯୁବନେତା ଉମେଶ ପଣ୍ଡା, ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସନ୍ତୋଷ ସା, ହୃଦୟାନନ୍ଦ ବେହେରା, କ୍ଷୀରୋଦ୍ର ସାହୁ, ନରେଶ ଦୋରା, ମହେନ୍ଦ୍ର ସାହୁ, ସୁରେନ୍ଦ୍ର ସାହୁ, ସଦାଶିବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶଥାଉକି, ରାଜ୍ୟ ସରକାର ଉକ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ସହିତ ୧କୋଟି ୧୭ଲକ୍ଷ ଅନୁଦାନ ମଞ୍ଜୁର କରିଛନ୍ତି ।

## ଅଗ୍ନିକାଣ୍ଡରେ ୩୦ ଲକ୍ଷର ଜୋତା ପୋଡିଗଲା

**ମନମୁଣ୍ଡା, ୧୧।୧୧ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡାରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୩୦ ଲକ୍ଷ ଟଙ୍କା ମୂଲ୍ୟର ଜୋତା ଓ ମୋଜା ପୋଡି ଭସ୍ମୀଭୂତ ହୋଇଯାଇଛି। ସ୍ଥାନୀୟ କମ୍ୟୁନିଟି ସେଣ୍ଟରରେ ପ୍ରାୟ ୫୨୫ କାର୍ଟୁନ ଜୋତା ଓ ମୋଜା ରହିଥିଲା । କୌଣସି କାରଣରୁ ସେଥିରେ ଆକସ୍ମିକ ଭାବେ ନିଆଁ ଲାଗିଯାଇଥିଲା। ପଥଚାରୀଙ୍କଠାରୁ ଖବର ପାଇ ସୋନପୁର ଦମକଳ ବାହିନୀ ସେଠାକୁ ପହଞ୍ଚି ନିଆଁ ଲିଭାଇଥିଲେ । ଏ ନେଇ ପୋଲିସ ତଦନ୍ତ ଚଳାଇଛି ।

## ୫ମ ମାଁ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଜହ୍ନାପଙ୍କ, ୧୧।୧୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ଗଦବସା ପଡିଆରେ ମାଁ ମାହେଶ୍ୱରୀ କ୍ଲବ ଆନୁକୂଲ୍ୟରେ ୫ମ ମାଁ ମାହେଶ୍ୱରୀ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ପୂର୍ବାହ୍ନରେ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଖୁଣ୍ଟବନ୍ଧ ପଞ୍ଚାୟତର ସମିତି ସଭ୍ୟ ଯୁଧିଷ୍ଠିର ବାରିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ । ଉଦଘାଟନୀ ଖେଳ ପଲସପାଟ ଓ ଜଗତୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୧୨ ଓଭର ବିଶିଷ୍ଟ ଏହି ମ୍ୟାଚରେ ପଲସପାଟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୭୫ରନ କରିଥିବା ବେଳେ ଜଗତୀ ଦଳ ୮.୫ ଓଭରରେ ୬ଉଇକେଟ ହରାଇ ୭୬ ରନ କରି ୪ଉଇକେଟ ମ୍ୟାଚ୍ ଜିତିଥିଲା। ଏହି ଖେଳକୁ ସୁଶୀଲ ପ୍ରଧାନ ଓ ସୁଶାନ୍ତ ଭୋଇ ପରିଚାଳନା କରିଥିବା ବେଳେ ଅଭିଷେକ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସୋମବାର ମର୍ଯ୍ୟାଦପୁର -ବାମଣ୍ଡା ଓ ବ୍ରହ୍ମଚାରୀ- ମୁର୍ଷୁଣ୍ଡୀ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରୁଥିବା ଏହି ଟୁର୍ନାମେଣ୍ଟରେ ୧୮ ତାରିଖ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ ।

ଡକରାରେ କଂଗ୍ରେସ କର୍ମୀ ସମ୍ମିଳନୀ

# ସଙ୍ଗଠନ ମଜଭୁତ ଉପରେ ଗୁରୁତ୍ୱାରୋପ



ଅତିଥିଙ୍କୁ ସ୍ୱାଗତ କରୁଛନ୍ତି କର୍ମୀ।

**ବେଲପଡା,୧୧।୧୧ (ଡି.ଏନ.ଏ.)**

ବେଲପଡା ବ୍ଲକ ଡକରା ଗ୍ରାମରେ ଜୋନସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ରବିବାର ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମହାବୀର ପ୍ରସାଦ ବେହେରା ଏଥିରେ ଅଧକ୍ଷତା କରିଥିଲେ। ସମରେନ୍ଦ୍ର ମିଶ୍ର, ରମେଶ ପୁରୋହିତ, ନାରାୟଣ ଠାକୁର, ପ୍ରକାଶ ପରୋହିତ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୁର୍ନୀତି ବିଷୟରେ ବିଷୋଦଗାର କରିଥିଲେ। ଏହି କର୍ମୀ ସମ୍ମିଳନୀରେ ସୁଲେକେଲା, ବାହାବଲ, ମଧୁପୁର, ସିହିନୀ ପଞ୍ଚାୟତର ବିଭିନ୍ନ ଗ୍ରାମରୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ତେବେ ଭାଜପା ଓ ବିଜେଡି ଦଳକୁ ଛାଡି ୫୦ଜଣ ସଭ୍ୟ କଂଗ୍ରେସରେ ଯୋଗ ଦେଇଥିଲେ। ଦଳ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ବିଜେଡି ଓ ଭାଜପାର ଶାସନ ବିଷୟରେ କର୍ମୀଙ୍କୁ ଅବଗତ କରିବା ସାଙ୍ଗେ ସାଙ୍ଗେ ଦଳୀୟ ସଂଗଠନକୁ ମଜବୁତ କରିବା ପାଇ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ ନେତା। ଆସନ୍ତା ନିର୍ବାଚନରେ କଂଗ୍ରେସ ଦଳ ଯେପରି କ୍ଷମତାକୁ ଆସିବ ସେ ଉପରେ ଗୁରୁତ୍ୱ ଦେବା ପାଇଁ କର୍ମୀମାନଙ୍କୁ ନେତା କହିଥିଲେ। ସଭାରେ ବସନ୍ତ ମାଝି, ପୂର୍ବତନ ବ୍ଲକ ଅଧକ୍ଷ ଟେମୁ ନାଏକ, କାର୍ତ୍ତିକ ବନଛୋର, ବସନ୍ତ ବୁଡେକ, ଗୌରଚରଣ ବେହେରା, ବିଦ୍ୟା ପାତ୍ର, ଗୌର ଚରଣ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।


ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର

ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା

ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ

ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା

Call Us
94371 38000
94371 36000
0674-2354577
0674-2354320

PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com


### ଭାଜପାର ସାଙ୍ଗଠନିକ ବୈଠକ

**ବରଗଡ଼ ଅଫିସ୍,୧୧।୧୧**

ବରଗଡ଼ରେ ଭାଜପାର ଲୋକସଭା କ୍ଷେତ୍ରସ୍ତରୀୟ ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦଳର ଜିଲା ସଭାପତି ଡା. ଅରୂପାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଭାପତି ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ସଫଳତା ଏବଂ ରାଜ୍ୟର ବିଜେଡ଼ି ସରକାରର ବିଫଳତା ଉପରେ ସେ ବକ୍ତବ୍ୟ ରଖିଥିଲେ। ଏହା ସହିତ ଚଳିତ ମାସରୁ ଦଳ ପକ୍ଷରୁ ଜନସମ୍ପର୍କ ଯାତ୍ରା କରିବା ପାଇଁ ସେ ସୂଚନା ଦେଇଥିଲେ । ରାଜ୍ୟ ସହ ସଙ୍ଗଠନ ସମ୍ପାଦକ ଅମିତାଭ ଚକ୍ରବର୍ତ୍ତୀ ସାଙ୍ଗଠନିକ ଚର୍ଚ୍ଚା କରିଥିଲେ। ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଉପାଧ୍ୟକ୍ଷ ମଦନ ଦୀପ, ଭାଜପା ନେତା ସୁବାଷ ଚୌହାନ, ସୁରେଶ୍ୱର ଶତପଥୀ ପ୍ରମୁଖ ଦଳୀୟ ସଙ୍ଗଠନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରୀତମ ସିଂ ଓ ରବି ନାରାୟଣ ଦାଶ ବୈଠକ ସଂଯୋଜନା କରିଥିଲେ ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


GANGADHAR MEHER UNIVERSITY, SAMBALPUR

No. 5522/GMU Date: 10.11.18

**QUOTATION CALL NOTICE**

Sealed quotations are invited from Regd. firms with valid GST / TAN / PAN number for printing and supply of high Security Digital Printed Degree Certificates and Mark sheet for the use of o/o CoE, of this University. The certificates in A4 Size to be printed with minimum 15 security features and have to be Non-tearable, Water-proof, Termite Proof, Rodent Proof, Temper Proof and 100 years of shelf-life. Quotations should reach the office of the undersigned latest by **3.00 PM of 26.11.2018**. The sealed cover should be superscribed with "printing of high Security Digital Printed Degree Certificates".

The quotation will be opened on **same day (26.11.2018) at 4.00 PM** in the presence of the bidders. The undersigned reserves the right to cancel or reject any bidder without assigning any reason thereof. Interested firms may visit the university website **www.gmuniversity.ac.in** for details.

**Sd./- Registrar**


CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍‌ସ୍-୪୦ ଲକ୍ଷ + ଭଡା- ୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍‌ସୁରାନ୍‌ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।


ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ



ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

M. GROUP FINANCE CO.
DIWALI OFFER
(Govt. Approved)



- Personal Loan
- Business Loan
- Salary Slip Loan
- Marksheet Loan

2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027



ମନୁଷ୍ୟର ଏଭଳି ବିଚିତ୍ର ସ୍ୱଭାବ ଯେ ଭଲ କଥାଟିକୁ ଭାବିଚିନ୍ତି ବିଶ୍ୱାସ କରୁଥିବାବେଳେ, ଖରାପ କଥା ଶୁଣିଲା ମାତ୍ର ତାହାକୁ ବିଶ୍ୱାସ କରିଯାଏ।
-ଗୋଲ୍ଡସ୍ମିଥ୍



## ସଂକ୍ଷେପରେ

### ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ଗୀତାଯଜ୍ଞ

**ଉଲୁଣ୍ଡା ୧୧।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ମହକୁମାରେ ଅବସ୍ଥିତ ଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ରବିବାର ଗୀତାଯଜ୍ଞ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ପାରମ୍ପରିକ ପୂଜାର୍ଚ୍ଚନା ସହିତ ୧୮ଜଣ ବ୍ରାହ୍ମଣ ସାମୂହିକ ଭଗବତ ଗୀତା ପାଠ କରିଥିଲେ। ପଣ୍ଡିତ ନରେନ୍ଦ୍ର ମିଶ୍ର ପୂଜାକାର୍ଯ୍ୟ ସହ ଗୀତାର ପ୍ରତ୍ୟେକ ମନ୍ତ୍ର ଉପରେ ହବନ କରିଥିଲେ। ମୁଖ୍ୟ ପାଠକ ଭାବେ ଭୁବନେଶ୍ୱର ପଣ୍ଡା ଏବଂ ବିଘ୍ନରାଜ ମିଶ୍ର ଏବଂ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ବାଲ୍ମିକ ପୁରୋହିତ। କାର୍ଯ୍ୟକ୍ରମରେ ବହୁ ଗୀତାପ୍ରେମୀ ଯୋଗଦେଇ ଆଧାତ୍ମିକ ଲାଭ ଉଠାଇଥିଲେ।

### ଆଜି କ'ଣ କେଉଁଠି

ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ବୈଷ୍ଣବ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

# ଆଠମଲ୍ଲିକକୁ ହରାଇ ବରଗଡ଼ ଚାମ୍ପିୟନ

**ଅମରପାଲି, ୧୧।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଙ୍ଘା ଗ୍ରାମ ପଞ୍ଚାୟତର କୁଡାପଡା ଗ୍ରାମରେ ଚାଲିଥିବା ୬ଷ୍ଠ ବୈଷ୍ଣବ ପ୍ରଧାନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ବରଗଡ ଦଳ ଆଠମଲ୍ଲିକକୁ ୧-୦ରେ ହରାଇ ଚାମ୍ପିୟନ ହୋଇଛି। ଫାଇନାଲ ଖେଳର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ହୋଇଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ବରଗଡ ପକ୍ଷରୁ ଅନୀଲ ଦୀପ ଏକମାତ୍ର ଗୋଲ ସ୍କୋର କରିଥିଲେ। ପୂର୍ବରୁ ପ୍ରଥମ ସେମିଫାଇନାଲ ମ୍ୟାଚ ଆଠମଲ୍ଲିକ ଓ ଝାରସୁଗୁଡା ମଧ୍ୟରେ ହୋଇଥିଲା। ଏଥିରେ ଆଠମଲ୍ଲିକ ଦଳ ଝାରସୁଗୁଡାକୁ ୨-୧ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଦେଓଗଡ ଓ ବରଗଡ ମଧ୍ୟରେ ହୋଇଥିଲା। ଏଥିରେ ବରଗଡ ଦଳ ୧-୦ଗୋଲରେ ବିଜୟୀ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ ମୁଖ୍ୟଅତିଥି ଏବଂ ପୂର୍ବତନ ଜିଲା ପରିଷଦ ଉତ୍ତର ପାତ୍ର, ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ, ସାମାଜିକ କର୍ମୀ ସତ୍ୟାନନ୍ଦ ସାହୁ ଓ ମହେଶ୍ୱର ବିଶ୍ୱାଳ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବରଗଡର ଦୀପକ ଓରାମଙ୍କୁ ଶ୍ରେଷ୍ଠ ଡିଫେନ୍ସ, ଅନୀଲ ଦୀପ ଶ୍ରେଷ୍ଠ ସ୍କୋରର, ଅମନ ପଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ଶ୍ରେଷ୍ଠ ଖେଳାଳି, ଆଠମଲ୍ଲିକର ସୁନୀଲ ବାଗଙ୍କୁ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ବରଗଡ ଦଳକୁ ନଗଦ ୬ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ୍ ଆଠମଲ୍ଲିକ ଦଳକୁ ନଗଦ ୪ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଉଦଯାପନୀ ଉତ୍ସବରେ ଶ୍ୟାମ ସୁନ୍ଦର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଆୟୋଜକ ସଭାପତି ଲକ୍ଷ୍ମଣ ବିଶ୍ୱାଳ ସଂଯୋଜନା ଓ ସମ୍ପାଦକ ଧିରେନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳଗୁଡିକରେ ସଞ୍ଜୟ ସାହୁ, ପ୍ରମୋଦ ପୁଟେ, ସୁଶାନ୍ତ ସାହୁ, ରାଜେଶ ଥନାପତି ଓ ବାବୁଲାଲ ସାହୁ ରେଫରି କାର୍ଯ୍ୟ ତୁଲାଇଥିଲେ। ଉକ୍ତ ଟୁର୍ନାମେଣ୍ଟରେ ଆଠମଲ୍ଲିକ, ବଲାଙ୍ଗୀର, ଝାରସୁଗୁଡା, ଆୟୋଜକ କୁଡାପଡା, ଦେଓଗଡ, ସମ୍ବଲପୁର, ବରଗଡ, ଲୋଇସିଙ୍ଗା ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚକୁ ବୀରମହାରାଜପୁର ବିଧାୟକଙ୍କ ପ୍ରତିନିଧି ନାରାୟଣ ଲୁହା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଶୋକ ବିଶ୍ୱାଳ, ମଣ୍ଟୁ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ସୌମିତ୍ର ପାତ୍ର ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ।



ଫାଇନାଲ ଖେଳର ଉଭୟ ଦଳ ଅତିଥିଙ୍କ ସହିତ ।

### କିଶୋରୀ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୧୧।୧୧(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସୁବର୍ଣ୍ଣପୁର ଦ୍ୱାରା ପରିଚାଳିତ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ କିଶୋରୀ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ୧୦ରୁ ୧୯ ବର୍ଷ ବୟସର ୬୦ଜଣ କିଶୋରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ୱାର୍ଡସଭ୍ୟା ପ୍ରଭାତୀ ସୁରୁଜାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ସରପଞ୍ଚ ରୀନା ପୁଟା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର ତୁଳସୀ ମଞ୍ଜୁରୀ ମିଶ୍ର, ଅଙ୍ଗନୱାଡି କର୍ମୀ ରୀନାରାଣି ପଣ୍ଡା, ଆଶାକର୍ମୀ ସୁଲୋଚନା ଡାଙ୍ଗ, ଅଙ୍ଗନୱାଡି କର୍ମୀ ବନୀତା ଦେହେରୀ, ମହିମା ପ୍ରଧାନ ଓ କ୍ଷୀର ମହାନନ୍ଦ ଯୋଗଦେଇଥିଲେ। ଏଥିରେ କିଶୋରୀ ମାନଙ୍କୁ ସ୍ୱାସ୍ଥ୍ୟ ଉପରେ ସଚେତନ କରାଯାଇଥିଲା। ଶେଷରେ କିଶୋରୀମାନଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ସୁକାନ୍ତି ମହାକୁର ପ୍ରଥମ, ମୁକ୍ତା ବାଦୀ ଦ୍ୱିତୀୟ ଓ ସପ୍ତେଶ୍ୱରୀ ସୁରଜାଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## ରାମପୁର ଆଞ୍ଚଳିକ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ

**ଡୁଙ୍ଗୁରିପାଲି,୧୧।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଗ୍ରାମରେ ଆସନ୍ତା ଡିସେମ୍ବର ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଷଷ୍ଠବର୍ଷ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ ରବିବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ମା' ନନ୍ଦଳିପାଟଙ୍କ ମନ୍ଦିରରୁ ଆଜ୍ଞାମାଳ ନେଇ ଧନୁଯାତ୍ରା କମିଟି ସଭାପତି ରମେଶ ପୂଜାରୀ ଓ ଧନୁଯାତ୍ରା କମିଟି ସଦସ୍ୟମାନେ ଏକ ବାଇକ ଶୋଭାଯାତ୍ରାରେ ଧନୁଯାତ୍ରା ପଡିଆକୁ ଆସିଥିଲେ। ସେଠାରେ ଯଥାରୀତି ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ଧନୁଯାତ୍ରାରେ କଂସ ଭୂମିକାରେ ବିନିକା ବ୍ଲକ ଅତର୍ଡା ଗ୍ରାମର ଗୋପାଳ ପଣ୍ଡାଙ୍କୁ ବରଣ କରାଯିବ ପାଇଁ ସ୍ଥିର କରାଯାଇଛି। କୃଷ୍ଣ ଭୂମିକାରେ ଆର୍ଯ୍ୟସାଇ ଶ୍ୟାମ ପୁରୋହିତ, ବଳରାମ ଭୂମିକାରେ ସାଇଶାସ୍ୱତ ପୁରୋହିତ, ନନ୍ଦ ରାଜା ଭୂମିକାରେ ସତ୍ୟ ନାରାୟଣ ପାଢୀ, ନନ୍ଦ ରାଣୀ ପାଇଁ ନନ୍ଦିନୀ ପାଢୀଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିବା କମିଟି ସଭାପତି ପୂଝାରୀ ପ୍ରକାଶ କରିଛନ୍ତି। ପୂର୍ବବର୍ଷ ପରି ଚଳିତ ବର୍ଷ ମଧ୍ୟ ଜଗନ୍ନାଥ ମନ୍ଦିରରୁ ରାମଜୀ ମନ୍ଦିର ପର୍ଯ୍ୟନ୍ତ ଗୋପପୁର ଓ ହାଇସ୍କୁଲ ଖେଳ ପଡିଆ କଂସ ଦରବାର ବିବେଚିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ । ଶ୍ରୀରାମ ସତ୍‌ସଙ୍ଗ କମିଟି ସଦସ୍ୟମାନଙ୍କୁ ଗୋପପୁର ଦାୟିତ୍ୱ ଦିଆଯାଇଥିବା ବେଳେ ମଥୁରା ନଗରୀ ତଥା ଯାତ୍ରା କମିଟି ପାଇଁ ସମ୍ପାଦକ ମନୋଜ ପୁରୋହିତ, ସରପଞ୍ଚ ସରୋଜ ମେହେର, ସଂଯୋଜକ ରମେଶ ପୂଝାରୀ, ପ୍ରକାଶ ଅଗ୍ରୱାଲ, ଗୁରୁଚରଣ ବେହେରା, ମକରଧ୍ୱଜ ସାହୁ, ପ୍ରଫୁଲ୍ଲ ମେହେର, ନାରାୟଣ ସରାଫ, ଘଡିଗୋପାଳ ମିଶ୍ର, ସତ୍ୟନାରାୟଣ ପାଢୀ, ରାଧାକାନ୍ତ ଯୁଆଡି, ବାସୁଦେବ ସାହୁ, ଅନ୍ଧାରୀବାଞ୍ଜି ସରପଞ୍ଚ ବନମାଳୀ ସା, ସରପଞ୍ଚ ସଂଘ ସଭାପତି ପ୍ରକାଶ ସାହୁ, ଗଜବନ୍ଧ ସରପଞ୍ଚ ବଲ୍ଲଭ ଖେତି ପ୍ରମୁଖଙ୍କୁ ରଖାଯାଇଛି। କମିଟି ସଦସ୍ୟମାନେ ଶୁଭସ୍ତମ୍ଭ ସ୍ଥାପନ ବେଳେ ଉପସ୍ଥିତ ଥିଲେ।



ରାମପୁର ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଶୁଭସ୍ତମ୍ଭ ସ୍ଥାପନ ପାଇଁ ପୂଜାର୍ଚ୍ଚନା କରାଯାଉଛି।

ଜିଲା କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

# ମରୁଡ଼ି ଘୋଷଣା ନ ହେଲେ ଆନ୍ଦୋଳନ

**ସୋନପୁର,୧୧।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ସୋନପୁର ବ୍ଲକର ବଡବାହାଲିଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। କନ୍ଧମାଳର ପ୍ରାକ୍ତନ ଏମ୍‌ପି ତଥା ସୁବର୍ଣ୍ଣପୁର ଜିଲା ପ୍ରଭାରି ରାଧାକାନ୍ତ ଦିଗାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ରର ଭାଜପା ନେତୃତ୍ୱାଧିନ ଏନଡିଏ ସରକାର ଓ ରାଜ୍ୟରେ ଦୀର୍ଘ ସାଢେ ୧୮ବର୍ଷ ଶାସନରେ ଥିବା ନବୀନ ସରକାରଙ୍କ ଜନ ବିରୋଧି ନୀତି ବିରୋଧରେ ବ୍ୟାପକ ଜନସଚେତନତା ସୃଷ୍ଟି ଓ ଆନ୍ଦୋଳନ କରିବାକୁ ଦିଗାଲ ଆହ୍ୱାନ ଦେଇଥିଲେ। ପିସିସି ସାଧାରଣ ସମ୍ପାଦକ ତଥା ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଲକ୍ଷ୍ମଣ ମେହେର ଜିଲାରେ ଜଳସେଚନ ଓ ଚାଷୀ ସମସ୍ୟାକୁ ନେଇ ଆନ୍ଦୋଳନ କରିବାକୁ କହିଥିଲେ। ରାଜ୍ୟ ସରକାର ମରୁଡି ଘୋଷଣା କ୍ଷେତ୍ରରେ ସୁବର୍ଣ୍ଣପୁର ଜିଲାକୁ ଉପେକ୍ଷା କରି ଥିବାରୁ ବରିଷ୍ଠ ନେତା ସର୍ବେଶ୍ୱର ପୁରୋହିତ ଓ ପିସିସି ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲାର ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ଦଳ ଏଥିପାଇଁ ଦାୟୀ କରିଛି। ସରକାର ମରୁଡି ଘୋଷଣା ନ କଲେ ଚାଷୀଙ୍କ ସ୍ୱାର୍ଥ ପାଇଁ ଜିଲା କଂଗ୍ରେସ ବ୍ୟାପକ ଆନ୍ଦୋଳନ କରିବ ବୋଲି ଦଳ ପକ୍ଷରୁ ଚିଠା ପ୍ରସ୍ତାବ ଆଗତ ହୋଇଛି। ପିସିସି ସମ୍ପାଦକ ବିଜୟ କୁମାର ଚାଉଳିଆ, କୃଷକ ସେଲ ସଭାପତି ସ୍ୱପ୍ନେଶ୍ୱର ପୃଷ୍ଟି, ଚିତ୍ତରଞ୍ଜନ ମିଶ୍ର, ସୁଧୀର କୁମାର ପଣ୍ଡା, ମାଧବ କୁମ୍ଭାର, ନରଦେବ ଭୋଇ, ବରୁଣ ସୁନା, ସୂର୍ଯ୍ୟକାନ୍ତି ବାଗ, ସୁବ୍ରତ ସେଠୀ, ତ୍ରିପୁରାରି ସେଠୀ, ଚନ୍ଦ୍ରମଣି ତ୍ରିପାଠୀ, ପ୍ରିୟବ୍ରତ ସାହୁ, ନିମାଇଁ ପାଣିଗ୍ରାହୀ, ସନ୍ତୋଷ ଦେହେରୀ, ପ୍ରଶାନ୍ତ କୁମାର ମିଶ୍ର ଓ ତରଣୀ ବାରିକ୍ ପ୍ରମୁଖ ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ କର୍ମୀମାନେ ଏବେ ଠୁ କଠିନ ପରିଶ୍ରମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଶିମୁଣ୍ଡା ପଞ୍ଚାୟତର ୮ ନଂ ୱାର୍ଡସଭ୍ୟ ସୁବ୍ରତ ସାହୁ କଂଗ୍ରେସ ଦଳରେ ଯୋଗ ଦେଇଥିଲେ।




କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ବରିଷ୍ଠ ନେତୃବୃନ୍ଦ।

## ଏବିଭିପିର ନଗର ସମ୍ମିଳନୀ, ନୂତନ କର୍ମକର୍ତ୍ତା ନିର୍ବାଚନ

**ସୋନପୁର,୧୧।୧୧(ନି.ପ୍ର.)**

ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ(ଏବିଭିପି)ର ସୋନପୁର ନଗର ସମ୍ମିଳନୀ ସ୍ଥାନୀୟ ଟାଉନ ହଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିଳ୍ପୀଗୁରୁ ପଦ୍ମଶ୍ରୀ ଚତୁର୍ଭୁଜ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଚରିତ୍ରବାନ ଓ ରାଷ୍ଟ୍ରବାଦୀ ହେବାକୁ ପରାମର୍ଶ ଦେଇଥିଲେ। ସ୍ୱାଧିନତା ପୂର୍ବରୁ ଭାରତ ସବୁ କ୍ଷେତ୍ରରେ ପ୍ରଗତି ହାସଲ କରିଥିଲା। ମାତ୍ର ଦୀର୍ଘବର୍ଷର ପରାଧିନତା ଓ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏବେ ଅନ୍ୟ ଦେଶ ମାନଙ୍କଠାରୁ ବହୁ ପଛରେ ପଡିଛି। ତେଣୁ ଦେଶକୁ ପୁଣି ଆଗକୁ ନେବାକୁ ଛାତ୍ର ଓ ଯୁବଶକ୍ତିଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟଅତିଥି ପଦ୍ମଶ୍ରୀ ମେହେର କହିଥିଲେ। ମୁଖ୍ୟବକ୍ତାଭାବେ ଅଧ୍ୟାପକ ପୃଥ୍ୱୀ ନାଥ ସୁଧାଂଶୁ କହିଥିଲେ ଛାତ୍ର ଶକ୍ତି ହେଉଛି ରାଷ୍ଟ୍ରର ଶକ୍ତି। ତେଣୁ ଛାତ୍ର ସମାଜକୁ ସଠିକ୍ ମାର୍ଗ ଦେଖାଇବା ଆଜିର ଦିନରେ ବଡ ଆହ୍ୱାନ ବୋଲି ମତପ୍ରକାଶ କରିଥିଲେ। ଏବିଭିପିର ବଲାଙ୍ଗୀର ସଂଗଠନ ମନ୍ତ୍ରୀ ବିରଞ୍ଚି ବିହାରି ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶ୍ୱର ଏହି ସର୍ବବୃହତ ରାଷ୍ଟ୍ରବାଦୀ ଛାତ୍ର ସଂଗଠନର ସାଂସ୍କୃତିକ, ରଚନାତ୍ମକ ଓ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଏବଂ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରଙ୍କୁ ଦେଶ ପାଇଁ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନୂତନ ନଗର କମିଟି ଗଠନ ହୋଇଥିଲା। ନଗର ଶାଖା ସଭାପତିଭାବେ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ, ସମ୍ପାଦକ ରଘୁନାଥ ପାଣିଗ୍ରାହୀ, ଉପସଭାପତି ବିଶ୍ୱନାଥ ସାହୁ, ସହ ସମ୍ପାଦକ ଅମିତ ପଣ୍ଡା, ରଞ୍ଜିତ ପାଣ୍ଡେ, ଓଡିଆ ପ୍ରମୁଖ ସାବନ ତ୍ରିପାଠୀ, ପାଠ୍ୟଚକ୍ର ପ୍ରମୁଖ ଅଂଶୁମାନ ପାତ୍ର, ଏସଏଫଡି ପ୍ରମୁଖ ରାକେଶ ଛତ୍ରିଆ, ଜନଜାତି ପ୍ରମୁଖ ସୁବ୍ରତ ଦାସ, କଳା ପ୍ରମୁଖ ରୋସନ ଦାସ ଓ କ୍ରୀଡା ପ୍ରମୁଖ ଭାବେ ବାଦଲ ସେଠୀ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ନଗର ସଂଗଠନ ସମ୍ପାଦକ ବିଶ୍ୱଜିତ ମିଶ୍ର ଓ ବୁଦ୍ଧଦେବ ବାଘ ସଂଯୋଜନା କରିଥିଲେ। ସମ୍ମିଳନୀରେ ଶତାଧିକ କଲେଜ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ନଗର ସମ୍ମିଳନୀରେ ଉପସ୍ଥିତ ଅତିଥି ବୃନ୍ଦ।

## କୋସଲ ରାଏଜ ଦାବିରେ ଜନଜାଗରଣ ଯାତ୍ରା

**ଉଲୁଣ୍ଡା, ୧୧।୧୧(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋସଲ ରାଏଜ ଯୁବ ସମନ୍ୱୟ ସମିତିର ଆନୁକୂଲ୍ୟରେ ସ୍ୱତନ୍ତ୍ର କୋସଲ ରାଏଜ ଦାବିକୁ ଜନସାଧାରଣଙ୍କ ମନରେ ତୀବ୍ର କରାଇବାର ଲକ୍ଷ୍ୟନେଇ ରବିବାର ଜନ ଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମନ୍ୱୟ ସମିତିର ସଂଯୋଜକ ଝାଙ୍କର ପଧାନଙ୍କ ତତ୍ତ୍ୱାବଧାନରେ ଏକ ବାଇକ ଶୋଭାଯାତ୍ରା ଉଲୁଣ୍ଡା ସଦର ମହକୁମାରୁ ଗଣ୍ଡବାହାଲ, କ୍ଷେମାଲୋଏ, କୋଟସମଲାଇ, ଜାଲୋଏ ଆଦି ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ଏହି ଅବସରରେ ସମନ୍ୱୟ ସମିତିର କର୍ତ୍ତୃଗଣ ସ୍ୱତନ୍ତ୍ର କୋସଲ ରାଏଜ ଦାବି ପ୍ରତି ଜନସାଧାରଣ ସଚେତନ ହୋଇ ତୀବ୍ର କରିବାକୁ ଅନୁରୋଧ କରିବା ସହ କୋସଲ ରାଏଜ ଆନ୍ଦୋଳନରେ ସାମିଲ ହେବାକୁ ଅହ୍ୱାନ ଦେଇଥିଲେ। ସାମ୍ପ୍ରତିକ ସମୟରେ ପଶ୍ଚିମାଞ୍ଚଳର ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନୁହଁ, କେବଳ କୋସଲ ରାଏଜ ଦରକାର ବୋଲି ସଚେତନତା ସୃଷ୍ଟି କରିଥିଲେ। ଯାତ୍ରାରେ ରାମା ପଧାନ, ମହାଦେବ, ବୁଠି ମହାକୁର, ସନ୍ତୋଷ ଲାଲସିଂ, ଦେବ ପଣ୍ଡା, ମୁକୁରୁ ବାଗ୍‌ଙ୍କ ସମେତ ବଲାଙ୍ଗୀର ଏବଂ ବରଗଡ ଜିଲାର କୋସଲ ରାଏଜ ଆନ୍ଦୋଳନକାରୀ ଯୁବ ଗୋଷ୍ଠୀ ସାମିଲ ହୋଇଥିଲେ।




ସ୍ୱତନ୍ତ୍ର କୋସଲ ରାଏଜ ଦାବିରେ ବାହାରିଥିବା ଜନ ଜାଗରଣ ଯାତ୍ରା।

## କଂଗ୍ରେସର ଜୋନସ୍ତରୀୟ କର୍ମୀ ସମ୍ମିଳନୀ

**ବୀରମହାରାଜପୁର, ୧୧।୧୧ (ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ ଅନ୍ତର୍ଗତ ଦୁରଦୁରାଠାରେ କଂଗ୍ରେସର ଏକ ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଶୋକ କର୍ମୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମ୍ମିଳନୀରେ ସୁବଳୟା, କମିରା, ସଂଗ୍ରାମପୁର ଓ ପିତାମହୁଲ ପଞ୍ଚାୟତର ଦଳୀୟ କର୍ମୀମାନେ ଯୋଗଦେଇଥିଲେ। ଆଗାମୀ ୨୦୧୯ ସାଧାରଣ ନିର୍ବାଚନ ସଂକ୍ରାନ୍ତୀୟ ପ୍ରାକ୍ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ରାଧାକାନ୍ତ ଦିଗାଲ, ସୁବର୍ଣ୍ଣପୁର ଜିଲା ଦାୟିତ୍ୱରେ ଥିବା ପିସିସି ସମ୍ପାଦକ ବିଜୟାନନ୍ଦ ଚାଉଳିଆ ଅତିଥିଭାବେ ଯୋଗଦାନ କରି କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ମିଡିଆ ସେଲ ସଂଯୋଜକ ପ୍ରିୟବ୍ରତ ସାହୁ, ଗଣେଷ କୁମାର ମେହେର, କର୍ଣ୍ଣରାଜ ପଧାନ, ଭଗବାନ ଷାଣ୍ଡ, ରୀତ ପଧାନ, ଧରଣୀଧର ପାଢୀ, ମଣ୍ଟୁ ସାହୁ ଓ ଜଗନ୍ନାଥ ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



ଦୁରଦୁରାରେ ଜୋନସ୍ତରୀୟ କର୍ମୀ ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

## ସ୍କୁଲ ପିଲା ପାଳିଲେ ଜାତୀୟ ଶିକ୍ଷା ଦିବସ

**ବୀରମହାରାଜପୁର, ୧୧।୧୧ (ଡି.ଏନ୍.ଏ)**

ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ପଣ୍ଡାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁବାସ ମେହେରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମଙ୍କ ଫୋଟୋଚିତ୍ରରେ ମାଲ୍ୟାପ୍ରଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ସିଆର୍‌ସିସି ବିଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ କଲାମ ଆଦର୍ଶରେ ଅନୁପ୍ରାଣୀତ ହେବାପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ସନ୍ତୋଷିନୀ ରାଜହଂସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷକ ମେଘନାଦ ଭୋଇ ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପରିଚାଳନା କମିଟିର ବରିଷ୍ଠ ସଭ୍ୟ ଧରଣୀଧର ବାଘ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଶିଶୁମାନଙ୍କର ଏକ ଶୋଭାଯାତ୍ରା ଗ୍ରାମ୍ୟ ପରିକ୍ରମା କରିଥିଲା। ଏଥିରେ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ ସାମିଲ ହୋଇଥିଲେ।




ଜାତୀୟ ଶିକ୍ଷା ଦିବସ ପାଳନ ଅବସରରେ ଶିଶୁମାନଙ୍କ ଶୋଭାଯାତ୍ରା ଗ୍ରାମ୍ୟ ପରିକ୍ରମା କରୁଛି।



ଯିଏ ଯାହା ମନରେ ଅଛି, ସେ ତା ଠାରୁ ଦୂରରେ ରହି ମଧ ଦୂରରେ ନ ଥାଏ କିନ୍ତୁ ଯିଏ ଯାହା ମନରେ ନାହିଁ, ସେ ତା ପାଖରେ ଥାଇ ମଧ ଦୂରରେ ଥାଏ।

- ଚାଣକ୍ୟ



**ସଂକ୍ଷେପରେ**

## କାଳୀପୂଜା ଭସାଣି ଉତ୍ସବ ସମ୍ପନ୍ନ

**ବୌଦ୍ଧ,୧୧।୧୧(ସ୍ୱ.ପ୍ର):** ବୌଦ୍ଧ ସହରର ଭୈରବୀ ଛକ ଓ ଶିବାନୀ ବଜାର ପକ୍ଷରୁ ଗତ ମଙ୍ଗଳବାର ଠାରୁ ମା କାଳୀଙ୍କ ପୂଜା ଧୁମଧାମରେ ପାଳିତ ହୋଇଆସୁଥିଲା । ଉଭୟ ବଜାର ପକ୍ଷରୁ ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକମାଳାରେ ପୁରା ସହରର ଝଲସି ପଡୁଥିଲା । ସାତ ଦିନ ପରେ ରବିବାର ମା'ଙ୍କ ଭସାଣି ଉତ୍ସବ ହୋଇଥିଲା । ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ଖୋଲା ଗାଡିରେ ବସାଇ ଶୋଭାଯାତ୍ରାରେ ନେଇ ମହାନଦୀରେ ବିସର୍ଜନ କରାଯିଥିଲା । ବିସର୍ଜନ ପାଇଁ ସାରା ସହର ଉତ୍ସବମୁଖର ହୋଇପଡିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା ।

## ଜାତୀୟ ଶିକ୍ଷା ଦିବସ ପାଳିତ

**ବୌଦ୍ଧ/ବାଉଁଶୁଣୀ,୧୧।୧୧(ସ୍ୱ.ପ୍ର):** ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଧ୍ରୁବଚରଣ ଘିବେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ସତ୍ୟ ନାରାୟଣ ଦେହୁରୀ ଓ ଶିକ୍ଷୟିତ୍ରୀ ପଦ୍ମଜା ପତି ଶିକ୍ଷା ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ମିନାକ୍ଷୀ ସାହୁ, ରଞ୍ଜନା ନାଏକ, ବର୍ଷାରାଣୀ ମେହେର, ଆଦ୍ୟାଶା କୁମାରୀ ଭଞ୍ଜ, ଜ୍ୟୋତିର୍ମୟୀ ନାଏକ, ମାନିନୀ ମହାକୁଡ ପ୍ରମୁଖ ମୌଲାନା ଅବୁଲ କାଲାମ ଆଜାଦଙ୍କ ସ୍ମୃତି ଚାରଣ କରିଥିଲେ । ସୁଚିସ୍ମିତା ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ ।

**ବାଉଁଶୁଣୀ,(ଡି.ଏନ୍.ଏ):** ବୌଦ୍ଧ ବ୍ଲକ ବହିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ମାନେ ପ୍ଲାକାର୍ଡ ଧରି ଗାଁ ପରିକ୍ରମା କରିଥିଲେ । ପରେ ବିଦ୍ୟାଳୟ ପରିସରରେ ଏକ ସଭା ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ଏହି ସଭାରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେଶବନ୍ଧୁ ମହାକୁଳ ମୁଖ୍ୟଅତିଥି, ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଜୟନ୍ତ କୁମାର ସାହୁ, ଶିକ୍ଷୟିତ୍ରୀ ବିଜୟନୀ ପାତ୍ର, ଗୀତାଳି ବାଘ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶେଷରେ ଶିକ୍ଷୟିତ୍ରୀ ମନସ୍ୱିନୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିକେଲ ଗ୍ରାମରେ ସ୍ୱାସ୍ଥ୍ୟସେବା ଶିବିର

**ପଦ୍ମପୁର, ୧୧।୧୧ (ଡି.ଏନ.ଏ):** ପଦ୍ମପୁର ବ୍ଲକ ଅନ୍ତର୍ଗତ ବରିକେଲ ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଭୀମସାର ବୁର୍ଲା ମେଡିସିନ ବିଭାଗର ଡା. ଶଙ୍କର ରାମଚନ୍ଦାନୀ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଶିବିରକୁ ଉଦଘାଟନ କରିଥିଲେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଗିରିଧାରୀ ପୁରୋହିତ। ସାମାଜିକ କର୍ମୀ ନିରୋଜ ଦୋରା, ରତ୍ନମଣି ଶତପଥି, କୁମୁଦିନୀ ମହାଲିଙ୍ଗ, ଦିଲୀପ ସାହୁ ଓ ଅଶୋକ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଠାକୁର ପ୍ରସାଦ ସାହୁ, ଡିଲେଶ୍ୱର ବାଗ, ପ୍ରଶାନ୍ତ ବେହେରା, ଶତୀଶ ସାହୁ, ବୃନ୍ଦାବନ ପୁରୋହିତ, ଆନନ୍ଦ ମେହେର ସହଯୋଗ କରିଥିଲେ ।

## ଜମୁର୍ଡ଼ା ଚାମ୍ପିୟନ

**ବରଗଡ଼ ଅଫିସ୍,୧୧।୧୧:** ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲିଠାରେ ଡଃ ବି.ଆର ଆମ୍ବେଦକର ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାର ଫାଇନାଲକୁ ଜମୁର୍ଡ଼ା ଓ ଖଲିଆପାଲି ଦଳ ଉନ୍ନୀତ ହୋଇଥିଲେ। ଏଥିରେ ଜମୁର୍ଡ଼ା ପ୍ରତିପକ୍ଷକୁ ୫-୪ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାଯର୍ୟ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଯୁବନେତା ଉମେଶ ପଣ୍ଡା, ସ୍ଥାନୀୟ ସରପଞ୍ଚ ବିଜୟ ଲାକ୍ରା, ସମିତିସଭ୍ୟ ମନୋଜ ହାଜରା, ଦୁଃଖିଶ୍ୟାମ ସାହୁ, ନିଲମଣି ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଟୁନା ଭୂୟାଁ, ମାନୁଏଲ କୁମ୍ଭାର, ପ୍ରକାଶ ମହାନନ୍ଦ, ବିକାଶ ମହାନନ୍ଦ, ଗଣେଶ କୁମ୍ଭାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା

**ବରଗଡ଼ ଅଫିସ୍,୧୧।୧୧**

ବରଗଡ଼ ଲୋକମଣ୍ଡପ ପଡ଼ିଆରେ ରବିବାର ରାଜ୍ୟ ସରକାରଙ୍କ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ସାଇକେଲ ବଣ୍ଟନ ସହାୟତା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ଶ୍ରମ ଅଧିକାରୀ ହେମନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରିଥିଲେ। ଏହା ସହିତ ହିତାଧିକାରୀଙ୍କୁ ଅନ୍ୟାନ୍ୟ ସହାୟତା ରାଶି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକ ଓ ପୌର ପରିଷଦ ଅନ୍ତର୍ଗତ ୯୦୦ଜଣଙ୍କୁ ସାଇକେଲ, ଶହେ ଜଣଙ୍କୁ ଛାତ୍ରବୃତ୍ତି ବାବଦକୁ ୨ହଜାର ଟଙ୍କାରୁ ୪୦ହଜାର ଟଙ୍କା, ୧୫ଜଣଙ୍କୁ ୨୫ହଜାର ଟଙ୍କା ଲେଖାଏଁ ବିବାହ ସହାୟତା, ଜଣଙ୍କୁ ୧୦ହଜାର ଟଙ୍କାର ପ୍ରସୂତୀକାଳୀନ ସହାୟତା, ୩ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ଏବଂ ମୃତକଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୫ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଥିଲା । ମଙ୍ଗଳ ସଂଯୋଜକ ଚିନ୍ମୟ ରଞ୍ଜନ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, କାଉନସିଲର ସୁଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।




ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ବାବଦକୁ ଚେକ୍ ପ୍ରଦାନ କରାଯାଉଛି ।

## ୩୬ତମ ବାର୍ଷିକ କ୍ରୀଡା ଉଦଯାପିତ

**ପଦ୍ମପୁର, ୧୧।୧୧ (ଡି.ଏନ.ଏ)**

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ କ୍ରୀଡା ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି । ପ୍ରାତଃ ପର୍ଯ୍ୟାୟ ଖେଳକୁ ସାମାଜିକ କର୍ମୀ ନୀରୋଜ ଦୋରା ଉଦ୍‌ଘାଟନ କରିଥିଲେ। ପଦ୍ମପୁର ଥାନା ଭାରପ୍ରାପ୍ତ ପୋଲିସ ଅଧିକାରୀ କେ. ପ୍ରିୟଙ୍କା ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପତାକାକୁ ଅବତରଣ କରି ଜ୍ୟୋତି ବିସର୍ଜନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିବା ପର୍ଯ୍ୟାୟ ପ୍ରମୁଖ ତଥା ଶାରୀରିକ ପ୍ରମୁଖ ପ୍ରଦୀପ କୁମାର ରାଜହଂସ ବୃତ୍ତକଥନ କରିଥିଲେ । ସଭାପତି ଦ୍ୱାଦଶ କୁମାର ପଧାନ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ । ପୁରସ୍କାର ବିତରଣ ଉତ୍ସବ ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସର୍ବଶ୍ରେଷ୍ଠ ଖେଳାଳି ଭାବେ ଶୁଭମ ଦାନୀ, ଗାୟତ୍ରୀ ସାହା, ଶଶାଙ୍କ ଶେଖର ବାରିକ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସମ୍ପାଦକ ଆଶିଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଚୈତନ୍ୟ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଆର୍‌ଏସ୍‌ଏସ୍‌ର ଯୁବ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ବୌଦ୍ଧ,୧୧।୧୧(ସ୍ୱ.ପ୍ର)**

ବୌଦ୍ଧ ସହରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସଂଘ ପରିବାର ଏବଂ ବିଭିନ୍ନ ସଙ୍ଗଠନର ଯୁବ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଏକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି । ସମ୍ମିଳନୀରେ ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା । ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧୀର ରନ ବହିଦାର ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନ୍ତଃରାଷ୍ଟ୍ରୀୟ ଶକ୍ତିର ବିନାଶ କରି ରାଷ୍ଟ୍ରକୁ ପରମ ବୈଭବଶାଳୀ କରିବା ପାଇଁ ସମସ୍ତ ଯୁବଶକ୍ତିର ଆବଶ୍ୟକତା ରହିଛି ବୋଲି କହିଥିଲେ । ଜିଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, ଜିଲା କାର୍ଯ୍ୟବାହ ଦେବବ୍ରତ ପାଣିଗ୍ରାହୀ, ଜିଲା ଶାରୀରିକ ପ୍ରମୁଖ ଇନ୍ଦୁ ଭୂଷଣ ମହାକୁଳ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ବୌଦ୍ଧ ନଗର କାର୍ଯ୍ୟକର୍ତ୍ତା ପଦ୍ମଚରଣ ମେହେର, ବିଶ୍ୱପ୍ରକାଶ ସାହୁ, ବିପ୍ର ଚରଣ ମହାନ୍ତି, ସତ୍ୟାନନ୍ଦ ପାଣ୍ଡେ, ଦିଲୀପ କୁମାର ସାହୁ, ନିରନ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ଯୁବ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର

**ବରଗଡ଼ ଅଫିସ୍,୧୧।୧୧**

ବରଗଡ଼ ପଞ୍ଚାୟତ କଲେଜରେ ଯୁକ୍ତତିନି ପ୍ରଥମବର୍ଷର ଛାତ୍ରୀଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି । ୧୪ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । କଲେଜ ଅଧ୍ୟକ୍ଷା ପ୍ରଫେସର ଡଃ କମଳପ୍ରଭା କପାନୀଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ପ୍ରଶିକ୍ଷିକା ପ୍ରିୟମ୍ବଦା ତ୍ରିପାଠୀ ନିର୍ଦ୍ଧାରିତ ଅବଧି ମଧ୍ୟରେ କଲେଜ ପରିସରରେ ଉପସ୍ଥିତ ରହି ତାଲିମ ପ୍ରଦାନ କରୁଛନ୍ତି । ସେହିପରି ଭାରପ୍ରାପ୍ତ ସଂଯୋଜିକା ଛନ୍ଦାରାଣୀ ବେସେନ ସହଯୋଗ କରୁଛନ୍ତି ।




ବରଗଡ଼ ଜିଲା ପଞ୍ଚାୟତ କଲେଜରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଚାଲିଛି ।

# ରେମଣ୍ଡା ଫୁଟବଲ: ସେମିରେ କ୍ଷୀରାପାଲି

**ଭେଡ଼େନ,୧୧।୧୧(ଡି.ଏନ.ଏ)**

ଭେଡ଼େନ ବ୍ଲକ ରେମଣ୍ଡା ଖେଳପଡ଼ିଆରେ ଚାଲିଥିବା ଫୁଟବଲ ମହୋତ୍ସବର ନବମ ଦିବସର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ରବିବାର କ୍ଷୀରାପାଲି ଦଳ ବିଜୟୀ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି । ବିଜୟୀ ଦଳ ବୁଗବୁଗା ଏକାଦଶକୁ ୪-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ବିଜୟୀ ଦଳର ପିଣ୍ଟୁ ସେଟଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା । ଖେଳର ଉଦଯାପନୀ ଉତ୍ସବରେ ସମାଜ ସୁରକ୍ଷା ସମିତି ସଭାପତି ଗୋବିନ୍ଦ ନାଗ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଚଣ୍ଡୀଚରଣ ଦେହେରୀ, ପ୍ରଫୁଲ୍ଲ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଖେଳକୁ ରେଫରୀ ନିରଞ୍ଜନ ମହାକୁର, ଶ୍ୟାମ ସୁନ୍ଦର ବିଶି, ଗୋବିନ୍ଦ ଭୋଇ ପ୍ରମୁଖ ପରିଚାଳନା କରିଥିବା ବେଳେ ସଞ୍ଜୟ ନନ୍ଦ ଓ ରବି ନାରାୟଣ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ଚିଚିଣ୍ଡା ଓ ମରହାପାଲି ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

## ଜାନକୀବଲ୍ଲଭ ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ

**ବୌଦ୍ଧ,୧୧।୧୧(ସ୍ୱ.ପ୍ର)**

ବୌଦ୍ଧର ମାଉଲସିଙ୍ଗା ସ୍ଥିତ ଜାନକୀବଲ୍ଲଭ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଚିତ୍ତ ରଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ବିଜ୍ଞାନ ନୀରୀକ୍ଷକ ଦେବେନ୍ଦ୍ର କୁମାର ଦେହୁରୀ ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଦ୍ମନାଭ ମହାକୁଡ, ଦେବରାଜ ମହାରଣା, ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର ଓ ଜିଲା ଯୋଜନା ସଂଯୋଜକ ଦେବାଶିଷ ଦ୍ୱାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପୁରାତନ ଛାତ୍ରଙ୍କୁ ନେଇ ଆଲୁମ୍ନିନି ଗଠନ କରାଯାଇଥିଲା। ଏଥିରେ ଧର୍ମେନ୍ଦ୍ର ମେହେର ସଭାପତି, ଲଳିତ ମେହେର ଉପସଭାପତି, ଧରଣୀଧର ମେହେର ସହ ସମ୍ପାଦକ ଓ ବିଭୂତିଭୂଷଣ ବେହେରାଙ୍କୁ ସର୍ବସମ୍ମତିକ୍ରମେ କୋଷାଧ୍ୟକ୍ଷ ମନୋନୀତ କରାଯାଇଥିଲା। ଏହି ଅବସରରେ ପୂରାତନ ଛାତ୍ର ପ୍ରଭାସ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ବିଦ୍ୟାଳୟର ନିଜସ୍ୱ ୱେବସାଇଟ (ଜେବିହାଇସ୍କୁଲ.କମ) କୁ ଅତିଥିମାନଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଇଥିଲା। ଶେଷରେ ସଂସ୍କୃତ ଶିକ୍ଷକ ଜ୍ଞାନେନ୍ଦ୍ର ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ ।



ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ ।

# କୋଶଲ୍ ରାଏଜ୍ ଦାବିନେ ଜନଜାଗରନ୍ ଯାତ୍ରା

**ଅତାବିରା, ୧୧।୧୧ (ଡି.ଏନ.ଏ)**

ବରଗଡ ଜିଲା ଭେଡ଼େନ ବ୍ଲକ୍‌ର କୋଶଲ୍ ରାଏଜ୍ ଯୁବ ସମନ୍ୱୟ ସମିତିର ଭେଁଡିଆମାନେ ରଏବାର ଦିନ ପହଁଟିଆନୁ ଅଲଗ୍ କୋଶଲ୍ ରାଜ୍ ଦାବିନେ ଜନଜାଗରନ୍ ସୁରୁଷ୍‌ଟି ଉଧେ ବାଇକ୍ ରାଲିରେ ବାହାରିଥିଲେ। ଭେଁଡିଆ ପିଲାମାନେ ୫୪ ନମ୍ବର ରାଜ୍ୟ ରାଜପଥ ଜାମପାଲି, ଗର୍ଭଣା, ମହୁଲେ, ବଇପୁର, ଉଦେପୁର, ଦେଶଭଟିଲି, ବିଶିପାଲି, ଦେଶପର୍ଥଲା, ସାଲନା, ଖୁଣ୍ଟୁଲିପାଲି ଗାଁ ବୁଲି କୋଶଲ୍ ଜନଜାଗରନ୍ ଲାଗି ବାହାରିଥିଲେ। କୋଶଲ୍ ରାଏଜ ଯୁବ ସମନ୍ୱୟ ସମିତି ତରଫୁ ଦୁତିଅ ଥର ଲାଗି କୋଶଲ୍ ଜନ ଜାଗରନ୍ ଯାତ୍‌ରା ଆରମ୍ କରାଯାଇଛେ। ୨୦ ବଛର୍‌ରୁ ଅଧିକା ହେଲା ଅଲଗ୍ କୋଶଲ୍ ରାଏଜ୍ ଲାଗି ଆଂଦୋଲନ୍ ଜାରି ରହିଛେ। କୋଶଲ୍ ଆଂଦୋଲନ୍‌ରେ ଲୁକ୍‌କୁ ସାମିଲ କରବାର ଉଧେ ଭେଁଡିଆ ପିଲେ ଜନଜାଗରନ୍ ଲାଗି ବାଇକ୍ ରାଲିରେ ବାହାରିଛନ୍। ଭେଁଡିଆମାନେ ଆମର ଅଂଚଲ୍‌ର ମୁଖିଆ ସମସିଆ ଯେନ୍‌ତା କି ଗରିବ୍ ଦୁଖି ଦାଦନର ଶିକାର ହେଉଛନ୍, ପିଲା ବିକ୍‌ରି, ଧାନର ଅଭାବି ବିକ୍‌ରି, ଫସଲରେ ରୋଗ୍‌ପୋକ ମର୍‌ଡି ଲାଗି ଚାଷୀ ଜୀବନ୍ ହାରବାର ଲେଖେଁ ଘଟ୍‌ନାକେ ନେଇ ନାରା ଦେଉଥିବାର ଦେଖିବାକେ ମିଲିଥିଲା। ସେନ୍‌ତା କୋଶଲ୍ ଅଂଚଲ୍‌ରୁ ୭୨ ପର୍‌ତିଶତ୍ ଟଁକା ରାଜ୍‌କୋଷକେ ଯାଉଥିଲା ବେଲେ ଆମର ଲୋକ୍ ନାନା ସମସିଆରେ ରହୁଛନ୍। ଉପକୂଲ୍ ଅଂଚଲ୍‌ର ଧଁଗ୍‌ରା ଧାଁଗ୍‌ରିମାନେ ଆମର ଅଂଚଲର କଲ୍ କାରଖାନାମାନ୍‌କେ କାମ୍ କରୁଥିଲା ବେଲେ ଆମର ପିଲା ବେକାରି ହେଉଛନ୍। ଉପକୂଲ ଅଂଚଲରେ ସ୍କୁଲ୍, କଲେଜ୍, ବଡ଼ବଡ଼ ଡାକ୍‌ତରଖାନା ତିଆର ହେଲା ବେଲେ ଆମର ଅଂଚଲର ଲୋକ୍ ଭୁଖ୍‌ମରି, ଅଭାବି ବିକ୍‌ରିର ଶିକାର ହେଇ ଦାଦନ୍ ଯାଉଛନ୍ ବଲି ଲୁକ୍‌କୁ ସଚେତନ୍ କରୁଥିବାର ଦେଖିବାକେ ମିଲିଥିଲା। ସମନ୍ୱୟ ସମିତି ଭେଡ଼େନ ବ୍ଲକ୍ ସଭାପତି ଅବିନାଶ ଚନ୍ଦ୍ର ବିଶି, ରାଜୀବ ଲୋଚନ ଦାଶ, ସୋମନାଥ ଭୋଇ, ଜୟରାମ ଶତପଥି, ଦେବେନ୍ଦ୍ର ଭୋଇ, ଅର୍ଜୁନ ଦାଶ ପର୍‌ମୁଖ୍ ଇଥିରେ ଭାଗ୍ ନେଇଥିଲେ। ଶ୍ରୀକାନ୍ତ ଷଡଙ୍ଗୀ, ଅସିତ ପାଢ଼ୀ, ଦେବାନନ୍ଦ ହୋତା ପର୍‌ମୁଖ୍ ବରିଷ୍‌ଟ ସଦସିଅମାନ୍‌କୁ ଜାମପାଲିରେ ସନାମନା କରାଯାଇଥିଲା।



ଉଦେପୁରରୁ ଦେଶଭଟିଲି ଗାଁ ମୁହାଁ କୋଶଲ୍ ଜନଜାଗରନ୍ ବାଇକ ରାଲି ।

# ଟାଇବ୍ରେକରରେ ପୁଟପୁଟପାଲି ଚାମ୍ପିୟନ

**ବରଗଡ଼ ଅଫିସ୍,୧୧।୧୧**

ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଉଲ୍‌ବା ଗ୍ରାମରେ ରବିବାର ନରୋତ୍ତମ ଓ ନିରଞ୍ଜନ ସ୍ମାରକୀ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ପୁଟପୁଟପାଲି ଓ ବଇଦପାଲି ଫାଇନାଲକୁ ଉନ୍ନୀତ ହୋଇଥିଲେ । ଫାଇନାଲ ଖେଳର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ପୁଟପୁଟପାଲି ୩-୨ ଗୋଲରେ ବିଜୟୀ ହେବା ସହିତ ଚାମ୍ପିୟନ ହୋଇଥିଲା । ଶାନ୍ତି ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସମାରୋହରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ପ୍ରଫୁଲ୍ଲ ନାଏକ, ଅଶୋକ ସାହୁ, ବିଜୟ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ଏବଂ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଶିକ୍ଷକ ମଦନ ବିଶିଙ୍କ ସଂଯୋଜନାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।



ଅତିଥିଙ୍କ ଗହଣରେ ଚାମ୍ପିୟନ, ରନର୍ସ ଅପ୍ ଦଳର ଖେଳାଳିମାନେ ।

## ଯୁବକ ସଫେଇ କଲେ ଗାଁ ରାସ୍ତା

**ବୌଦ୍ଧ,୧୧।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଗ୍ରାମପଞ୍ଚାୟତର ରାଜିଙ୍ଗ ଗ୍ରାମ ରାସ୍ତାକୁ ଯୁବକମାନେ ସଫେଇ କରିଛନ୍ତି । ପୁରୁଣାକଟକଠାରୁ ରାଜିଙ୍ଗ ଗ୍ରାମକୁ ଅଧ କିମି କେନାଲ ରାସ୍ତା ପଡିଛି । ଏହି ରାସ୍ତାରେ ସାଇକେଲ କିମ୍ବା ଚାଲି ଚାଲି ଯିବାକୁ ପଡିଥାଏ। ରାସ୍ତା ଠାରୁ ଗ୍ରାମକୁ ମାତ୍ର ଅଧ କିମି ଦୂରତା ହେଉଥିବାରୁ ଗ୍ରାମବାସୀ ଏହି ରାସ୍ତାରେ ଦୈନନ୍ଦିନ ଯିବା ଆସିବା କରିଥାନ୍ତି। କିନ୍ତୁ କେନାଲ ରାସ୍ତା ହୋଇଥିବାରୁ ପ୍ରଶାସନ ଏଥିପ୍ରତି ଆଦୌ ପଦକ୍ଷେପ ନେଉନାହିଁ । ତେଣୁ ରବିବାର ଗ୍ରାମର ଯୁବକମାନେ ଏକାଠି ହୋଇ ଉକ୍ତ ରାସ୍ତାକୁ ସଫା କରିଥିଲେ ।

**ହରଭଙ୍ଗା ବ୍ଲକ**



ଯୁବକମାନେ ଗାଁ ରାସ୍ତା ସଫେଇ କରୁଛନ୍ତି ।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୧୨ ନଭେମ୍ବର, ୨୦୧୮

**ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଯୁବ କର୍ମକର୍ତ୍ତା ସମ୍ମିଳନୀ**
ନୂଆପଡ଼ା ଜିଲା ଖଡିଆଳ ସହରସ୍ଥିତି କଲ୍ୟାଣ ମଣ୍ଡପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲାସ୍ତରୀୟ ଯୁବ କର୍ମକର୍ତ୍ତା ସମ୍ମିଳନୀ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି ।



## ସଂକ୍ଷେପରେ

### ଟ୍ରକ ଚାପାରେ ଯୁବକଙ୍କ ମୃତ୍ୟୁ

ତରବୋଡ,୧୧।୧୧(ଡି.ଏନ.ଏ.)

ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ତରବୋଡ ଗାଁରେ ଏକ ଟ୍ରକ ଚାପାରେ ସ୍ଥାନୀୟ ରେଙ୍ଗାବାହାଲ ଗାଁର ସରୋଜ କୁମାର ଅହୀର(୨୩)ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଶନିବାର ବିଳମ୍ବିତ ରାତିରେ ତରବୋଡ ବସ୍ତି ମୁଣ୍ଡରେ ଜାତୀୟ ରାଜପଥ ୩୫୩ରେ ଏକ ଟ୍ରକ ନୂଆପଡା ପଟୁ ଆସୁଥିଲା । ବିପରୀତ ଦିଗରୁ ଏକ ବାଇକ୍‌ରେ ସରୋଜ ଆସୁଥିଲେ। ହଠାତ ତାଙ୍କ ଗାଡି ଉପରକୁ ଟ୍ରକଟି ଚଢି ଯାଇଥିଲା । ଫଳରେ ଘଟଣାସ୍ଥଳରେ ସରୋଜଙ୍କ ମୃତ୍ୟୁ ଘଟିଥିଲା । ତରବୋଡ ଫାଣ୍ଡି ପୋଲିସ ଟ୍ରକକୁ ଜବତ କରିବା ପରେ ଡ୍ରାଇଭର ନିତ୍ୟାନନ୍ଦ ଭୋଇଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶବ ବ୍ୟବଚ୍ଛେଦ କରାଇଥିବା ବେଳେ ତଦନ୍ତ ଜାରି ରଖିଥିବା ପୋଲିସ ସୂତ୍ରରୁ ପ୍ରକାଶ ।

### ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

ଭବାନୀପାଟଣା/ଜୟପାଟଣା,୧୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ନାଗୁପଡା ଗାଁର ଜଣେ ଚାଷୀ ଆତ୍ମହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ସେ ହେଲେ କୃପା ନାଏକ (୬୩) । ପ୍ରକାଶ ଯେ, ଚାଷୀ କୃପା ଚାଷ କରିଥିବା ୪ ଏକର କ୍ଷେତର ଫସଲ ନଷ୍ଟ ହୋଇଯାଇଥିଲା । ଏଥିପାଇଁ ସେ କ୍ଷେତରେ ବିଷ ପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତାଙ୍କୁ ପ୍ରଥମେ ଜୟପାଟଣା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେଠାରେ ସ୍ଥିତି ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନତରିତ କରାଯାଇଛି ।

ଜିଲା ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ୍

# ନାରୀଶିକ୍ଷା, ଯୁବ ଶକ୍ତିର ବିକାଶ ହେଲେ ସମାଜ ଆଗେଇବ

ନୂଆପଡା ଅଫିସ/ସିନାପାଲି, ୧୧।୧୧(ଡି.ଏନ.ଏ.)

ବର୍ତ୍ତମାନ ସମାଜରେ ନାରୀ ଶିକ୍ଷାର ବହୁଳ ଆବଶ୍ୟକତା ରହିଛି ପରିବାରରେ ଜଣେ ମା' ଯଦି ଶିକ୍ଷିତ ହୁଅନ୍ତି ତେବେ ଏକ ପରିବାର ଶିକ୍ଷିତ ହେଉଛି। ସେହିଭଳି ଯୁବ ଶକ୍ତି ଆଗେଇଲେ ଦେଶ ଆଗେଇବ। ସେଥିପାଇଁ ବର୍ତ୍ତମାନ ନାରୀ ଶିକ୍ଷାକୁ ଗୁରୁତ୍ୱ ଦେଇ ତାର ପ୍ରସାର କରିବା ସହ ଯୁବ ଶକ୍ତିକୁ ମର୍ଯ୍ୟାଦା ଦେଇ ଅଗ୍ରାଧିକାର ଦେଲେ ସମାଜ ନିଶ୍ଚିତ ଭାବେ ଆଗକୁ ଯିବ ଏଥିରେ ସନ୍ଦେହ ନାହିଁ ବୋଲି ନୂଆପଡ଼ ଜିଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡାଠାରେ ଆୟୋଜିତ ଜିଲା ଯାଦବ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ମତ ପ୍ରକାଶ କରିଛନ୍ତି ।


ନୂଆଖାଁଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ ।

ରବିବାର ପୂର୍ବାହ୍ନ ୧୧ଟାରେ କେନ୍ଦୁମୁଣ୍ଡା ହାଇସ୍କୁଲ ଖେଳପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ହରେରାମ କଠାର ସଭାପତିତ୍ୱ କରିଥିବା ବେଳେ ଛତିଶଗଡ ରାଜ୍ୟ ସଭାପତି ରମେଶ ଯାଦୁ ମୁଖ୍ୟଅତିଥି, ଚାରଗଡ ସଭାପତି କେନ୍ଦୁରାମ ଯାଦବ ମୁଖ୍ୟବକ୍ତା, ଉତ୍କଳ ଯାଦବ ମହାସଭା ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ ବେହେରା, ବିନୋଦ ବିହାରୀ ଯାଦବ, ଉମ୍ବରୁଧର ଲହଜଲ, ଲକ୍ଷ୍ମଣ ବାଗ, କୀର୍ତ୍ତନ ନାଏକ, କଳାହାଣ୍ଡି ଜିଲା ସଭାପତି ଉଜ୍ଜ୍ୱଳ ହଂସ, ଲଛମନ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସମସ୍ତ ବ୍ଲକ ସଭାପତିମାନେ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ବିବରଣୀ ପାଠ କରିଥିବା ବେଳେ ସତ୍ୟବ୍ରତ ଗହୀର ଏବଂ ଜ୍ୟୋତିର୍ଣ୍ଣ ବନ୍ଦିଛୋର ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୋଗଦେଇଥିବା ଦଶ ହଜାରରୁ ଉର୍ଦ୍ଧ୍ୱ ଯାଦବ ମହିଳାପୁରୁଷ ନବାନ୍ନ ଭକ୍ଷଣ କରି ଜୁହାର ଭେଟ ହୋଇଥିଲେ। ଏହି ଅବସରରେ ବକ୍ତାମାନେ ସମାଜର ସଙ୍ଗଠନ ଉପରେ ବିଶେଷ ଗୁରୁତ୍ୱ ଦେବା ସହ ସମାଜରୁ ବିଭିନ୍ନ କୁସଂସ୍କାର ଦୂରିକରଣ କରିବା, ନିଶା ନିବାରଣ, ନାରୀ ଶିକ୍ଷାକୁ ପ୍ରାଧାନ୍ୟ ଦେବାକୁ କହିଥିଲେ। କୌଣସି ସମାଜରେ ନାରୀ ଶିକ୍ଷିତ ହେବା ସହ ଯୁବ ସମାଜର ବିକାଶ ହେଲେ ନିଶ୍ଚିତ ଭାବେ ଏକ ସମାଜର ବିକାଶ ସ୍ୱତଃ ହୋଇଥାଏ ବୋଲି କହିଥିଲେ। ଅର୍ଥନୈତିକ, ରାଜନୈତିକ କ୍ଷେତ୍ରରେ ବିକାଶ କରିବାକୁ ସମସ୍ତଙ୍କ ସହଯୋଗ ଦରକାର ବୋଲି କହିଥିଲେ । ଏହି ଅବସରରେ ସମାଜର ଅଧିଷ୍ଠାତ୍ରୀ ଦେବୀ ଚଣ୍ଡୀ ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ ବାଡି ନାଚ ପ୍ରଦର୍ଶନ ହୋଇଥିଲା । ଏହି ଅବସରରେ ସମାଜର ବିଭିନ୍ନ ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ସକାଶେ ସମ୍ମାନିତ କରାଯାଇଥିଲା । ଏଥିମଧ୍ୟରୁ ସଙ୍ଗୀତ କ୍ଷେତ୍ରରେ କୃତୀତ୍ୱ ପାଇଁ ପ୍ରସିଦ୍ଧ ବିସମିଲ୍ଲା ଖାନ ସମ୍ମାନରେ ସମ୍ମାନିତ କଳାହାଣ୍ଡିର ସର୍ବେଶ୍ୱର ଭୋଇଙ୍କୁ କୋଶଳ କୋଇଲି ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମାଜର ମଧୁକ ବାଗ, ଗଣେଶ ପୋଢ, ନିତ୍ୟାନନ୍ଦ କଟା, ଉଜ୍ଜ୍ୱଳ ପ୍ରସାଦ ହଂସ, ଦୟା ଥପା, ମମତା ଥପା, ପ୍ରହ୍ଲାଦ ପୋଢ, ଲୋକନାଥ ଛତ୍ରିଆ, ଜଳଧର ଘିବେଲା, ରାମଜିତ ବେମାଲ, ଟଙ୍କଧର ବନ୍ଦିଛୋର ପ୍ରମୁଖ ସହଯୋଗ କରିଥିଲେ ।

କୋଟେନ ଚୁଆଁ ସେବାଶ୍ରମ

# ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

## କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ

ନୂଆପଡା ଅଫିସ,୧୧।୧୧

ନୂଆପଡ଼ା ଜିଲା ସଦର ବ୍ଲକ କୋଟେନଚୁଆଁ ସେବାଶ୍ରମ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଥିବା ମିଲି ଶବର (୧୦) ନାମ୍ନୀ ଜଣେ ଛାତ୍ରୀଙ୍କ ଅକସ୍ମାତ ମୃତ୍ୟୁ ଘଟିଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗତ ଦୁଇ ଦିନ ଧରି ଖରାପ ଥିବାବେଳେ ହଠାତ ରବିବାର ସନ୍ଧ୍ୟାରେ ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହୋଇଛି । ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଜିଲା ଯୁବ ବିଜେଡି ସଭାପତି (ବିଧାନସଭାସ୍ତରୀୟ) ସଭାପତି ସୁଧୀର କୁମାର ମିଶ୍ର, ଭାଜପାର ବିଧାନସଭା ପ୍ରଭାରୀ ଦୃଷ୍ଟି ଚନ୍ଦ୍ର ମାଝି ପ୍ରମୁଖ ହସ୍ପିଟାଲରେ ପହଞ୍ଚିଥିଲେ। ଏହା ସ୍କୁଲ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ହେତୁ ଘଟିଛି । ଏହାର ବିଧିବଦ୍ଧ ତଦନ୍ତ କରାଯିବା ଦରକାର ବୋଲି ସେମାନେ ଦାବି କରିଛନ୍ତି । ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କହିଛନ୍ତି। ଏ ନେଇ ମଙ୍ଗଳ ବିଭାଗ ସମ୍ପ୍ରସାରଣ ଅଧିକାରୀ ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ପଚାରିବାରୁ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀଯାଏଁ ମୋଟ ୫୮୭ଜଣ ଛାତ୍ରୀଛାତ୍ର ଆବାସିକ ଶିକ୍ଷା ଗ୍ରହଣ କରୁଛନ୍ତି। ଏମାନଙ୍କର ଠିକ ସମୟରେ ଚିକିତ୍ସା ସେବା କରାଯାଉଛି। ତଥାପି ସମ୍ପୃକ୍ତା ଛାତ୍ରୀଙ୍କ ହଠାତ ଦେହ ଅସୁସ୍ଥ ହୋଇଥିଲା । ଏଥିପାଇଁ ସେ ଅନୁତପ୍ତ ବୋଲି କହିଥିଲେ। ଏହାର ସବିଶେଷ ରିପୋର୍ଟ ସଂଗ୍ରହ ପରେ ପ୍ରକୃତ କାରଣ ଜଣାପଡିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସନ୍ଧ୍ୟାରେ ଅଣାଯାଇଥିଲା। ହସ୍ପିଟାଲକୁ ପ୍ରବେଶ କରିବା ସମୟରେ ତାଙ୍କ ମୃତ୍ୟୁ ଘଟି ସାରିଥିଲା । ଡାକ୍ତର ତାଙ୍କୁ ଆଡମିଟ କରିବାକୁ ମନା କରିଦେଇଥିଲେ। ପରେ ମୃତକ ଘୋଷଣା କରିବା ପରେ ମୃତଦେହକୁ ହସ୍ପିଟାଲରେ ବ୍ୟବଚ୍ଛେଦ ସକାଶେ ରଖାଯାଇଛି। ତେବେ ସେବାଶ୍ରମଗୁଡିକରେ ଶିଶୁମାନଙ୍କ ଠିକ ଭାବେ ଚିକିତ୍ସା ସେବା କରାଯାଉ ନ ଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି ହୋଇଛି । ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଉଛି ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଯୁବ କର୍ମକର୍ତ୍ତା ସମ୍ମିଳନୀ

# ରାଷ୍ଟ୍ର ନିର୍ମାଣରେ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ

ନୂଆପଡା ଅଫିସ,୧୧।୧୧

ନୂଆପଡ଼ା ଜିଲା ଖଡିଆଳ ସହରସ୍ଥିତି କଲ୍ୟାଣ ମଣ୍ଡପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲାସ୍ତରୀୟ ଯୁବ କର୍ମକର୍ତ୍ତା ସମ୍ମିଳନୀ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଂଘ ଚାଳକ ପୁରୁଷମ ସୁନାନୀ ସଭାପତିତ୍ୱ କରିଥିବାବେଳେ କେସିଙ୍ଗା ଖଣ୍ଡ କାର୍ଯ୍ୟବାହ ଡା.ସତ୍ୟସାଇ ନାଏକ ମୁଖ୍ୟବକ୍ତା, ବିଭାଗ ବୌଦ୍ଧିକ ପ୍ରମୁଖ ଅଧ୍ୟାପକ ଅରୁଣ ନାୟକ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟବାହ ଜୟଶ୍ୱର ଶବର ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟବକ୍ତା ନାଏକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଯୁବକମାନଙ୍କ ଭୂମିକା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ଯୁବକମାନେ ସମାଜର କର୍ଣ୍ଣଧାର । ରାଷ୍ଟ୍ର ନିର୍ମାଣରେ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ବିଭିନ୍ନ ପୌରାଣିକ ବିଷୟ ବସ୍ତୁର ଉଦାହରଣ ଦେଇ ଯୁବକମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଶ୍ରୀକୃଷ୍ଣ ଯେଉଁଭଳି କୈଶୋର ଅବସ୍ଥାରେ ଧର୍ମରକ୍ଷା ପାଇଁ ପ୍ରତିଜ୍ଞା କରି ନିଜ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଥିଲେ । ମହାପୁରୁଷ ଶିବାଜୀ କିଶୋର ଅବସ୍ଥାରେ ପ୍ରତିଜ୍ଞା କରି ହିନ୍ଦୁ ସାମ୍ରାଜ୍ୟ ପ୍ରତିଷ୍ଠା କରି ନିଜର ନାମକୁ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଯାଇଛନ୍ତି । ସେହିଭଳି ସ୍ୱାମୀ ବିବେକାନନ୍ଦ ଯୁବକ ଭାବେ ବିଶ୍ୱରେ ହିନ୍ଦୁଧର୍ମର ବୈଜୟନ୍ତୀ ବାନା ଉଡାଇଥିଲେ । ବିର୍ଶାମୁଣ୍ଡା, ରେଣ୍ଡୋମାଝି, ସୁରେନ୍ଦ୍ର ସାଏଙ୍କ ଭଳି ମହାପୁରୁଷଙ୍କ ଯୁବ ପ୍ରତିଭାର ଅନୁଗାମୀ ହେବାକୁ ବକ୍ତାମାନେ ପରାମର୍ଶ କରିଥିଲେ । କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୪ ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇଥିଲେ। ଶେଷରେ ସହଭୋଜର କାର୍ଯ୍ୟକ୍ରମ ହୋଇଥିଲା । ଏହାକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଜିଲା ପ୍ରଚାରକ ମୋହନ ଭାଇ ପରିଚାଳନାରେ ସହଯୋଗ କରିଥିଲେ ।


ଯୁବ କର୍ମକର୍ତ୍ତା ସମ୍ମିଳନୀରେ ଯୋଗଦେଇଥିବା ଯୁବକର୍ମକର୍ତ୍ତା ଗଣ।

ନିଖୋଜର ୨ଦିନ ପରେ

# ପୋଖରୀରୁ ମୃତଦେହ ଉଦ୍ଧାର

ଖଡିଆଳ,୧୧।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ସୁନାରୀସିକୁଆଁ ଗାଁର ଜଣେ ବ୍ୟକ୍ତି ନିଖୋଜ ହେବା ୨ ଦିନ ପରେ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ହେଲେ ହେମଲାଲ ହରିଜନ (୫୦) । ଖବର ପାଇ ଖଡିଆଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ସୂଚନା ଅନୁସାରେ ସୁନାରୀସିକୁଆଁ ଗାଁରେ ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ ଗତ ଶୁକ୍ରବାର ରାତିରେ ନାଟକ ଚାଲିଥିଲା । ହେମଲାଲ ଶୁକ୍ରବାର ରାତିରେ ନାଟକ ଦେଖିବାକୁ ଯାଇ ଘରକୁ ଫେରି ନ ଥିଲେ । ପରିବାର ଖୋଜାଖୋଜି ପରେ ମଧ୍ୟ ତାଙ୍କ କୌଣସି ସୁରାକ ପାଇ ନ ଥିଲେ । ରବିବାର ସକାଳେ ଗାଁ କିଛି ଲୋକେ ଆଡଭଙ୍ଗା ପୋଖରୀରେ ଗାଧୋଇବା ପାଇଁ ଯାଇଥିବା ବେଳେ ଏକ ଶବ ଭାସୁଥିବା ଦେଖି ଏହା ହେମଲାଲାଙ୍କ ଜାଣି ପରିବାରକୁ ଜଣାଇଥିଲେ। ପରିବାର ଲୋକେ ଆସି ତାହା ହେମଲାଲଙ୍କ ବୋଲି ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ଶବ ଉଦ୍ଧାର କରି ତଦନ୍ତ ଜାରି ରଖିଛି ।

# ଦେବଦମ୍ପତି ସମ୍ମିଳନୀ, ଭୂମିପୂଜନ ସମାରୋହ

ସିନାପାଲି,୧୧।୧୧(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଗାୟତ୍ରୀ ଶକ୍ତିପୀଠର ୩୨ତମ ବାର୍ଷିକ ଉତ୍ସବ ସହ ଆଗାମୀ ଡିସେମ୍ବରରେ ହେବାକୁ ଥିବା ଚବିଶ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ତଥା ମା' ମହାଲକ୍ଷ୍ମୀଙ୍କ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ରବିବାର ଭୂମିପୂଜନ ଓ ଦେବଦମ୍ପତି ସମ୍ମିଳନୀ ସ୍ଥାନୀୟ ଯଜ୍ଞ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ସିନାପାଲି ଗାୟତ୍ରୀ ଶକ୍ତିପୀଠ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଡ଼ୋଶୀ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ଜିଲା ତଥା ଛତିଶଗଡ଼ରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ । ପ୍ରାୟ ୧୦୦୮ ଦେବ ଦମ୍ପତି ପୂଜା ବିଧିରେ ଅଂଶ ଗ୍ରହଣ କରି ଏକ ସଫଳ ଦାମ୍ପତ୍ୟ ଜୀବନର ନିର୍ବାହ ସହ ଆଦର୍ଶ ସମାଜ ଗଠନ ନିମନ୍ତେ ସଂକଳ୍ପ କରିଥିଲେ । ଏହି ଅବସରରେ ଶାନ୍ତିକୁ ହରିଦ୍ୱାରରୁ ଆସିଥିବା ଟୋଲି ମୁଖ୍ୟ ସଦାନନ୍ଦ ଯାଦବ ଏବଂ ଭଉଣୀ ଅର୍ଚ୍ଚନାଙ୍କ ତତ୍ତ୍ୱାବଧାନରେ ଭୂମି ପୂଜନ ଓ ଦେବ ଦମ୍ପତି ସମ୍ମିଳନୀ ଅନୁଷ୍ଠିତ ହେବା ସହ ପ୍ରବଚନ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା । ସିନାପାଲି ଥାନା ଅଧିକାରୀ ଜ୍ୟୋତିରନ ଗୌଡ ଚବିଶ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ନିମନ୍ତେ ଶୁଭଖମ୍ବ ସ୍ଥାପନ କରିଥିଲେ । ସମସ୍ତଙ୍କ ନିମନ୍ତେ ଅନ୍ନ ଭୋଜନ ବ୍ୟବସ୍ଥା କରାଯାଇଥିବା ବେଳେ ସିନାପାଲି ଗାୟତ୍ରୀ ଶକ୍ତିପୀଠ ସମସ୍ତ କାର୍ଯ୍ୟକର୍ତ୍ତା, ଆଦର୍ଶ ୟୁଥ୍ କ୍ଲବ୍, ଫ୍ରେଣ୍ଡସ କ୍ଲବ, ନେତାଜୀ ଯୁବକ ସଂଘ, ସ୍ୱର ସଙ୍ଗମ କଳା ପରିଷଦ ସଦସ୍ୟ ବୃନ୍ଦ, ଶାନ୍ତିନଗର ମହିଳା ମଣ୍ଡଳ, ସିନାପାଲି ହାଇସ୍କୁଲ ପଡା ପ୍ରଜ୍ଞା ମହିଳା ମଣ୍ଡଳ, ମା' ଲକ୍ଷ୍ମୀ ମହିଳା ମଣ୍ଡଳ, ସିନାପାଲି ଉଚ୍ଚ ବିଦ୍ୟାଳୟର ରେଡ୍‌କ୍ରସ, ଏନ୍‌ସିସି, ସ୍କାଉଟ୍ ଛାତ୍ରୀଛାତ୍ର, ହାତୀବନ୍ଧା ପ୍ରଜ୍ଞାପୀଠର କର୍ମକର୍ତ୍ତା ଓ ମହିଳା ମଣ୍ଡଳ, ଦେଓଭୋଗ, କାଣ୍ଡେକେଲା, ନୂଆପଡା, ଖଡିଆଳ, କଳାହାଣ୍ଡି ଅଞ୍ଚଳରୁ ବହୁ ସଂଖ୍ୟାରେ ଗାୟତ୍ରୀ ପରିଜନ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୧୯ ରେ ହେବାକୁ ଥିବା ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ସଫଳତା ନିମନ୍ତେ ଆଗାମୀ ଡିସେମ୍ବର ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଏଠାରେ ଚବିଶ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ।


ଦେବଦମ୍ପତି ସମ୍ମିଳନୀ ଓ ଭୂମି ପୂଜନ ଉତ୍ସବ ସମାରୋହରେ ଉପସ୍ଥିତ ଅତିଥି ।

ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି

# ପ୍ରଶାସନିକ ତଦନ୍ତ ଆରମ୍ଭ

## ସୁନାରୀସିକୁଆଁ ପଞ୍ଚାୟତ

ଖଡିଆଳ,୧୧।୧୧(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ସୁନାରୀସିକୁଆଁ ପଞ୍ଚାୟତରେ ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ ନ କରି ଲକ୍ଷାଧିକ ଟଙ୍କାର ଅର୍ଥ ହେରଫେର ହୋଇଛି । ଏ ନେଇ ଗାଁର ପରମେଶ୍ୱର ବାରିକ ନାମକ ଯୁବକ ଅଭିଯୋଗ କରିଥିଲେ । ବ୍ଲକ କାର୍ଯ୍ୟାଳୟରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଦୃଷ୍ଟି ଆକର୍ଷଣ ସର୍ତ୍ତେ ମଧ କୌଣସି ସୁଫଳ ନ ମିଳିବାରୁ ଗତ ୧୯ ସେପ୍ଟେମ୍ବର ୨୦୧୮ରେ ଉକ୍ତ ଅଭିଯୋଗ ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ଲିଖିତ ଭାବେ ଅଭିଯୋଗ କରିଥିଲେ । ଏହା ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା ପିଏମଓ-ଡି- ୨୦୧୮-୦୩୪୨୪୯୭ ଅନୁଯାୟୀ ନୂଆପଡା ଜିଲା ପ୍ରଶାସନକୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ କରି ଶନିବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବୃଷଭ ନାଏକ ସୁନାରୀସିକୁଆଁ ଗାଁରେ ପହଞ୍ଚି ହୋଇଥିବା ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତିର ତଦନ୍ତ ଆରମ୍ଭ କରିଛନ୍ତି । ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଏକ ୩ ଜଣିଆ କମିଟି ଗଠନ କରି ସୁନାରୀସିକୁଆଁ ପଞ୍ଚାୟତରେ ହୋଇଥିବା ଦୁର୍ନୀତିର କାଗଜାତ ଯାଞ୍ଚ କରିବା ସହ ଦୁର୍ନୀତି ହୋଇଥିବା ପ୍ରକଳ୍ପଗୁଡିକ ପରିଦର୍ଶନ କରିଥିଲେ । ଗାଁରେ ପୃଥକ ଭାବେ କାର୍ଯ୍ୟରେ ନିୟୋଜିତ ଶ୍ରମିକଠୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏପିଓ, ଗ୍ରାମ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏପିଓ, ଗ୍ରାମ ରୋଜଗାର ସେବକ, ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରି ବୁଝିଥିଲେ । ଏଥିସହ ତଦନ୍ତ ପରେ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜଣାପଡିଛି ।


ଗାଁରେ ପହଞ୍ଚି ଟିମ୍ ତଦନ୍ତ କରୁଛନ୍ତି ।

# ଅଜଣା ରୋଗରେ ଆକ୍ରାନ୍ତ ଭାଗୀରଥି

## ଅର୍ଥାଭାବରୁ ଚେରିମୂଳିରେ ଚାଲିଛି ଚିକିତ୍ସା

ଜୁନାଗଡ,୧୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ଗ୍ରାମର ଦୁର୍ଗା ନିମୁଲିଆଙ୍କ ପୁଅ ଭାଗୀରଥି (୬)। ଅଜଣା ରୋଗରେ ଆକ୍ରାନ୍ତ ଭାଗୀରଥି ଦିନକୁ ୨/୩ ଥର ଅଚେତ ହୋଇ ପଡିଯାଉଛନ୍ତି। ଯାହାକୁ ନେଇ ଏବେ ତାଙ୍କ ବାପା ଦୁର୍ଗା, ମା' ଗଙ୍ଗାବାଲି ଚିନ୍ତାରେ ପଡିଛନ୍ତି। ପାଖରେ ଅର୍ଥ ନ ଥିବାରୁ ପୁଅର ଚିକିତ୍ସା କରି ନ ପାରି ଏବେ ଚେରମୂଳିର ଆଶ୍ରୟ ନେଇଛନ୍ତି। ପ୍ରକାଶ ଯେ, ଭାଗରଥି ଜନ୍ମ ହେବାର କିଛି ଦିନ ପରେ ତାଙ୍କ ପେଟ ଫୁଲିବା ଆରମ୍ଭ ହୋଇଥିଲା। ପରିବାରବର୍ଗ ଏହା ଦେଖି ସ୍ଥାନୀୟ ଡାକ୍ତରଙ୍କୁ ଦେଖାଇଥିଲେ। ଭାଗୀରଥିଙ୍କ ଅସ୍ତ୍ରୋପଚାର କରାଗଲେ ଭଲ ହେବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ପରିବାରବର୍ଗ ଧାରକରଜ କରି ଜନ୍ମ ହେବାର ୨୧ ଦିନ ପରେ ଭାଗୀରଥିଙ୍କୁ ରାୟଗଡା ଜିଲା ବିଶମକଟକସ୍ଥିତ ଡାକ୍ତରଖାନାରେ ଅସ୍ତ୍ରୋପ୍ରଚାର କରାଇଥିଲେ। କିଛି ମାସ ପରେ ଭାଗୀରଥିଙ୍କ ଦେହରେ ହଠାତ ଅଚେତ ହୋଇ ପଡିଯିବା ଭଳି ଏକ ଅଜଣା ରୋଗ ଦେଖିବାକୁ ମିଳିଥିଲା। ଭାଗୀରଥି ଚାଲୁ ଥିବାବେଳେ ମଧ ହଠାତ୍ ପଡିଯାଇ ଅଚେତ ହୋଇ ପଡୁଛନ୍ତି। ସେହିପରି ଶୋଇବା ବେଳେ ମଧ ଅଚେତ ହୋଇଯାଉଛନ୍ତି। ଅଚେତ ହେବା ପୂର୍ବରୁ ଜୋରରେ ଏକ କାନ୍ଦର ସ୍ୱର ଶୁଣିବାକୁ ମିଳିଥାଏ, ପରେ ସେ ଅଚେତ ହୋଇପଡେ ବୋଲି ପରିବାରବର୍ଗ କହନ୍ତି । ଅଚେତ ହେବାର ଅଧା ଘଣ୍ଟା କିମ୍ବା ଘଣ୍ଟାଏ ଭାଗୀରଥିଙ୍କୁ ଗୋଡହାତ ଘଷାଘଷି କଲେ ସେ ଉଠିଥାନ୍ତି। ଦାରିଦ୍ର୍ୟର ସୀମାରେଖା ତଳେ ବାସ କରୁଥିବା ଦୁର୍ଗା ପ୍ରତିଦିନ କୁଲିମଜୁରୀ କାମ କରିବାକୁ ଯାଇଥାନ୍ତି। ଯେଉଁ ଦିନ କାମ କରିବାକୁ ଯାଆନ୍ତି ସେ ଦିନ ତାଙ୍କଘର ଚୁଲି ଜଳିଥାଏ, ନଚେତ ଭୋକରେ ରହିବାକୁ ପଡିଥାଏ ବୋଲି ଦୁର୍ଗାଙ୍କ ସ୍ତ୍ରୀ ଗଙ୍ଗାବାଲି କହନ୍ତି । ଏଭଳି ପରିସ୍ଥିତିରେ ଦୁର୍ଗାଙ୍କୁ ପାଇଁ ପରିବାର ଚଳାଇବା କଷ୍ଟକର ହୋଇପଡିଥିବା ବେଳେ ପୁଅର ଚିକିତ୍ସା ଅସମ୍ଭବ। ଅର୍ଥଭାବରୁ ଭାଗୀରଥିଙ୍କୁ ଡାକ୍ତରଖାନା ନିଆଯାଇପାରୁନାହିଁ। ଫଳରେ ଘରେ ଏବେ ଚେରମୂଳିରେ ତାଙ୍କ ଚିକିତ୍ସା ଚାଲିଛି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟିଦେଇ ଭାଗୀରଥିଙ୍କୁ ଚିକିତ୍ସା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କୁ ପଚାରିବାରୁ ଶୀଘ୍ର ତାଙ୍କ ଘରେ ପହଞ୍ଚି ଭାଗୀରଥିଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।


ମା'ଙ୍କ ସହ ଭାଗୀରଥି।



“ ମନୁଷ୍ୟର ନିନ୍ଦିବା, ପ୍ରଶଂସା ସତ୍ୟର ମାପକାଠି ନୁହେଁ, ସେ ଦୁଇଟି ଆମକୁ ସାହାଯ୍ୟ କରେ ନିଜକୁ ପରୀକ୍ଷା କରିବା ପାଇଁ।
- ଗୁରୁ ନାନକ

## ସଂକ୍ଷେପରେ



### ଫୁଟବଲ ଟୁର୍ନାମେଣ୍ଟ: ଶିରାବାହାଲ ଚାମ୍ପିୟନ

**ଦେଓଗାଁ,୧୧।୧୧ (ଡି.ଏନ.ଏ.):** ଦେଓଗାଁ ନେହେରୁ ଖେଳ ପଡିଆରେ ଦେଓଗାଁ ବିଜୁ ଯୁବ ବାହିନୀ ତରଫରୁ ୨ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଜରାସିଂହା ଓ ଶିରାବାହାଲ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଶିରାବାହାଲ ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲା। ସଞ୍ଜୀବ କର୍ତ୍ତି ଖେଳ ପରିଚାଳନା କରିଥିବା ବେଳେ ଉମା ନାୟକ ଓ ଅଜୁ ଘିଭେଲା ଲାଇନମ୍ୟାନ ଦାୟିତ୍ୱ ନିର୍ବାହ କରିଥିଲେ। ସମୀର କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଡା. ଶଶି ଭୂଷଣ ସାହୁ, ବିଶ୍ୱଜିତ ପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

ବିଜେଡି କର୍ମୀ ସମାବେଶ

# କେନ୍ଦ୍ର ବିରୋଧରେ ଗର୍ଜିଲେ ନେତା

**ଖପ୍ରାଖୋଲ,୧୧।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହାଇସ୍କୁଲ ଖେଳ ପଡିଆଠାରେ ବିଜୁ ଜନତା ଦଳର ବିଶାଳ କର୍ମୀ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି । ଯୁବ ନେତା ସରୋଜ ମେହେରଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ବ୍ଲକ ସଭାପତି ସତ୍ୟନାରାୟଣ ମେହେର ଅଧ୍ୟକ୍ଷତା କରିଥିଲେ। ଅତିଥି ରୂପେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଭବାନୀ ଶଙ୍କର ହୋତା, ମହମ୍ମଦ ସଲିମ୍, ବନମାଳୀ ଖମାରୀ, ପଞ୍ଚୁଦେବ ସାହୁ, ମଧୁସୂଦନ ଦାଶ, ରାଜକୁମାର ପାଣିଗ୍ରାହୀ, ଗଣେଶ କୁମ୍ଭାର, ଗୋବିନ୍ଦ ବାରିକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାର ବିରୋଧରେ ବର୍ଷି ଥିଲେ। ପ୍ରତି କ୍ଷେତ୍ରରେ କେନ୍ଦ୍ର ଅବହେଳା କରୁଥିବାବେଳେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି, ଆବଶ୍ୟକ ଜିନିଷର ଦର



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃମଣ୍ଡଳୀ ।

ଦାମ ବୃଦ୍ଧି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଭଳି ବିଭିନ୍ନ ସମସ୍ୟା ପାଇଁ କେନ୍ଦ୍ର ଦାୟୀ ବୋଲି ନେତାମାନେ କହିଥିଲେ। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ସହ ପିଲା ଜନ୍ମଠୁ ଶ୍ମଶାନ ଯାଏଁ ରାଜ୍ୟ ସରକାରଙ୍କ ଲୋକାଭିମୁଖି ଯୋଜନା ଅବତାରଣା କରିଥିଲେ। ତୃଣମୂଳ ସ୍ତରରୁ ଦଳକୁ ସଂଗଠିତ କରି ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ବିଧାୟକ ଏବଂ ବଲାଙ୍ଗୀର ଏମପି ପ୍ରାର୍ଥୀଙ୍କୁ ଜିତେଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେଭାଜପା ଏବଂ କଂଗ୍ରେସର ଶତାଧିକ କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇ ଥିଲେ। ଯୁବ ନେତା ସରୋଜ ମେହେର ଏହି ନୂଆ କର୍ମୀଙ୍କୁ ସ୍ୱାଗତ କରିଥିଲେ। କଳାକାହ୍ନୁ ବାରିକ, ଶୋଭନମୟ ମିଶ୍ର, ବଂଶୀଧର ବେହେରା, ଶିବ ଛତର, ଖୁଲଣା ଧରୁଆ, ପ୍ରଦୀପ ପୁରୋହିତ, ଗଣେଶରାମ ଭୋଇ, ଛେଲିଆ ମାଝି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ମହନ ସୁନା ଏବଂ ଦିଲୀପ ମେହେର ପରିଚାଳନା କରିଥିଲେ ।

# ବିଭିନ୍ନ ସ୍ଥାନରେ ଜାତୀୟ ଶିକ୍ଷା ଦିବସ

**ବଙ୍ଗୋମୁଣ୍ଡା,୧୧।୧୧ (ଡି.ଏନ୍.ଏ.)**

ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଜନ୍ମ ଜୟନ୍ତୀ ଓ ଜାତୀୟ ଶିକ୍ଷା ଦିବସ ବଙ୍ଗୋମୁଣ୍ଡା ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନମାନଙ୍କରେ ଅନୁଷ୍ଠିତ ହୋଇଯାଇଛି । ବଙ୍ଗୋମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ଲୁକାପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ବିନୋଦିନୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧନକର୍ମୀ ସଂଜୟ କୁମାର ପ୍ରଧାନୀ ଯୋଗ ଦେଇଥିଲେ । ଜୟକୃଷ୍ଣ ମେହେର, ମେନକା ପୁଟେଲ, ସୁବ୍ରତ ରାୟ ପ୍ରମୁଖ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଚମାରପଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ସତନାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଜୟ କୁମାର ପ୍ରଧାନୀ ଯୋଗ ଦେଇଥିବାବେଳେ ଶିକ୍ଷକ ହରିରାମ ସତନାମୀ, ତ୍ରିବ୍ରରାଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ବଙ୍ଗୋମୁଣ୍ଡା ବାଳକ ପ୍ରାଥମିକ ବିଦ୍ୟାଳୟରେ ପ୍ରମୋଦ ଷଡଙ୍ଗୀଙ୍କ ସଭାପତିତ୍ୱରେ, ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାର୍ବତୀ ମେହେରଙ୍କ ସଭାପତିତ୍ୱରେ, ଗୋହିରାପଦର ପ୍ରାଥମିକ ବିଦ୍ୟାଳୟରେ ସବିତା ଦାସଙ୍କ ସଭାପତିତ୍ୱରେ, ଗୋହିରାପଦର ନୋଡାଲ ଏମ୍‌ଇସ୍କୁଲରେ ଶରତଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଏହି ଦିବସ ପାଳିତ ହୋଇଛି। ଭାଲୁମୁଣ୍ଡା କ୍ଲଷ୍ଟର ସିଆର୍‌ସିସି ଦେବରାଜ ମେହେରଙ୍କ ତତ୍ତ୍ୱାବଧାନରେ ଭାଲୁମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ କୈଳାଶ ଚନ୍ଦ୍ର ଭୋଇ ସଭାପତିତ୍ୱ କରିଥିଲେ। ଭାଲୁମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସନ୍ନ୍ୟାସୀ ବାରିକଙ୍କ ସଭାପତିତ୍ୱରେ, କଲୋନିପଡା ପ୍ରାଥମିକ ବିଦ୍ୟାଳୟରେ ରୁକ୍ମିଣୀ ଶବରଙ୍କ ସଭାପତିତ୍ୱରେ, ଓଡିଶା ଆଦର୍ଶ ବିଦ୍ୟାଳୟରେ ବୃନ୍ଦାବନ କଅଁରଙ୍କ ସଭାପତିତ୍ୱରେ ଏହି ଦିବସ ପାଳିତ ହୋଇଛି। ଶିକ୍ଷା ସମ୍ବନ୍ଧୀୟ ସଚେତନତା ବାର୍ତ୍ତାର ପ୍ଲାକାର୍ଡ ଧରି ଛାତ୍ରୀଛାତ୍ରୀ ନଗର ପରିକ୍ରମା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଜାତୀୟ ଶିକ୍ଷା ଦିବସ ଅବସରରେ ଏକ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶୋଭାଯାତ୍ରାରେ ବାହାରୁଛନ୍ତି।

# ଆଜିଠୁ ସୁରେନ୍ଦ୍ର ମେମୋରିଆଲ ଅଲ୍‌ଓଡ଼ିଶା ଫୁଟବଲ

**ଦେଓଗାଁ,୧୧।୧୧ (ଡି.ଏନ.ଏ.)**

ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଜରାସିଂହା ମିନିଷ୍ଟାଡିୟମରେ ସୋମବାରଠାରୁ ୪ର୍ଥ ସୁରେନ୍ଦ୍ର ମେହେର ସ୍ମାରକୀ ଅଲ ଓଡିଶା ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏ ନେଇ ସ୍ଥାନୀୟ କୃଷିସେବା ସମବାୟ ସମିତି ପରିସରରେ ରବିବାର ସନ୍ଧ୍ୟାରେ ସଭାପତି ସୁରେଶ କୁମାର ମେହେରଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆ ଯାଇଛି। ବ୍ରଜେନ୍ଦ୍ର ନାରାୟଣ ଆଥଲେଟିକ ଆସୋସିଏସନର ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ସୋମବାର ଉଦ୍‌ଘାଟନୀ ଦିବସରେ ଜରାସିଂହା (ବିଏନଏଏ) ଓ ଫୁଲବାଣୀ ମହାବୀର କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ୧୩ତାରିଖ ମଙ୍ଗଳବାର ରାୟଗଡା ଟାଉନ ସ୍ପୋର୍ଟିଂ କ୍ଲବ ଓ ବୌଦ୍ଧ ଗେହ୍ଲା ମାଁ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ୧୪ ତାରିଖରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ। ୧୫ ତାରିଖରେ ଭବାନୀପାଟଣା ଗୁଡ ମର୍ଣ୍ଣିଙ୍ଗ କ୍ଲବ ଓ କୋରାପୁଟ ଦାମନଯୋଡି କ୍ଲବ, ୧୬ ତାରିଖରେ ସମ୍ବଲପୁର ଇଲେଭେନଷ୍ଟାର ଓ ନୂଆଁପଡା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ମଧ୍ୟରେ ଖେଳ ଅନୁଷ୍ଠିତ ହେବ। ୧୭ ତାରିଖରେ ଦ୍ୱୀତିୟ ସେମିଫାଇନାଲ ଅନୁଷ୍ଠିତ ହେବ। ୧୮ ତାରିଖରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଫାଇନାଲ ଖେଳ ପୂର୍ବରୁ ବିଶେଷ ଆକର୍ଷଣ ଭାବେ ସମ୍ବଲପୁର ଓ ଝାରସୁଗୁଡାର ମହିଳାଦଳ ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ଖବରଦାତା ସମ୍ମିଳନୀରେ ସୁନ୍ଦରମଣି ଦଣ୍ଡସେନା, ଜମିଦାର ଦୁର୍ଗାପ୍ରସାଦ ସିଂ ଦେଓ, କୈଳାସ କର୍ତ୍ତି, ପ୍ରମୋଦ କୁମାର ବହିଦାର, ରମେଶ କୁମାର ସା ଓ ଜିତୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ସୁରେନ୍ଦ୍ର ମେହେର ସ୍ମାରକୀ ଅଲ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ ପାଇଁ ଖବରଦାତା ସମ୍ମିଳନୀରେ ଆୟୋଜକ ସୂଚନା ଦେଉଛନ୍ତି ।

# ବିନା ସୁରକ୍ଷାରେ କାମ କରୁଛନ୍ତି ରେଳ ଠିକାଶ୍ରମିକ

**କିର୍ମିରା,୧୧।୧୧(ଡି.ଏନ୍.ଏ.)**

ଝାରସୁଗୁଡା ଧୁତୁରା ରେଳ ସଂପ୍ରସାରଣ କାମ ଆଗେଇ ଚାଲିଥିବା ବେଳେ ଏହାର ନିର୍ମାଣରେ ନିୟୋଜିତ ଶ୍ରମିକ ବିନା ସୁରକ୍ଷାରେ କାମ କରୁଥିବା ଦେଖାଯାଇଛି। ରେଳ ବିଭାଗ ଟେଣ୍ଡର ଯୋଗେ ଠିକା ସଂସ୍ଥାକୁ ଏହାର ନିର୍ମାଣ ଦାୟିତ୍ୱ ପ୍ରଦାନ କରିଛି। ଠିକାଦାର ସ୍ଥାନୀୟ ଶ୍ରମିକଙ୍କୁ ଏଥିରେ ନିୟୋଜିତ କରିଛନ୍ତି । ତେବେ କାମ କରୁଥିବା ଶ୍ରମିକଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇନଥିବାରୁ ଶ୍ରମିକଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି ।

ଡକରାରେ କଂଗ୍ରେସ କର୍ମୀ ସମ୍ମିଳନୀ

# ସଂଗଠନ ମଜଭୁତ ଉପରେ ଗୁରୁତ୍ୱାରୋପ



ଅତିଥିଙ୍କୁ ସ୍ୱାଗତ କରୁଛନ୍ତି କର୍ମୀ।

**ବେଲପଡା,୧୧।୧୧ (ଡି.ଏନ.ଏ.)**

ବେଲପଡା ବ୍ଲକ ଡକରା ଗ୍ରାମରେ ଜୋନସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ରବିବାର ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମହାବୀର ପ୍ରସାଦ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମରେନ୍ଦ୍ର ମିଶ୍ର, ରମେଶ ପୁରୋହିତ, ନାରାୟଣ ଠାକୁର, ପ୍ରକାଶ ପରୋହିତ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୁର୍ନୀତି ବିଷୟରେ ବିଷୋଦଗାର କରିଥିଲେ। ଏହି କର୍ମୀ ସମ୍ମିଳନୀରେ ସୁଲେକେଲା, ବାହାବଲ, ମଧ୍ୟପୁର, ସିହିନୀ ପଞ୍ଚାୟତର ବିଭିନ୍ନ ଗ୍ରାମରୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ତେବେ ଭାଜପା ଓ ବିଜେଡି ଦଳକୁ ଛାଡି ୫୦ଜଣ ସଭ୍ୟ କଂଗ୍ରେସରେ ଯୋଗ ଦେଇଥିଲେ। ଦଳ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ବିଜେଡି ଓ ଭାଜପାର ଶାସନ ବିଷୟରେ କର୍ମୀଙ୍କୁ ଅବଗତ କରିବା ସାଙ୍ଗେ ସାଙ୍ଗେ ଦଳୀୟ ସଂଗଠନକୁ ମଜବୁତ କରିବା ପାଇ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ ନେତା। ଆସନ୍ତା ନିର୍ବାଚନରେ କଂଗ୍ରେସ ଦଳ ଯେପରି କ୍ଷମତାକୁ ଆସିବ ସେ ଉପରେ ଗୁରୁତ୍ୱ ଦେବା ପାଇଁ କର୍ମୀମାନଙ୍କୁ ନେତା କହିଥିଲେ। ସଭାରେ ବସନ୍ତ ମାଝି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟେମ୍ପୁ ନାଏକ, କାର୍ତ୍ତିକ ବନଛୋର, ବସନ୍ତ ବୁଡେକ, ଗୌରଚରଣ ବେହେରା, ବିଦ୍ୟା ପାତ୍ର, ଗୌର ଚରଣ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର
ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

### ସମଲେଇଙ୍କ ପୂଜାସ୍ଥଳ ଜମି ଅକ୍ତିଆରକୁ ବିରୋଧ

**ଲଖନପୁର,୧୧।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତେଲେନପାଲି ଗ୍ରାମରେ ଥିବା ସମଲେଇଙ୍କ ପୂଜାସ୍ଥଳ ଜମିକୁ ରବିବାର ବିକ୍ରମ ପ୍ରଧାନ ନାମକ ବ୍ୟକ୍ତି ଜେସିବି ଲଗାଇ ଅକ୍ତିଆର କରୁଥିଲେ। ଏହା ଜାଣିବା ପରେ ଗ୍ରାମବାସୀ ତାଙ୍କୁ ବିରୋଧ କରିଥିଲେ। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏନେଇ ବନହରପାଲି ଥାନାରେ ପହଞ୍ଚି ପୋଲିସକୁ ଅବଗତ କରିଥିଲେ। ବିକ୍ରମଙ୍କ ଏଭଳି କାର୍ଯ୍ୟ ଗ୍ରାମବାସୀଙ୍କ ଧାର୍ମିକ ଭାବାବେଗକୁ କୁଠାରାଘାତ କରିଛି। ପୂର୍ବପୁରୁଷରୁ ଏଠାରେ ଗ୍ରାମବାସୀ ମା’ ସମଲେଇଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି। ଏହି ପୂଜାସ୍ଥଳକୁ ଜଣେ ବ୍ୟକ୍ତି ଅକ୍ତିଆର କରିବାକୁ ନେଇ ଗ୍ରାମବାସୀ ଦୃଢ଼ ନିନ୍ଦା କରିଛନ୍ତି। ଏନେଇ ଗ୍ରାମବାସୀ ବିକ୍ରମଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ପୁରୁଷୋତ୍ତମ ଭୋଇ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ଆଲୋଚନା କରିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## GANGADHAR MEHER UNIVERSITY, SAMBALPUR

No. 5522/GMU Date: 10.11.18

**QUOTATION CALL NOTICE**

Sealed quotations are invited from Regd. firms with valid GST / TAN / PAN number for printing and supply of high Security Digital Printed Degree Certificates and Mark sheet for the use of o/o CoE, of this University. The certificates in A4 Size to be printed with minimum 15 security features and have to be Non-tearable, Water-proof, Termite Proof, Rodent Proof, Temper Proof and 100 years of shelf-life. Quotations should reach the office of the undersigned latest by **3.00 PM of 26.11.2018**. The sealed cover should be superscribed with “printing of high Security Digital Printed Degree Certificates”.

The quotation will be opened on **same day (26.11.2018) at 4.00 PM** in the presence of the bidders. The undersigned reserves the right to cancel or reject any bidder without assigning any reason thereof. Interested firms may visit the university website **www.gmuniversity.ac.in** for details.

**Sd./- Registrar**

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍‌ସ୍-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲଥ ଇନ୍‌ସୁରାନ୍‌ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452



ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

M. GROUP FINANCE CO.
DIWALI OFFER (Govt. Approved)



• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

### ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୨ ନଭେମ୍ବର, ୨୦୧୮



ଯଦି ତୁମେ ଚାହୁଁଛ ଯେ ଲୋକ ତୁମକୁ ପ୍ରଶଂସା କରନ୍ତୁ, ତେବେ କଦାପି ଆତ୍ମପ୍ରଶଂସା କରନାହିଁ।
- ସକ୍ରେଟିସ



## ସଂକ୍ଷେପରେ



### କନିଷ୍ଠ ଗଣିତ ଅଲିମ୍ପିଆଡ ପ୍ରସ୍ତୁତି କାର୍ଯ୍ୟକ୍ରମ

**ଦେଓଗାଁ,୧୧।୧୧ (ଡି.ଏନ.ଏ.):** ଦେଓଗାଁ ବ୍ଲକ ଉପରଝର ଆଞ୍ଚଳିକ ହାଇସ୍କୁଲରେ ରବିବାର ଜୁନିୟର ମ୍ୟାଥମେଟିକ୍ସ ଅଲିମ୍ପିଆଡ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୌତମ ପଟେଲଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମ୍ୟାଥମେଟିକ୍ସ ଅଲିମ୍ପିଆଡ ସଂଯୋଜକ କୃଷ୍ଣ ମୋହନ ମାହାଣା ଯୋଗ ଦେଇଥିଲେ। ଆସନ୍ତା ଡିସେମ୍ବର ୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜୁନିୟର ମ୍ୟାଥମେଟିକ୍ସ ଅଲିମ୍ପିଆଡ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ର ପ୍ରସ୍ତୁତି ହୋବାକୁ ବିଷଦ ଆଲୋଚନା କରିବା ସହ ମାର୍ଗଦର୍ଶନ କରିଥିଲେ। ଏଥିରେ ନିଲେନ୍ଦୁ ବେହେରା, ନିଶିକାନ୍ତ ହାତୀ, ଅନ୍ତର୍ଯ୍ୟାମି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଞ୍ଚଳିକ ହାଇସ୍କୁଲର ସମସ୍ତ ଛାତ୍ରୀଛାତ୍ର ଓ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ଥିଲେ। ରାଧାକାନ୍ତ ପଧାନ, ଝସକେତନ ସାହୁ, ସୂର୍ଯ୍ୟମଣି ବୁଢ଼ିଆ, ନରେଶ କୁମାର ସାହୁ, ପଞ୍ଚାନନ ବାରିକ, ଶଙ୍କର ପଧାନ, କଳାକାହ୍ନୁ ସାହୁ, ଘନଶ୍ୟାମ ସାହୁ, ରଞ୍ଜୁକ ପଧାନ ପ୍ରମୁଖ ସହଯୋଗ କରିଥିଲେ।

### ୩ ମାସ ହେଲା ଲୋକେ କିରୋସିନ ପାଇ ନାହାନ୍ତି

**ଦେଓଗାଁ,୧୧।୧୧ (ଡି.ଏନ.ଏ.):** ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତରେ ଆଜକୁ ୩ ମାସ ହେଲା ପିଡିଏସ କିରୋସିନ ବଣ୍ଟନ ବନ୍ଦକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସର ପିଡିଏସ କିରୋସିନ ହିତାଧିକାରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ଶେଷ ଥର ଲାଗି ଜୁଲାଇ ମାସ ୨୧ ତାରିଖରେ ୨୨ଶହ ଲିଟର କିରୋସିନ ଆସିଥିଲା। ତେବେ ବ୍ଲକ ଯୋଗାଣ କର୍ତ୍ତୃପକ୍ଷ କହିଛନ୍ତି ଯେ, କିରୋସିନ ବଣ୍ଟନ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ହେବା ପରେ କିରୋସିନ ବଣ୍ଟନ ବନ୍ଦ କରି ଦିଆଯାଇଛି। ଦିନେ ଦୁଇ ଦିନ ମଧ୍ୟରେ ପଞ୍ଚାୟତ ମାଧ୍ୟମରେ କିରୋସିନ ବଣ୍ଟନ ଆରମ୍ଭ କରାଯିବ।

**ଆଜି କ'ଣ କେଉଁଠି**
ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଆମେ ଚାହୁଁ ଟିଟିଲାଗଡ଼ ଜିଲା

**ଟିଟିଲାଗଡ଼, ୧୧।୧୧ (ଡି.ଏନ.ଏ.)**




ଟିଟିଲାଗଡକୁ ଜିଲା ଦାବିରେ ରବିବାର ଖବରଦାତାମାନେ ଧାରଣା ଦେଇଛନ୍ତି।

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ପ୍ରଦାନ ଦାବି ରବିବାର ୧୧ତମ ଦିବସରେ ଉପନୀତ ହୋଇଛି। ଦାବିକୁ ସମର୍ଥନ ପୂର୍ବକ ଗତ ୧ ତାରିଖଠାରୁ ଜାରି ରହିଥିବା ଗଣଧାରଣାରେ ରବିବାର ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଖବରଦାତା ସାମିଲ ହୋଇଥିଲେ। ପୌର ପରିଷଦ କଲ୍ୟାଣ ମଣ୍ଡପଠାରୁ ଖବରଦାତାମାନେ ଏକ ଶୋଭାଯାତ୍ରାରେ ବାହାରି ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଧାରଣା ମଞ୍ଚରେ ପହଞ୍ଚି ଗଣଧାରଣାରେ ସାମିଲ ହୋଇଥିଲେ। ଦୟାନିଧି ସାହୁ, ଈଶ୍ୱର ଜୈନ, ଜଗଦୀଶ ଜୈନ, ଶରତ ମିଶ୍ର, ଦିଲୀପ ପୁରୋହିତ, ଶ୍ରୀବତ୍ସ ବେହେରା, ଦୀପକ ସମ୍ପାଦାର, ସଞ୍ଜୟ ବେହେରା, ସତ୍ୟବ୍ରତ ପଣ୍ଡା, ଉତ୍ତମା ନାୟକ, ଅନିଲ ତ୍ରିପାଠୀ, ତରୁଣ ବେହେରା, ରାଖାଲ ଶତପଥୀ, ଅଶୋକ ନାରାୟଣ ଭୋଇ, ଭୁଲେଶ୍ୱର ହଂସ, ଦିନେଶ ଜୈନ, ନିମାଇଁ ବଘାର, ଦୁର୍ଗା ମହାକୁର, ଦୀପକ ପାଣିଗ୍ରାହୀ ପ୍ରମୁଖ ଟିଟିଲାଗଡ ଅଞ୍ଚଳର ୩୪ ଜଣ ଖବରଦାତା ଏହି ଗଣଧାରଣାରେ ସାମିଲ ହୋଇଥିଲେ। ଅବହେଳିତ ଟିଟିଲାଗଡ ଉପଖଣ୍ଡରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଦୀର୍ଘ ୨୬ ବର୍ଷ ଧରି ଜାରି ରହିଥିବା ଜିଲା ଦାବିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରହଣ ପୂର୍ବକ ତୁରନ୍ତ ଟିଟିଲାଗଡ ଜିଲା ଘୋଷଣା କରନ୍ତୁ ବୋଲି ଦାବି କରାଯାଇଛି। ଅନ୍ୟପକ୍ଷେ ଜିଲା କ୍ରିୟାନୁଷ୍ଠାନ କମିଟିର ଡାକରା ନେଇ ସହରରେ ୧ କିଲୋମିଟର ବ୍ୟାପୀ ମାନବ ଶୃଙ୍ଖଳ ସୃଷ୍ଟି ସହ ଆନ୍ଦୋଳନରେ ହଜାର ହଜାର ଜିଲା ଦାବି ସମର୍ଥକ ସାମିଲ ହୋଇଥିଲେ। ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଟିଟିଲାଗଡ ବାର ଆସୋସିଏସନ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଯୁଗ୍ମ ଆବାହକ ତଥା ବାର ସମ୍ପାଦକ ଲଳିତ ମୋହନ ତାଣ୍ଡି, ମୁଖପାତ୍ର ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ, ରବିକିରଣ ସ୍ୱାଇଁ, ମୋହନଲାଲ ଜୈନ, ଡ. ବିନୋଦ ବିହାରି ଜାଲ, ଟିଟିଲାଗଡ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ପ୍ରଭାସ ବହିଦାର, ପ୍ରେମ ଜୈନ, ମାରୱାଡି ଯୁବମୋର୍ଚ୍ଚା ବରିଷ୍ଠ ସଦସ୍ୟ ଶମ୍ଭୁପ୍ରସାଦ ଗୋୟଲ, ଦେବାନନ୍ଦ ସାହୁ, ବିଶିଷ୍ଟ ଚାଷୀ ନେତା ବାଲକୃଷ୍ଣ ଷାଣ୍ଡ, ପ୍ରମୋଦ ପ୍ରଧାନ, ମନୋଜ ହାତି, ତପନ ଠାକୁର, ଚନ୍ଦ୍ରବଦନ ପୁରୋହିତ, ଆଦିବାସୀ ନେତା ହେମେନ୍ଦ୍ର ହାଁସଦା, ସୁଧୀର ଘଡେଇ, ଯୁବ ନେତା ଜିତୁ ସାହୁ, ପୁଷ୍ପ ଜୈନ, ରଞ୍ଜିତ ଆଡୱାଣୀ ପ୍ରମୁଖ ଶତାଧିକ ଜିଲା ସମର୍ଥକ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ କ୍ରିୟାନୁଷ୍ଠାନ କମିଟି ଆବାହକ ସାହୁ ଜିଲା ଦାବି ସମର୍ଥନରେ ଦସ୍ତଖତ ସଂଗ୍ରହ ଅଭିଯାନକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଟୁକୁନୀ ସାହୁ ଏବଂ ଆୟୁବ ଖାନ ପୂର୍ବରୁ ସମର୍ଥନ ଘୋଷଣା କରିଛନ୍ତି। ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ସୁରେନ୍ଦ୍ର ସିଂଭୋଇ ମଧ୍ୟ ଜିଲା ଦାବିକୁ ନିଜ ସମର୍ଥନ ଘୋଷଣା କରିଛନ୍ତି। ଭାଜପାର ତୁଙ୍ଗ ନେତା ମଧ୍ୟ ଜିଲା ଦାବି ସପକ୍ଷରେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏଣୁ ଜନତାଙ୍କ ଦାବି ନେଇ ମୁଖ୍ୟମନ୍ତ୍ରୀ ତୁରନ୍ତ ଟିଟିଲାଗଡ଼କୁ ଜିଲା ଘୋଷଣା କରନ୍ତୁ ବୋଲି ଦାବି ହୋଇଛି।



ସାଗର ପୁଟାଙ୍କ ସ୍ତ୍ରୀଙ୍କୁ ସରପଞ୍ଚ ଭେଟୁଛନ୍ତି।

## ଖୁରିପାଣିର ମୃତ ଦାଦନ ଶ୍ରମିକଙ୍କ ପରିବାରକୁ ସହାୟତା

**ଖପ୍ରାଖୋଲ,୧୧।୧୧(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଖୁରିପାଣି ଗାଁର ସାଗର ପୁଟା ଦାଦନ ଖଟିବାକୁ ଯାଇ ତେଲେଙ୍ଗାନାରେ ମୃତ୍ୟୁ ଘଟିଛି। ସାଗରଙ୍କ ପରିବାର ପାଖରେ ସ୍ଥାନୀୟ ସରପଞ୍ଚ ସବିତା ମେହେର ପହଞ୍ଚି ୨ ହଜାର ଟଙ୍କା ସହାୟତା ଦେଇଛନ୍ତି। ଅନ୍ୟାନ୍ୟ ସରକାରୀ ଯୋଜନାରେ ଏହି ପରିବାରକୁ ସାମିଲ କରିବା ପାଇଁ ସରପଞ୍ଚ ପ୍ରତିଶ୍ରୁତି ଦେଇଛନ୍ତି।

### କଣ୍ଟାବାଞ୍ଜି ଜିଲା ଦାବି ଜୋର ଧରିଲା

## ଚୂଡ଼ାନ୍ତ କମିଟି ଗଠିତ, ୧୩ରେ ବନ୍ଦ ଡାକରା

**କଣ୍ଟାବାଞ୍ଜି,୧୧।୧୧(ଡି.ଏନ.ଏ.)**

କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର କଣ୍ଟାବାଞ୍ଜି ପୌରାଞ୍ଚଳ, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକକୁ ନେଇ ସ୍ୱତନ୍ତ୍ର ନୂତନ ଜିଲା ଗଠନ ପାଇଁ ଦାବି ହେଉଛି । ସ୍ଥାନୀୟ ହେମାଲ ସଂଘଦ୍ୱାରା ରବିବାର ହେମାଲ ସଂଘ ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ଓ କଣ୍ଟାବାଞ୍ଜି ସହରର ୬୦ରୁ ଅଧିକ ସାମାଜିକ ସଂଗଠନ, କ୍ଲବ, ବୁଦ୍ଧିଜୀବୀ, ଆଇନଜୀବୀ ଏବଂ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ନଭେମ୍ବର ୧୩ ତାରିଖ କଣ୍ଟାବାଞ୍ଜି ବନ୍ଦ ଡାକରା ଦିଆଯାଇଛି । ହେମାଲ ସଂଘର ସଭାପତି ଶେଷଦେବ ପୁଟେଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ଗଠନ ପାଇଁ କଣ୍ଟାବାଞ୍ଜି ଜିଲା ସଂଘର୍ଷ କମିଟି ଗଠନ କରାଯାଇଛି। ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକର ସମସ୍ତ ପଞ୍ଚାୟତରେ ସ୍ୱତନ୍ତ୍ର ଭାବେ ଜିଲା ଗଠନ କମିଟି ଗଢାଯିବ। ଜିଲା ଘୋଷଣା ନ ହେବା ଯାଏ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି ।




କଣ୍ଟାବାଞ୍ଜି ଜିଲା ଦାବି ନେଇ ବୈଠକ ବସିଛି।

## ବିର୍ସା ମୁଣ୍ଡା ଜୟନ୍ତୀ ପ୍ରସ୍ତୁତି ବୈଠକ

**ବଙ୍ଗୋମୁଣ୍ଡା,୧୧।୧୧(ଡି.ଏନ୍.ଏ.)**

ବଙ୍ଗୋମୁଣ୍ଡା ଜିଲା ଆଦିବାସୀ କଲ୍ୟାଣ ସଂଘର କର୍ଯ୍ୟକାରିଣୀ ବୈଠକ ବଙ୍ଗୋମୁଣ୍ଡା ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଶରତ ଚନ୍ଦ୍ର ସିଂ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ୧୫ ତାରିଖରେ ପାଟଣାଗଡରେ ହେବାକୁ ଥିବା ବିର୍ସା ମୁଣ୍ଡା ଜୟନ୍ତୀ ନେଇ ଆଲୋଚନା ହୋଇଥିଲା। ଆଦିବାସୀମାନଙ୍କ ଭାଷା, ସଂସ୍କୃତି, ପୂଜାପାଠ, ଶିକ୍ଷା, ଅର୍ଥନୈତିକ ବିକାଶ ପାଇଁ ସାଲିସ ବିହିନ ସଂଗ୍ରାମ କରି ଶହୀଦ ବୀର ବିର୍ସା ମୁଣ୍ଡାଙ୍କ ସ୍ୱପ୍ନକୁ ସାକାର କରିବାକୁ ସଂକଳ୍ପ ନିଆଯାଇଥିଲା। ଡିଙ୍ଗର ଭୋଇ, ଉଜ୍ଜଳ ସିଂ ଭୋଇ, ସୁରେଶ ଭୋଇ, ମହାଦେବ ଭୋଇ, ସତ୍ୟନାରାୟଣ ଭୋଇ, ଜଗଦୀଶ ସିଂ ଭୋଇ, ଆର୍ତ୍ତତ୍ରାଣ ଭୋଇ, ଧରଣୀଧର ଭୋଇ, ଗଣେଷ ଭୋଇ, ପୁରୁଷୋତ୍ତମ ଭୋଇ, ପୁରନ୍ଦର ଭୋଇ, ନନ୍ଦ ଭୋଇ, ପ୍ରଭୁଲାଲ ମାଝୀ, ମନୋରଂଜନ ଭୋଇ, ଧନେଶ୍ୱର ଭୋଇ, ମାୟାଧର ବରିହା, ଲମ୍ବୋଧର କୁଅଁର, ଦଇତାରି ଭୋଇ, ଅଶୋକ ନାରାୟଣ ଭୋଇ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗାନ୍ଧୀ ଭବନରେ ଆଲୋଚନାଚକ୍ର



ଅତିଥି ଓ ଆଲୋଚକମାନେ ବର୍ଷୀୟାନ ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁଙ୍କୁ ଲୋକଉତ୍ସବ ସମ୍ମାନ ସମ୍ମାନ-୨୦୧୮ ପ୍ରଦାନ କରୁଛନ୍ତି ।

**ବଲାଙ୍ଗୀର ଅଫିସ, ୧୧।୧୧**

ସ୍ଥାନୀୟ ଗାନ୍ଧୀ ଭବନ ଠାରେ ବଲାଙ୍ଗୀର ୧୯ତମ ଲୋକଉତ୍ସବ ସମ୍ମାନ ସମିତି ପକ୍ଷରୁ ବଲାଙ୍ଗୀର-ପାଟଣାର ସାମାଜିକ ଓ ସାଂସ୍କୃତିକ ଜୀବନଧାରା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସମ୍ମାନ ସମିତି ଅଧ୍ୟକ୍ଷ ଜିଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚକ ଭାବେ ଡ. ଫଣିନ୍ଦମ ଦେଓ, ଡ. ସନ୍ତୋଷ କୁମାର ରଥ ଓ ଡ. ଶିବ ପ୍ରସାଦ ନନ୍ଦ ଯୋଗ ଦେଇଥିଲେ । ପ୍ରାକ୍ ଐତିହାସିକ ସମୟରୁ ୧୮୭୨ ମସିହା ପର୍ଯ୍ୟନ୍ତ ସାଂସ୍କୃତିକ ଓ ସାମାଜିକ ସ୍ଥିତି ବଲାଙ୍ଗୀର-ପାଟଣା ଅଞ୍ଚଳରେ ବିଶେଷ ବଳବତ୍ତର ନ ଥିଲେ ମଧ୍ୟ ଏଠାରେ ଏକ ଉର୍ଦ୍ଧ୍ୱମୁଖୀ ପ୍ରବାହର ଅନୁସରଣ ରହିଥିଲା। ଏହା ସ୍ୱୀକାର୍ଯ୍ୟ ବୋଲି ଆଲୋଚକ ଡ. ଦେଓ କହିଥିଲେ। ୧୯୭୨ ମସିହାରୁ ଅଦ୍ୟାବଧି ବଲାଙ୍ଗୀର ପାଟଣାର ସାଂସ୍କୃତିକ ଓ ସାମାଜିକ ଜୀବନଧାରାରେ ଅନେକ ବିକାଶ ଘଟିଛି। ଅର୍ଥନୈତିକ ଅଭିବୃଦ୍ଧିକୁ ବି ଅସ୍ୱୀକାର କରାଯାଇ ନ ପାରେ। ସାଂସ୍କୃତିକ କ୍ଷେତ୍ରରେ ଜନସଚେତନତାର ବିକଶିତ ହୋଇଛି। ସାମାଜିକ କ୍ଷେତ୍ରରେ ମଧ୍ୟ ବିକାଶର ଧାରା ବେଶ୍ ସ୍ପଷ୍ଟ ବୋଲି ଆଲୋଚକ ଡ. ରଥ କହିଥିଲେ । ଅନ୍ୟତମ ଆଲୋଚକ ଡ. ନନ୍ଦ ତାଙ୍କ ବକ୍ତବ୍ୟରେ ସାମୂହିକ ଭାବରେ ଦେଖିବାକୁ ଗଲେ ସାଂସ୍କୃତିକ ଓ ସାମାଜିକ ଜୀବନଧାରା ସ୍ୱାଭାବିକ ଭାବେ ବିକାଶମୁଖୀ ହୋଇଛି ବୋଲି କହିଥିଲେ। ଏହି ଅବସରରେ ବଲାଙ୍ଗୀରର ବର୍ଷୀୟାନ ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁଙ୍କୁ ଲୋକଉତ୍ସବ ସମ୍ମାନ ସମ୍ମାନ-୨୦୧୮ରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ସମ୍ମାନ ସମିତି ସହଅଧ୍ୟକ୍ଷ ସନାତନ ଠାକୁର ଆଭିମୁଖ୍ୟ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ଆନନ୍ଦଚନ୍ଦ୍ର ସାହୁ ସଂଯୋଜନା କରିଥିଲେ । ଶେଷରେ ସୁରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

## ଗୋଣ୍ଡ ଭବନ ଭିତ୍ତିପ୍ରସ୍ତର ସ୍ଥାପନ କଲେ ନରସିଂହ

**ବଲାଙ୍ଗୀର ଅଫିସ,୧୧।୧୧**



ବଲାଙ୍ଗୀରର ବିଧାୟକ ନରସିଂହ ମିଶ୍ର ଗୋଣ୍ଡ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

ବଲାଙ୍ଗୀରର ସନ୍ଥ ଭୀମ ଭୋଇ ମେଡିକାଲ କଲେଜ ରାସ୍ତାପାର୍ଶ୍ୱରେ ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଗୋଣ୍ଡୱାନା ଗୋଣ୍ଡ ସମାଜର ଗୋଣ୍ଡ ଭବନ ଭିତ୍ତିପ୍ରସ୍ତର ସ୍ଥାପନ କରଛନ୍ତି। ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ଏହି ଭବନ ତିଆରି ହେବ। ବିଧାୟକ ମିଶ୍ରଙ୍କୁ ଗୋଣ୍ଡୱାନା ଗୋଣ୍ଡ ସମାଜର ସହସ୍ରାଧିକ ଲୋକ ଏକ ବିରାଟ ମୋଟର ସାଇକଲ ରାଲିରେ ସହର ପରିକ୍ରମା କରାଇ ଭିତ୍ତିପ୍ରସ୍ତର ସ୍ଥଳକୁ ପାଛୋଟି ନେଇଥିଲେ । ସେଠାରେ ଗୋଣ୍ଡୱାନା ସମାଜର ଇଷ୍ଟଦେବୀଙ୍କୁ ପୂଜା କରିବା ପରେ ଗୋଣ୍ଡ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଗୋଣ୍ଡୱାନା ସମାଜ ସଭାପତି ଶ୍ୟାମ ସୁନ୍ଦର ଭୋଇ ଅତିଥିମାନଙ୍କୁ ଗୋଣ୍ଡୱାନା ପରମ୍ପରା କ୍ରମେ ପଗଡି ପ୍ରଦାନ କରିଥିଲେ। ଅତିଥି ପରିଚୟ ପରେ ଗତବର୍ଷ ଅନୁଷ୍ଠିତ ସର୍ବଭାରତୀୟ ଗୋଣ୍ଡୱାନା ସମାଜ ମହାସଭାରେ ମୁଖ୍ୟଅତିଥି ବିଧାୟକ ମିଶ୍ର ଦେଇଥିବା ପ୍ରତିଶ୍ରୁତି ମୁତାବକ ଗୋଣ୍ଡୱାନା ଭବନ ପାଇଁ ୧୦ ଲକ୍ଷ ଟଙ୍କା ଅର୍ଥ ବ୍ୟବସ୍ଥା କରିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ମିଶ୍ରଙ୍କୁ ସମାଜ ପକ୍ଷରୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବକ୍ତବ୍ୟ ରଖି ବିଧାୟକ ମିଶ୍ର ଗୋଣ୍ଡୱାନା ଗୋଣ୍ଡ ଆଦିବାସୀ ସମ୍ପ୍ରଦାୟ ପୂର୍ବରୁ କିଭଳି ବିଭିନ୍ନ କ୍ଷେତ୍ରରେ ସମୃଦ୍ଧ ଥିଲା ଓ ପରବର୍ତ୍ତୀ ସମୟରେ ବିଶେଷକରି ରାଜତନ୍ତ୍ର କାଳରେ କିଭଳି ସାମାଜିକ ଅସମାନତାର ଶିକାର ହେଲେ କହିଥିଲେ। ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା ପରେ ମଧ୍ୟ ଏହି ଆଦିବାସୀ ସମ୍ପ୍ରଦାୟ ଅବହେଳିତ ଅବସ୍ଥାରେ ରହିଛନ୍ତି ଓ ଏଥିରୁ ମୁକୁଳିବାକୁ ହେଲେ ଆମକୁ ଐକ୍ୟବଦ୍ଧ ସଂଗ୍ରାମ କରିବାକୁ ପଡିବ ବୋଲି କହିଥିଲେ। ପ୍ରତିଶ୍ରୁତି ମୁତାବକ ଗୋଣ୍ଡ ଭବନ ପାଇଁ ପାଣ୍ଠି ବ୍ୟବସ୍ଥା କରିବା ତାଙ୍କ କର୍ତ୍ତବ୍ୟ ଥିଲା। ଏହି ଭବନ ସମାଜର ଶିକ୍ଷା, ସଂସ୍କୃତି ତଥା ଏକତା କ୍ଷେତ୍ରରେ ଆହୁରି ଉନ୍ନତି ଆଣିବ ବୋଲି କହିଥିଲେ। ଏହି ଅବସରରେ ଗୋଣ୍ଡୱାନା ଭବନ ପାଇଁ ଜମିଦାନ କରିଥିବା ସଭ୍ୟ ଗଣନାଥ ଧରୁଆଙ୍କୁ ମୁଖ୍ୟ ଅତିଥି ବିଧାୟକ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ସମାଜର ପରମ୍ପରା ଅନୁଯାୟୀ ଉପସ୍ଥିତ ବରିଷ୍ଠ ସଭ୍ୟ ସୁଶୀଳ କୁମାର କୁଅଁରଙ୍କୁ ପଗଡି ପ୍ରଦାନ ପୂର୍ବକ ସମାଜର ଲୋକେ ଆର୍ଶୀର୍ବାଦ ନେଇଥିଲେ। ସମ୍ମାନିତ ଅତିଥି ଭାବେ ଚାଷୀନେତା ଡା ସୁଧୀର କୁମାର ପରିଚ୍ଛା, ବରିଷ୍ଠ କଂଗ୍ରେସ ନେତା ଅଶୋକ ନନ୍ଦ ମଧ୍ୟ ଉପସ୍ଥିତ ଥିଲେ । ବରିଷ୍ଠ ସଭ୍ୟ ବିନୋଦ ବିହାରୀ ମଲ୍ଲିକ ସଭା ପରିଚାଳନା କରିଥିଲେ। ରାମଚନ୍ଦ୍ର ଭୋଇ, ଶିଶିର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଗୋଣ୍ଡୱାନା ଷ୍ଟୁଡେଣ୍ଟ ୟୁନିୟନ ସଭାପତି ରାଜକିଶୋର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### କାନୁଟ ହାଇସ୍କୁଲର ମାଟ୍ରିକ ପ୍ରଥମ ବ୍ୟାଚର ବନ୍ଧୁମିଳନ ଉତ୍ସବ

## ଗୁରୁଙ୍କ ଅନୁଶାସନ ଛାତ୍ରଙ୍କୁ ଉଚିତ ମାର୍ଗଦର୍ଶନ ଦେଇଥାଏ

**ବେଲପଡା,୧୧।୧୧(ଡି.ଏନ.ଏ.)**

ବେଲପଡା ବ୍ଲକ କାନୁଟ ହାଇସ୍କୁଲର ମାଟ୍ରିକ ପ୍ରଥମ ବ୍ୟାଚ (୧୯୭୮-୮୨)ର ବନ୍ଧୁମିଳନ ଉତ୍ସବ ରବିବାର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ର ମାନେ ସେମାନଙ୍କ ଛାତ୍ରଜୀବନର ସ୍ମୃତିଚାରଣ କରିଥିଲେ। ଶିକ୍ଷକମାନଙ୍କ ଅନୁଶାସନ ଛାତ୍ରମାନଙ୍କୁ ଦିଗଦର୍ଶନ ଦିଏ ବୋଲି ପୁରାତନଛାତ୍ରମାନେ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। କାନୁଟ ଗ୍ରାମର ବୟୋଜ୍ୟୋଷ୍ଠ ତଥା ଅବସରପ୍ରାପ୍ତ ଶିକ୍ଷକ ତୁଳେଶ୍ୱର ପଧାନ, ଲଳିତ ମୋହନ ସାହୁ, ଝସକେତନ ନାଏକ, ରାଜକିଶୋର ପୃଷ୍ଟି, ଭିନସେନ ସାହୁ, ଦିଗାମ୍ବର କର, ବସନ୍ତ ସାହୁ, ଦିଗାମ୍ବର ତ୍ରିପାଠୀ, ଗିରିଧାରୀ ବେହେରା, ରବୀନ୍ଦ୍ର ନାୟକ, ମହାଦେବ ରଥ, ତ୍ରିଲୋଚନ ସାହୁ, ଘନଶ୍ୟାମ ପଧାନ, ଯୁଧିଷ୍ଠିର ଭରା ସାଗରିଆ ଅତିଥି ଭାବରେ ଯୋଗ ଦେଇଥିଲେ। ଶୁଭାଷିଶ ରଥ ତାଙ୍କ ମା' ସ୍ୱର୍ଗତା ଶୈଳବାଳା ରଥଙ୍କ ସ୍ମୃତିରେ କାନୁଟ ହାଇସ୍କୁଲକୁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ଚେକକୁ ଫିକ୍ସ ଡିପୋଜିଟ କରି ସୁଧ ଅର୍ଥରେ ପ୍ରତିବର୍ଷ ସ୍କୁଲର ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଦେବା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ସନାତନ ସେଠ, ମନୋଜ ସାହୁ, ଲଳିତ ସାହୁ, ବୃଷକେତୁ ବେହେରା ପ୍ରମୁଖ ପରଚାଳନାରେ ସହଯୋଗ କରିଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅତିଥି ଓ ପୁରାତନ ଛାତ୍ରଛାତ୍ରୀମାନେ।

## ରାସ୍ତାରେ ଅଳିଆ ଗଦା

**ବଙ୍ଗୋମୁଣ୍ଡା,୧୧।୧୧(ଡି.ଏନ୍.ଏ.)**

ବଙ୍ଗୋମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଲାଗି ରହିଥିବା ମୁଖ୍ୟ ରାସ୍ତା କଡରେ ଅଳିଆ ଗଦା ଯୋଗୁ ପରିବେଶ ଦୁର୍ଗନ୍ଧମୟ ହେଉଛି। ପୁଣି ଜାତୀୟ ରାଜପଥର ବଙ୍ଗୋମୁଣ୍ଡା-ଟିଟିଲାଗଡ ରାସ୍ତାର ବ୍ୟସ୍ତବହୁଳ ଚାରିଛକ ନିକଟରେ ମଧ୍ୟ ଅଳିଆ ଗଦା ହେଉଛି। ଏହି ବାଟେ ଯାଉଥିବା ଲୋକେ ନାକରେ ହାତ ନ ଦେଲେ ଯାଇ ପାରୁ ନାହାନ୍ତି। ସ୍ୱଚ୍ଛ ପରିବେଶ ପାଇଁ କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଅଜସ୍ର ଟଙ୍କା ଖର୍ଚ୍ଚ କରୁଛନ୍ତି, ହେଲେ ଏଠି ଏହି ଯୋଜନାର କିଛି ମୂଲ୍ୟ ନାହିଁ।

## ଏକଦିବସୀୟ ଫୁଟବଲ: ନଅଗାଁ(ଖ) ଚାମ୍ପିୟନ

**ଲୋଇସିଂହା, ୧୧।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଞ୍ଚାୟତ ଅଧୀନ ସୁଜିଆ ବିଜୁ ଯୁବବାହିନୀ ପକ୍ଷରୁ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଟାଇବ୍ରେକରରେ କୁଶଙ୍ଗକୁ ହରାଇ ନଅଗାଁ( ଖ)ଦଳ ଚାମ୍ପିୟନ ହୋଇଛି। ସୁଜିଆ ଖେଳପଡିଆଠାରେ ଆୟୋଜିତ ଟୁର୍ନାମେଣ୍ଟରେ ଆଖପାଖ ଗ୍ରାମର ୮ଟି ଦଳ ଅଂଶଗ୍ରହଣ କରିଥିଲେ। କୁଶଙ୍ଗ ଏବଂ ନଅଗାଁ(ଖ) ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ରେଫରି ଟାଇବ୍ରେକରର ନିଷ୍ପତ୍ତି ନେଇଥିଲେ। ଏଥିରେ ୨-୧ଗୋଲରେ ନଅଗାଁ(ଖ) ବିଜୟୀ ହୋଇଥିଲା। ସୁରେଶ ନାଏକ, ବିଜୟ ରଣା ଓ ସାଥୀ ଖେଳ ପରିଚାଳନା କରିଥିଲେ। ପଞ୍ଚାୟତ ଯୁବବାହିନୀ ସମ୍ପାଦକ ତନୁଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁନା ଭୋଇ, ବାବୁଲା କଦମ, ଅକ୍ଷୟ ସୁନା, ବୀଣା ନାଏକ ଅତିଥି ଭାବେ ଯୋଗଦେଇଥିଲେ।



ଫାଇନାଲ ମ୍ୟାଚ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଜୋନାଲ ଫରେଷ୍ଟ ସ୍ପୋର୍ଟ ମିଟ୍ ଉଦ୍‌ଘାଟିତ**
ବନ ବିଭାଗ ତରଫରୁ କୋରାପୁଟ ଓ ଭବାନୀପାଟଣା ଫରେଷ୍ଟ ସର୍କଲ କର୍ମଚାରୀ ଓ ଅଧିକାରୀମାନଙ୍କ ଜୋନାଲ ଫରେଷ୍ଟ ସ୍ପୋର୍ଟ ମିଟ୍ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି।

## ସଂକ୍ଷେପରେ




### ଲାଖପଦର ସାପ୍ତାହିକ ବଜାର ଉଦ୍‌ଘାଟିତ

ସେରଗଡ଼/କେସିଙ୍ଗା, ୧୧।୧୧ (ଡି.ଏନ.ଏ.) କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭୀମକେଲା ଗ୍ରାମ ପଞ୍ଚାୟତ ଲାଖପଦର ଗ୍ରାମରେ ଏକ ସାପ୍ତାହିକ ହାଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ନର୍ଲା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦୁର୍ଗାପାସାଦ ମହାନ୍ତି, ଜିଲା ପରିଷଦ ସଦସ୍ୟ ସରୋଜ ମାଝି, ଭୀମକେଲା ଗ୍ରାମପଞ୍ଚାୟତ ସମିତି ସଭ୍ୟ ମାଧବ କୁମାରଙ୍କ ଉପସ୍ଥିତିରେ ଗଣେଶଙ୍କ ପୂଜନ ଓ ଶ୍ରୀଫଳ ଭାଙ୍ଗି ଏହାର ଉଦ୍‌ଘାଟନ କରିଥିଲେ । ସପ୍ତାହକୁ ଥରେ ପ୍ରତି ଶୁକ୍ରବାର ଆରମ୍ଭ ହୋଇଥିବା ଏହି ହାଟରେ ବିଭିନ୍ନ ପନିପରିବା, ଖାଦ୍ୟଶସ୍ୟ, ଫଳମୂଳ, ଲୁଗାପଟା, ନିତ୍ୟ ବ୍ୟବହାର ସାମଗ୍ରୀ ଉପଲବ୍ଧ କରାଇବା ପାଇଁ ବେପାରୀମାନେ ଆଗ୍ରହ ପ୍ରକାଶ କରିଛନ୍ତି । ପ୍ରଥମ ଦିନରେ ନୂଆ ହାଟରେ ଲୋକେ ଖୁସୀର ସହ କିଣାବିକା କରିଥିଲେ । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗ୍ରାମର ଗୁଣନିଧି ସାହୁ, ନୌସେନା ସାହୁ, ଲଳିତ ମୋହନ ନାଏକ, ପ୍ରେମାନନ୍ଦ ସାହୁ, ଭୁବନେଶ୍ୱର ନାଏକ, ଧନଞ୍ଜୟ ମାଝି, ବନବିହାରୀ ଭୋଇ ଓ ହିରୋ ମହଲା ପ୍ରମୁଖ ସାମିଲ ହୋଇଥିଲେ। ନର୍ଲା ବ୍ଲକର ମୁସ୍କୁଟିଠାରେ ଶୁକ୍ରବାର ସାପ୍ତାହିକ ହାଟ ବସୁଥିବା ବେଳେ ଲାଖପଦର ସାପ୍ତାହିକ ହାଟ ବ୍ଲକ ଏକ ପ୍ରମୁଖ ରୂପେ ପରିଚିତ ହେବ ବୋଲି ମତ ପ୍ରକାଶ ପାଇଛି ।

### ନୂତନ କର୍ମକର୍ତ୍ତା ଗଠିତ

କୋକସରା,୧୧।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ବ୍ଲକରେ କାର୍ଯ୍ୟରତ ଖବରଦାତାମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଆମପାଣିସ୍ଥିତ ଡାକବଙ୍ଗଳାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ଲକରେ ଥିବା ବିଭିନ୍ନ ସମସ୍ୟା ସହ ଖବରଦାତାମାନଙ୍କ ସମସ୍ୟା ଏବଂ ଆଗାମୀ ଦିନରେ ସମାଜର ଉନ୍ନତି ପାଇଁ ବିକାଶମୂଳକ ଚିନ୍ତାଧାରା ସହ ଅଞ୍ଚଳର ଖବରକୁ ଲୋକଲୋଚନକୁ ଆଣିବା ପାଇଁ ଉଦ୍ୟମ କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ସର୍ବସମ୍ମତିକ୍ରମେ ବ୍ଲକ ସାମ୍ବାଦିକ ସଂଘ ଗଠିତ ହୋଇଛି । ଏଥିରେ ବ୍ଲକ ସାମ୍ବାଦିକ ସଂଘ ସଭାପତି ଭାବେ ବିଜୟ କୁମାର ପଣ୍ଡା, ଉପସଭାପତି ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ, ସାଧାରଣ ସମ୍ପାଦକ ଭାବେ ସନତ କୁମାର ପ୍ରଧାନୀ, କୋଷଧକ୍ଷ ଭୋଲାନାଥ ପଟେଲଙ୍କୁ ମନୋନୀତ କରାଯାଇଛି । ସଞ୍ଜୀବ କୁମାର ଦାସ, ଚକ୍ରଧର ବେଶ୍ରା, ଜଗଦିଶ ନାଏକ, ଯୋଗିନ୍ଦ୍ର ପ୍ରସାଦ ବାରିକ, ବସନ୍ତ କୁମାର ସରାବୁ, ତାପସ ରଞ୍ଜନ ରାଏ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ସଭାପତି ବିଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲା ତୈଳିକ ବୈଶ୍ୟ ସାହୁ ସମାଜର ବାର୍ଷିକ ମହୋତ୍ସବ

# ଇତିହାସରେ ଏ ଜାତିର ସ୍ୱତନ୍ତ୍ର ପରିଚୟ ରହିଛି


ବାର୍ଷିକ ମହୋତ୍ସବରେ ମଞ୍ଚାସୀନ ଅତିଥିଗଣ ।

- ରାଷ୍ଟ୍ରର ବିକାଶରେ ତୈଳିକ ସମାଜର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି
- ୨୦ ସ୍ୱର୍ଗୀୟ ବ୍ୟକ୍ତିଙ୍କ ଦାୟାଦଙ୍କୁ ମରଣୋତ୍ତର ଉପାଧିରେ ସମ୍ମାନିତ

କର୍ଲାମୁଣ୍ଡା,୧୧।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁଶୁର୍ଲାସ୍ଥିତ ସାହୁ ସମାଜ ପ୍ରକୋଷ୍ଠ ପଡିଆଠାରେ କଳାହାଣ୍ଡି ତୈଳିକ ବୈଶ୍ୟ ସାହୁ ସମାଜ ପକ୍ଷରୁ ଜିଲାସ୍ତରୀୟ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯୋରାଡବ୍ରା ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା ଆସି ମଞ୍ଚରେ ପହଞ୍ଚିଲା । ସେଠାରେ ମା'ଚଣ୍ଡୀ ସମଲେଇଙ୍କଠାରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲା ସଭାପତି ନିଳମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ତୈଳିକ ବୈଶ୍ୟ ସାହୁ ସମାଜ ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ରଘୁନାଥ ସାହୁ, ବିଶିଷ୍ଟ ଗବେଷକ ଡଃ ରାଜନ କୁମାର ସାହୁ ମୁଖ୍ୟବକ୍ତା, ଟିଟିଲାଗଡ ବିଧାୟିକା ଟୁକୁନି ସାହୁ, କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷା ନମିତାରଣୀ ସାହୁ, ବଲାଙ୍ଗୀର ଜିଲା ପରିଷଦ ଉପାଧକ୍ଷ ପାଣ୍ଡବ ସାହୁ, କିଶୋର କୁମାର ସାହୁ, ଡଃ ଝସକେତନ ସାହୁ (ନେଗୀ), ସଞ୍ଜୀବ କୁମାର ସାହୁ, ସୁରେଶଚନ୍ଦ୍ର ସାହୁ, ଉତ୍କଳମଣି ସାହୁ, କୀର୍ତ୍ତନ ସାହୁ, ଜୟଦେବ ସାହୁ, ଉମାକାନ୍ତ ସାହୁ, ଅନନ୍ତ ଚରଣ ସାହୁ, ସୂର୍ଯ୍ୟନାରାୟଣ ବେହେରା, ନବୀନ କୁମାର ସାହୁ, ଭରତ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଶଙ୍କର ପ୍ରସାଦ ସାହୁ, ରୋମାଞ୍ଚିଳ ସାହୁ (ବେହେରା) ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକତା ଭାତୃତ୍ୱ ଭାବ ଓ ସମନ୍ୱୟ ଠିକ ରହିଲେ ସାମାଜିକ ବିକାଶ ହୋଇପାରିବ ବୋଲି କହିଥିଲେ। ତୈଳିକ ବୈଶ୍ୟ ସାହୁ ସମାଜ ଏକ ସମୃଦ୍ଧଶୀଳ ଜାତି ଅଟେ। ଇତିହାସରେ ଏ ଜାତିର ସ୍ୱତନ୍ତ୍ର ପରିଚୟ ରହିଛି । ଅଧୁନା ସମାଜର ବହୁ ପୂର୍ବରୁ ଏଜାତିର ଲୋକଙ୍କ ମନରେ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକ ହୋଇଥିବା ପ୍ରମାଣ ରହିଛି। ତଥାପି ଶିକ୍ଷା ପ୍ରତି ଆମେ ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ସମାଜ କ୍ଷେତ୍ରରେ ଅବଦାନ ପାଇଁ ରଣଜିତ ସାହୁ (ସାପଲହରା), କୃଷ୍ଣଚନ୍ଦ୍ର ସାହୁ (ଅଇଁଲାପାଲି), ସୁଶିଳା ସାହୁ (ସାପଲହରା), ଉମାକାନ୍ତ ସାହୁ (ସାପଲହରା), ପଦ୍ମାବତୀ ସାହୁ (ମଶାଣିବନ୍ଧ)ଙ୍କୁ ସମ୍ମାନିତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ନନ୍ଦକିଶୋର ସାହୁ ବିବରଣୀ ପାଠ କରିଥିବା ବେଳେ ଜିଲା ସମ୍ପାଦକ ନବୀନ କୁମାର ସାହୁ ସମାଜର ଇତିବୃତ୍ତି ପାଠ କରିଥିଲେ। ସଭା କାର୍ଯ୍ୟକୁ ଦୁର୍ଗାପ୍ରସାଦ ସାହୁ, ସତ୍ୟନାରାୟଣ ସାହୁ, ପ୍ରଦୀପ କୁମାର ସାହୁ, ଉଜ୍ୱଳ କୁମାର ସାହୁ, ଲଲାଟେନ୍ଦୁ ସାହୁ, କୁଳମଣୀ ସାହୁ, ଗଜିନ୍ଦ୍ର ସାହୁ ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାର ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ଅଧକ୍ଷା ଅମ୍ରିତା ସାହୁ, ସମ୍ମାନିତ ଅତିଥି ଭାବେ ଡଃ. ବିଜୟ କୁମାର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟା ମାହେନ୍ଦ୍ରୀ ସାହୁ, ସୁନ୍ଦରଗଡ ଜିଲା କାର୍ଯ୍ୟକାରୀ ସଭାପତି ଜନାରଦନ ପୃଷେଠ, ସିନାପାଲି ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର କପିଳେନ୍ଦ୍ର ସାହୁ, ଉତ୍ସବ କମିଟି ସଭାପତି ମୁରଳୀଧର ସାହୁ, ସମ୍ପାଦକ ଟିକୁନୁ ସାହୁ ମଞ୍ଚାସୀନ ହୋଇଥିଲେ । ସମାଜର ସଙ୍ଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୨୦ ଜଣ ସ୍ୱର୍ଗୀୟ ବ୍ୟକ୍ତିଙ୍କ ଦାୟାଦଙ୍କୁ ମରଣୋତ୍ତର ଉପାଧିରେ ସମ୍ମାନିତ କରାଯାଇଥିଲା । ହେମ କିଶୋର ସାହୁ, ରାଷ୍ଟ୍ରପତି ସାହୁ, ରୋହିତ ସାହୁ, ଘାସିରାମ ସାହୁ, କିଶନଲାଲ ସାହୁ, ଚୁଡାମଣି ସାହୁ, ପ୍ରତାପ ସାହୁ, ସୁରେନ୍ଦ୍ର ସାହୁ, ଲକ୍ଷ୍ମୀପ୍ରସାଦ ସାହୁ, ମହେନ୍ଦ୍ର ସାହୁ, ପ୍ରସନ୍ନସାହୁ, ଅରବିନ୍ଦ ସାହୁ, ପଞ୍ଚମ ସାହୁ, କମଳ ସାହୁ, ଆଦିତ୍ୟ ସାହୁ, ଅବନି ସାହୁ ସହେଯାଗ କରିଥିଲେ। ହୃଷିକେଶ ସାହୁଙ୍କ ତତ୍ତ୍ୱାବଦାନରେ ତୈଳିକ ବୈଶ୍ୟ ସାହୁ ସମାଜର ଯୁବତୀଯୁବକଙ୍କୁ ନେଇ ସଙ୍ଗୀତ ଓ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। ଶେଷଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗିରିଗୋବର୍ଦ୍ଧନ ପୂଜା ଉଦ୍‌ଯାପିତ

ରିଷିଡା/ମଦନପୁର, ୧୧।୧୧ (ଡି.ଏନ.ଏ.) କଳାହାଣ୍ଡି ଜିଲା ରିଷିଡା ପୋଲିସ ଫାଣ୍ଡି ଅନ୍ତର୍ଗତ ମ-ରାମପୁର ବ୍ଲକ ଗୋଚ୍ଛାଡେଙ୍ଗେନ ପଞ୍ଚାୟତ ସିକେଲକୁପା ଗ୍ରାମର ମୁଗେଡୁଙ୍ଗୁରୀଠାରେ ୪୨ତମ ଗିରିଗୋବର୍ଦ୍ଧନ ପୂଜା ଉଦ୍‌ଯାପିତ ହୋଇଯାଇଛି । ଏହି ପୂଜାର ଅଧିବାସ ଦିନ ପୌରକେଲା ରାମଲୀଳା ନାଟକ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳ ସିଂଦେଓ ଯୋଗଦେଇଥିଲେ । ଦ୍ୱିତୀୟ ଦିବସରେ ଗୋବର୍ଦ୍ଧନ ପୂଜା ଓ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ନାମଯଜ୍ଞରେ ଅତିଥି ଭାବେ ଆର୍ତ୍ତତ୍ରାଣ ମହାପାତ୍ର ଓ କେଦାରନାଥ ରଣା ଯୋଗଦେଇ ଥିବା ବେଳେ ପୂଜାରେ କର୍ତ୍ତା ଭାବେ ସରୋଜ ପଧାନ ଓ ପଙ୍କଜିନୀ ପଧାନ ରହିଥିଲେ । ଉକ୍ତ ଦିନ ଡ୍ୟାନ୍ସ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିଲା । ତୃତୀୟ ଦିବସରେ ଡ୍ୟାନ୍ସ ଧମାକାରେ ମୁଖ୍ୟଅତିଥି ନର୍ଲା ବ୍ଲକ ଉପାଧକ୍ଷ ମୁନ୍ନା ମହାନ୍ତି ଓ ଅଧକ୍ଷା ମନୋରମା ମହାନ୍ତି ଯୋଗଦେଇଥିଲେ । ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଅଧକ୍ଷତା କରିଥିଲେ ଗିରୀଶ ଚନ୍ଦ୍ର ପଧାନ । ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଜୁନିୟର ବିଭାଗରେ ସୁନେଲି ବୁଡେକ ପୁରସ୍କାର ପାଇଥିବା ବେଳେ ସିନିୟର ବିଭାଗରେ ଭବାନୀପାଟଣାର ରୋହନ ପୁରସ୍କାର ପାଇଥିଲେ । କାର୍ଯ୍ୟକ୍ରମ ତରୁଣ ଭୋଇ ଓ ଶୁଭେନ୍ଦୁ ସୁନାନୀ ବିଚାରକ ଭାବେ ଯୋଗଦେଇଥିଲେ । ସଂଯୋଜନା ବିନୟ ସାହୁ କରିଥିବା ବେଳେ ଆଶିଷ ପଧାନ, ସୁନନ୍ଦ ପଧାନ, ଲିଲାମୟ ପଧାନ, ରୋସନ ଲାଲ ପଧାନ ପ୍ରମୁଖ ସହାୟତା କରିଥିଲେ ।



ଡ୍ୟାନ୍ସ ପ୍ରତିଯୋଗିତାରେ ଜଣେ କୃତୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି ।

## କଂଗ୍ରେସର ଜୋନସ୍ତରୀୟ କର୍ମୀ ସମ୍ମିଳନୀ


ଚାରବାହାଲରେ ଅନୁଷ୍ଠିତ ସମ୍ମିଳନୀରେ କଂଗ୍ରେସର ନେତା, କର୍ମୀବୃନ୍ଦ।

ଜୁନାଗଡ,୧୧।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲରେ ରବିବାର କଂଗ୍ରେସର ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଓ ପରିବର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଚାରବାହାଲ ଜୋନ ସଭାପତି ଚିତ୍ତରଞ୍ଜନ ନିଆଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ସମ୍ମାନିତ ଅତିଥି ଭାବେ ଜିଲା ସମ୍ପାଦକ ସୁଧାଂଶୁ ଶେଖର ବରାଡ, ଜିଲା ଯୁବ ସାଧାରଣ ସମ୍ପାଦକ ପ୍ରଭାତ ଦାଶ, ନାନ୍ଦୋଲ ଜୋନ ସଭାପତି ଆଲୋକ ମହାପାତ୍ର, ଦାସିଗାଁ ଜୋନ ସଭାପତି ଅଶୋକ ନାଏକ, ଶୈଳେନ୍ଦ୍ର ପାତ୍ର, ନୀଳମଣି ପୁଞ୍ଜି, ଅଭୟ କୁମାର, କ୍ଷୀରସିନ୍ଧୁ ନିଆଲ, ଆଶିଷ କୁମାର ପଣ୍ଡା, ରୋଚନ ବାଗ ପ୍ରମୁଖ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ବିଫଳତା ଉପରେ ବର୍ଷିଥିଲେ। ଚାରବାହାଲ ଜୋନ ସଭାପତି ଚିତ୍ତ ରଞ୍ଜନ ନିଆଲ ସ୍ଥାନୀୟ ଜୋନରେ ଦେଖାଦେଇଥିବା ବିଭିନ୍ନ ମୌଳିକ ସମସ୍ୟା ଉପରେ କହିବା ସହ ଆଗାମୀ ଦିନରେ ଏକ ଶୋଭାଯାତ୍ରା କରାଯାଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ଉପରେ ଲୋକଙ୍କୁ ସଚେତନ କରାଯିବ ବୋଲି କହିଥିଲେ। ଗୋକୁଳ ଚନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ।

## ବେଆଇନ ବାଲି ଚାଲାଣ, ୨ ଟ୍ରାକ୍ଟର ଜବତ

ଭବାନୀପାଟଣା,୧୧।୧୧ (ଡି.ଏନ.ଏ.) କଳାହଣ୍ଡି ଜିଲା କଲମପୁର ବ୍ଲକ ହାତୀନଦୀ କର୍ମେଲ ପୋଲ ନିକଟରୁ ବେଆଇନ ବାଲି ଚାଲାଣ ହେଉଥିବା ଖବର ପାଇ ଜୟପାଟଣା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ କଲମପୁର ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଚଢାଉ କରିଥିଲେ। ସେଠାରୁ ବାଲି ଚାଲାଣରେ ନିୟୋଜିତ ୨ଟି ଟ୍ରାକ୍ଟରକୁ ଜବତ କରିଛନ୍ତି । ଏହି ପୋଲ ନିକଟରୁ ବାଲି ଚୋରି ଟ୍ରାକ୍ଟର ମାଲିକ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ମଧୁଚନ୍ଦ୍ରୀଙ୍କ ଯୋଗୁ ଏହା ଏକ ବେପାର ପାଲଟିଛି । ପ୍ରତି ରବିବାର ଏଠାକୁ ଟ୍ରାକ୍ଟର ଆସୁଥିବା ବେଳେ ବାଲି ଉଠାଇଲେ ସରକାରୀ ନିୟମ ଅନୁଯାଇ ଦଣ୍ଡ ରହିଛି । କିନ୍ତୁ ଏଠି ନିୟମକୁ ଖୋଲା ଖୋଲି ଉଲ୍ଲଂଘନ କରାଯାଉଛି । କଲମପୁର ବ୍ଲକରେ କିଛି କର୍ମଚାରୀଙ୍କ ଅବହେଳା ଯୋଗୁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହେଉଛି । ଏବେ ଧରାପଡିଥିବା ଟ୍ରାକ୍ଟର ମାଲିକଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ କରାଯିବ ତାହା ଉପରେ ସମସ୍ତ ନଜର ରହିଛି ।

# ରବି ଚାଷ ପାଇଁ ୫୩, ୬୨୫ ହେକ୍ଟର ଚାଷଜମିକୁ ମିଳିବ ପାଣି

**ଇନ୍ଦ୍ରାବତୀ ପ୍ରକଳ୍ପ**

ଭବାନୀପାଟଣା,୧୧।୧୧(ଡି.ଏନ.ଏ.) ଇନ୍ଦ୍ରବତୀ ଜଳବିଦ୍ୟୁତ ପ୍ରକଳ୍ପରୁ ଚଳିତ ରବି ଚାଷ ପାଇଁ ଉଭୟ ବାମ ଓ ଦକ୍ଷିଣ କେନାଲ ପରିସରରେ ଜଳସେଚନ ପାଇଁ ଇନ୍ଦ୍ରବତୀ ଜଳ ସଂପଦ ବିଭାଗ ଚୂଡାନ୍ତ ଚିଠା ପ୍ରସ୍ତୁତ କରିଥିବା ବିଭାଗ ସୂତ୍ରରୁ ପ୍ରକାଶ। ଚଳିତ ରବିରେ ୮୭, ୫୦୪.୧୩୭ ହେକ୍ଟର ଜଳସେଚିତ ଇଲାକା ମଧ୍ୟରୁ ମୋଟ ୫୩,୬୨.୭୮୬ ହେକ୍ଟର ଜମିରେ ଜଳସେଚନ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଗତବର୍ଷ ଦକ୍ଷିଣ କେନାଲରେ ରବି ଜଳସେଚନକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଥିବା ବେଳେ ଚଳିତବର୍ଷ ଦକ୍ଷିଣ କେନାଲର ୮୪ କି.ମି. ପର୍ଯ୍ୟନ୍ତ ପାଣି ଦିଆଯିବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ ପାଇଛି। ଇନ୍ଦ୍ରବତୀ ଜଳସେଚନ ବ୍ୟବସ୍ଥାରୁ ଅଦ୍ୟାବଧି ଉଭୟ ବାମ ଓ ଦକ୍ଷିଣ କେନାଲକୁ ମିଶାଇ ୮୬,୫୦୪.୧୩୭ ହେକ୍ଟର ଅଞ୍ଚଳରେ ଜଳସେଚନର ସୁବିଧା ଥିବା ବେଳେ କେନାଲର ଅବ୍ୟବସ୍ଥା ଯୋଗୁ ଜଳଭଣ୍ଡାରରେ ଆବଶ୍ୟକ ମୁତାବକ ଜଳ ଗଚ୍ଛିତ ଥାଇ ସୁଦ୍ଧା ୫୬,୬୨୫.୭୮୬ ହେକ୍ଟର ଜମିରେ ରବି ଜଳସେଚନ ପାଇଁ ଚିଠା ପ୍ରସ୍ତୁତିକୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଭଳି ସ୍ଥିତିରେ ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ଆସୁଥିବା ୩୧ଟି ଗ୍ରାମର ୬୫୯୪,୧୫୪ହେକ୍ଟର ଜମିକୁ ଜଳସେଚନ ପାଇଁ ବିଭାଗ ଅସମର୍ଥ ଥିବା ଜଣାପଡିଛି । ସୂଚନାରୁ ଜଣାପଡିଛି, ଯେ ଚଳିତ ରବି ୨୦୧୯ ପାଇଁ ଜୟପାଟଣା ବ୍ଲକରେ ୫୬ଟି ଗାଁ ୧୨୯୮୪,୩୮୪ ହେକ୍ଟର, କଲମପୁର ବ୍ଲକର ୪୮ଟି ଗାଁର ୯୪୦୨.୯୫୪ହେକ୍ଟର, କୋକସରା ବ୍ଲକର ୧୨ଟି ଗ୍ରାମର ୧୮୪୩.୯୯୬ ହେକ୍ଟର, ଜୁନାଗଡ ବ୍ଲକର ୧୩୬ଟି ଗ୍ରାମର ୨୦.୧୭୩.୧୮୬ ହେକ୍ଟର ଓ ଧର୍ମଗଡ ବ୍ଲକର ୬୨ଟି ଗ୍ରାମର ୯୨୨୧.୨୬୬ ହେକ୍ଟର ଜମିରେ ରବି ଜଳସେଚନ ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଜଳସେଚନ ଜାନୁୟାରୀ ୧ରୁ ଆରମ୍ଭ ହେବ ବୋଲି ଜଣାପଡଛି । ଆସନ୍ତା ରବି ପାଇଁ ୬୨.୯୯% ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ସର୍ବାଧିକ ୮୬.୫୨%, ଧର୍ମଗଡ ନିର୍ବାଚନମଣ୍ଡଳୀର ୬୨.୮୬% ଓ ଜୁନାଗଡ ନିର୍ବାଚନମଣ୍ଡଳୀର ସର୍ବନିମ୍ନ ୪୯.୨୮% ପ୍ରତିଶତ ଜଳସେଚନର ଲକ୍ଷ୍ୟ ରଖାଯାଇଛି । ଚଳିତ ରବି ଋତୁରେ ଦକ୍ଷିଣ କେନାଲ ପରିଧିରେ କେନାଲ ମରାମତି ନାମରେ ବର୍ଷ ବର୍ଷ ଧରି ଆଶଙ୍କାରେ ରହି ଆସିଥିବା ଚାଷୀ ଅନ୍ତତଃ ଆଶ୍ୱସ୍ତ ହେବେ ବୋଲି ଆଲୋଚନା ହେଉଛି ।

## ମା' ସରସ୍ୱତୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା

ମଣ୍ଡଲ,୧୧।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଲ ପଞ୍ଚାୟତ ଭାଟିଗାଁଠାରେ ଶନିବାର ରାତିରେ ଦୀପାବଳି ଉପଲକ୍ଷେ ମା' ସରସ୍ୱତୀ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନୃତ୍ୟ ପ୍ରତିଯୋଗୀତାରେ ୧୭ଟି ନୃତ୍ୟ ପ୍ରତିଯୋଗୀ ଭାଗ ନେଇ ନିଜର ନୃତ୍ୟ କଳା ପ୍ରଦର୍ଶନ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ୫ଟି ଦଳକୁ ମନୋନୀତ କରି ପୁରସ୍କାର ଦିଆଯାଇଥିଲା। ସେମାନଙ୍କ ମଧ୍ୟରେ କିରଣ ସାଥି ବେହେରା ପ୍ରଥମ, ବିକେ ଟାଇଗର ବଡକୁଟ୍ରୁ ଡ୍ୟାନ୍ସ ଗ୍ରୁପ ଦ୍ୱିତୀୟ, ଦେବରାଜ ଗୁରୁ ଆମପାଣି ଦଳ ତୃତୀୟ, ଖମ୍ବେଶ୍ୱରୀ ଡ୍ୟାନ୍ସ ଗ୍ରୁପ ରାଜମୋଟେର ଚତୁର୍ଥ ଏବଂ ମିସ ଅଞ୍ଜୁ ଭବାନୀପାଟଣା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନଙ୍ଗସେନ ବାଗ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ହୁକମି ପାତ୍ର (ସୈନିକ ବିଭାଗ) ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ବୈକୁଣ୍ଠ ଭୋଇ, ଦଇତାରି ଭୋଇ, କୋଦଣ୍ଡ ବାଗ, ହରେଶ୍ୱର ଗହିର, ଯତିନ ଭୋଇ, ଫଗନୁ ବାଗ, ବୈବସ୍ୱତ ଲହଦଲ, ଉଦିତ ରଣା, ଟେବୁଲେସନ ଜଜ୍ ଭାବେ ନୃସିଂହ ଦାସ, ଧବଳେଶ୍ୱର ଝାଙ୍କର ପ୍ରମୁଖ ମଞ୍ଚାସୀନ ଥିଲେ। ନୃତ୍ୟ ପ୍ରତିଯୋଗିତାରେ ବିଚାରପତି ଭାବେ ଅନୁଷ୍ଠାନର ଲୋକେଶ୍ୱର ଝାଙ୍କର, ଅଭିନ ଚନ୍ଦ୍ର ଦାସ, ସୁବୋଧ ରଣା, ବବ୍ରୁବାହାନ ଲହଦଲ କାର୍ଯ୍ୟ ତୁଲାଇଥିବା ବେଳେ ଛନ୍ଦାଚରଣ ଝାଙ୍କର ମଞ୍ଚ ପରିଚଳନା କରିଥିଲେ। ମା' ସରସ୍ୱତୀ ସାଂସ୍କୃତିକ ଅନୁଷ୍ଠାନ ବାବା ଝାଙ୍କର, ସାନକୁନୁ ଝାଙ୍କର, ଉରିତ ପୂଝାରୀ, ଲେଲୁ ଲହଦଲ, ଜଗା ଦାସ, ଆଶିଷ ସାହୁ, ଚଇତନ ଝାଙ୍କର, ଚୁଡାମଣି ଝାଙ୍କର ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ପୁରସ୍କୃତ କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ରାଶି ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାରେ ବହୁ ଦର୍ଶକ ନୃତ୍ୟକଳାକୁ ଉପଭୋଗ କରିଥିଲେ ।


ଦୀପାବଳି ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତାରେ ପରିବେଷିତ ନୃତ୍ୟ ।

# ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟିତ

ଭବାନୀପାଟଣା,୧୧।୧୧(ଡି.ଏନ.ଏ.) ବନ ବିଭାଗ ତରଫରୁ କୋରାପୁଟ ଓ ଭବାନୀପାଟଣା ଫରେଷ୍ଟ ସର୍କଲର କର୍ମଚାରୀ ଓ ଅଧିକାରୀମାନଙ୍କ ୨ ଦିନିଆ ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ୨୦୧୮ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ମହାକ୍ରୀଡା ଉତ୍ସବରେ କଳାହାଣ୍ଡ, ବଲାଙ୍ଗୀର, ସୋନପୁର, ନୂଆପଡା, କୋରାପୁଟ, ମାଲକାନଗିରି, ରାୟଗଡା ଓ ନବରଙ୍ଗପୁର ଜିଲାରୁ ୨୨୫ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ୩୧ ଓ ପୁରୁଷ ୧୯୪ ଅଛନ୍ତି । ଟେରିଟୋରିୟାଲ୍, ୱାଇଲ୍ଡ ଲାଇଫ, କେନ୍ଦୁଲିଫ ଓ ଫରେଷ୍ଟ କର୍ପୋରେସନର କର୍ମଚାରୀମାନେ ଅଂଶ ଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୨ଟି ଟ୍ରାକ୍ ଇଭେଣ୍ଟ ଓ ୭ଟି ଫିଲ୍ଡ ଇଭେଣ୍ଟ କ୍ରିଡା ଅନୁଷ୍ଠିତ ହେବ। ଏଥିରେ କୃତିତ୍ୱ ପ୍ରତିଯୋଗିମାନେ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଭୁବନେଶ୍ୱରରେ ଅଂଶ ଗ୍ରହଣ କରିବେ। ସେଠାରେ କୃତିତ୍ୱ ପ୍ରତିଯୋଗିମାନେ ୨୪ତମ ଅଲ୍ ଇଣ୍ଡିଆ ଫରେଷ୍ଟ ମିଟ୍ ୨୦୧୮-୧୯ରେ ଛତିଶଗଡର ରାୟପୁରଠାରେ ଅଂଶ ଗ୍ରହଣ କରିବେ । ଶନିବାର ସକାଳେ ମା' ମାଣିକେଶ୍ୱରୀ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ର ବାହାରି ପଡିଆରେ ପହଞ୍ଚିବା ପରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡ ଜିଲାପାଳ ଡ.ପରାଗ ହରସଦ୍ ଗାଭାଲୀ ପତକା ଉତ୍ତଳନ କରି ଉଦ୍‌ଘାଟନ କରିଥିଲେ । କଳାହାଣ୍ଡି ସାଉଥ୍ ଡିଭିଜନ୍ ଡିଏଫ୍‌ଓ ଟି.ଅଶୋକ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ଆରସିସିଏଫ୍ ଭବାନୀପାଟଣା ସାର୍କଲ ଅଭିରାମ ନାଏକ, ଆରସିସିଏଫ୍ କୋରାପୁଟ ସାର୍କଲ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ କଳାହାଣ୍ଡି ଏସ୍‌ପି ବି. ଗଙ୍ଗାଧର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବଲାଙ୍ଗୀର ଡିଭିଜନ୍ କେନ୍ଦୁଲିଫ୍ ଡିଏଫ୍‌ଓ ପ୍ରଶନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରତିଯୋଗିତାକୁ ଜିଲା କ୍ରିଡାଅଧିକାରୀ ଶୁଭାଷିଶ ନାୟକ, ଇନ୍ସିପେକ୍ଟର ଫିଜିକାଲ ଏଜୁକେସନ୍ ଓ ୨୧ଜଣ ପିଇଟି ଏହି ସମସ୍ତ ପ୍ରତିଯୋଗିତା କରାଉଛନ୍ତି। ଏହି ପ୍ରତିଯୋଗିତାରେ ଇଣ୍ଡର ଇଭେଣ୍ଟରେ ବେଡମିଣ୍ଟନ, ଚେସ୍, ବ୍ରିଜ୍, କ୍ରୋମ ଓ ଟେବୁଲ ଟେନିସ ରହିଥିବା ବେଳେ ଆଉଟ ଡୋରଇଭେଣ୍ଟରେ ଲଙ୍ଗ ଟେନିସ, ବନ୍ଧୁକ ଚାଳନା ଓ ସନ୍ତରଣ ରହିଛି । ସେହିପରି ଟ୍ରାକ ଇଭେଣ୍ଟ, ଫିଲ୍ଡ ଇଭେଣ୍ଟ, ଭାରଉତ୍ତୋଳନ ଓ ପାୱାର ଲିଫଟିଂ ଆଦି ପ୍ରତିଯୋଗିତା ରହିଛି। ଏହି ଜୋନାଲସ୍ତରୀୟ ପ୍ରତିଯୋଗିତାର କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଆୟୋଜନ କରିଛନ୍ତି ।


ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟିତ ଅବସରରେ ଆୟୋଜିତ ମଶାଲ ଶୋଭାଯାତ୍ରା ।



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ସୁହୃଦ ସେବା ସଂଘର ୧୯ତମ ବାର୍ଷିକୋତ୍ସବ

ରାଉରକେଲା ଅଫିସ,୧୧।୧୧- ସେକ୍ଟର-୧୫ ରାଧାକୃଷ୍ଣ ମନ୍ଦିର ପରିସରରେ ସୁହୃଦ ସେବା ସଂଘର ୧୯ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସେକ୍ଟର-୬ କୁଷ୍ଠ କଲୋନୀରେ ବାସ କରୁଥିବା ୬୦ ଲୋକଙ୍କ ପାଇଁ ଅନ୍ନ ଓ ବସ୍ତ୍ର ଦାନ ବ୍ୟବସ୍ଥା କରାଯାଇଥିଲା। ପ୍ରାରମ୍ଭରେ ଆୟୋଜିତ ପ୍ରବଚନ ଶୁଣିବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏଥିରେ ଚିନ୍ମୟ ମିଶନର ସ୍ବାମୀ ନିର୍ଲିପ୍ତାନନ୍ଦ ସରସ୍ବତୀ ବକ୍ତବ୍ୟ ରଖି ପରୋପକାର ଓ ସେବା ଧର୍ମର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସେବା ସଂଘ ସଭାପତି ସନ୍ତୋଷ ମିଶ୍ର ସଙ୍ଗଠନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ନେଇ ସବିଶେଷ ଆଲୋଚନା କରିଥିଲେ। ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମ୍ପାଦକ ନୀଳାମ୍ବର ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଏନ୍ଆଇଟିରେ ଇନୋଭେଶନ କାର୍ନିଭାଲ

ରାଉରକେଲା ଅଫିସ,୧୧।୧୧




ଏନ୍ଆଇଟି ପରିସରରେ ଏକ ଅର୍ଗାନିକ୍ ଫାର୍ମ ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ।

ଜାତୀୟ ପ୍ରଯୁକ୍ତି ସଂସ୍ଥାନ (ଏନ୍ଆଇଟି)ରେ ଦୁଇଦିନିଆ ଇନୋଭେଶନ କାର୍ନିଭାଲ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଓରାମ କହିଥିଲେ, ଏହା ଏକ ଅଭିନବ ଚିନ୍ତାଧାରା। ଆଗକୁ ବଢ଼ିବାରେ ଏହା ନିଶ୍ଚିତ ସହାୟକ ହେବ। ପ୍ରଯୁକ୍ତି ବିଦ୍ୟାର କ୍ରମୋତ୍ଥାନ ଆଜି ପ୍ରଗତି କ୍ଷେତ୍ରରେ ବେଶ୍ ସହାୟକ ସାବ୍ୟସ୍ତ ହେବାରେ ଲାଗିଛି। ସମନ୍ୱୟ ରହିଲେ ଏହା ଅଧିକ ଫଳପ୍ରଦ ହୋଇପାରିବ ବୋଲି ଓରାମ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଓରାମ ଜୈବିକ ଚାଷ ପ୍ରକଳ୍ପର ଲୋକାର୍ପଣ କରି ଆଗାମୀ ଦିନରେ ଏହାର ସଫଳତା ଉପରେ ଆସ୍ଥା ପ୍ରକଟ କରିଥିଲେ। ସେ କହିଥିଲେ, ରାସାୟନିକ ସାର ପ୍ରୟୋଗ ଦ୍ୱାରା ମାଟିର ଉର୍ବରତା ନଷ୍ଟ ହେବାରେ ଲାଗିଛି। କ୍ରମଶଃ ଏହା ମୃତବତ୍ ଅବସ୍ଥାରେ ପହଞ୍ଚିଲାଣି। ଚାଷଜମିକୁ ରାସାୟନିକ ପ୍ରୟୋଗରୁ ମୁକ୍ତି ଦେବାକୁ ହେଲେ ଜୈବିକ ପ୍ରଣାଳୀକୁ ଆପଣାଇବାକୁ ପଡ଼ିବ। ଏ ନେଇ ଓଡ଼ିଶାର ଚାଷୀମାନେ ଆଗକୁ ଆସନ୍ତୁ ବୋଲି ଓରାମ ଆହ୍ୱାନ ଦେଇଥିଲେ। ଏଥିରେ ସ୍ମାର୍ଟ ସିଟି ସିଇଓ ରଶ୍ମିତା ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଏପରି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ନିଭାଲ ଅନେକ ଆଗ୍ରହୀଙ୍କ ପଥ ପ୍ରଦର୍ଶକ ଭାବେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ରୂପେ ଅନ୍ତର୍ଜାତୀୟ ଫେଶନ ଡିଜାଇନର ବିଭୁ ମହାପାତ୍ର ଯୋଗଦେଇ କହିଥିଲେ, ସୃଜନଶୀଳତାର ସର୍ବତ୍ର ଆଦର ରହିଥାଏ। ଏଠାରେ ଯେଉଁ ସମାବେଶ ଅନୁଷ୍ଠିତ ହେଉଛି ଏହା ତା'ର ପରିପ୍ରକାଶ ମାତ୍ର। ଆଗାମୀ ଦିନରେ ଏହା ସହରବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ଭାବେ କାର୍ଯ୍ୟ କରିବ ବୋଲି ମହାପାତ୍ର କହିଥିଲେ। ନିର୍ଦ୍ଦେଶକ ପ୍ରଫେସର ଆନିମେଶ ବିଶ୍ୱାସ କହିଥିଲେ, ଏନ୍ଆଇଟି ସର୍ବଦା ନୂତନତାର ଉତ୍କର୍ଷତାକୁ ଲୋକଲୋଚନକୁ ଆଣିବା ନେଇ ପ୍ରୟାସ ଜାରି ରଖିଛି। ଜୈବିକ ଚାଷର ବିକାଶ ଦ୍ୱାରା ଲକ୍ଷ୍ୟ ସାଧନ କରାଯାଇ ପାରିବ। ଏ ନେଇ ଏନ୍ଆଇଟିର ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ। ଏକାଡେମିକ ବିଭାଗ ଡିନ୍ ପ୍ରଫେସର କେ.କେ. ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ, ଶୈକ୍ଷିକ ଜୀବନ ବାହାରେ ଆମକୁ ଆଉକିଛି କରିବାର ଅଛି। ଯାହା ନୂତନ ସ୍ୱାଦ ଓ ଅନୁଭୂତି ପ୍ରଦାନ ସହ ସାମାଜିକ ସ୍ତରରେ ପ୍ରତିଫଳିତ ହୋଇପାରିବ। ସାମଗ୍ରିକ ପ୍ରଚେଷ୍ଟା ଦ୍ୱାରା ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ଆମେ କାମ କରିବା ଉଚିତ ବୋଲି ସେ କହିଥିଲେ। ପ୍ରଫେସର ରାଜୀବ ପଣ୍ଡା କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କିଛି ସଫଳ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ କସମୋପଲିଟାନ ଫେଷ୍ଟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଓଲିଉଡ୍ ଅଭିନେତା ଅଜିତ ଦାସ ଓ ପ୍ରଫେସର ମାୟା ଦାସ ଯୋଗଦେଇଥିଲେ।

## ମୋ ରାଉରକେଲା

### ସମ୍ପର୍କ ଡୋରିରେ ମତେ ବାନ୍ଧିଦେଇଛି ଏ ସହର



–ସୂର୍ଯ୍ୟମଣି ନାୟକ, ସଭାପତି, ସାରନଗରୀ ବଣିକ ସଂଘ।

ଇସ୍ପାତ ସହର ଏବେ ମହାନଗର ଓ ସ୍ମାର୍ଟ ସିଟିରେ ପରିଣତ ହୋଇସାରିଛି। ଏଠି ଦୀର୍ଘ ରହଣିର ଅନୁଭୂତି ମୋତେ ଅନନ୍ୟ ଆତ୍ମସନ୍ତୋଷ ପ୍ରଦାନ କରିଛି। ପିଲାଟି ବେଳୁ ଏ ମାଟି ସହ ଏକ ଆତ୍ମିକ ପରିଚୟ ସୃଷ୍ଟି ହୋଇଛି ମୋର। ପାଠପଢ଼ା, ସାଙ୍ଗସାଥୀ, ସାମାଜିକ ଜୀବନ ସହ କର୍ମାନୁଭୂତି ସବୁର ଅଯମାରମ୍ଭ ଏଇ ସହରରୁ। ମୂଳ ଜନ୍ମସ୍ଥାନକୁ ପଛରେ ଛାଡ଼ି ସୁନ୍ଦରଗଡ଼ର ରଙ୍ଗ ମାଟିକୁ ଆଦରି ନେଇଛି ଦୀର୍ଘବର୍ଷ ଧରି। ସମ୍ପର୍କ ଡୋରିରେ ବାନ୍ଧି ଦେଇଛି ଏ ସହର ମତେ। ଯେତେ ଜଞ୍ଜାଳ ଭିତରେ ରହିଲେ ବି କେବେ ମନରେ ମୋର ବିରକ୍ତି ଭାବ ଆସିନି। ନିଜ ବସ୍ତି, କଲୋନୀ ସହ ସୃଷ୍ଟି ହୋଇଛି ଏକ ଆବେଗତା। ସ୍ନେହ ମମତାର ସକାଳ କେବେ ଏଠି ସଞ୍ଜ ପର୍ଯ୍ୟନ୍ତ ଦୁର୍ବୋଧ ବୋଲି ଜଣାପଡ଼େନି। ସମ୍ପର୍କର ମଜବୁତପଣ କାହା ସହ କେବେ ମନାନ୍ତର ସୃଷ୍ଟି କରିପାରିନି। ବହୁ ଧର୍ମ, ଜାତି ଓ ସମ୍ପ୍ରଦାୟକୁ ନେଇ ମୂଳ ବନ୍ଧ ଏଠି ବେଶ୍ ମଜବୁତ। କିଏ କୁହେ ଏହା ଧୂଳିମଳିର ସହର ତ ଆଉ କିଏ ଭାବେ ଧୂମ ଲୋହିତ ବିବର୍ଣ୍ଣ ଇସ୍ପାତ ଆକାଶ। ହେଲେ ସବୁଜ ସୁନ୍ଦର ଇସ୍ପାତ ସହର ସବୁବେଳେ ସମସ୍ତଙ୍କୁ ପରଷି ଦେଇଛି ଆପଣାପଣର ମହକ ଓ ନିଚ୍ଛକ ବନ୍ଧୁପଣିଆର ଅଛିଣ୍ଡା ସମ୍ପର୍କ।

# କ୍ୟାନସର ରୋଗୀଙ୍କୁ ଗୁଣ୍ଡୁଚିର ସହାୟତା

ରାଉରକେଲା ଅଫିସ,୧୧।୧୧



ଗୁଣ୍ଡୁଚି ପକ୍ଷରୁ କ୍ୟାନସର ପୀଡ଼ିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ସାମାଜିକ ଅନୁଷ୍ଠାନ ଗୁଣ୍ଡୁଚି ପକ୍ଷରୁ ରବିବାର ଜଣେ କ୍ୟାନସର ରୋଗୀଙ୍କୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଝିରପାଣି ଅଞ୍ଚଳର ପାର୍ବତୀ ତନ୍ତୀ ଦୀର୍ଘଦିନ ହେବ ସ୍ତନକର୍କଟ ରୋଗର ଶିକାର ହୋଇ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଡାକ୍ତର ତାଙ୍କୁ କଟକ ଯାଇ ଚିକିତ୍ସିତ ହେବାକୁ ପରାମର୍ଶ ଦେଇଥିଲେ। ଦିନ ମଜୁରିଆ ଭାବେ କାମ କରୁଥିବା ତାଙ୍କ ସ୍ୱାମୀଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ କଟକ ଯାଇ ପାରୁ ନ ଥିଲେ। ତାଙ୍କ ଆବେଦନ କ୍ରମେ ଗୁଣ୍ଡୁଚି କର୍ମକର୍ତ୍ତା ଏହି ସହାୟତା ରାଶି ତାଙ୍କ ଭାଇ ଅରୁଣ ତନ୍ତୀଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଭଗବାନ ରାଉତ, କୁମୁଦ ରଞ୍ଜନ ମହାନ୍ତି, ଗୋବର୍ଦ୍ଧନ ସାମଲ, ଭରତ ଧଳ, ଅମୀୟ ଶତପଥୀ, ସତ୍ୟଜିତ ସୂତାର, ସରୋଜ ପାତ୍ର, ରାଜୀବ ବେହେରା, ଭଗବାନ ନାୟକ ଓ ଅମୂଲ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଇଣ୍ଡୋ ଇଂଲିଶ ମିଡିୟମ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

# ବିଜ୍ଞାନ ମନସ୍କ ହେବା ସମୟୋଚିତ ପଦକ୍ଷେପ

ରାଉରକେଲା ଅଫିସ,୧୧।୧୧

କଳ୍ପନା ଚାୱଲା ସାଇନ୍ସ କ୍ଲବ ଓ ଇଣ୍ଡୋ ଇଂଲିଶ ମିଡିୟମ ସ୍କୁଲ ପକ୍ଷରୁ ରବିବାର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଡିସକଭରି-୨୦୧୮ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ବିଦ୍ୟାଳୟ ପ୍ରତିଷ୍ଠାତା ଏମ୍.ବି. ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଆର୍ଏସ୍‌ପିର ବରିଷ୍ଠ ଅଧିକାରୀ ତଥା ଟାଉନ ସର୍ଭିସେସ ଡିଜିଏମ୍ (ଇନ୍‌ଚାର୍ଜ) ପ୍ରକାଶ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ନିଜ ସଂକ୍ଷିପ୍ତ ବକ୍ତବ୍ୟରେ କହିଥିଲେ, ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ମନସ୍କ କରାଇବା ଏକ ସମୟୋଚିତ ପଦକ୍ଷେପ। ପ୍ରାରମ୍ଭିକ ଅବସ୍ଥାରେ ବିଜ୍ଞାନ ସମ୍ପର୍କରେ ଜାଣିବା ଓ ନିଜକୁ ଏଥିରେ ନିମଜ୍ଜିତ କରିବା ଏକ ସୁନ୍ଦର ପ୍ରୟାସ। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ସୃଜନଶୀଳତା ବିକଶିତ ହେବ ବୋଲି ଦାସ ମତ ପ୍ରକାଶ କରିଥିଲେ। ଏଥିରେ ଏନ୍ଆଇଟି ପ୍ରଫେସର ଡି. ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ଏଭଳି ବିଜ୍ଞାନ ପ୍ରଦର୍ଶନୀ ସେମାନଙ୍କୁ ପ୍ରତିଯୋଗୀ କରି ଗଢ଼ି ତୋଳିବା ସହ ଦକ୍ଷତା ବିକାଶରେ ସହାୟକ ହୋଇପାରିବ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କେ.ବି. କର ଉପସ୍ଥିତ ରହି ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷା ମଞ୍ଜୁ ମୁଖାର୍ଜୀଙ୍କ ସମେତ ଏବକାର ଅଧ୍ୟକ୍ଷା ବାସନ୍ତୀ ମହାନ୍ତି ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଓ ସେମାନଙ୍କ ଯୁଗୋପଯୋଗୀ ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ଏଥିରେ ପ୍ରାରମ୍ଭରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ୭୩ ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ଫିଜିକ୍ସ, କେମିଷ୍ଟ୍ରି ଓ ବାଇଓ ଟେକ୍ନୋଲୋଜି, ମ୍ୟାଥମାଟିକ୍ସ, ଏର୍ନଭାର୍ନମେଣ୍ଟ, ଇନଫର୍ମେଶନ ଟେକ୍ନୋଲୋଜି, ଫାଇନ ଆର୍ଟକୁ ନେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୪ ଗ୍ରୁପରେ ବିଭାଜିତ ଛାତ୍ରଛାତ୍ରଙ୍କ ପ୍ରକଳ୍ପ ଅନୁଧ୍ୟାନ ତଥା ମୂଲ୍ୟାୟନ ପାଇଁ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ବିଚାରକ ଭାବେ ଯୋଗଦେଇଥିଲେ। ଏହି ପ୍ରଦର୍ଶନୀ ଦେଖିବାକୁ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ବରିଷ୍ଠ ନାଗରିକ ଯୋଗଦେଇଥିଲେ।



ଇଣ୍ଡୋ ଇଂଲିଶ ସ୍କୁଲରେ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀରେ ଉପସ୍ଥିତ ଅତିଥି।

# ବାସନ ଦୋକାନରେ ଅଗ୍ନିକାଣ୍ଡ

ରାଉରକେଲା ଅଫିସ,୧୧।୧୧

ଶନିବାର ବିଳମ୍ବିତ ରାତିରେ ସହରର ମୁଖ୍ୟ ମାର୍ଗରେ ଥିବା ପବନ ମିତଲଙ୍କ ବାସନ ଦୋକାନ ଷ୍ଟିଲ ହାଉସରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଛି। ଅଗ୍ନିଶମ ବିଭାଗର ୩ଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।



ଅଗ୍ନିକାଣ୍ଡରେ ବାସନକୁସନ ପୋଡ଼ି ନଷ୍ଟ ହୋଇଛି।

## ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

ଭବାନୀପାଟଣା/ଜୟପାଟଣା, ୧୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ନାଗୁପଡା ଗାଁର ଜଣେ ଚାଷୀ ଆତ୍ମହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ସେ ହେଲେ କୃପା ନାଏକ (୬୩) । ପ୍ରକାଶ ଯେ, ଚାଷୀ କୃପା ଚାଷ କରିଥିବା ୪ ଏକର କ୍ଷେତର ଫସଲ ନଷ୍ଟ ହୋଇଯାଇଥିଲା । ଏଥିପାଇଁ ସେ କ୍ଷେତରେ ବିଷ ପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତାଙ୍କୁ ପ୍ରଥମେ ଜୟପାଟଣା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ସ୍ଥିତି ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନନ୍ତରିତ କରାଯାଇଛି ।

# ୫୫ ୟୁନିଟ ରକ୍ତ ସଂଗ୍ରହ

ରାଉରକେଲା ଅଫିସ,୧୧।୧୧

**ଜୀବନବିନ୍ଦୁ କାର୍ଯ୍ୟକ୍ରମ**

ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଟାଙ୍ଗରପାଲିଠାରେ ରବିବାର ଦକ୍ଷିଣ ରାଉରକେଲା ଯୁବ ମଞ୍ଚ ଆନୁକୂଲ୍ୟରେ ଜୀବନବିନ୍ଦୁ (ରକ୍ତଦାନ ଶିବିର) ଆୟୋଜନ କରାଯାଇଥିଲା। ଏଥିରୁ ୫୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୁଚନା ଦିଆଯାଇଛି। ଅକ୍ଷୟ ପ୍ରହରାଜଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସମାଜ ମଙ୍ଗଳ କେନ୍ଦ୍ରଠାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ସରକାରୀ ଚିକିତ୍ସାଳୟ ରେଡ୍‌କ୍ରସ ବ୍ଲଡ୍ ବ୍ୟାଙ୍କ ଶାଖା ସହାୟତା କରିଥିଲା। କାର୍ଯ୍ୟକ୍ରମକୁ ଦିଲୀପ ସିଂ, ଘନଶ୍ୟାମ ସାହୁ, ପ୍ରଭାତ ଜେନା, ଜଗବନ୍ଧୁ ପାତ୍ର, ରାଜେଶ ପାତ୍ର, ବବଲୁ ସିଂ, ଧିରଜ ସିଂ, ଘନିଆ ମୁଣ୍ଡା, ରଥ ପାତ୍ର, ରାଜେଶ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଖଣ୍ଡୁଆଳ, ଅଜୟ ନାୟକ, ଭୀମ ବିନ୍ଧାଣୀ, ସୁନୀଲ ସିଂ, ବିବେକ ସିଂ, ରଶ୍ମି ସିଂ ପ୍ରମୁଖ ପଉସ୍ଥିତ ଥିଲେ। ବିଜେଡି ଯୁବ ନେତା ରମାକାନ୍ତ ରଥ, ପିରୁ ମୁର୍ମୁ, ଜଗଦୀଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।



ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଟାଙ୍ଗରପାଲିଠାରେ ଅନୁଷ୍ଠିତ ଜୀବନବିନ୍ଦୁ କାର୍ଯ୍ୟକ୍ରମ।

# ସେଲ୍ ଅଧ୍ୟକ୍ଷ-ଆର୍ଏସ୍ଏସ୍ ପ୍ରତିନିଧି ଆଲୋଚନା

ରାଉରକେଲା ଅଫିସ,୧୧।୧୧

ସେଲ୍ ଅଧ୍ୟକ୍ଷ ଅନୀଲ ଚୌଧୁରୀଙ୍କ ଦୁଇଦିନିଆ ରାଉରକେଲା ଗସ୍ତ ଅବସରରେ ରାଉରକେଲା ଶ୍ରମିକ ସଂଘ (ଆର୍ଏସ୍ଏସ୍) ପକ୍ଷରୁ ତାଙ୍କୁ ରାଉରକେଲା ହାଉସଠାରେ ସାକ୍ଷାତ କରାଯାଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଏଥିସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ହରି ରାଉତରାୟ, ଦିଲୀପ ମହାପାତ୍ର, ମହୀପାଲ ବାଗ, ଅକ୍ଷୟ ଜେନା, ବନମାଳୀ ରଣାବିଡ଼ା, ଅଭିମନ୍ୟୁ ରାଉତ, ସୁରେଶ ପାଣିଗ୍ରାହୀ, ନିହାର ସାମଲ, ବି.କେ. ଶେଖରଦେଓ ଓ ନିହାର ଦାସ ପ୍ରମୁଖ ପ୍ରତିନିଧି ମଣ୍ଡଳୀ ଚୌଧୁରୀଙ୍କୁ ସାକ୍ଷାତ କରିଥିଲେ। ନୂତନ ବେତନ ଚୁକ୍ତିନାମା ସହ ଅନ୍ୟ ଦାବିଗୁଡ଼ିକ ସମ୍ପର୍କରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅବସର ପରେ ଆର୍ଏସ୍‌ପିରେ ଖାଲି ପଡ଼ିଥିବା ପଦ ପୂରଣ ଓ ଏଥିରେ ଆଇଟିଆଇ, ଡିପ୍ଲୋମା, ନର୍ସିଂ, ପାରାମେଡିକାଲ ତଥା ସ୍ଥାନୀୟ ବାସଚ୍ୟୁତଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦାବି କରାଯାଇଛି। ଶହୀଦ ବିର୍ସା ମୁଣ୍ଡାଙ୍କ ନାମରେ ଏକ ହାଉସିଂ ପ୍ରୋଜେକ୍ଟ କାର୍ଯ୍ୟକାରୀ କରି ଏହାକୁ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ତଥା ସେବା ନିବୃତ୍ତ କର୍ମଚାରୀଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ ପ୍ରସ୍ତାବ ଦିଆଯାଇଛି। ୨୦୧୨ ଜାନୁୟାରୀ ୧ ପରେ ଆର୍ଏସ୍‌ପିରେ ନିଯୁକ୍ତି ପାଇଥିବା ଆଇଟିଆଇ, ଡିପ୍ଲୋମାଧାରୀଙ୍କୁ ଯଥାକ୍ରମେ ଏସ୍-୩ ଏବଂ ଏସ୍-୬ ଗ୍ରେଡ୍‌ରେ ନିଯୁକ୍ତି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିସହ ସେଲ୍ ଘରୋଇକରଣ ଓ ଡିଇନଭେଷ୍ଟମେଣ୍ଟକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ସ୍ଥାୟୀ କାମରେ ଠିକା ଶ୍ରମିକ ନିୟୋଜନ ପ୍ରଥାକୁ ବନ୍ଦ କରିବା ଓ କେନ୍ଦ୍ର ସରକାରଙ୍କ ଧାର୍ଯ୍ୟ ମଜୁରି ପ୍ରଦାନ କରିବାକୁ ଦାବିପତ୍ରରେ କୁହାଯାଇଛି। ପୂର୍ବ ସର୍କୁଲାର ଅନୁସାରେ ଅର୍ଥୋପେଡିକ ସଂକ୍ରାନ୍ତ ରୋଗ ଓ ଅସୁସ୍ଥତା ଆଧାରରେ କର୍ମଚାରୀଙ୍କୁ ମେଡିକାଲ ଅନ୍‌ଫିଟ୍ କରିବା ସହ ଶତପ୍ରତିଶତ ଅକ୍ଷମତା ପରିବର୍ତ୍ତେ ୫୦ ପ୍ରତିଶତ ଅକ୍ଷମ କର୍ମଚାରୀଙ୍କୁ ମେଡିକାଲ ଅନ୍‌ଫିଟ୍ ସୁବିଧା ପ୍ରଦାନ କରିବାକୁ ସଂଘ ଦାବି କରିଛି। ହଠାତ୍ ହୃଦ୍‌ଘାତର ଶିକାର ହେଉଥିବା କର୍ମଚାରୀଙ୍କ ପ୍ରତି ଉଚିତ୍ ନ୍ୟାୟ ପ୍ରଦାନ କରିବାକୁ ୟୁନିୟନ ଚୌଧୁରୀ ଦୃଷ୍ଟି ଆକର୍ଷଣ କରିଛି। ଇସ୍ପାତ ଜେନେରାଲ ହସ୍ପିଟାଲରେ ଡାକ୍ତର ପଦବୀ ପୂରଣ ସହ ଅନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇବା, ବିଦ୍ୟୁତ ଭଡ଼ା ନେଇ କର୍ମଚାରୀଙ୍କ ଅବଦାନକୁ ସହୃଦୟତାର ସହ ବିଚାରକୁ ନେବା, ଶ୍ରମିକ କର୍ମଚାରୀଙ୍କ ଇନସେଣ୍ଟିଭ୍, ରିୱାର୍ଡ ଆଦି ପ୍ରଦାନ କ୍ଷେତ୍ରରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସଂଘ କର୍ତ୍ତୃପକ୍ଷଙ୍କ ଠାରେ ଦାବି କରିଛି। ରେଫେରାଲ କ୍ଷେତ୍ରରେ ସୁପର ସ୍ପେଶିଆଲିଟି ହସ୍ପିଟାଲକୁ ପଠାଯାଉଥିବା ରୋଗୀଙ୍କ ନିମନ୍ତେ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ଦାବିପତ୍ରରେ କୁହାଯାଇଛି। ମେଡିକାଲ ଅନ୍‌ଫିଟ୍ କ୍ଷେତ୍ରରେ ଅନୁକମ୍ପା ନିଯୁକ୍ତି ନେଇ ରହିଥିବା କଟକଣାକୁ ଦୂର କରିବାକୁ ୟୁନିୟନ ଦାବି କରିଛି। ଏଭଳି ଅସଙ୍ଗତି ଦୂର କରି ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ଦିଗରେ ସେଲ୍ କର୍ତ୍ତୃପକ୍ଷ ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିବାକୁ ପ୍ରତିନିଧି ମଣ୍ଡଳୀ ଚୌଧୁରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ଯଥାବିଧି ପଦକ୍ଷେପ ନିଆଯିବ ବୋଲି ଚୌଧୁରୀ ପ୍ରତିଶ୍ରୁତି ଦେଇଥିବା ସଂଗଠନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।



ରାଉରକେଲା ହାଉସ୍‌ଠାରେ ସେଲ୍ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଆର୍ଏସ୍ଏସ୍ କର୍ମକର୍ତ୍ତା।

## ସଂକ୍ଷେପରେ

### ମାଛ ଧରିବାକୁ ଯାଇ ନଦୀରେ ବୁଡ଼ି ଯୁବକ ମୃତ

ସବ୍‌ଡେଗା, ୧୧।୧୧ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ତଳସରା ଥାନା ଅନ୍ତର୍ଗତ ସବ୍‌ଡେଗା ବ୍ଲକ ଯାଇସର ପଞ୍ଚାୟତର ଗଇଲୋ ଗ୍ରାମର ହଟେଶ୍ୱର ବେହେରା (୪୮)ଙ୍କର ନଈରେ ବୁଡି ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ଲୋକଙ୍କ କହିବା ଅନୁଯାଇ, ହଟେଶ୍ୱର ଗଇଲୋ ଇବ ନଦୀରେ ମାଛ ମାରିବା ପାଇଁ ଜାଲ ବିଛାଇଥିଲେ। ନଦୀର ପାଣିର ସ୍ରୋତ ମଧ୍ୟ ଅତ୍ୟଧିକ ଅଛି। ଶନିବାର ସନ୍ଧ୍ୟାରେ ସେ ଜାଲରୁ ମାଛ କାଢ଼ିବାକୁ ଯାଇଥିଲେ ମଝି ନଈକୁ। ତାଙ୍କ ଗୋଡ ଭିତରକୁ ଖସି ଯାଇଥିଲା। ସେ ପାଣିରେ ଉବୁଡୁବୁ ହେଉଥିଲେ। ବଞ୍ଚାଇବାକୁ ଲୋକଙ୍କୁ ଡାକୁଥିଲେ। କିନ୍ତୁ ଅନ୍ୟ ମାଛ ଧରାଳିମାନେ ତାଙ୍କର ପାଟିଶୁଣି ତାଙ୍କୁ ବଞ୍ଚାଇବାକୁ ନଈରେ ପଶିଥିଲେ। ତାଙ୍କୁ ଉଦ୍ଧାର କରି ସବଡେଗା ଡାକ୍ତରଖାନାକୁ ଅଣାଯାଇଥିଲା । ପରେ ସୁନ୍ଦରଗଡ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତୁ ଘୋଷଣା କରିଥିଲେ। ରବିବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରି ଘରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଦୁଇଟି ଦୁର୍ଘଟଣା: ଦୁଇ ମୃତ, ଦୁଇ ଆହତ

## ■ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା

ଲହୁଣୀପଡା, ୧୧।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲାଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥର ଚାନ୍ଦିପୋଷ ଥାନା ଅଞ୍ଚଳରେ ଦୁଇଟି ପୃଥକ ପୃଥକ ଦୁର୍ଘଟଣା ଘଟି ୨ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଆହତ ହୋଇଛନ୍ତି। ଚାନ୍ଦିପୋଷ ଥାନା କୁମାକେଲା ନିକଟରେ ରବିବାର ୪ଟାବେଳେ ୧୨ ଚକିଆ ଟ୍ରକ ଓ ବାଇକ ଦୁର୍ଘଟଣା ଘଟି ବାଇକ ଚାଳକଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ଚାନ୍ଦିପୋଷ ଥାନା ପଦ୍ମପୁର ଗ୍ରାମର ପ୍ରସାଦ ଖେସ (୪୫) ନିଜ ସମ୍ପର୍କୀୟଙ୍କ ସହିତ ଓଡି ୧୪ ଏଫ- ୮୫୬୩ ବାଇକରେ ଜଲଦାକୁ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ଓଡି ୧୪ ଡି- ୭୨୨୮ ନମ୍ବର ୧୨ ଚକିଆ ଟ୍ରକ ବାଇକକୁ ଧକ୍କା ଦେଇଥିଲା । ଉଭୟ ବାଇକ ଆରୋହୀ ଛିଟିକି ପଡିଥିବାବେଳେ ପ୍ରସାଦ ଖେସଙ୍କ ଉପରେ ଟ୍ରକ ଚଢ଼ିଯିବା ସହିତ କିଛି ବାଟ ଘୋଷାରି ନେଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରସାଦଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣଙ୍କ



ଦୁର୍ଘଟଣା ଘଟାଇଥିବା ଟ୍ରକ୍।

### ୧୪୩ ନମ୍ବର ଜାତୀୟ ରାଜପଥ

ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ ମଧ୍ୟ ଆହତ ହୋଇଥିବା ଜଣାଯାଇଛି। ଖବରପାଇ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ବ୍ୟବଚ୍ଛେଦ ଲାଗି ରାଉରକେଲା ପଠାଇବା ସହିତ ଗାଡି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି । ସେହିଭଳି ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଗୋପାଳପୁର ନିକଟରେ ରବିବାର ଅପରାହ୍ଣ ସାଢ଼େ ୪ଟାବେଳେ ଅନ୍ୟ ଏକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଥିବା ଜଣାଯାଇଛି। କେନ୍ଦୁଘାଟି ଗ୍ରାମର ବ୍ୟକ୍ତି ନିଜ ୧୨ ବର୍ଷର ପୁଅକୁ ସାଇକେଲରେ ବସାଇ ଜୋଡାବନ୍ଧ ଗ୍ରାମରୁ ନିଜ ଗ୍ରାକୁ ଯାଉଥିବାବେଳେ ଚାନ୍ଦିପୋଷ ପଟୁ ରାଉରକେଲା ପଟକୁ ଯାଉଥିବା ଓଆର୍ ୧୪ କ୍ୟୁ- ୯୩୪୩ ନମ୍ବର ଟିପ୍ପର ଧକ୍କା ଦେଇଥିଲା । ଫଳରେ ବାପ ବାଲତୁଷ ଟୋପ୍ପୋ (୪୨)ଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଆହତ ପୁଅ ଆଲବନ ଟୋପ୍ପୋ (୧୨)ଙ୍କୁ ଉଦ୍ଧାର କରି ରାଉରକେଲାକୁ ଚିକିତ୍ସା ପାଇଁ ପଠାଯାଇଥିବା ଜଣାଯାଇଛି। ଦୁର୍ଘଟଣା ପ୍ରତିବାଦରେ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା । ଚାନ୍ଦିପୋଷ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ହୋଇ ନ ଥିବା ଜଣାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାତ ନାହିଁ ଯା'ର.**
**ନାତ ନାହିଁ ତା'ର ।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥହିଁ ସବୁକିଛି। ଯାହା ପାଖରେ ଅର୍ଥ ଅଛି ତା'ର ମାନମହତ କାହିଁ କେତେ ବେଶି। କିନ୍ତୁ ଯାହା ପାଖରେ ଅର୍ଥ ନାହିଁ ତାକୁ କେହି ପାସଙ୍ଗରେ ପକାଇ ନ ଥାନ୍ତି। କଥା କହିବା ତ ଦୂରର କଥା ତାଙ୍କ ମୁହଁକୁ ମଧ୍ୟ ଚାହିଁ ନ ଥାନ୍ତି। ଧନହୀନ ବ୍ୟକ୍ତି ଦୁର୍ବଳ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭିକାରିକି କଥା କହିଲେ ସେ ମାଗିବ,**
**ପିଲାକୁ କଥା କହିଲେ ସେ ଲାଗିବ।**

ଅଭାବ ଅନଟନରେ ରହିଥିବା ଦରିଦ୍ର ବ୍ୟକ୍ତିଙ୍କୁ ଟିକେ ସାହାଯ୍ୟ କଲେ ବା ସହାନୁଭୂତି ଦେଖାଇଲେ ସେମାନେ କାଳେ କିଛି ସାହାଯ୍ୟ ମିଳିଯିବ ସେହି ଆଶାରେ ଦ୍ୱାରସ୍ଥ ହୋଇଯାନ୍ତି। ସେହିପରି ବାଳୁତ ପିଲାକୁ ଟିକେ ସ୍ନେହ, ଆଦର ଦେଖାଇଲେ ସେମାନେ ନିଜର ଭାବି ଅଳି ଅଝଟ କରିବସିବା ସହ ପଛରେ ପଡ଼ିଯାଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କନିକାରେ କାଳୀପୂଜା

ହେମଗିର, ୧୧।୧୧ (ଡି.ଏନ.ଏ)

ହେମଗିର ବ୍ଲକର କନିକାଠାରେ ମା' କାଳୀଙ୍କର ପୂଜା ମହୋତ୍ସବ ମହାଆଡମ୍ବର ସହକାରେ କରାଯାଉଛି। ଏହି ପୂଜା ୧୯୪୮ ମସିହାରେ ଏଠାରେ ଆରମ୍ଭ କରାଯାଇଥିଲା। ସେହିଦିନ ଠାରୁ କନିକାବାସୀ ପ୍ରତିବର୍ଷ ପୂଜା କରି ଆସୁଛନ୍ତି। ଏବର୍ଷ ୭୦ତମ ପୂଜା ଅନୁଷ୍ଠିତ ହୋଇଛି । ପୂଜା ଗତ ୬ରୁ ଆରମ୍ଭ କରାଯାଇଥିବାବେଳେ ଆସନ୍ତା ୧୪ରେ ବିସର୍ଜନ କରାଯିବ। ଏହାକୁ ଦେଖିବା ପାଇଁ ବହୁ ଦୂରଦୂରାନ୍ତରରୁ ଲୋକେ ଆସୁଥିବା ବେଳେ ଆଖାପାଖ ଗ୍ରାମ ଟାଙ୍ଗରଡିହି, କାଉଦରହ, ଆଙ୍କେଲବିରା, ଜୁଲୁମବାହାଲ, ହେମଗିର, ବେଲଡିହି, ଡୁଲିଙ୍ଗା, ମଝାପଡା, ଡୁଡୁକା, ଗୋପାଳପୁର, ବିଲେଇମୁଣ୍ଡା ପ୍ରଭୃତି ଗ୍ରାମରୁ ଶହଶହ ଶ୍ରଦ୍ଧାଳୁ ଆସି ମା'କାଳୀଙ୍କର ଦର୍ଶନ କରୁଛନ୍ତି। ଲୋକଙ୍କ ଭିଡକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ରାତିରେ ଅପେରା କାର୍ଯ୍ୟକ୍ରମ ରଖାଯାଇଛି। ଏହି ପୂଜା ମହୋତ୍ସବ ପୂଜା କମିଟିର ସଭାପତି ବିଭୂତି ପଣ୍ଡା, ସମ୍ପାଦକ ଆଶିଷ ଶୁକ୍ଳା, ଉପସଭାପତି ସନୋଜ ଘୋଷ, କୋଷାଧ୍ୟକ୍ଷ କମଳେଶ ଠକ୍କର, ବିଜୟ ପଣ୍ଡା, ଅଶୋକ ପଣ୍ଡା, ଠାକୁର ରାୟ, ବାବୁଲୁ ପଣ୍ଡା, ଚନ୍ଦ୍ର ଯାଦବ, ଶ୍ୟାମ ଖରସାଏଲ ତଥା ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଉଛି ।

# ଜିଲାପାଳଙ୍କ ଦ୍ୱାରା ଜଳଯୋଗାଣ ପ୍ରକଳ୍ପ ଲୋକାର୍ପିତ

ସୁନ୍ଦରଗଡ଼, ୧୧।୧୧ (ଡି.ଏନ୍.ଏ)

ସୁନ୍ଦରଗଡ ସହରର ଜଳସମସ୍ୟା ଦୂର ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ପଦକ୍ଷେପ ନିଆଯାଉଛି। ସହରବାସୀଙ୍କୁ ବିଶୁଦ୍ଧ ଜଳ ଯୋଗାଣ ସକାଶେ ଜିଲା ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଜରିଆରେ ସଂକଳ୍ପବଦ୍ଧ ବୋଲି ଜିଲାପାଳ ସୁରେନ୍ଦ୍ର କୁମାର ମୀନା ପ୍ରକାଶ କରିଛନ୍ତି। ସହରର ୱାର୍ଡ ନଂ. ୯ ଅନ୍ତର୍ଗତ ରଙ୍ଗାଢିପା ଠାରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପାନୀୟଜଳ ପ୍ରକଳ୍ପକୁ ଶୁକ୍ରବାର ଜିଲାପାଳ ମୀନା ଉଦ୍‌ଘାଟନ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରି ଏହା ପ୍ରକାଶ କରିଛନ୍ତି। ରଙ୍ଗାଢିପାର ଜଳକ୍ଲିଷ୍ଟ ଅଞ୍ଚଳର ପ୍ରାୟ ୭୦/୮୦ ପରିବାରଙ୍କୁ ଏହି ପାନୀୟଜଳ ପ୍ରକଳ୍ପରୁ ପାଇପ୍ ସଂଯୋଗ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ସ୍ଥାନୀୟ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀ ଏହି ଅବସରରେ ଆୟୋଜିତ ସଭାରେ ଜିଲା ପ୍ରଶାସନର ପଦକ୍ଷେପକୁ ସ୍ୱାଗତ ଜଣାଇଥିଲେ। ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଜିଲା ପ୍ରଶାସନ ସମେତ ଜିଲା ସଭାପତି ବଟକିଶୋର ମିଶ୍ର, ବୈକୁଣ୍ଠ ବନଛୋର, ଅବନୀ ମିଶ୍ର, ଏମ୍.ଡି ଆୟୁବ୍ ପ୍ରମୁଖ ଉଦ୍ୟମ ଓ ସହଯୋଗକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ସ୍ଥାନୀୟ ପଡାବାସୀ ଓ ମହିଳାଙ୍କ ପକ୍ଷରୁ ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



ଜିଲାପାଳ ଓ ଅନ୍ୟମାନେ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପଣ କରୁଛନ୍ତି।

# ସାବିତ୍ରୀ ଶାନ୍ତି ନିକେତନରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ

ରାଉରକେଲା ଅଫିସ,୧୧।୧୧

ନୂଆଗାଁ ବ୍ଲକ ବିସ୍‌ପୁର ଖୁଟଗାଁଠାରେ ରବିବାର ସାବିତ୍ରୀ ଶାନ୍ତି ନିକେତନ (ବରିଷ୍ଠ ନାଗରିକ ଆବାସିକ ଆଶ୍ରମ) ପକ୍ଷରୁ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ସକାଳେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇ ନିକଟସ୍ଥ ନଦୀରୁ ପବିତ୍ର ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଏହା ପରେ ବିଧି ଅନୁଯାୟୀ ରାଉରକେଲା ଗାୟତ୍ରୀ ପରିବାର ପକ୍ଷରୁ ପୂଜାର୍ଚ୍ଚନା ସହ ପଞ୍ଚକୁଣ୍ଡୀୟ ଯଜ୍ଞ ଆରମ୍ଭ କରାଯାଇଥିଲା। ଦିନିକିଆ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏଥିରେ ଅନୁଷ୍ଠାନ ପକ୍ଷରୁ ଅଧକ୍ଷ ନରୋତ୍ତମ ସାହୁ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ପ୍ରକାଶ ପଣ୍ଡା, ଆବାହକ ନରେନ ଦାସ, ରଶ୍ମିରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ପ୍ରେମ ପଶାୟତ, ସଂକୀର୍ତ୍ତନ ବେହେରା, ଶୁକଦେବ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆବାହକ ଦାସ କହିଥିଲେ, ଅଞ୍ଚଳିକ ସୁଖଶାନ୍ତି କାମନା କରି ଏହି ଯଜ୍ଞୋତ୍ସବ ଆୟୋଜନ କରାଯାଇଛି। ଆଗାମୀ ଦିନରେ ଅନୁଷ୍ଠାନ ପକ୍ଷରୁ ବୃଦ୍ଧାବୃଦ୍ଧଙ୍କ ଯତ୍ନ ନେଇ ଶାନ୍ତି ନିକେତନ ସକ୍ରିୟ ଭୂମିକା ନିର୍ବାହ କରିବ। ଗ୍ରାମାଞ୍ଚଳରେ ସ୍ଥାପନ କରାଯାଇଥିବା ଏପରି ଏକ ଅନୁଷ୍ଠାନକୁ ସବୁମତେ ସହଯୋଗ କରିବାକୁ ସେ ନିବେଦନ କରିଥିଲେ। ଶେଷରେ ତୃପ୍ତିରଞ୍ଜନ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ନିକେତନ ଅନ୍ତେବାସୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସାବିତ୍ରୀ ଶାନ୍ତି ନିକେତନ ପକ୍ଷରୁ ମହିଳାମାନଙ୍କ କଳସ ଶୋଭାଯାତ୍ରା।

ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର
ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

### ଟାଙ୍ଗିଆରେ ଆକ୍ରମଣ: ଯୁବକ ଗୁରୁତର

ଲହୁଣୀପଡା, ୧୧।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ତଲେଇସରା ପଞ୍ଚାୟତର ବଡଚୁଆଁ ଗ୍ରାମରେ ପୂର୍ବ ଶତୃତାକୁ କେନ୍ଦ୍ରକରି ଟାଙ୍ଗିଆରେ ଆକ୍ରମଣ ହୋଇଥିବା ମହୁଲପଦା ଥାନାରେ ଅଭିଯୋଗ ହୋଇଛି। ଶନିବାର ରାତି ପ୍ରାୟ ସାଢ଼େ ୭ଟା ପରେ ମେଘନାଦ ମହାକୁଲ (୩୫) ସହିତ ସେହି ବଡଚୁଆଁ ଗ୍ରାମର ନିତାଇ ମୁଣ୍ଡାଙ୍କ କୌଣସି କାରଣ ଯୋଗୁଁ ଯୁକ୍ତିତର୍କ ହୋଇଥିଲା । ନିତାଇ ମୁଣ୍ଡା ରାଗିଯାଇ ଏକ ଟାଙ୍ଗିଆରେ ମେଘନାଦଙ୍କୁ ଆକ୍ରମଣ କରିବାରୁ ମେଘନାଦ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତୁରନ୍ତ ବଣେଇ ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ପରିସ୍ଥିତି ଅଣାୟତ ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ମେଘନାଦ ପରିବାର ପକ୍ଷରୁ ମହୁଲପଦା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ନିତାଇ ମୁଣ୍ଡା ଫେରାର ହୋଇଯାଇଥିବା ପୋଲିସ ସୂଚନାରୁ ଜଣାଯାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## GANGADHAR MEHER UNIVERSITY, SAMBALPUR

No. 5522/GMU Date: 10.11.18

**QUOTATION CALL NOTICE**

Sealed quotations are invited from Regd. firms with valid GST / TAN / PAN number for printing and supply of high Security Digital Printed Degree Certificates and Mark sheet for the use of o/o CoE, of this University. The certificates in A4 Size to be printed with minimum 15 security features and have to be Non-tearable, Water-proof, Termite Proof, Rodent Proof, Temper Proof and 100 years of shelf-life. Quotations should reach the office of the undersigned latest by **3.00 PM of 26.11.2018**. The sealed cover should be superscribed with "printing of high Security Digital Printed Degree Certificates".

The quotation will be opened on **same day (26.11.2018) at 4.00 PM** in the presence of the bidders. The undersigned reserves the right to cancel or reject any bidder without assigning any reason thereof. Interested firms may visit the university website **www.gmuniversity.ac.in** for details.

**Sd./- Registrar**

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

M. GROUP FINANCE CO.
DIWALI OFFER (Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

## ସଂକ୍ଷେପରେ

### ଡାଲମିଆ ସିମେଣ୍ଟ ଲିମିଟେଡକୁ କଳିଙ୍ଗ ସେଫ୍ଟି ଆୱାର୍ଡ

**ରାଜଗାଙ୍ଗପୁର, ୧୧।୧୧- (ଡି.ଏନ.ଏ)**- ସମ୍ପାଦନ ବର୍ଷ ୨୦୧୭ ପାଇଁ ଓଡିଶାର ସିମେଣ୍ଟ କାରଖାନା ବର୍ଗରେ ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ପୂର୍ବ ନାମ ଓସିଏଲ ଇଣ୍ଡିଆ ଲିମିଟେଡ)କୁ କଳିଙ୍ଗ ସେଫ୍ଟିଆୱାର୍ଡ (ସ୍ୱର୍ଣ୍ଣ ବର୍ଗ)ରେ ସମ୍ମାନିତ କରାଯାଇଛି। ଇନଷ୍ଟିଚ୍ୟୁଟ ଅଫ୍ କ୍ୱାଲିଟି ଆଣ୍ଡ ଏନଭାଇରୋନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ ପକ୍ଷରୁ ନିକଟରେ ଭୁବନେଶ୍ୱରର ସ୍ଥିତ ନିଉ ମାରିଅନ ହୋଟେଲଠାରେ ଆୟୋଜିତ ଓଡିଶା ଷ୍ଟେଟ ସେଫ୍ଟି କଂକ୍ଲେଭ- ୨୦୧୮ର ନବମ ସଂସ୍କରଣ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କମ୍ପାନୀକୁ ଏହି ପୁରସ୍କାରରେ ସମ୍ମାନିତ କରିଥିଲେ। ରାଜଗାଙ୍ଗପୁର କାରଖାନାର ପ୍ରତିନିଧିତ୍ୱ କରି ଅରବିନ୍ଦ ସିଂ, ନବୀନ ସୋନି, ସୁଧିର ମୋହନୀ, ବିଜୟ ଦାଶ ଏବଂ ମନଜିନ୍ଦର ସିଂ ଏହି ପୁରସ୍କାର ଗ୍ରହଣ କରିଥିଲେ।

### ମାଡ଼ ମାରିବା ଘଟଣାରେ ମା'ପୁଅ ଗିରଫ

**ବାଲିଶଙ୍କରା, ୧୧।୧୧ (ଡି.ଏନ.ଏ)**- ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ଭଗତଗଲିରେ ଦୁଇ ଭାଇଙ୍କୁ ମାଡ ମାରିବା ଘଟଣାରେ ଶନିବାର ତଳସରା ପୋଲିସ ମା' ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସେମାନେ ହେଲେ ଅଜୟ ତିଗ୍ଗା ଓ ତାଙ୍କ ମା'ଲକ୍ଷ୍ମୀ ତିଗ୍ଗା।





କିଞ୍ଜିରକେଲାରେ ବିଜେଡି ମହିଳା ସମାବେଶରେ ମଞ୍ଚାସୀନ ଦଳୀୟ ନେତା, ନାରୀ ନେତ୍ରୀ ଓ ଉପସ୍ଥିତ ୪ ବ୍ଲକର ମହିଳା।

### ତଳସରା ନିର୍ବାଚନ ମଣ୍ଡଳୀର ବିଜେଡି ମହିଳା ସମାବେଶ

# ବିକାଶ ଲାଗି ନାରୀଙ୍କ ସହଯୋଗ ଆବଶ୍ୟକ

**ବାଲିଶଙ୍କରା, ୧୧।୧୧ (ଡି.ଏନ.ଏ)**

ତଳସରା ନିର୍ବାଚନ ମଣ୍ଡଳୀର କିଞ୍ଜିରକେଲା ଗ୍ରାମ ଖେଳପଡିଆରେ ବିଜେଡି ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତଳସରା ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକ ଯଥା ବାଲିଶଙ୍କରା, ସବ୍‌ଡେଗା, ବଡଗାଁ, ଲେଫ୍ରିପଡାର ମହିଳାମାନେ ଯୋଗଦେଇଥିଲେ। ସମାବେଶକୁ ପରିଚାଳନା କରିଥିଲେ ପୂର୍ବତନ ଅଧକ୍ଷା ଓ ତଳସରା ନିର୍ବାଚନ ମଣ୍ଡଳୀର ନାରୀନେତ୍ରୀ କୁଞ୍ଜଲତା ଭିତ୍ରିଆ, ଦେବେନ୍ଦ୍ର ପ୍ରସାଦ ମାଝି। ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ବିଧାୟକ ମଙ୍ଗଳା କିଷାନ। ସେ ଆନୁଷ୍ଠାନିକ ଭାବେ ସ୍ୱର୍ଗତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉପରେ ମାଲ୍ୟାର୍ପଣ କରି ଉଦ୍‌ବୋଧନ ଦେଇଥିଲେ। ବିଜୁବାବୁଙ୍କ ସ୍ୱପ୍ନ ଥିଲା ମା'ଙ୍କୁ ସମ୍ମାନ ଗାଁକୁ କାମ। ତାକୁ ସାକାର କରିବା ପାଇଁ ନବୀନବାବୁ ଆଜି ଗାଁଗାଁରେ ସ୍ୱୟଂ ସହାୟକ ଗ୍ରୁପ ମାଧ୍ୟମରେ ସ୍ୱାବଲମ୍ବି କରିପାରିଛନ୍ତି। ମହିଳାମାନଙ୍କର ପ୍ରସବଠାରୁ ପିଲା ପାଠପଢ଼ା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ଏପରି ଅନେକ ଯୋଜନା କରି ଚାଲିଛନ୍ତି ବୋଲି ବିଧାୟକ କିଷାନ କହିଥିଲେ। ମହିଳାଙ୍କ ସହଯୋଗ ବିନା ରାଜ୍ୟ ବା ଦେଶ ଅଗ୍ରଗତି କରିପାରିବ ନାହିଁ। ବିକାଶ ଲାଗି ମହିଳାଙ୍କ ସହଯୋଗ ଆବଶ୍ୟକ ବୋଲି ବିଧାୟକ କିଷାନ କହିଥିଲେ। ସେଥିପାଇଁ ପଞ୍ଚାୟତସ୍ତରରେ ମହିଳାଙ୍କ ପାଇଁ ୫୦ଭାଗ ସିଟ ସଂରକ୍ଷଣ ରଖାଯାଇଛି। ଏସବୁ ସୁବିଧା ବିଜେଡି ସରକାର ଦେଉଛନ୍ତି।

ତଳସରା ନିର୍ବାଚନ ମଣ୍ଡଳୀରେ ଆଗାମୀ ନିର୍ବାଚନରେ ଶଙ୍ଖ ଧ୍ୱନୀ ବାଜି ଉଠୁ ବୋଲି ସେ ଆହ୍ୱାନ କରିଥିଲେ। ସୁନ୍ଦରଗଡ ରାଣୀ ତଥା ଜିଲା ନାରୀନେତ୍ରୀ ପଦ୍ମିନୀଶେଖର ଦେଓ, ତଳସରା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ମିନତୀ ଦେବତା, ସୁନ୍ଦରଗଡ ଜିଲାପରିଷଦ ଅଧକ୍ଷା ଏମା ଏକ୍କା, ଆଦିବାସୀ ଉପାଧକ୍ଷ କୁସୁମ ଟେଟେ, ରଶ୍ମିବାଳା ମିଶ୍ର, ରଞ୍ଜନା ବିଣାପାଣି ସାହୁ, ଜୟନ୍ତୀ ଗରଡିଆ, ଭଉଳାଶ କିଷାନ, ମୁନି ଟପ୍ପୋ, ରଜନୀ ସା, ଅଞ୍ଜନା ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେଡି ସରକାରର ଗାରିମା ବଖାଣି ଥିଲେ। ଉକ୍ତ ସମାବେଶରେ ତୁଙ୍ଗ ବିଜେଡି ନେତା ବିନୟ ଟପ୍ପୋ, ସନ୍ତୋଷ ଅମାତ, ଦେବେନ୍ଦ୍ର ପ୍ରସାଦ ମାଝି, ତିଫେନ ସରେଙ୍ଗ, ସୁଦାମ ଭୋଇ, ହକି ତାରକା ପ୍ରବୋଧ ତିର୍କି, ଦାମୋଦର ମାଝି, ଶିଶିର କୁମାର ସାହୁ, ମନୋଜ ପଟେଲ, ଲାଲପ୍ରତାପ ଦେଓ, କିଶୋର ସାହୁ, ଦିଲୀପ ସାଏ, ଜିତେନ୍ଦ୍ର ନାଏକ, ବିଚି ସାହୁ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ସମାବେଶରେ ମିଶ୍ରଣ ପର୍ବ ହୋଇଥିଲା। ଅନ୍ୟାନ୍ୟ ଦଳ ଛାଡି ବିଜେଡିରେ ନୂତନ ରୂପ ଯୋଗଦେଲେ ପ୍ରତିମା ଧୁରୁଆ, ମମତା ବାରୁଆ, ବେନିସ୍ଥା ଟପ୍ପୋ, ଦିଲୀପ ସାଏ, ଆଶାବିନି କିଣ୍ଡୋ, ସିମା ତିଗ୍ଗା। ଉକ୍ତ ସମାବେଶରେ ୨ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଶେଷରେ ଦେବେନ୍ଦ୍ର ପ୍ରସାଦ ମାଝି ଧନ୍ୟବାଦ ଦେଇଥିଲେ।

### ବାଇକ୍ ଧକ୍କାରେ ଯୁବକ ମୃତ

**ବେଦବ୍ୟାସ, ୧୧।୧୧(ଡି.ଏନ.ଏ.)**

ବ୍ରାହ୍ମଣୀତରଙ୍ଗ ଥାନା ଟାଇସର ଛକ ନିକଟରେ ରବିବାର ରାତି ସାଢେ ୯ଟାରେ ଏକ ଦୁର୍ଘଟଣା ଘଟିଛି। ରାସ୍ତା ପାରି ହେଉଥିବା ଜଣେ ଯୁବକଙ୍କୁ ବାଇକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ବାଇକ୍ ଜବତକରି ଘଟଣାର ତଦନ୍ତ କରୁଛି। ମୃତକ ସ୍ଥାନୀୟ ଅଞ୍ଚଳର।

### କାଳୀପୂଜାର ଭସାଣି ଅନୁଷ୍ଠିତ

**ସବ୍‌ଡେଗା, ୧୧।୧୧ (ଡି.ଏନ.ଏ)**

ସବଡେଗା ଗ୍ରାମରେ ଚାଲିଥିବା ମା' କାଳୀଙ୍କର ପୂଜା ଚାରିଦିନ ଧରି ଅନୁଷ୍ଠିତ ହୋଇଥିଲା ଓ ଭସାଣି ଯାତ୍ରା ଶୁକ୍ରବାର ଶେଷ ହୋଇଯାଇଛି। ୬ ତାରିଖ ଅଧିବାସ କଳସଯାତ୍ରା ସହ ଆରମ୍ଭ ହୋଇଥିଲା। ଚଣ୍ଡିପାଠ, ଜୀବନଦାନ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ପୂଜାର୍ଚ୍ଚନା ହୋଇଥିଲା । ଶୁକ୍ରବାର ସକାଳେ ମା'ଙ୍କୁ ପୂର୍ଣ୍ଣାହୁତି ଦିଆଯାଇଥିଲା ଓ ଭସାଣି ଯାତ୍ରା ହୋଇଥିଲା । ମା'ଙ୍କ ସନ୍ଧ୍ୟା ଆଳତୀରେ ଶତାଧିକ ଭକ୍ତଙ୍କର ସମାଗମ ଦେଖିବାକୁ ମିଳିଥିଲା। କଳସଯାତ୍ରା ମଧ୍ୟ ସବଡେଗା ବସ୍ତି ବାଜାଗଜାର ସହ ନଗର ପରିକ୍ରମା କରାଯାଇଥିଲା । କଳସଯାତ୍ରା ଦେଖିବାକୁ ଲୋକଙ୍କର ଭିଡ ଅତ୍ୟାଧିକ ଥିଲା। କମିଟି ତରଫରୁ ଶ୍ରଦ୍ଧାଳୁଙ୍କ ଭିଡଦେଖି ପୂଜାକୁ ଅତ୍ୟଧିକ ରୋମାଞ୍ଚକର କରାଯାଇଥିଲା। ପୂଜାରେ କର୍ତ୍ତାଭାବେ ଅନନ୍ତ କୁମାର ପଟେଲ ଓ ତାଙ୍କ ସ୍ତ୍ରୀ ସୁନିମା ପଟେଲ କାର୍ଯ୍ୟ ତୁଲାଇଥିଲେ । ଭସାଣି ଯାତ୍ରାରେ ମୁଖ୍ୟଆକର୍ଷଣ ଥିଲା ଘୋଡା ନାଚ । ଗ୍ରାମ ପରିକ୍ରମା କରି ମେଢ଼କୁ ନେଇ ଗାଁମୁଣ୍ଡ ପୋଖରୀରେ ବିସର୍ଜନ କରାଯାଇଥିଲା ।

# ନବନିଯୁକ୍ତ କଂଗ୍ରେସ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୧୧।୧୧ (ଡି.ଏନ୍.ଏ)**

ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ଏକ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟିର ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କଂଗ୍ରେସରେ ଯୋଗଦେଇଥିବା ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ତଥା ଜିଲା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସମାରୋହରେ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ଦଳକୁ ମଜବୁତ କରି ଆଗାମୀ ନିର୍ବାଚନରେ ଦଳକୁ କ୍ଷମତାସୀନ କରାଇବା ପାଇଁ ମିଳିତ ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିନିମନ୍ତେ ଆଗାମୀ ଦିନରେ ଜିଲାର ପ୍ରତ୍ୟେକ ଗ୍ରାମ ବ୍ଲକ ତଥା ପ୍ରତି ବୁଥ୍‌ରୁ ଦଳକୁ କିଭଳି ଆହୁରି ସକ୍ରିୟ କରାଯାଇପାରିବ, ସେଥିପାଇଁ ଆଗାମୀ ଦିନରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିବା ସୂଚାଇଥିଲେ। ତଳସରା ବିଧାୟକ ଡା ପ୍ରଫୁଲ୍ଲ କୁମାର ମାଝି ନିଜର ବକ୍ତବ୍ୟରେ ସମସ୍ତ କଂଗ୍ରେସ କର୍ମୀ ନିଜ ମଧ୍ୟରେ ଥିବା ସମସ୍ତ ପ୍ରକାର ମତାନ୍ତରକୁ ଭୁଲି ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଥିଲେ।

ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ଆଗାମୀ ଦିନରେ କଂଗ୍ରେସ ଦଳ ପାଇଁ ନିଶ୍ଚିତ ଭାବେ ଶୁଭ ଖବର ଆଣିବ ଓ ଜିଲାର ପ୍ରତିଟି କୋଣ ଅନୁକୋଣରେ କଂଗ୍ରେସ କର୍ମୀ ଦଳପାଇଁ ନିଷ୍ଠାର ସହ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସମ୍ପାଦନ କରି ଆଗାମୀ ଦିନରେ ସୁନ୍ଦରଗଡ ଲୋକସଭା ଆସନ ସମେତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜୟୀ ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନାନୀ, ରଶ୍ମି ପାଢୀ, ରଜନୀ କୁଲୁ, ପୂର୍ବତନ ବିଧାୟକ ରେମିକ୍ସ କେରକେଟା, ମୁଖରାମ ନାଏକ, ଜନାର୍ଦ୍ଦନ ଦେହୁରୀ ଜିଲା କାର୍ଯ୍ୟକାରୀ ସଭାପତି ଅଜୟ ବହିଦାର, ଡା. ରଞ୍ଜନ ଏକ୍କା, ବରିଷ୍ଠ କଂଗ୍ରେସ ନେତା ଆଡଭୋକେଟ ନିମାଇଁ ଚରଣ ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ସମାରୋହରେ ଜିଲାର ବିଭିନ୍ନ ବ୍ଲକ ରୁ ବହୁସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଯୋଗଦେଇଥିଲେ। ସମାରୋହରେ ୫୦ରୁ ଉର୍ଦ୍ଧ୍ୱ ବିଜେଡି, ଭାଜପା କର୍ମୀ କଂଗ୍ରେସରେ ଯୋଗଦେଇଥିଲେ। ଦଳ ତରଫରୁ ତାଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।




କଂଗ୍ରେସ କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଦଳୀୟ ନେତା।

### ବୋଲେରୋ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ବେଦବ୍ୟାସ, ୧୧।୧୧ (ଡି.ଏନ.ଏ)**

ରାଉରକେଲା ସହର ଉପକଣ୍ଠ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଚିକଟମାଟି ନିକଟରେ ଶନିବାର ସନ୍ଧ୍ୟା ସାଢ଼େ ୬ଟାରେ ବୋଲେରୋ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଚିକଟମାଟି ନିବାସୀ ନୁଏଲ ଏକ୍କା ରାସ୍ତାପାର ହେଉଥିବା ବେଳେ କାଂଶବାହାଲ ପାର୍ଶ୍ୱରୁ ରାଉରକେଲା ଆଡକୁ ଆସୁଥିବା ଏକ ନୂଆଁ ବୋଲେରୋ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନୁଏଲ ଗୁରୁତର ଆଘାତ ପାଇ ସଂଜ୍ଞାହୀନ ହୋଇ ରାସ୍ତାରେ ପଡିଯାଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ପହଞ୍ଚି ନୁଏଲଙ୍କୁ ଆଇଜିଏଚକୁ ନେଇ ଯାଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ରାତ୍ର ପ୍ରାୟ ସାଢ଼େ ୧୦ଟାରେ ନୁଏଲଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କଲା ପରେ ପୋଲିସ ଘର ଲୋକଙ୍କୁ ହସ୍ତାନ୍ତର କରିଛି। ନୂଆ ବୋଲେରୋ ଗାଡିକୁ ବ୍ରାହ୍ମଣୀତରଙ୍ଗ ପୋଲିସ ଜବତ କରିଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା (ନଂ. ୨୫୧/୧୮) ରୁଜୁ ହୋଇଛି। ଅଧିକ ତଦନ୍ତ ଚାଲିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ମାନସରଞ୍ଜନ ସ୍ୱାଇଁ କହିଛନ୍ତି।




ବ୍ଲକ ପରିସରରେ ଓଲି ଓ ଟ୍ରଫି ମଡେଲ୍ ।

# ହକି ମାସ୍କଟ ଓଲିକୁ ବଡ଼ଗାଁରେ ସ୍ୱାଗତ

**ବଡ଼ଗାଁ, ୧୧।୧୧ (ଡି.ଏନ.ଏ)**

ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱକପ ୨୦୧୮ ପୁରୁଷ ବିଭାଗର ପ୍ରଚାର ପାଇଁ ରବିବାର ମାସ୍କଟ ଓଲି ଓ ବିଶ୍ୱକପ ଟ୍ରଫି ମଡେଲକୁ ବଡ଼ଗାଁରେ ଭବ୍ୟ ସ୍ୱାଗତ କରାଯାଇଛି। ବଡ଼ଗାଁ ବସଷ୍ଟାଣ୍ଡଠାରେ ଜିପିଓ ମୁକ୍ତେଶ୍ୱର ସା, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଡିଏସଓ ତେଜ କୁମାର ଖେସ, ପ୍ରୋଜେକ୍ଟ ଅଫିସର ସୋନିଆ ଡୁଙ୍ଗଡୁଙ୍ଗ, ବଡ଼ଗାଁ ବ୍ଲକ ବିଜୁ ଯୁବ ବାହିନୀର ସଂଯୋଜକ ଅମିତ କୁମାର ଜେନା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଅଧକ୍ଷା ମିଞ୍ଜ ସବୁଜ ପତକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ବଡ଼ଗାଁ ବସଷ୍ଟାଣ୍ଡରୁ ରାଲିରେ ବଡ଼ଗାଁ ବ୍ଲକ ଅଫିସରେ ପହଞ୍ଚିଲା ପରେ ଓଲି ଏବଂ ଟ୍ରଫି ମଡେଲକୁ ଅଫିସ ପରିସରରେ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୁ ଯୁବବାହିନୀର ସଦସ୍ୟମାନେ ସାମିଲ ହୋଇଥିଲେ।

# ବିଶିଷ୍ଟ କଂଗ୍ରେସ ନେତାଙ୍କ ପରଲୋକ

**ଲହୁଣୀପଡା, ୧୧।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡାର ଜଣାଶୁଣା କଂଗ୍ରେସ ନେତା ତଥା ସାମାଜିକ କର୍ମୀ ରାମେଶ୍ୱର ରାୟ (୬୬)ଙ୍କର ରବିବାର ସକାଳେ ପରଲୋକ ଘଟିଛି। ଖବର ପ୍ରଚାରିତ ହେଲାପରେ ଶେଷ ଦର୍ଶନ ପାଇଁ ବହୁ ଲୋକଙ୍କର ଭିଡ ଦେଖିବାକୁ ମିଳିଥିଲା। ଲହୁଣୀପଡା ବ୍ଲକ ଛକରେ ରହୁଥିବା ରାମେଶ୍ୱର ଭୋର ଉଠି ଦୈନନ୍ଦିନ କାର୍ଯ୍ୟ କରୁଥିବାବେଳେ ହଠାତ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଲହୁଣୀପଡା ଡାକ୍ତରଖାନାକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପାଇ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲାପରିଷଦ ଅଧକ୍ଷ ରଣଜିତ କିଷାନ, ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସନ୍ଧ୍ୟାରେ ପହଞ୍ଚି ଶୋକସନ୍ତପ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ମୋବାଇଲ ଦୋକାନରୁ ଚୋରି ଅଭିଯୋଗ

**ଲହୁଣୀପଡା, ୧୧।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ନୁଆଡିହି ସ୍ଥିତ ଏକ ମୋବାଇଲ ଦୋକାନରୁ ନଗଦ ଟଙ୍କା ସହିତ ବହୁ ମୋବାଇଲ ଫୋନ, ଟେବୁଲ ଫ୍ୟାନ ଚୋରି ହୋଇଛି। ଏନେଇ ଲହୁଣୀପଡା ଥାନାରେ ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ ଖୁଣ୍ଟଗାଁ ଜୁଆଡିହି ଛକରେ ଅନେକ ଦିନ ହେବ ଜିଶୁନ୍ଦ୍ର ପଟାଙ୍କ ଏକ ମୋବାଇଲ ଦୋକାନ ଅଛି। ଶନିବାର ରାତି ପ୍ରାୟ ୯ଟା ବେଳେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୋକାନର ଆଜବେଷ୍ଟରକୁ ଭାଙ୍ଗି ଦେଇଥିବା ଦେଖି ଦୋକାନୀକୁ ସୂଚନା ଦେଇଥିଲେ। ଖବରପାଇ ଜିଶୁନ୍ଦ୍ର ପଟା ଆସି ଦେଖିଲା ବେଳକୁ ଦୁର୍ବୃତ୍ତମାନେ ଆଜବେଷ୍ଟର ଭାଙ୍ଗି ଦୋକାନରୁ ୪୭ଟି ମୋବାଇଲ ଫୋନ ଦୁଇଟି ଟେବୁଲ ଫ୍ୟାନ ଓ ନଗଦ କୋଡିଏ ହଜାର ଟଙ୍କା ଚୋରି କରିନେଇ ଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।




ଚୋରି ହୋଇଥିବା ଦୋକାନ।

### ଲକ୍ଷେ ଘର ସମାଜର ନୂଆଁଖାଇ ଭେଟ୍‌ଘାଟ୍

# 'ଅନ୍ନ ବିନା ଜୀବନର ସତ୍ତା, ବିକଳ୍ପ ନାହିଁ'

**ବଡ଼ଗାଁ, ୧୧।୧୧ (ଡି.ଏନ.ଏ)**

ଅନ୍ନ ବିନା ଜୀବନର ସତ୍ତା ନାହିଁ, ଏହାର ବିକଳ୍ପ ମଧ ନାହିଁ। ବିଜ୍ଞାନ ଶୀର୍ଷରେ ପହଞ୍ଚିଥିଲେ ମଧ ବିକଳ୍ପ ଖୋଜି ବାହାର କରିପାରିନାହିଁ ବୋଲି ରବିବାର ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଯାଜପୁର ଗ୍ରାମରେ ଲକ୍ଷେଘର ସମାଜ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ଜିଲା ସଭାପତି ମଧୁକର ତାଜନ ମତବ୍ୟକ୍ତ କରିଛନ୍ତି। ସେ କହିଥିଲେ, ମଣିଷର ବିହିତ କର୍ମରୁ ଯଜ୍ଞ, ଯଜ୍ଞରୁ ବର୍ଷା ଓ ବର୍ଷାରୁ ବୃକ୍ଷଲତା, ଅନ୍ନର ଉତ୍ପନ୍ନ ହୁଏ। ସେ ଆର୍ଯ୍ୟ ସମୟ ଓ ତା ପୂର୍ବରୁ ଜନଜାତି ସମୟରୁ ଅନ୍ନଦେବୀଙ୍କୁ ପୂଜାବିଧି ରହିଥିବା କହି ପୌରାଣିକ ଏବଂ ଐତିହାସିକ ତଥ୍ୟ ଉପସ୍ଥାପନ କରିଥିଲେ। ପୂର୍ବାହ୍ନରେ ଯାଜପୁର ଗ୍ରାମର ସମାଜର କଲ୍ୟାଣ ମଣ୍ଡପରେ ସମାଜ କର୍ମକର୍ତ୍ତାମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କଲା ପରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମର ଆବାହକ ଗୋବିନ୍ଦ ମହାନନ୍ଦ, ଜୟାନନ୍ଦ ମଙ୍ଗଲ ଓ ସ୍ଥାନୀୟ ଯୁବ କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମାଜର ଜିଲା ସମ୍ପାଦକ ବିଶ୍ୱମ୍ବର ମହାନନ୍ଦିଆ ମୁଖ୍ୟବକ୍ତା ଓ ଉପସଭାପତି ଚନ୍ଦ୍ର ବାଙ୍କରା, ବଡ଼ଗାଁ ବ୍ଲକ ସଭାପତି ଅରୁଣ ତାଜନ, ପୂର୍ବତନ ସଭାପତି ମୁକ୍ତେଶ୍ୱର କୁଆଁ, ଜିଲା ବିଜେଡିଏସ୍.ସି.ସେଲ ସଭାପତି ଧନୁର୍ଜ୍ୟୟ ମହାନନ୍ଦିଆ, ବରଶୀକଛାରର ଶଶି ସୁନ୍ୟାନୀ, କୁତ୍ରା ବ୍ଲକ ସଭାପତି ଘନ ଜୟପୁରିଆ, ସମ୍ପାଦକ ଭାସ୍କର ମହାନନ୍ଦିଆ, ସଦର ବ୍ଲକ ସଭାପତି ସୁଦର୍ଶନ ତାଜନ, ସବ୍‌ଡେଗା ବ୍ଲକ ସଭାପତି ଭାସ୍କର ଜୟପୁରିଆ, ଦୁଃଖବନ୍ଧୁ ବୁଡା ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସମ୍ପାଦକ ବିଶ୍ୱମ୍ବର ମହାନନ୍ଦିଆ ନୂଆଁଖାଇ ପର୍ବ ଏକତାର ସୂତ୍ରରେ ସମସ୍ତଙ୍କୁ ବାନ୍ଧିରଖେ। ସମାଜରେ ଶିକ୍ଷା ପ୍ରତି ସଚେତନତା ସୃଷ୍ଟି, ପରସ୍ପର ମଧରେ ସ୍ନେହ, ପ୍ରେମ ପାଇଁ ଏହି ପର୍ବର ମହତ୍ତ୍ୱ ଥିବା କହିଥିଲେ। ସେ ନାରୀ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସଭାପତିଙ୍କ ସମେତ ଅତିଥିମାନେ ଲକ୍ଷେ ଘର ସମାଜର ଉନ୍ନତି, ପ୍ରଗତି ପାଇଁ ନିଶାକୁ ବର୍ଜନ, ନାରୀ ଶିକ୍ଷା, ଶିକ୍ଷାକୁ ବାଧତାମୂଳକ କରିବା ସହ ସଂସ୍କାରିକ ହେବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ନୂଆଁଖାଇର ମହାତ୍ମ୍ୟ ଉପରେ ଆଲୋଚନା କରି ସମାଜକୁ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ।




ଲକ୍ଷେଘର ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ବକ୍ତା।



୪ଟି ପଦାର୍ଥ ଉପରେ ଭରସା କରନାହିଁ-ଜୟ କରାଯାଇ ନ ଥିବା ମନ, ଶତ୍ରୁମାନଙ୍କର ସ୍ନେହ, ସ୍ୱାର୍ଥୀମାନଙ୍କର ତୋଷାମଦ ଏବଂ ବଜାର ଜ୍ୟୋତିଷୀମାନଙ୍କ ଭବିଷ୍ୟବାଣୀ।

- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବିନା ସୁରକ୍ଷାରେ କାମ କରୁଛନ୍ତି ରେଳ ଠିକାଶ୍ରମିକ

**କିର୍ମିରା,୧୧।୧୧(ଡି.ଏନ୍.ଏ.)-** ଝାରସୁଗୁଡା ଧୁତୁରା ରେଳ ସଂପ୍ରସାରଣ କାମ ଆଗେଇ ଚାଲିଥିବା ବେଳେ ଏହାର ନିର୍ମାଣରେ ନିୟୋଜିତ ଶ୍ରମିକ ବିନା ସୁରକ୍ଷାରେ କାମ କରୁଥିବା ଦେଖାଯାଇଛି। ରେଳ ବିଭାଗ ଟେଣ୍ଡର ଯୋଗେ ଠିକା ସଂସ୍ଥାକୁ ଏହାର ନିର୍ମାଣ ଦାୟିତ୍ୱ ପ୍ରଦାନ କରିଛି। ଠିକାଦାର ସ୍ଥାନୀୟ ଶ୍ରମିକଙ୍କୁ ଏଥିରେ ନିୟୋଜିତ କରିଛନ୍ତି । ତେବେ କାମ କରୁଥିବା ଶ୍ରମିକଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇନଥିବାରୁ ଶ୍ରମିକଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଶ୍ରମିକମାନେ ବିନା ଜୋତା, ହେଲମେଟ, ସୁରକ୍ଷା ଜ୍ୟାକେଟ, ଗ୍ଲୋବସରେ କାମ କରୁଛନ୍ତି । ରେଳ ବିଭାଗ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶ୍ରମିକ କାମ କରୁଥିବା ବେଳେ ଅଧିକାରୀ ସୁରକ୍ଷା ନିୟମକୁ ଅଣଦେଖା କରି ଏହି ଅବ୍ୟବସ୍ଥାକୁ ନିରବ ସମର୍ଥନ ଜଣାଉଛନ୍ତି। ଏହି ଅବ୍ୟବସ୍ଥା ଯୋଗୁ ଦୁର୍ଘଟଣା ଘଟିଲେ ମଧ ଠିକାଶ୍ରମିକ ହୋଇଥିବାରୁ କଥାକୁ ଚାପି ଦିଆଯାଉଥିବା ଅଭିଯୋଗ ହୋଇଛି ।

### ଏକାଧିକ ଗାଡ଼ି ଚୋରି, ଥାନାରେ ଅଭିଯୋଗ

**ବ୍ରଜରାଜନଗର,୧୧।୧୧(ଡି.ଏନ୍.ଏ.)-** ବ୍ରଜରାଜନଗର ଥାନା ଅନ୍ତର୍ଗତ କେଶେବାହାଲ ପଥର ଖଦାନରେ ଲାଗିଥିବା ଭବାନୀପାଟଣା ନିବାସୀ ଅଶୋକ ମହାପାତ୍ରଙ୍କ ଏକାଧିକ ଗାଡ଼ି ଚୋରି ହୋଇଯାଇଥିବା ରବିବାର ସକାଳେ ବ୍ରଜରାଜନଗର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଆଇଆଇସି ବିଶ୍ୱାମିତ୍ର ହରିପାଲ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ ଅଶୋକଙ୍କ ଓଡି୦୮-ଜେ୧୦୧୮ନଂ ବୋଲେରୋ ପିକଅପ୍ ଓ ପୋକଲିନ୍ ବ୍ରେକର, ୨୧୦ ଭୋଲବୋ କ୍ରସର ମାଲିକ ପଙ୍କଜ ଅଗ୍ରୱାଲଙ୍କ ପାଖରେ ଗତ ୪୫ ଦିନ ହେଲା ଭଡ଼ାରେ ଲାଗିଥିଲା। ଡ୍ରାଇଭର ପ୍ରିୟାନ୍ତ ମହାକୁଡ଼, ରାଜେଶ ବେହେରା ଓ ଦୋଷମନ୍ତଙ୍କୁ ଏହି ଗାଡ଼ିର ଦାୟିତ୍ୱ ଦିଆଯାଇଥିଲା। ଶନିବାର ରାତିରେ ଗାଡ଼ିଗୁଡ଼ିକ ଚୋରି ହୋଇଥିବା ସନ୍ଦେହ କରାଯାଉଛି। ୧୧ ତାରିଖ ସକାଳେ ଗାଡ଼ିଗୁଡ଼ିକ ଖଦାନରେ ନ ଥିଲା। ଏପରିକି ଦାୟିତ୍ୱରେ ଥିବା ୩ ଡ୍ରାଇଭର ମଧ ନ ଥିଲେ। ତେଣୁ ସେମାନେ ଗାଡ଼ିଗୁଡ଼ିକ ନେଇ ଫେରାର ହୋଇଯାଇଥିବା ସନ୍ଦେହ କରି ଅଶୋକ ଅଭିଯୋଗ କରିଛନ୍ତି।

### ଆଜି କ'ଣ କେଉଁଠି

■ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଝାରସୁଗୁଡ଼ା ଜିଲାସ୍ତରୀୟ ମହୋତ୍ସବ 'ସର୍‌ଗିଫୁଲ' ଉଦ୍‌ଘାଟନ। ସ୍ଥାନ–ବେଲପାହାଡ଼ ସହର ଛୁଆଲିବେର୍ନା ଆଶ୍ରମ ବିଦ୍ୟାଳୟ। ସମୟ–ପୂର୍ବାହ୍ନ ୯ଟା।









ବନ୍ଧବାହାଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ (ବାମ)। ସ୍କୁଲ ମରାମତି ଓ ପାଇଖାନା ନିର୍ମାଣରେ ବ୍ୟବହୃତ ପାନ୍ଥର ସିମେଣ୍ଟ।

# ସ୍କୁଲ କୋଠା ମରାମତି ନିମ୍ନମାନର

**ଲଖନପୁର,୧୧।୧୧(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ପକ୍ଷରୁ ଲଖନପୁର ବ୍ଲକ ବନ୍ଧବାହାଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ କୋଠା ମରାମତି ଓ ପାଇଖାନା ନିର୍ମାଣ କରାଯାଉଛି। ଏହି କାର୍ଯ୍ୟର ଟେଣ୍ଡର କରାଯାଇ ଠିକାଦାରଙ୍କ ମାଧ୍ୟମରେ କରାଯାଉଛି। ହେଲେ ଏହି ନିର୍ମାଣ ଓ ମରାମତି କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏମ୍‌ସିଏଲ୍ ପକ୍ଷରୁ ଠିକ୍ ଭାବରେ କାର୍ଯ୍ୟର ତଦାରଖ କରାଯାଉ ନାହିଁ। ଫଳରେ ଠିକାଦାର ନିଜ ମନ ମୁତାବକ କାମ କରୁଛନ୍ତି। ଏହି ନିର୍ମାଣ କାମରେ ନିମ୍ନମାନର ପାନ୍ଥର ସିମେଣ୍ଟ ବ୍ୟବହାର କରାଯାଉଛି। ଛାତ ମରାମତି (ଗ୍ରୀଡିଂ)ରେ ସିମେଣ୍ଟ ପରିମାଣ କମ୍ ରହୁଛି। ପାଇଖାନା ନିର୍ମାଣରେ ମଧ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଛି। ଏ ସମ୍ପର୍କରେ ଠିକାଦାର ବାବୁଲା ନାୟକ କହିଛନ୍ତି, ପାନ୍ଥର ସିମେଣ୍ଟରେ କାମ କରିବା ପାଇଁ କମ୍ପାନୀ ଅନୁମତି ଦେଇଛି। ଏଥିରେ କୌଣସି ଅସୁବିଧା ନାହିଁ। ସ୍କୁଲରେ ଯାହାସବୁ କାମ ହେଉଛି ସବୁ ଠିକ୍‌ଠାକ ହେଉଛି ବୋଲି ସେ ସଫେଇ ଦେଇଛନ୍ତି। ଏ ନେଇ ଦାୟିତ୍ୱରେ ଥିବା ଏମ୍‌ସିଏଲ୍ କନିଷ୍ଠଯନ୍ତ୍ରୀ ବିଶ୍ୱଜିତ ବିଶ୍ୱାସ କହିଛନ୍ତି ପାନ୍ଥର ସିମେଣ୍ଟ ବ୍ୟବହାର କରିବାକୁ ଠିକାଦାରଙ୍କୁ ବାରଣ କରାଯାଇଛି। ଯଦି ସେ ନ ମାନି ଏହି ସିମେଣ୍ଟ ବ୍ୟବହାର କରୁଛନ୍ତି, ତେବେ ଏହାର ତଦନ୍ତ କରାଯାଇ ଠିକାଦାରଙ୍କ ବିରୋଧ ଟେଣ୍ଡର ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ନେଇ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଦାବି ହେଉଛି। ଏ ନେଇ ସ୍କୁଲ ପରିଚାଳନା କମିଟି ସଭାପତି ପରମାନନ୍ଦ ସାହୁଙ୍କୁ ପଚାରିବାରୁ ସେ କହିଲେ, ସ୍କୁଲରେ ପାଇଖାନା ନ ଥିଲା। ଛାତରୁ ବର୍ଷାଋତୁରେ ପାଣି ଗଳୁଥିଲା। ଛାତ୍ରୀଛାତ୍ର ଶ୍ରେଣୀ କୋଠରିରେ ବସି ପାଠ ପଢ଼ିବା କଷ୍ଟକର ହେଉଥିଲା। ଏ ସବୁ ସମସ୍ୟା ନେଇ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ବିଚାରକୁ ନେଇ ଏମ୍‌ସିଏଲ୍ ସ୍କୁଲ କୋଠା ମରାମତି ଓ ପାଇଖାନା ନିର୍ମାଣ ପାଇଁ ସହମତି ପ୍ରକାଶ କରି ଟେଣ୍ଡର ଆହ୍ୱାନ କରିଥିଲା। ଟେଣ୍ଡର ପାଇ କାମ କରିବା ପୂର୍ବରୁ ଠିକାଦାର ସ୍କୁଲ ପରିଚାଳନା କମିଟିକୁ ଜଣାଇବା କଥା। କିନ୍ତୁ ତାହା ନ କରି ଠିକାଦାର ତାଙ୍କ ମନଇଚ୍ଛା କାମ ଆରମ୍ଭ କରିଛନ୍ତି ବୋଲି ସଭାପତି ସାହୁ ଅଭିଯୋଗ କରିଛନ୍ତି।

# ଡିଏଭି ଜୋନ୍–୨ସ୍ତରୀୟ ସ୍ପନ୍ଦନ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା ଅଫିସ,୧୧।୧୧**

ଝାରସୁଗୁଡ଼ା ଡିଏଭି ପବ୍ଲିକ୍ ସ୍କୁଲଠାରେ ଓଡ଼ିଶା ଜୋନ୍–୨ସ୍ତରୀୟ ସ୍ପନ୍ଦନ କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡି.ଭି. ସ୍ୱାମୀ ମୁଖ୍ୟଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଅଭିଭାବକଙ୍କଠାରୁ ପାଇଥିବା ସୁବିଧା ସୁଯୋଗର ସଦୁପଯୋଗ କରି ଆଗକୁ ବଢ଼ିବାକୁ ଅତିଥି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରିବ ବୋଲି ପ୍ରଫେସର ବେହେରା କହିଥିଲେ। ଏହାସହ ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ସର୍ବଭାରତୀୟ ଯୁବ ଉତ୍ସବରେ ଅଂଶଗ୍ରହଣ କରିବାକୁ ଡିଏଭି ଛାତ୍ରୀଛାତ୍ରଙ୍କୁ ଆମନ୍ତ୍ରଣ କରିଥିଲେ। ଜୋନ୍–୨ର ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନଙ୍କ ସମେତ ସମସ୍ତ ୧୮ଟି ଡିଏଭି ସ୍କୁଲର ଅଧ୍ୟକ୍ଷ ଅଂଶଗ୍ରହଣ କରିଥିଲେ। ଏହି ୧୮ ସ୍କୁଲର ୪୫୦ ପ୍ରତିଭାବାନ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍କୁଲ ପରିଚାଳନା ସମିତିର ତାପସ ରାୟଚୌଧୁରୀ, ଗୌରୀଶଙ୍କର ତିୱାରୀ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ୧୮ଟି ଡିଏଭି ସ୍କୁଲର ଅଧ୍ୟକ୍ଷ।



ବନହରପାଲି ଥାନାକୁ ଆସିଥିବା ତେଲେନପାଲି ଗ୍ରାମବାସୀ।

# ଜିଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଯାପିତ

**ଝାରସୁଗୁଡ଼ା ଅଫିସ,୧୧।୧୧**

ଝାରସୁଗୁଡ଼ା ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଯୁବ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ସଂସ୍କୃତି ଭବନଠାରେ ଆୟୋଜିତ ଏହି ଉତ୍ସବର ଦ୍ୱିତୀୟ ଦିନରେ ଲୋକସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ବାକ୍ ପଟୁତା ପ୍ରତିଯୋଗିତା ହୋଇଥିଲା। ଦଳଗତ ଲୋକନୃତ୍ୟରେ ଆସେମ୍ବ୍ଲି ଅଫ ଗଡ ସ୍କୁଲ, ଏକକ ଅଭିନୟରେ ଲୁଇସିଂ ପଞ୍ଚାୟତର ରାଜେଶ୍ ଆଣ୍ଡ ଗ୍ରୁପ୍, ଶାସ୍ତ୍ରୀୟ ବାଦ୍ୟଯନ୍ତ୍ରରେ ସୁନୀଲ ବାଗ, ଶାସ୍ତ୍ରୀୟ କଣ୍ଠ ସଙ୍ଗୀତରେ ମୟଙ୍କ ମହାପାତ୍ର, ଦଳଗତ ଲୋକ ସଙ୍ଗୀତରେ ରେଲୱେ ଏସ୍ଏସ୍ ଝୁମୁକୁଝୁମାନା ଗ୍ରୁପ୍, ଶାସ୍ତ୍ରୀୟ ନୃତ୍ୟରେ ଜିଜ୍ଞାସା ପ୍ରିୟଦର୍ଶନୀ, ବାକପଟୁତାରେ ରାଜ ଅଭିଶେକ ପ୍ରଥମ ସ୍ଥାନ ହାସଲ କରିଥିଲେ। ପ୍ରତ୍ୟେକ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ପୁରସ୍କୃତ ହୋଇଥିବା ବେଳେ କେବଳ ପ୍ରଥମ ସ୍ଥାନ ପାଇଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହୋଇଛନ୍ତି। ଅତିଥି ଭାବେ ପ୍ରଫେସର ଟହଲୁ ସାହୁ, ଡମ୍ବରୁଧର ପୂଜାରୀ, ଅଜୟ କୁମାର ଜେନା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ସୁଶିଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ହିତେନ୍ଦ୍ର ପଟେଲ, ପ୍ରଦୀପ ବେହେରା, ବଂଶୀଧର ପଶାୟତ, ସଞ୍ଜୟ ବେହେରା, ସୁରଙ୍ଗ ପ୍ରଧାନ ଏବଂ ରବିନାରାୟଣ ପୂଜାରୀ ପ୍ରମୁଖ ପରିଚାଳନା କରିଥିଲେ।





ଯୁବ ଉତ୍ସବରେ ପ୍ରତିଯୋଗୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

# ସମଲେଇଙ୍କ ପୂଜାସ୍ଥଳ ଜମି ଅକ୍ତିଆରକୁ ବିରୋଧ

**ଲଖନପୁର,୧୧।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତେଲେନପାଲି ଗ୍ରାମରେ ଥିବା ସମଲେଇଙ୍କ ପୂଜାସ୍ଥଳ ଜମିକୁ ରବିବାର ବିକ୍ରମ ପ୍ରଧାନ ନାମକ ବ୍ୟକ୍ତି ଜେସିବି ଲଗାଇ ଅକ୍ତିଆର କରୁଥିଲେ। ଏହା ଜାଣିବା ପରେ ଗ୍ରାମବାସୀ ତାଙ୍କୁ ବିରୋଧ କରିଥିଲେ। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏନେଇ ବନହରପାଲି ଥାନାରେ ପହଞ୍ଚି ପୋଲିସକୁ ଅବଗତ କରିଥିଲେ। ବିକ୍ରମଙ୍କ ଏଭଳି କାର୍ଯ୍ୟ ଗ୍ରାମବାସୀଙ୍କ ଧାର୍ମିକ ଭାବାବେଗକୁ କୁଠାରାଘାତ କରିଛି। ପୂର୍ବପୁରୁଷରୁ ଏଠାରେ ଗ୍ରାମବାସୀ ମା' ସମଲେଇଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି। ଏହି ପୂଜାସ୍ଥଳକୁ ଜଣେ ବ୍ୟକ୍ତି ଅକ୍ତିଆର କରିବାକୁ ନେଇ ଗ୍ରାମବାସୀ ଦୃଢ଼ ନିନ୍ଦା କରିଛନ୍ତି। ଏନେଇ ଗ୍ରାମବାସୀ ବିକ୍ରମଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ପୁରୁଷୋତ୍ତମ ଭୋଇ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଗ୍ରାମବାସୀଙ୍କ ପକ୍ଷରୁ ଡୋଲାମଣି ପ୍ରଧାନ, ଯଦୁମଣି ବାରିକ, ଜୀବର୍ଦ୍ଧନ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ହିମାଂଶୁ ସା, ଜିତେନ୍ଦ୍ର ପ୍ରଧାନ, ଜନମଣି ବିଶି, ବିଶେଶ୍ୱର ବିଶି, ଶ୍ରଦ୍ଧାକର ବିଶି ପ୍ରମୁଖ ଉପସ୍ଥିତ ଥିଲେ। ଜମି ମାପଚୁପ ପରେ ଯାହା ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ସେ ପର୍ଯ୍ୟନ୍ତ ଉକ୍ତ ଜମିକୁ ବିକ୍ରମଙ୍କୁ ନ ଯିବାକୁ ପୋଲିସ ବାରଣ କରିଛି।



ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ସହ ଶାରୀରିକ ଶିକ୍ଷା ନିରୀକ୍ଷକ ଓ କ୍ରୀଡ଼ା ଶିକ୍ଷକ।

# ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୧୧।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଇ ଇନ୍‌ଡୋର ହଲ୍‌ଠାରେ ରବିବାର ସକାଳେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ୫ ବ୍ଲକର ୧୭ରୁ କମ୍ ବର୍ଷ ବୟସ ବର୍ଗର ୬୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ୧୦ ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟରେ ଭାଗନେବା ପାଇଁ ଚୟନ କରାଯାଇଛି। ଏଥିରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଡମ୍ବରୁଧର ପୂଜାରୀ ତତ୍ତ୍ୱାବଧାରକ ଭାବରେ ଯୋଗଦେଇଥିଲେ। ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ କ୍ରୀଡ଼ା ଶିକ୍ଷକ ହମିଦ ମହାପାତ୍ର ଟୁର୍ନାମେଣ୍ଟ ସଂଚାଳନ କରିଥିଲେ। କ୍ରୀଡ଼ା ଶିକ୍ଷକ ରମେଶ ଚନ୍ଦ୍ର ପଟେଲ, ସୋନିଆ ଦନୱାର ଓ ବଂଶୀଧର ପଶାୟତ ପ୍ରତିଯୋଗିତା ପରିଚାଳନା କରିଥିଲେ। ଆସ୍ତା ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଇନ୍‌ଡୋର ହଲ୍‌ରେ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ସେଥିରେ ଝାରସୁଗୁଡ଼ା ଜିଲାରୁ ମନୋନୀତ ୧୭ ବର୍ଷରୁ କମ୍ ବୟସର ୧୦ ଏବଂ ୧୪ ବର୍ଷରୁ କମ୍ ବୟସର ୧୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲାର ପ୍ରତିଯୋଗୀମାନଙ୍କୁ ସଫଳତା ମିଳିବ ବୋଲି ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ଏବଂ ବେଲପାହାଡ଼ ଇଂଲିଶ ମିଡ଼ିୟମ ସ୍କୁଲ ଅଧ୍ୟକ୍ଷା ରମା କାର୍ତ୍ତିକ ଆଶା ପ୍ରକାଶ କରିଛନ୍ତି।

# ଫୁଟବଲ ଦଳକୁ ସମ୍ବର୍ଦ୍ଧନା

**ବେଲପାହାଡ଼,୧୧।୧୧(ଡି.ଏନ୍.ଏ.)**

ବେଲପାହାଡ଼ ଜୁନିୟର କଲେଜ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଖୋର୍ଦ୍ଧା ଜିଲାରେ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତଃ କଲେଜ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି । ଏଥିପାଇଁ କଲେଜ ପରିସରରେ ଏକ ବିଜୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଥିଲା । ଉକ୍ତ ଉତ୍ସବରେ କଲେଜ ପରିଚାଳନା ସମିତିର ସଭାପତି ତଥା ପୂର୍ବତନ ବିଧାୟକ ଅନୁପ କୁମାର ସାଏ, ଜୁନିୟର କଲେଜ ଅଧ୍ୟକ୍ଷ ଧ୍ୟାନରଂଜନ ଦୀକ୍ଷିତ, ଯୁକ୍ତ–୩ କଲେଜ ଅଧ୍ୟକ୍ଷ ଆଶିଷ କୁମାର ଦାଶ ଓ କ୍ରୀଡ଼ା ସମ୍ପାଦକ ଅଧ୍ୟାପକ ସୁରେନ୍ଦ୍ର ଭୋଇ ଯୋଗ ଦେଇଥିଲେ। ବିଜୟୀ ଫୁଟବଲ ଦଳର ସମସ୍ତ ଖେଳାଳିମାନଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହିତ ଖେଳାଳିମାନଙ୍କୁ ଉଚିତ୍ ପ୍ରଶିକ୍ଷଣ ପ୍ରଦାନ କରିଥିବାରୁ ଏବଂ ଦ୍ୱିତୀୟ ଥର ପାଇଁ ଦଳକୁ ଅଲ୍ ଓଡ଼ିଶା ଚାମ୍ପିୟନ କରିବାରେ ସଫଳ ହୋଇଥିବାରୁ ବିଜୟୀ ଫୁଟବଲ ଦଳ କୋଚ୍ ତଥା ଖେଳ ଶିକ୍ଷକ ହେମନ୍ତ କୁମାର ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ସମଲେଶ୍ୱରୀ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଦିବସ

**କୋଲାବିରା,୧୧।୧୧(ଡି.ଏନ୍.ଏ.)**

କୋଲାବିରା ବଏଲ ଯାତ୍ରା ପଡ଼ିଆରେ ରବିବାର ସ୍ଥାନୀୟ ସମଲେଶ୍ୱରୀ ସାହିତ୍ୟ ସଂସଦର ଷଷ୍ଠ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଛି। ଏଥିରେ ବହୁ ରାଜ୍ୟସ୍ତରୀୟ କବି, ଲେଖକ ଯୋଗଦେଇଥିଲେ। ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଲଳିତ ମୋହନ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂସଦର ସ୍ଥାୟୀ ସଭାପତି ପ୍ରଜ୍ଞସୌରଭ ଶୋଭାଚନ୍ଦ୍ର ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ପୂର୍ବତନ ସମ୍ବଲପୁର ଶିକ୍ଷା ମଣ୍ଡଳାଧିଶ ଯୋଗଦେଇ ନିରନ୍ତନ ଅଧ୍ୟୟନ, ପଠନ ସାହିତ୍ୟ ସୃଷ୍ଟିରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଭେଡେନ ବିଡିଓ ମୁରଲୀଧର ନାୟକ ଯୋଗଦେଇ ତାଙ୍କ ଅନୁଭୂତି ବର୍ଣ୍ଣନା କରିବା ସହ କବିର କବିତା ଗ୍ରାମାଞ୍ଚଳରୁ ହିଁ ସୃଷ୍ଟି ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ପ୍ରଫୁଲ୍ଲ କୁମାର ମହାପାତ୍ର, କୁଚରାଚୁଆଁ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନଏକ, ୱାର୍ଲଡ ୱାଚ୍ ପତ୍ରିକାର ସମ୍ପାଦକ ଦିଲୀପ ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପର ଅବସରପ୍ରାପ୍ତ ସ୍କୁଲ ଅନୁନିରୀକ୍ଷକ ତୁଳେଶ୍ୱର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ମନ୍ଦାକିନୀ ଶତପଥୀ, ସାହିତ୍ୟିକା ମାଧବୀ ପଟେଲ, ଇନ୍ଦ୍ରାବତୀ ସୁଲତାନିଆ ମେମୋରିଆଲ ଅନୁଷ୍ଠାନର ଅଧ୍ୟକ୍ଷା ପ୍ରଣତି ପଟ୍ଟନାୟକ, ପ୍ରାକ୍ତନ ବିଇଓ ସୁଶିଲ କୁମାର ବାଗ, ସାହିତ୍ୟିକ ଗୌନ୍ତିଆ ମହମ୍ମଦ ଜମିଉଲ୍ଲା ଖାନ ଯୋଗଦେଇଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ଅଗ୍ନିତୀର୍ଥ'ର ଷଷ୍ଠ ସଙ୍କଳନ ଉନ୍ମୋଚନ କରାଯାଇଥିଲା। ଉତ୍ତମ ହୋତା, ଗିରିଧାରୀ ପଟେଲ, ଜନ୍ମେଜୟ ବହିଦାର, ପଙ୍କଜିନୀ ନାଏକଙ୍କୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛଇଲ ଶେଖର ବୁଢ଼ାଙ୍କୁ କବି କୁମୁଦ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୃଷ୍ଣଚନ୍ଦ୍ର ମେହେର, ବିନୟ କୁମାର ମହାପାତ୍ରଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ, ସୁଶିଳ କୁମାର ବାଗ, ଜିତେନ୍ଦ୍ର ଧାନ ଏବଂ ରବୀନ୍ଦ୍ର କୁମାର ଦାସଙ୍କୁ ସୁସଂଗଠକ ଭାବେ ସମ୍ମାନିତ କରାଯାଇଥିଲା। ଅଙ୍କିତା ମହାକୁଲଙ୍କୁ କୁନି କଳିକା ଓ ଜୋତିର୍ମୟୀ ବେହେରା, ମୀରା ନାଏକଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅପରାହ୍ନରେ ୯୮ ଜଣ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।





ଅତିଥିମାନେ ସଂସଦର ମୁଖପତ୍ର ଉନ୍ମୋଚନ କରୁଛନ୍ତି।